# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭାଗ [illegible] | ସଂଖ୍ୟା [illegible]

ତାରିଖ ଜାନୁଏରୀ ସନ ୧୮୭୨ ମସିହା ମୂ। ପୌଷ ତା ୧୪ ନ ସନ ୧୨୭୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ [illegible]
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ [illegible]
ମଫସଲ ଆଇ ଡାକମାସୁଲ [illegible]


### ନବବର୍ଷାରମ୍ଭ ।

ସୃଷ୍ଟି ସୁନ୍ଦର ଏକବର୍ଷ ଗତ ହେଲା ଓ ଅମ୍ଭେମାନେ ସନ ୧୮୭୧ ମସିହାଠାରୁ ବିଦାୟ ଘେନି ସନ ୧୮୭୨ ମସିହା ଅନ୍ଧକାରରେ ଅଧି ପଡ଼ିଲୁଁ । ଅଜ୍ଞାତ ସଂସାରରେ ମୁହୂର୍ତ୍ତ ମାତ୍ରକୁ କେବଳ ଆଶା ନାହିଁ । ଏଥିରେ ଯେ ଅମ୍ଭେମାନେ ଏତାବତ୍ କାଳ ରହି ନବବର୍ଷର ସମାଗମ ଦର୍ଶନ କଲୁଁ ଏହାକୁ ବଡ଼ ଭାଗ୍ୟର ବିଷୟ ଜ୍ଞାନ କରୁଅଛୁଁ । ଏକାଳରେ ଘଟନା ହେବା ଅମ୍ଭମାନଙ୍କର ଅନ୍ତରର ବିଷୟ ନୁହଇ ସୁତରାଂ ପାଠକବର୍ଗଙ୍କ ସହାନୁଭୂତି ଏରୂପ ହୋଇଥିବାରୁ ଅମ୍ଭେମାନେ ଆନ୍ତରିକରୂପେ ତାହାଙ୍କ ନିକଟରେ ଧନ୍ୟବାଦ ପ୍ରକାଶ କରୁଅଛୁଁ । ଅମ୍ଭମାନଙ୍କର ଆଶା ଥିଲା ଯେ ବର୍ଷକ ପରେ ଅମ୍ଭମାନଙ୍କର ଅବସ୍ଥାର ଉନ୍ନତି ହେବ କିନ୍ତୁ ଓଡ଼ିଶାରେ ଅଦ୍ୟାପି ସମ୍ବାଦପତ୍ର ପ୍ରତି ଯଥୋଚିତ ପରିମାଣରେ ଆଦର ହୋଇ ନ ଥିବାରୁ ସେ ଆଶାରୁ ବଞ୍ଚିତ ହୋଇଅଛୁଁ, ତଥାପି ଅମ୍ଭମାନଙ୍କର ସଙ୍ଗୀମାନେ ଯେଉଁ ରୂପ ଅକାଳରେ ବିନାଶକୁ ପ୍ରାପ୍ତ ହେଲେ ସେ ଦଶା ଅମ୍ଭମାନଙ୍କର ଘଟି ନାହିଁ ଓ କୌଣସିରୂପେ ଜୀବନଯାତ୍ରା ନିର୍ବାହ କରି ଆସୁଅଛୁଁ ଏଥିକି ଅମ୍ଭେମାନେ ଭାଗ୍ୟର ଜ୍ଞାନ କରୁଅଛୁଁ । ଏଥିର ପରମେଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା ଯେ ପାଠକମାନେ ନବବର୍ଷରେ ନବ୍ୟ ସୁଖସମ୍ପତ୍ତି ଲାଭ କରି ଚିରସ୍ଥାୟୀ ହୋଇ ଅକ୍ଷୟ ଧନ ସଞ୍ଚୟ କରନ୍ତୁ ଓ ଅମ୍ଭମାନଙ୍କ ଉପରେ ଯେମନ୍ତ ସୁଦୃଷ୍ଟି ରଖିଅଛନ୍ତି ତେମନ୍ତ ରଖିଥାନ୍ତୁ । ଏହିକି ପ୍ରାର୍ଥନା କରି ଅମ୍ଭେମାନେ ଆପଣା କାର୍ଯ୍ୟରେ ପ୍ରବୃତ୍ତ ହେଲୁଁ ।

---

### ବିଶ୍ୱବିଦ୍ୟାଳୟ ପରୀକ୍ଷାର ଫଳ

ଅମ୍ଭେମାନେ ଅତି ଆନନ୍ଦର ସହିତ ଅବଗତ ହେଲୁଁ ଯେ ଏ ବର୍ଷ ବିଶ୍ୱବିଦ୍ୟାଳୟର ପରୀକ୍ଷା କଟକ ପକ୍ଷରେ ଅନୁକୂଳ ହୋଇଅଛି । ଗତ ସପ୍ତାହର ଇଣ୍ଡିଆ ଗେଜେଟରେ ତାହା ଛପା ହୋଇଅଛି ମାତ୍ର ସେ ପତ୍ରିକା ଅମ୍ଭମାନଙ୍କ ଦୃଷ୍ଟିଗୋଚରରେ ନ ଆସିବା ଏବଂ କଲିକତା ଗେଜେଟ ଅଦ୍ୟ ପ୍ରବେଶ ହୋଇ ନ ଥିବାରୁ ଏ ପତ୍ରିକାରେ ଅମ୍ଭେମାନେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କର ନାମ ଲେଖିବାକୁ ଅସମର୍ଥ ହେଲୁଁ କେବଳ ଅନ୍ୟାନ୍ୟ ସଂବାଦ ପତ୍ରରୁ ଏହିକି ମାତ୍ର ସଙ୍କଳନ କରୁଅଛୁଁ ଯେ ପ୍ରଥମ ପରୀକ୍ଷାରେ କଟକ ହାଇସ୍କୁଲର ୫ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ଓ ଏମାନେ ସମସ୍ତେ ଦ୍ୱିତୀୟ ଶ୍ରେଣୀ ଭୁକ୍ତ । ଏଥିକୁ ଏବର୍ଷ ୮ ଜଣ ପରୀକ୍ଷାର୍ଥୀ ଥିଲେ ଏମାନଙ୍କ ମଧ୍ୟରୁ ୫ ଜଣ ଫଳ ଲାଭ କରିବା ସାମାନ୍ୟ ନୁହଇ । ସମୁଦାୟ ବଙ୍ଗଳାରେ ୨୦୬ ଜଣ ଛାତ୍ରଙ୍କ ମଧ୍ୟରୁ କେବଳ ୧୦୫ ଜଣ ଅର୍ଥାତ ଅଧିକରୁ ଊଣାଲୋକ ପରୀକ୍ଷା ଦେବାକୁ ପାରଗ ହୋଇଅଛନ୍ତି । ଏଥିସଙ୍ଗେ କଟକର ଫଳକୁ ତୁଳନା କଲେ କେତେ ଉତ୍କୃଷ୍ଟ ଜଣା ଯାଏ ବୋଲିବାର ବାହୁଲ୍ୟ । ଅମ୍ଭେମାନେ ବୋଧକରୁଁ ଗତବର୍ଷର ସୁଫଳ ଶିକ୍ଷକମାନଙ୍କୁ ଓ ଛାତ୍ରମାନଙ୍କୁ ସୁଧା ଉତ୍ତେଜିତ କରିଥିବ ଯେ ସେମାନେ ଯଥାସାଧ୍ୟ ଯତ୍ନ ଓ ପରିଶ୍ରମସହକାରେ ଏତାଦୃଶ ଶୁଭକାର୍ଯ୍ୟତା ଲାଭ କରିଅଛନ୍ତି । କଟକରେ ହାଇସ୍କୁଲ ହେବାର କାର୍ଯ୍ୟକାରିତା ଏଥିରୁ ଜଣାଗଲା ଓ ଅମ୍ଭେମାନେ ଭରସା କରୁଁ ଯେ ଯେଉଁ ଛାତ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ସେମାନେ ଯେମନ୍ତ ଏତିକିରେ ବିଦ୍ୟାର ଶେଷ ନ କରି କଲେଜରେ ପଢ଼ନ୍ତୁ ଯେ ଭବିଷ୍ୟତରେ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧିମାନ ପାଇ ଆପଣା ଦେଶର ଶାସନ ଓ ଓଡ଼ିଶାର ଦୁର୍ନାମ ମୋଚନ କରିବେ । ପୂର୍ବବର୍ଷମାନଙ୍କରେ ଜଣେ ଦେଖାଏ କୃତକାର୍ଯ୍ୟ ହୋଇଥିଲେ ବୋଲି ତାହାଙ୍କ ଉପରେ ଅମ୍ଭମାନଙ୍କର ଆଶା ରହିବା ଯେମନ୍ତ ହୋଇଥିଲା ତାହାଙ୍କର କାର୍ଯ୍ୟ ମଧ୍ୟ ସେହିରୂପ ହୋଇଅଛି । କିନ୍ତୁ ଏ ବର୍ଷ ଛାତ୍ରମାନେ ଯେବେ ସମସ୍ତେ ଅଧ୍ୟୟନ କରନ୍ତି ତେବେ କଟକରେ କଲେଜ ହେବାର ଆଉ ବିଲମ୍ବ ନାହିଁ । ଛାତ୍ରମାନଙ୍କୁ ଏବଂ ତାହାଙ୍କ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜାଣିବାର ଉଚିତ ଯେ ଆଜିକାଲି ଚାକିରି ପାଇବା ବଡ଼ କଠିନ ଅନୁଷ୍ଠାନ ଲୋକଙ୍କୁ ଏବେ ଦେହ ପାଉନ୍ତି ନାହାନ୍ତି କେବଳ ଯେଉଁମାନେ ବିଶେଷ ବିଦ୍ୟା ଅର୍ଜନ କରିବେ ସେହିମାନେ ମର୍ଯ୍ୟାଦାବନ୍ତ କର୍ମ ପାଇବାର ସମ୍ଭବ । ଏବଂ


Split by PDF Splitter

Digitized by srujanika@gmail.com

କାଳ ଓ ଏତେ ବ୍ୟୟରେ ଛାତ୍ରମାନେ ଏପର୍ଯ୍ୟନ୍ତ ପଢ଼ୁଥିବା ଉଚିତ୍ ଯେବେ ଅଛି ଦୁଇବର୍ଷ ବ ୪ବର୍ଷରୁ ହଟି ଯିବେ ତେବେ ସବୁ ବ୍ୟର୍ଥ ହେବ। ✓ ପ୍ରବେଶିକା ପରୀକ୍ଷାରେ ଏ ବର୍ଷ ଜ ୧୯୦୨ ଣ ପରୀକ୍ଷାର୍ଥୀ ଥିଲେ ତହିଁ ମଧ୍ୟରୁ ଜ ୭୬୭ ଣ ମାତ୍ର ଅର୍ଥାତ୍ ଅଧିକରୁ ଉଣା କୃତକାର୍ଯ୍ୟ ହୋଇଅଛନ୍ତି। ଏରୂପ ସାଧାରଣ ଫଳ ବଡ ଭଲ ହୋଇ ନାହିଁ ମାତ୍ର କଟକରେ ଶୁଣାଯାଏ ଏ ପରୀକ୍ଷାରେ ମଧ୍ୟ ଜ ୮ ଣ ଭିତରୁ ଜ ୭ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ✓ ଆଗାମୀ ସପ୍ତାହରେ ଅମ୍ଭେମାନେ ଛାତ୍ରମାନଙ୍କ ନାମ ଓ ଅନ୍ୟ ବିଷୟମାନ ବିଶେଷ ରୂପେ ଲେଖିବୁଁ।

ପରିଶେଷରେ ବକ୍ତବ୍ୟ ଏହି ଯେ ଏ ବର୍ଷ ଫଳ ଦୃଷ୍ଟିରେ ଅମ୍ଭେମାନେ ହାଇସ୍କୁଲର ଶିକ୍ଷକମାନଙ୍କର ଓ ବିଶେଷରେ ପ୍ରଧାନ ଶିକ୍ଷକଙ୍କର ଯଥୋଚିତ ପ୍ରଶଂସା କରୁଅଛୁଁ। ବାସ୍ତବରେ ଏହିରୂପ ଫଳ ପ୍ରଦର୍ଶନଦ୍ୱାରା ହାଇସ୍କୁଲ ବି ପର୍ଯ୍ୟନ୍ତ ସୁଖ୍ୟାତି ଲାଭ କରୁଅଛି ଅମ୍ଭେମାନେ ପ୍ରଚୁରରୂପେ ବ୍ୟକ୍ତ କରିବାର ନାହିଁ।

---

## ସଦାବର୍ତ୍ତ ରକ୍ଷାର ଆଇନ

ଚଳିତମାସ ତା ୯ ରିଖରେ ବଙ୍ଗଳା ବ୍ୟବସ୍ଥାପକ ସଭାର ଅଧିବେଶନରେ ସଭାପତି ଶ୍ରୀଯୁକ୍ତ ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ ଗୋଟିଏ ସୁଦୀର୍ଘ ବକ୍ତୃତାଦ୍ୱାରା ସଭକୁ ବର୍ତ୍ତମାନ ଯେ ସମସ୍ତ କାର୍ଯ୍ୟରେ ହସ୍ତକ୍ଷେପଣ କରିବାକୁ ହେବ ତହିଁର ବର୍ଣ୍ଣନା କରିଥିଲେ। ଉକ୍ତ ବକ୍ତୃତାକୁ ଗବର୍ଣ୍ଣମେଣ୍ଟ ଗଜେଟରେ ପାଠକରି ଅମ୍ଭେମାନେ ଦେଖିଲୁଁ ଯେ ଯଦ୍ୟପି ବହୁତ ଆଇନର ଅନୁଷ୍ଠାନ ହେବାର କଳ୍ପନା ଅଛି ଏବଂ ତହିଁ ମଧ୍ୟରୁ କେତୋଟି ସଙ୍ଗେ ଓଡ଼ିଶାର ସମ୍ପର୍କ ଅଛି ମାତ୍ର ସଦାବର୍ତ୍ତ ରକ୍ଷା ସଙ୍ଗରେ କେହି ସମସର ନୁହଇ ଏଣୁକରି ସେସବୁ ବିଷୟର ଉଲ୍ଲେଖ ସମସ୍ତାନ୍ତକୁ ରଖି ସମ୍ପ୍ରତି ସଦାବର୍ତ୍ତ ମଠ ବିଷୟରେ ସେ ଯାହା କହିଅଛନ୍ତି ପ୍ରକାଶ କରୁଅଛୁଁ ଯଥା।

“ଅନେକଥର ଏହି ଦୁଃଖ ଶୁଣାଯାଏ ଓ ତାହା ବହୁତ ସ୍ଥଳରେ ଯଥାର୍ଥ ଅଟଇ ଯେ ଏ ଦେଶର ପୂର୍ବ ଶାସନକର୍ତ୍ତା ଏବଂ ବଦାନ୍ୟ ଓ ଧନବାନ୍ ବ୍ୟକ୍ତିମାନେ ସର୍ବସାଧାରଣଙ୍କ ହିତ ନିମିତ୍ତ ଯେ ଧର୍ମାର୍ଥ କାର୍ଯ୍ୟ ସଂସ୍ଥାପନ କରିଯାଇ ଅଛନ୍ତି ତହିଁର ବିଧାନ ପୂର୍ବେ ଯେଉଁରୂପ ଉତ୍ତମରୂପେ ଚାଲୁଥିଲା ବର୍ତ୍ତମାନ ସେମନ୍ତ ଚାଲୁ ନାହିଁ ଲେଫ୍ଟନେଣ୍ଟ ଗବର୍ଣ୍ଣର କହନ୍ତି ଏପ୍ରକାର ଦୁଃଖ କହିବାର ଅନେକ ହେତୁ ଅଛି। ଏ ଦୁଃଖର ହେତୁ ଏମନ୍ତ ନୁହଇ ଯେ ଗବର୍ଣ୍ଣମେଣ୍ଟ ଏ ଧନ ସବୁ ପୁନଃ ଗ୍ରହଣ କରୁଅଛନ୍ତି କାରଣ ସେପକ୍ଷରେ ଗବର୍ଣ୍ଣମେଣ୍ଟ ବଡ ସାବଧାନ ଅଛନ୍ତି ମାତ୍ର ସେ ହେତୁ ଏହି ଯେ ସଦାବର୍ତ୍ତଧନ ଯାହାଙ୍କ ହସ୍ତରେ ରହିଅଛି ସେମାନଙ୍କୁ ଯେଉଁରୂପେ ଉକ୍ତ ଧନ ବ୍ୟୟ କରିବାର ଉଚିତ ସେରୂପ ବ୍ୟୟ କରିବାକୁ ବାଧ୍ୟ କରିବା କାରଣ ଗବର୍ଣ୍ଣମେଣ୍ଟ କୌଣସି ବିଧାନ କରି ନାହାନ୍ତି। ବର୍ତ୍ତମାନରୁ ଯେ ସମସ୍ତ ଦାନ ହୋଇଅଛି ତହିଁ ସମ୍ପର୍କରେ ଏମନ୍ତ ମଧ୍ୟ ପ୍ରକାଶ ହୋଇଅଛି ଯେ ଏ ଦେଶରେ ତହିଁର ଉଦ୍ଦେଶ୍ୟ ପ୍ରତିପାଳନ କରିବାର କଠିନ ଏବଂ ଏରୂପ ସମ୍ଭବ ଜଣାଯାଏ ଯେ ଏ ସମସ୍ତ ବିଷୟମାନ ଅଳ୍ପକାଳରେ ବ୍ୟବସ୍ଥାପକ ସଭାର ବିବେଚନାଧୀନରେ ଆସିବ ଓ ଏହି ସଭାର ଜଣେ ସଭ୍ୟ କି ଯାହାଙ୍କର ଗବର୍ଣ୍ଣମେଣ୍ଟ ସଙ୍ଗେ ସମ୍ବନ୍ଧ ଅଛି ଏହି ସବୁ ଦୋଷ ସଂଶୋଧନ ନିମିତ୍ତ ଗୋଟିଏ ପାଣ୍ଡୁଲିପି ପ୍ରସ୍ତୁତ କରି ଅଗତ କରିବେ।”

ଉପରଲିଖିତ ବିଷୟରୁ ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ଗବର୍ଣ୍ଣମେଣ୍ଟ ଏତାଦୃଶ ଗୁରୁତର କଥାକୁ ବିସ୍ମରଣ କରି ନାହାନ୍ତି ବରଂ ଉପରେ ଯେ ଭାବନାମାନ ସେ ବ୍ୟକ୍ତ କରିଅଛନ୍ତି ତହିଁରୁ ପ୍ରତ୍ୟକ୍ଷ ଜଣାଯାଏ ଯେ ତାହାଙ୍କର ମତ ସର୍ବସାଧାରଣଙ୍କର ମତ ସହିତ ସମ୍ପୂର୍ଣ୍ଣ ଐକ୍ୟ ଅଛି ମଠଧାରୀମାନେ ସରକାରଙ୍କର ମଠପଣିଷ୍ୟାର ଯାହା ଦେଖି ଦମ୍ଭକରି ବସିଥିଲେ ଏଥିରୁ ଜାଣି ପାରିବେ ଯେ ଗବର୍ଣ୍ଣମେଣ୍ଟ ତାହାଙ୍କୁ ପାସୋରି ପକାଇ ନାହାନ୍ତି। ଶୀଘ୍ର ହେଉ ବା ବିଳମ୍ବ ହେଉ ଏ ବିଷୟର ବିଧାନ ହେବ ସନ୍ଦେହ ନାହିଁ କିନ୍ତୁ ଗବର୍ଣ୍ଣମେଣ୍ଟ ପକ୍ଷରୁ ଏ ଆଇନ ବିଷୟରେ ଯେତେ ହେଳା ହୋଇଅଛି ପ୍ରାୟ ଅନ୍ୟ କୌଣସି ବିଷୟରେ ଏତେ ଦେଖା ଯାଏ ନାହିଁ। ଶ୍ରୀଯୁକ୍ତ କାମ୍ବଲସାହେବ ଏତେ ଚଞ୍ଚଳ ଓ କାର୍ଯ୍ୟକ୍ଷମ ହୋଇ ଯେ ଏତେ ବିଳମ୍ବ କରୁ ଅଛନ୍ତି ଅଷ୍ଟାଏଇ ବର୍ଷ ଅଟଇ ଦେଶର ପ୍ରଚଳିତ ଓ ବହୁ ଯତ୍ନରେ ସଂଶୋଧିତ ଉର୍ଦ୍ଦୁ ଭାଷାକୁ ଉଠାଇ ଦେବା କାରଣ ମୁହୂର୍ତ୍ତେ ଭର ସହିଲା ନାହିଁ ଲକ୍ଷ ଲକ୍ଷ ଦରିଦ୍ରଙ୍କ ଧନ ଅପହୃତ ହେଉଅଛି ଜାଣିକରି ସେଥିର ନିବାରଣ ଉପାୟ କରିବାକୁ ଏତେ କାଳକ୍ଷେପଣ ହେଉଅଛି। ଯାହା କହନ୍ତି ସେ କଡ଼ଲୋକଙ୍କୁ ସବୁ ଶୋଭା ତାହା ଏଠାରେ ଫଳିଲା।

---

## ✓ ଅପରକ୍ତ କର।

ବାଲେଶ୍ୱର ଜିଲାର କେତେକ ଜମିଦାରଙ୍କ ଅପରକ୍ତ କର ଗ୍ରହଣ ବିଷୟରେ ଅମ୍ଭେମାନେ ଯାହା ଲେଖିଥିଲୁଁ ତହିଁରେ ଶ୍ରୀଯୁକ୍ତ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ କେବଳ ଶେଷ ଅଳ୍ପ ମାତ୍ରର ଉଲ୍ଲେଖ ହୋଇଥିଲା ସେ ଯୋଗୁଁ ଅଉ କେତୋଟି ବିଷୟ ଲେଖିଅଛନ୍ତି ତାହା ପାଠକମାନଙ୍କର ଜାଣିବାର ଆବଶ୍ୟକ ବୋଧ ଏଠାରେ ଲେଖିବାକୁ ପ୍ରବୃତ୍ତ ହେଲୁଁ।

ଶ୍ରୀଯୁକ୍ତ ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ କହନ୍ତି କି ଯଦ୍ୟପି ଜମିଦାରମାନେ ସ୍ୱେଚ୍ଛାଧୀନ ଓ ସମ୍ପୂର୍ଣ୍ଣ ଭୂସ୍ୱାମୀ ହୋଇଥାନ୍ତେ ଏବଂ ପ୍ରଜାମାନେ ସାମାନ୍ୟ ପ୍ରଜା ସକ୍ସ୍ଥାନ ଲେଖି ଥିଅନ୍ତେ ତେବେ ସାଧାରଣ କୁଶଳ ଇଚ୍ଛାରେ ସମ୍ଭାବନା ନ ହେଲେ ସରକାର ସେମାନଙ୍କ ମଧ୍ୟରେ ହସ୍ତକ୍ଷେପଣ କରନ୍ତେ ନାହିଁ। କିନ୍ତୁ ସନ ୧୭୯୩ ସର୍ବିବାଠାରୁ ଅଦ୍ୟାବଧି ଜମିଦାରଙ୍କ ଅଧିକାର ଓ ବେଆଇନ କର ନେବା ବିଷୟରେ ଅନେକ ନିଷେଧ ଅଛି ହୋଇଅଛି ଓ ଗବର୍ଣ୍ଣମେଣ୍ଟ ପ୍ରଜାଙ୍କୁ ରକ୍ଷା ନ କଲେ ଅନ୍ୟାୟ ବ୍ୟାପାର ହେବ ବିଶେଷରେ ସାହେବ ପ୍ରଶଂସିତ କହନ୍ତି ଯେ ଓଡ଼ିଶାର ପ୍ରଜାମାନଙ୍କୁ ଅନ୍ୟାୟ କରରୁ ରକ୍ଷା କରିବା ଗବର୍ଣ୍ଣମେଣ୍ଟଙ୍କର ନିତାନ୍ତ କର୍ତ୍ତବ୍ୟ ଓଡ଼ିଶା କାରଣ ସନ ୧୮୦୫ ମସିହାର ଆଇନ ସନ ୧୮୧୯ ମସିହାର ଆଇନ ପ୍ରାପ୍ତ ସ୍ପଷ୍ଟ ଓ ନିଶ୍ଚୟ ଅଟଇ ଅଧିକନ୍ତୁ ଓଡ଼ିଶାର ସାମୟିକ ବନ୍ଦୋବସ୍ତ ମହାଲର ଜମିଦାରମାନେ ଅନ୍ୟ ସ୍ଥାନର ଜମିଦାରଙ୍କଠାରୁ ଯଥାର୍ଥରୂପେ ଉଣା ଅଧିକାରୀ ଅଟନ୍ତି ଓ ପ୍ରଜାମାନେ ଅଳ୍ପରୂପେ ତାହାଙ୍କର ପ୍ରଜା ଅଟନ୍ତି। ବାସ୍ତବରେ ଥାନିଏତମାନେ ସ୍ପଷ୍ଟରୂପେ ଭୂମ୍ୟଧିକାରୀ ଅଟନ୍ତି। ଗବର୍ଣ୍ଣମେଣ୍ଟ ଏମାନଙ୍କ ପ୍ରତ୍ୟେକର ସହିତ ପୃଥକରୂପେ ବନ୍ଦୋବସ୍ତ କରୁଅଛନ୍ତି ଓ ଜମିଦାର କେବଳ ଖଜଣା ଆଦାୟ କାରଣ ସେମାନେ ସରଦାର ପ୍ରାୟ ହୋଇଅଛନ୍ତି। ସୁତରାଂ ଯାହାଙ୍କୁ ଜମିଦାର ବୋଲିଯାଏ ସେମାନଙ୍କ ଅଦ୍ୟାବଧି କୌଣସି ଅଧିକାରୀତ୍ୱ ଦଖିମତ ଅର୍ପିତ ହୋଇଅଛି କି ନାହିଁ ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କୁ ନିଶ୍ଚୟ ଜଣା ନାହିଁ। ଯାହା ହେଉ ସନ ୧୮୦୬ ମସିହାର ୯ ଆଇନ ହେବା ପର୍ଯ୍ୟନ୍ତ

Digitized by srujanika@gmail.com

ଏମାନଙ୍କର କିଛି ସ୍ୱତ୍ୱ ନ ଥିଲା ଓ କେବଳ ସରବରାକାର ବା କାର୍ଯ୍ୟନିର୍ବାହକ ସ୍ୱରୂପ ଥିଲେ । ଏପରି ଲୋକମାନେ ଯେ ରଇୟତଙ୍କ ଉପରେ ଅତ୍ୟାଚାର କରନ୍ତି ଅସମ୍ଭବ ଅଟଇ । ଏଣୁକରି ସେମାନଙ୍କ ସଙ୍ଗତ କଠିନ ବ୍ୟବହାର କରିବାର ଉଚିତ । ଏପରି ଜଣାଯାଏ ଯେ ଦୁର୍ଭିକ୍ଷ ସମୟର ମିଛା ଜମିଦାରମାନେ ପ୍ରଜାଙ୍କୁ କିଛି ଅଥବା ସମ୍ପୂର୍ଣ୍ଣରୂପେ ଦେଇ ନାହାନ୍ତି ଏପରି ଅନୁମାନ୍ୟ ସୂତ୍ରରେ ଗବର୍ଣ୍ଣମେଣ୍ଟ ଅନେକ କଥା ଶୁଣିଅଛନ୍ତି ଏ ସମସ୍ତ ବିବେଚନାରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଭସ୍ମ ହୋଇଅଛି ଯେ ଓଡ଼ିଶାର ଜମିଦାରମାନେ ନିତାନ୍ତ ଦୁଃସାହସୀ ଓ ଅସାଧୁ ଲୋକ ଅଟନ୍ତି ଅତଏବ ଏହାଙ୍କ ପକ୍ଷରେ କିଛି ମାତ୍ର ଉପରୋଧ କରିବାର ନୁହଇ ।

ଅମ୍ଭେମାନେ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମତ ସମ୍ପୂର୍ଣ୍ଣରୂପେ ପ୍ରକାଶ କରିବାରେ ଏହି ଉଦ୍ଦେଶ୍ୟ ସ୍ଥିର କରିଅଛୁଁ ଯେ ଜମିଦାରମାନେ ଏସବୁ ଅବଗତ ହୋଇ ଆପଣା ଇଷ୍ଟଦେବଙ୍କୁ ସ୍ମରଣ କରନ୍ତୁ । ଏ ଭାବମାନ ଅତି ଭୟଙ୍କର ଅଟଇ ଓ ଏହାଦ୍ୱାରା କେବଳ ଓଡ଼ିଶା ଜମିଦାରଙ୍କର ଅଖ୍ୟାତି ରଟନା ହେଲା ଏମନ୍ତ ନୁହଇ ସେମାନଙ୍କ ସ୍ୱତ୍ୱ ଉପରେ ପ୍ରବଳ ବାଧା ଆସୁଅଛି । ଜମିଦାରଙ୍କର ଜମିଦାରୀ ସତ୍ତ୍ୱ ନାହିଁ ବୋଲି ଗବର୍ଣ୍ଣମେଣ୍ଟ ସ୍ପଷ୍ଟାକ୍ଷରରେ ବ୍ୟକ୍ତ କରିଅଛନ୍ତି ପୁଣି ଏହି ସଙ୍ଗେ କହୁଅଛନ୍ତି ଯେ ଅନ୍ୟ ରଇୟତମାନେ ପ୍ରକୃତ ରୂପେ ଭୂମ୍ୟଧିକାରୀ ଅଟନ୍ତି । ଏମନ୍ତ ବୋଲଯାଇପାରେ ଯେ ଗବର୍ଣ୍ଣମେଣ୍ଟଙ୍କର କଥା ବିଶ୍ୱାସଲବ୍ଧରେ ଧର୍ତ୍ତବ୍ୟ ହେବ ନାହିଁ ତଥାପି ଜମିଦାରମାନେ ଯେ ସତ୍ତ୍ୱ ଭୋଗ କରୁଅଛନ୍ତି ତାହା କେହି ହଟାଇ ନେଇ ନ ପାରିବ କିନ୍ତୁ ଏମାନଙ୍କର ଯେବେ ଅଧିକା ଗୋଟିଏ ପଇସା ନେବାର କ୍ଷମତା ନ ରହିଲା ତେବେ ଆଉ କି ସ୍ୱତ୍ୱ ରହିଲା । ଥାଉ ପ୍ରଜାମାନେ ଯେବେ ଜମିଦାର ତେବେ ତାହାଙ୍କୁ ସେ ସେ ଇସ୍ତାହାର ଦେବା କାରଣ ବନ୍ଦୋବସ୍ତରେ ନାହିଁକି ଉଲ୍ଲେଖ ହେଲା ଓ ବାକି ଖଜଣା ନିର୍ଦ୍ଦିଷ୍ଟ ଦିନରେ ନ ଦେଲେ ସେ ସତ୍ତ୍ୱ ଲୋପ ହେଉ ନାହିଁ କାହିଁକି ? ଥାଉ ରଇୟତଙ୍କୁ ସ୍ୱଅଧିକାରରେ ଆଣିବା କାରଣ ଜମିଦାରମାନେ ଚେଷ୍ଟା କରୁଅଛନ୍ତି କିନ୍ତୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ ସମ୍ପୂର୍ଣ୍ଣରୂପେ ଜମିଦାରଙ୍କଠାରୁ ସ୍ୱତନ୍ତ୍ର କରୁଅଛନ୍ତି ଏଥିରୁ ଅନ୍ୟ ପ୍ରଜାଙ୍କର ଭାଗ୍ୟରେ ଅଉ କି ସୀମା ଅଛି ।

ଗବର୍ଣ୍ଣମେଣ୍ଟ ଲେଖିବା ଭଙ୍ଗିରେ ଆଉ ଗୋଟିଏ କଥା ବାହାରୁଅଛି । ଯେବେ ଜମିଦାରମାନଙ୍କର କିଛି ସତ୍ତ୍ୱ ନାହିଁ କେବଳ ସେମାନେ ସରକାରଙ୍କର ତହସିଲଦାର ଅଟନ୍ତି ତେବେ ପାଞ୍ଚବର୍ଷରେ ଯେ ବନ୍ଦୋବସ୍ତ ଜମାରୁ ଅଧିକା ଖଜଣା ଜମିଦାରମାନେ ନେଉଅଛନ୍ତି ତାହା ମଧ୍ୟ ଅନ୍ୟାୟ ଜଣାଯାଏ ସତ୍ତ୍ୱବାନ ବ୍ୟକ୍ତି ବ୍ୟତିରେକେ ପ୍ରଜାଠାରୁ ଅଧିକା ଖଜଣା କେହି ନେଇ ପାରଇ ନାହିଁ । ଜମିଦାର ଯେବେ ଖଜଣା ଅଧିକା ନେଇପାରେ ତେବେ ଅନ୍ୟ ରସୂମମାନ ନେବାରେ କି କ୍ଷତି ହେଲା ? ଥାଉ ରଇୟତର ଜମା ସରକାର ବାନ୍ଧି ଦେଇଅଛନ୍ତି ବୋଲି ତାହାଠାରୁ ଜମିଦାର ଖର୍ଚ୍ଚା ପ୍ରଭୃତି ଅଧିକା କିଛି ନେଇ ନ ପାରେ କିନ୍ତୁ ପାହି ଜମି ଉପରେ ଖଜଣା ଧାର୍ଯ୍ୟ ହୋଇଥିଲେହେଁ ଜମିଦାରକୁ ଯାହାକୁ ଇଚ୍ଛା ତାହାକୁ ଦେବାର କ୍ଷମତା ଅଛି ଓ ଅଗ୍ରହାନୁସାରେ ଜମି ନେବାର ପ୍ରାର୍ଥୀଙ୍କ ମଧ୍ୟରେ ଲଡ଼ାଲଡ଼ି ହୋଇ ଯେଉଁ ଲୋକ ଅଧିକା ଦିଅଇ ଜମିଦାର ତାହାକୁ ଜମି ଦିଅଇ ଯେବେ ଅତ୍ୟାଚାର କି ପ୍ରବଞ୍ଚନା ଏହା ସଙ୍ଗେ ନ ରହିଲା ତେବେ ସଲାମୀ ବା ଖର୍ଚ୍ଚା ଅଥବା ଅନ୍ୟ ନାମରେ ଖଜଣା ଅଧିକା ନେବାରେ କି ଦୋଷ ହେଲା ଜଣାଯାଉ ନାହିଁ । ପ୍ରଜାର ଲାଭ ହୁଅଇ ବୋଲି ସେ ଅଧିକା ଦେବାକୁ ପ୍ରବୃତ୍ତ ହୁଅଇ ଓ ଦେଉଅଛି ସବୁଠାରେ ଜମିଦାରମାନେ ଅଧିକା ଖଜଣା ବା ରସୂମ ନେଉଅଛନ୍ତି ମାତ୍ର ସବୁଠାରେ ଅତ୍ୟାଚାର ନାହିଁ । ଏଥିରୁ ଜଣାଯାଏ ଯେ ପ୍ରଜାମାନେ ଲାଭାନୁସାରେ ଏ ସବୁ ଦେବାକୁ ସମ୍ମତ ହୁଅନ୍ତି । ଏସବୁକୁ ଯେବେ ଅନ୍ୟାୟ ବୋଲାଯିବ ତେବେ ଏହି ଫଳ ହେଉଅଛି ଯେ ପାହି ଜମିରେ ବି ଜମିଦାର ବନ୍ଦୋବସ୍ତ ଜମାରୁ ଅଧିକା କିଛି ନେଇ ନ ପାରିବ ତାହା ହେଲେ ଯେ କାଇ କେତେ ଜମିଦାର ଉତ୍ସନ୍ନ ହେବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ଉପର୍ଯ୍ୟୁକ୍ତ ବିବେଚନାରେ ଅମ୍ଭେମାନେ ଶ୍ରୀଯୁତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମତରୁ ନାନା ଅନର୍ଥର ମୂଳସ୍ୱରୂପ ଜ୍ଞାନ କରୁଅଛୁଁ । ଜମିଦାରମାନେ ଯେବେ ଏଥିର ପ୍ରତିକାର ଚେଷ୍ଟା ନ କରି ନିଶ୍ଚିନ୍ତ ରହିବେ ତେବେ ଭବିଷ୍ୟତରୁ ତାହାଙ୍କ ଉପରେ ବିପଦ ପଡ଼ିପାରେ ସୁତରାଂ ସାବଧାନ ହୋଇ କାର୍ଯ୍ୟ କରିବାର ନିତାନ୍ତ ଆବଶ୍ୟକ । ଯେବେ ପରନ୍ତୁ ଓ ନିତାନ୍ତ ସତ୍ତ୍ୱହୀନ ଆପଣାକୁ ଜ୍ଞାନ କରନ୍ତି ତେବେ କେବଳ ବନ୍ଦୋବସ୍ତ ଜମାନୁସାରେ ପ୍ରଜାଙ୍କଠାରୁ ନେଇ ପଡ଼ିଆ ଜମିର ଖଜଣା ହାତରୁ ଭରଣା କରି ସରକାରଙ୍କୁ ମାଲଗୁଜାରୀ ବୁଝାଇ ଦେଉନ୍ତୁ ନୋହିଲେ କିପରି ସେମାନେ ପ୍ରଜାଙ୍କଠାରୁ ନେଇ ପାରନ୍ତି ତାହା ସ୍ଥିର କରି ନେଉନ୍ତୁ । ଅମ୍ଭେମାନେ ବୁଝୁଅଛୁଁ ଯେ ଅନ୍ୟାୟ ଉସୂମର ଅଦ୍ୟୌ ଅର୍ଥ ନାହିଁ କାରଣ ଅର୍ଥଥିଲେ ଦଣ୍ଡବିଧିଆଇନର ଅନ୍ତର୍ଗତ ଅପରାଧ ମଧ୍ୟରେ ଅସନ୍ତା । ଯେବେ ଜମିଦାର କହଇ କି ଯେଉଁ ବ୍ୟକ୍ତି ଅମୃଙ୍କୁ ଏଜମି ମାଣକୁ ୪।୮ ଙ୍କା ଖଜଣା ଦୁଇଅଣା ଖତଲପଣି ଦୁଇଅଣା ପିଆଦାଖର୍ଚ୍ଚା ଏକଅଣା ଡାକଖର୍ଚ୍ଚା ଛଅଅଣା ସ୍କୁଲଖର୍ଚ୍ଚା ଇତ୍ୟାଦି ଦେବ ତାହାକୁ ଏ ଜମିରେ ଚାଷ କରିବାକୁ ଦେବୁଁ ଏଥକୁ ଯାହାର ବଳ ଯାଉବ ସେ ଏସବୁ ଦେଇ ଲଭ ପାଇବାର ଆଶା ଦେଖିବ ସେ ଜମିପାଞ୍ଚକୁ ସ୍ଥିର ନ ହେଲେ ଅଲଗା ରହିବ ଓ ଜମିଦାରର ଜମି ପଡ଼ିଥିବ ଏରୂପ ଯୁକ୍ତିରେ କି ଦୋଷ ହେଲା ଦେଖାଯାଉ ନାହିଁ । ଅତ୍ୟାଚାରପୂର୍ବକ ଏକପଇସା ନେଲେ ଦୋଷ ମାତ୍ର କିପ୍ରକାର ଅତ୍ୟାଚାର କରି ଜମିଦାରମାନେ ଏସବୁ ରସୂମ ନେଉଅଛନ୍ତି ଏହାର ଗୋଟିଏ ସୁଦ୍ଧା ଉଦାହରଣ ପ୍ରକାଶ ପାଇ ନାହିଁ ଏ ସ୍ଥଳେ ଜମିଦାରମାନଙ୍କର ବେଖେୟାଲରେ ଅନର୍ଥକ ଦୁର୍ନାମ ହୋଇଅଛି ଓ ଏହିରୁ ମୁକ୍ତ ପାଇବାକୁ ଚେଷ୍ଟାକରିବା ସେମାନଙ୍କର କର୍ତ୍ତବ୍ୟ ଅଟଇ ।

## ସାପ୍ତାହିକ ସଂବାଦ

— ଗତ ରବିବାର କଟକ ବାଲୁବଜାରରେ ଗୋଟିଏ ଭୟଙ୍କର ଦୁର୍ଘଟନା ହେଲା । ଜଣେ ବାରବାଣବାଲା ଅନେକପ୍ରକାର ବାଣସବୁ ପ୍ରସ୍ତୁତ କରି ଘରେ ରଖିଥିଲା ଓ କେତେକ ମୂଲିଆଣି ତଳରେ ବାରୁଦ ପେଷୁଥିଲେ ଏମନ୍ତ ସମୟରେ କିପରି ଅଗ୍ନି ଲାଗିବାରୁ ଘର ପୋଡ଼ିଗଲା ଓ ତହିଁ ମଧ୍ୟରେଥିବା ଲୋକଙ୍କ ମଧ୍ୟରୁ ଶିଶୁବାଳକ ଓ ୨ ଜଣଙ୍କ ଦେହରେ ଏରୂପ ଅଗ୍ନି ଲାଗିଲା ଯେ ସେମାନଙ୍କୁ କଷ୍ଟରେ ବାହାର କଲେହୁଁବା ସେହି ରାତ୍ର ଶେଷପର୍ଯ୍ୟନ୍ତ ଛଅ ପିଲର ପ୍ରାଣ ନାଶ ହେଲା ଓ ଅଉ ଦୁଇଜଣ ସ୍ତ୍ରୀ ମଧ୍ୟ ମଲେଣି । ଅଗ୍ନିର କାରଣ ଏହିରୂପ ଅନୁମାନ ହୁଅଇ ଯେ ଉକ୍ତବର୍ଷୀୟ

Split by PDF Splitter

Digitized by srujanika@gmail.com

ଦ୍ୱାରା ତାହା ଯାତ ହୋଇଥିବ ମାତ୍ର ନିଶ୍ଚୟରୂପ କିଛି ଜଣାଯାଇ ନାହିଁ ।

ଗତ ସପ୍ତାହରେ ହାଇକୋର୍ଟର ଜଜ ଶ୍ରୀଯୁକ୍ତ ଫିଅର୍‌ସାହେବ ଓ ଶ୍ରୀଯୁକ୍ତ ଲକ୍‌ସାହେବ ଜାଜପୁରରୁ ଫେରିଥିବି ଭୁବନେଶ୍ୱରକୁ ଯାଇଅଛନ୍ତି । ସେଠାରେ ମନ୍ଦିରସବୁର ନକ୍ସାମାନ ଲେଖି ନେବେ ।

ଶ୍ରୀଯୁକ୍ତ ଗବର୍ଣ୍ଣରଜେନେରଲସାହେବ ଆଗାମୀ ମାସ ପ୍ରଥମ ସପ୍ତାହ ଶେଷରେ ଏ ନଗରକୁ ଆସିବାର ନିଶ୍ଚୟ ହୋଇଥିବାରୁ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ରେଭେନ୍‌ସାହେବ ସମସ୍ତ ରାଜା ଓ ଜମିଦାରମାନଙ୍କୁ ତାହାଙ୍କ ଦର୍ଶନ ନିମିତ୍ତ ଏନଗରକୁ ଆସିବାପାଇଁ ଅନୁରୋଧ କରୁଅଛନ୍ତି । ଏଥିରୁ ଜଣାଯାଉଅଛି ଯେ ସେ ସମୟରେ ଭାରି ସମାରୋହ ପୂର୍ବକ ଏକ ଦରବାର ହେବ ।

୧ ଏଡ଼ିନ୍‌ବରଗ ଗେଜେଟରୁ ଅବଗତ ହେଲୁଁ ଯେ, ବୋମ୍ବାଇର ଗଣ୍ଡେ ସମ୍ବାଦପତ୍ରରେ ଲେଖାଅଛି, ସଂଯୋଗନାମକ କୌଣସି ସ୍ଥାନରେ ଶିଳାବୃଷ୍ଟି ହୋଇ ଘୋଡ଼ାଠାରୁ ବଡ଼ ଟଙ୍କା କ୍ଷତି ହୋଇଥିଲା ।

୨ ଅମେରିକାଦେଶର କୌଣସି ସମ୍ବାଦପତ୍ରରେ ଲେଖାଅଛି, ଜାତକୁ ଜଳଭିତରେ ରଖିଲେ ତୀକ୍ଷ୍ଣ ଜଉଁଷି ଦ୍ରାବ କଟା ଯାଇପାରେ ।

୩ ଡେପୁଟୀମେଜିଷ୍ଟ୍ରେଟ କର୍ମକାଙ୍କ୍ଷୀମାନଙ୍କୁ ଘୋଡ଼ା ଚଢ଼ିବାର ଶିଖିବାକୁ ହୁଏବୋଲି ସେ ଦିନ ଗୋଟିଏ ଘଟଣା ହୋଇ ଯାଇଅଛି । ଜଣେ ଭଦ୍ରଲୋକ ମେଜିଷ୍ଟ୍ରେଟସାହେବଙ୍କ ନିକଟରେ ଉପସ୍ଥିତ ହୋଇ ଅଶ୍ୱାରୋହଣର ପରୀକ୍ଷା ଦେବାକୁ ପ୍ରାର୍ଥନା କରିବାରୁ ମେଜିଷ୍ଟ୍ରେଟସାହେବ ଏକ ନୂତନ ଓଏଲର ଘୋଡ଼ା ବାହାର କରି ତାହାଙ୍କୁ ଚଢ଼ିବାକୁ କହିଲେ । ପରୀକ୍ଷାର୍ଥୀ ଛୋଟଟଟୁ କି ବିଲତୀ ଘୋଡ଼ା ଚଢ଼ି ଅଶ୍ୱାରୋହଣ ବିଦ୍ୟା ଶିକ୍ଷା କରିଥିଲେ । କେତେବେଳେ ଘୋଡ଼ା ଜନ୍ମାବଧି ଚଢ଼ି ନ ଥିଲେ ତଥାପି ସୁଯୋଗନ୍ତେ ଘୋଡ଼ାଟି ଚଳାଇ ପାରିଲେ ଡେପୁଟୀମେଜିଷ୍ଟ୍ରେଟ ହେବେ ଏହି ଆଶାରେ ତାହା ଉପରେ ଆରୋହଣ କଲେ । ତନ୍ତୁ ଅବୋଧ ଘୋଡ଼ା ଏ ସକଳ ବିଷୟ କିଛି ଜାଣି ନ ଥିଲା, ସେ ଅଳ୍ପଦୂର ଯିବାମାତ୍ରେହିଁ ଆପଣାର ବିକ୍ରମ ପ୍ରକାଶ କରିବାକୁ ଆରମ୍ଭ କଲା । କେତେବେଳେ ପରୀକ୍ଷାର୍ଥୀ ତାହା ପିଠିରେ ଆଉ ରହି ନ ପାରି ଭୂମିତଳରେ ପଡ଼ିଗଲେ, ଏବଂ ବହୁଲର ଅପାର ଲୀଗି ତାହାଙ୍କର କେତେଖଣ୍ଡ

ପଞ୍ଜରା ଭାଙ୍ଗିଗଲା । ପରୀକ୍ଷାର ଶୁଭଫଳ ମନ୍ଦ ନୁହଇ ।

୪ ଅମେରିକାଦେଶର ଲୋକ ଗତ ବର୍ଷ ୧୬୦ କୋଟି ଟଙ୍କାର ମଦ୍ୟ ପାନ କରିଅଛନ୍ତି ।

ପୁନା ଅବଜରବରର ଲେଖନ୍ତି ଯେ ବିଷ୍ଣୁ ପରଶୁରାମଶାସ୍ତ୍ରୀ ବମ୍ବେଇର ଗୋଟିଏ ସଭାରେ ବକ୍ତୃତା ଦ୍ୱାରା ପ୍ରତିପନ୍ନ କରିଅଛନ୍ତି ଯେ ବାଲ୍ୟରଣ୍ଡା ବ୍ରାହ୍ମଣମାନଙ୍କର ବିବାହ ସର୍ବପ୍ରକାରରେ ଶାସ୍ତ୍ରସମ୍ମତ ଅଟଇ ।

ଇଣ୍ଡିଆନ ଡେଲିନିଉସ ପତ୍ରିକାରେ ଗୋଟିଏ ମୂର୍ତ୍ତିଖେଳର ବର୍ଣ୍ଣନା ଶୁଣା ହୋଇଥିବାରୁ ଗବର୍ଣ୍ଣମେଣ୍ଟ ଅବେଗନ୍ତେ କଲିକତା ପୁଲିସର କମିସ୍ନର ଉକ୍ତ ପତ୍ରିକାର ଅଧ୍ୟକ୍ଷଙ୍କ ନାମରେ ଫଉଜଦାରୀରେ ନାଲିଶ କରିବାରୁ ଠ ୧୦୦ ଙ୍କା ଅର୍ଥଦଣ୍ଡ ହୋଇଅଛି । ପାଠକମାନେ ଏଥିରୁ ଜାଣିବେ ଯେ ମୂର୍ତ୍ତିକୁ ଲୁଥଫେଲ ନିବାରଣ କରିବା କାରଣ ଗବର୍ଣ୍ଣମେଣ୍ଟ ଏତିକି ଅତି ମନୋଯୋଗୀ ହୋଇଅଛନ୍ତି । ବ୍ୟବସ୍ଥାଟି ଉତ୍ତମ ଅଟଇ ।

ଲୁସେଇଯୁଦ୍ଧ ସମ୍ପର୍କରେ ବୋହମଙ୍କ ନାମରେ ଜଣେ ପାର୍ବତୀୟ ସରଦାରକୁ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି କି ଯେବେ ସେ ସରକାରୀ ସେନାମାନଙ୍କର ଯଥେଷ୍ଟରୂପ ସାହାଯ୍ୟ ନ କରିବେ ତେବେ ତାହାଙ୍କୁ ଯେ ବାର୍ଷିକ ବୃତ୍ତି ଦିଆଯାଉଅଛି ତାହା ସ୍ଥଗିତ କରିଦିବ ।

ଗବର୍ଣ୍ଣମେଣ୍ଟ ବଙ୍ଗାଳ ସମ୍ପ୍ରତି ଇନ୍‌କମ୍‌ଟାକ୍ସ କାର୍ଯ୍ୟ ସମ୍ବନ୍ଧରେ ଏକ ମନ୍ତବ୍ୟ ଲେଖି ସେଥିରେ ବ୍ୟକ୍ତ କରିଅଛନ୍ତି ଯେ ହିନ୍ଦୁସ୍ଥାନମାନେ ବାର୍ଷିକ ଟ ୫୦୦ ଙ୍କା ଠାରୁ ଟ ୭୦୦୦ ଙ୍କା ପର୍ଯ୍ୟନ୍ତ ଆୟ କରିଥିବା ପ୍ରତ୍ୟକ୍ଷେ ସେମାନଙ୍କ ଉପରେ ଟାକ୍ସ ଧାର୍ଯ୍ୟ ହେଉ ନାହିଁ । ଭବିଷ୍ୟତରେ ଏଥିର ବିଧାନ କରିବାକୁ ହେବ । ଏହିରୂପ ଦେଶୀୟ ଚିକିତ୍ସକ ଅର୍ଥାତ କବିରାଜମାନେ ବାର୍ଷିକ ଟ ୫୦୦ ଙ୍କାଠାରୁ ଟ ୧୦୦୦ ଙ୍କା ପର୍ଯ୍ୟନ୍ତ ଆୟ କରନ୍ତି । ଏମାନେ ମଧ୍ୟ ଆଉ ଛାଡ଼ ପାଇବେ ନାହିଁ ।

ଲୁସାଇ ଯୁଦ୍ଧ ଆରମ୍ଭ ହେଲାଣି ଗତ ସପ୍ତାହର ସମ୍ବାଦରୁ ଜଣାଯାଏ ଯେ ଗୁରଖା-ସିପାହୀମାନେ ଦଶ୍ୟୋଟୀ ଗ୍ରାମ ଆକ୍ରମଣ କରି ହସ୍ତଗତ କରିଅଛନ୍ତି । ପ୍ରତ୍ୟେକ ଯୁଦ୍ଧରେ ଲୁସାଇଙ୍କର ଦଶ ବାରଜଣ ଲେଖାଏଁ ଲୋକ ମରି ପଡ଼ୁଛନ୍ତି । ଇଂରେଜଙ୍କ ସେନାର କେହି ମରି ପଡ଼ି ନାହାନ୍ତି । ଅସଭ୍ୟ ଜଙ୍ଗଲୀଲୋକମାନେ ଇଂରେଜଙ୍କ ବହୁତ

ଯୁଦ୍ଧ କରିବାକୁ ପ୍ରବୃତ୍ତ ଏଥିରୁ ଦୁଃସାହସ କର୍ମ ଆଉ କ'ଣ ହୋଇପାରେ ।

ପଞ୍ଜାବ ଗବର୍ଣ୍ଣମେଣ୍ଟଙ୍କ ପ୍ରାର୍ଥନା କ୍ରମେ ସେକ୍ରେଟରୀ ଅବଷ୍ଟେଟ ଆଜ୍ଞା ଦେଇଅଛନ୍ତି ଯେ ବିଲାତର ଅପରାଧର ବାର୍ଷିକ ତାଲିକା ଭାରତବର୍ଷକୁ ପ୍ରେରିତ ହେବ ଓ ତାହା ପଞ୍ଜାବ ରିପୋର୍ଟ ସଙ୍ଗେ ମୁଦ୍ରିତ ହେବ । ସବୁ ଗବର୍ଣ୍ଣମେଣ୍ଟର ଅପରାଧର ରିପୋର୍ଟରେ ଏରୂପ ତୁଳନା ହେଲେ ଉତ୍ତମ ହେବ ।

ଦକ୍ଷିଣ ହେରାଲ୍ଡପତ୍ରିକାରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଇନ୍ଦୋରନଗରର ଦକ୍ଷିଣ ପାର୍ଶ୍ୱରେ ଥିବା ମହାରାଜ ହୋଲକାରଙ୍କ ବାରୁଦ ଗୋଦାମରେ ଅଗ୍ନି ଲାଗିବାରୁ ତାହା ଫାଟି ଉଡ଼ିଗଲା ଓ ତହିଁରେ ୭୦ କି ୮୦ ଜଣ ଲୋକର ପ୍ରାଣ ନାଶ ହୋଇଅଛି । ପ୍ରାୟ ୨ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ିଗଲା । ଗୋଦାମ ଫାଟିଯିବା ସମୟରେ ଏମନ୍ତ ଶବ୍ଦ ହେଲା ଯେ ନଗରସ୍ଥ ଲୋକମାନେ ସ୍ତବ୍ଧ ହୋଇଗଲେ ।

ଜାମାଲବାସୀ ରାଜା ଅକବରଲଗଣୀ ଭାରତବର୍ଷର ନକ୍ଷତ୍ର ଉପାଧି ପାଇବାରେ ତାହାଙ୍କ ନଗରର ଚିରସ୍ଥାୟୀ ଉପକାର ନିମିତ୍ତ ନଗଦ ୫୦ହଜାର ଟଙ୍କା ଦାନ କରିଅଛନ୍ତି । ଏ ଟଙ୍କା ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଗଚ୍ଛିତ ଅଛି ଓ ଏହି ବନ୍ଦୋବସ୍ତ ହୋଇଅଛି ଯେ ଉକ୍ତ ନଗରର କମିସ୍ନର ଜଜ ଓ କଲେକ୍ଟର ଏବଂ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କର ଗୋଟିଏ ସଭା ହୋଇ ତଦ୍ୱାରା ଏ ସମ୍ପତ୍ତିର କାର୍ଯ୍ୟ ନିର୍ବାହ ହେବ । ଏପ୍ରକାର ଲୋକଙ୍କୁ ଗବର୍ଣ୍ଣମେଣ୍ଟ ସମ୍ମାନ କରିବାରେ ସର୍ବସାଧାରଣର ମଙ୍ଗଳ ଅଛି ।

ଗଞ୍ଜାମ ଓ ଭିଜାଗପଟନରେ ଦୁର୍ଭିକ୍ଷ ସନ୍ଦେହ ଯାତ୍ରାର ଅଧିକ୍ୟ ହେବାରୁ ଦୁଇଜଣ ଅଧିକ ଡାକ୍ତର ଓ ଅବଶ୍ୟକୀୟ ଔଷଧମାନ ସେଠାକୁ ପ୍ରେରିତ ହୋଇଅଛି । ଭାରତବର୍ଷରେ ଏଣିକି କୌଣସି ବର୍ଷ ଦୁର୍ଭିକ୍ଷ ଛଡ଼ା ହେବାର ଦେଖାଯାଉ ନାହିଁ ।

କଲିକତାର ପୁଲିସ ବାଣ ପୋଡ଼ିବାର ବିରୁଦ୍ଧ ହୋଇଅଛନ୍ତି ସମ୍ପ୍ରତି କମିସ୍ନର ସାହେବ ଆଜ୍ଞା କରିଅଛନ୍ତି ଯେ ଯେଉଁ ସ୍ଥଳରେ ଉତ୍ସବରେ କେହି ବାଣ ପୋଡ଼ିବ ପ୍ରତିଦିନ ସେ ଉକ୍ତ କାର ପୁଲିସ କର୍ମଚାରୀ ଥାନାରେ ସମ୍ବାଦ ଦେବେ ।

---

ଏହି ଉତ୍କଳଦୀପିକା ସହର କଟକ ବକ୍ସିବଜାର କଟକପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧୨ଶ ଭାଗ ୪୨ ସଂଖ୍ୟା } ତା· ୨୯ଶ ଜାନୁଏରୀ ସନ ୧୮୭୬ ମସିହା । ମୂ । ମାଘ ୧୭ ନ ସନ ୧୨୮୩ ସାଲ ଶନିବାର } ଅଗ୍ରିମ ବାର୍ଷିକ ମୂଲ୍ୟ ୫॥ / ବର୍ଷାନ୍ତେ ମୂଲ୍ୟ ଦେଲେ କର୍ତ୍ତବ୍ୟ ୬ / ମଫସଲ ଡାକମାସୁଲ ୧॥

### ବିଶ୍ୱବିଦ୍ୟାଳୟ ପରୀକ୍ଷାର ଫଳ

ଗତ ସପ୍ତାହରେ ଅମ୍ଭେମାନେ ଏ ଫଳ ବିଷୟରେ ଯାହା କର୍ତ୍ତବ୍ୟ ପ୍ରକାଶ କରିଅଛୁଁ ସମ୍ପ୍ରତି ସେହି ଛାତ୍ରମାନେ କୃତକାର୍ଯ୍ୟତା ଲାଭ କରିଅଛନ୍ତି ସେମାନଙ୍କ ନାମ ସହିତ ଅଙ୍କ ନିମ୍ନଲିଖିତ ପ୍ରକାର ଉଲ୍ଲେଖ କରୁଅଛୁଁ ଯଥା ।

ଫାଷ୍ଟ ଆର୍ଟସ୍ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଗଣ

କଟକ କାଲେଜ — ଦ୍ୱିତୀୟ ଶ୍ରେଣୀ

ଭଗବତୀଚରଣ ପଟ୍ଟନାୟକ
ଦାଶରଥି ପଟ୍ଟନାୟକ
ଜଗନ୍ନାଥ ଦାସ
ଚତୁର୍ଭୁଜ ପଟ୍ଟନାୟକ
ମଧୁସୂଦନ ଗୁପ୍ତ
ଜେ, ଏସ, ସ୍କଟ

ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଗଣ

କଟକ ହାଇସ୍କୁଲ — ଦ୍ୱିତୀୟ ଶ୍ରେଣୀ

ଶିବପ୍ରସାଦ ମିଶ୍ର
ଭୁବନେଶ୍ୱର ଦତ୍ତ
ରାମକୃଷ୍ଣ ମହାପାତ୍ର
କୃଷ୍ଣଚନ୍ଦ୍ର ମହାନ୍ତି ।
ନାରାୟଣ ପ୍ରସାଦ ମିଶ୍ର

ତୃତୀୟ ଶ୍ରେଣୀ

ସାରଦାପ୍ରସାଦ ଚକ୍ରବର୍ତ୍ତୀ
ହେମଚନ୍ଦ୍ର ଘୋଷ
ଯଦୁନାଥ ସମ୍ପୁଟା
ମଦନମୋହନ ଦେବ ବାଲେଶ୍ୱର

କଟକର ପରୀକ୍ଷା ଭଲ ହୋଇଥିଲେ ହେଁ ଯେବେ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ କେହି ଏକ ଜଣ ସ୍ଥାନ ପାଇଥାନ୍ତେ ତେବେ ଅତି ଆନନ୍ଦଜନକ ହୋଇଥାନ୍ତା । ଯାହା ହୋଇଅଛି ତାହା ଯେ ପୁଣି ବଙ୍ଗାଳୀ ଓ ଓଡ଼ିଆ ଛାତ୍ରମାନେ ସମାନ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଯେଉଁମାନେ କହୁଥିଲେ ଯେ ଓଡ଼ିଆଙ୍କ ବୁଦ୍ଧିବୃତ୍ତି ନ୍ୟୂନ ସେମାନେ ଲଜ୍ଜିତ ହେବେ ଓ ଜାଣିପାରିବେ ଯେ ସୁଯୋଗରେ କିଛି ଅନ୍ତର ନାହିଁ ଶିକ୍ଷା ପାଇଲେ ସମାନ ଫଳ ଦେଖାଇବେ ।

ପୁରୀ ଓ ବାଲେଶ୍ୱର ପକ୍ଷରେ ଫଳ ଉତ୍ତମ ହୋଇ ନାହିଁ । ପ୍ରଥମ ସ୍ଥାନର ଦୁଇ ଓ ଶେଷ ସ୍ଥାନର ଛଅ ବାଳକ ଥିଲେ ତହିଁର ଗୋଟିଏ ଲେଖାଏଁ ନିମ୍ନ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ! ଅତ୍ର କେତେବେଳରେ ଏ ନଗରବାସୀମାନେ ବିଦ୍ୟାର ମର୍ଯ୍ୟାଦା ବୁଝିପାରି ପିଲାମାନଙ୍କୁ ଶିକ୍ଷା ଦେବାର ଯତ୍ନ କରିବେ । ଅଧିକ ଖେଦ ପଢ଼ୁଥିଲେ ଅଧିକ ଅନୁତାପ କରୁ ଅମ୍ଭେମାନେ ଶୁଣିଅଛୁଁ ଯେ ଏକଲୁ ସ୍ଥାନରେ ବାଳକମାନେ ଶୀଘ୍ର କର୍ମପାଇ ବିଦ୍ୟାଳୟ ତ୍ୟାଗକରନ୍ତି ଓ ଶିକ୍ଷକମାନେ ମଧ୍ୟ ଅନ୍ୟାନ୍ୟ ଅଭାବରେ ବିଦ୍ୟାଳୟରେ ସ୍ଥିର ନ ହୋଇ ପାରନ୍ତି ନାହିଁ । ଏଥିରେ ପରୀକ୍ଷାପ୍ରାର୍ଥୀ ଛାତ୍ରଙ୍କର ଆଦର ରହଇ ନାହିଁ । ପକ୍ଷାନ୍ତରେ ଛାତ୍ରମାନେ ଶୀଘ୍ର ସରକାରୀ କର୍ମ ପାଇବାର ଚେଷ୍ଟା କରନ୍ତି ଲୋକ ହାକିମ ଅଧୀନ । ସନ୍ତାନଙ୍କୁ ଶିକ୍ଷାର ଉଚିତ ବିଦ୍ୟାଳୟକୁ ପଠାନ୍ତି ନାହିଁ ସହଜରେ ବୁଝା ଯାଉ ନାହିଁ । ଯାହା ହେଉ ହାକିମମାନେ ଯେବେ ଛାତ୍ରଙ୍କୁ ସୂକ୍ଷ୍ମ ଓ ଅପେକ୍ଷାକୃତ ମୋଟ ବୁଦ୍ଧିର ଛାତ୍ରଙ୍କୁ କର୍ମ ଦେବାକୁ ଯେତେଦୂର ଭଲ ଛାତ୍ରଙ୍କୁ ଏ ସ୍ଥଳରେ ସମ୍ପୂର୍ଣ୍ଣ ସନ୍ତୋଷ ପରୀକ୍ଷା ପର୍ଯ୍ୟନ୍ତ ପାଠ କରିବା କାରଣ ଉତ୍ସାହ ଦିଅନ୍ତେ ତାହା ହେଲେ ପୁରୀ ବାଲେଶ୍ୱରର ଅଧିକ ପରୀକ୍ଷାର୍ଥୀ ଅଛନ୍ତେ ସନ୍ଦେହ ନାହିଁ ଓ ଏ ବିଷୟରେ ପରିଶେଷରେ ଉତ୍ତମ ଫଳ ହୁଅନ୍ତା ।

---

### ଓଡ଼ିଶାରେ ଗୋଟିଏ କଲେଜର ପ୍ରୟୋଜନ ।

କଟକ ହାଇସ୍କୁଲ ଗତ ପରୀକ୍ଷାରେ ଯେ ଫଳ ପ୍ରାପ୍ତ ହୋଇଅଛି ତାହା ଦେଖି ମନ ଯେମନ୍ତ ଆନନ୍ଦିତ ହେଉଅଛି ସେହିପ୍ରାୟ ପୁଣି ବିଷାଦରେ ନିମଗ୍ନ ହେଉଅଛି ବାସ୍ତବରେ ଭଲ କରି ଦେଖିଲେ ଏ ଫଳ ଅଧିକ ଶୋକର କାରଣ ହୋଇଅଛି । ଫାଷ୍ଟଆର୍ଟସ ପରୀକ୍ଷାରେ ୮ ଜଣ ଛାତ୍ର ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରୁ ୬ ଜଣ ଦ୍ୱିତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ଏଥିର ଛାତ୍ରଙ୍କ ବୁଦ୍ଧିଶକ୍ତିର ପରିଚୟ ପ୍ରାପ୍ତ ହେଉଅଛି କିନ୍ତୁ ଏହାର ପରିଣାମ କି ? ଅମ୍ଭେମାନେ ଏ ଶିକ୍ଷାବୃଦ୍ଧିର କୌଣସି ଫଳ ପାଇବାକୁ ସମର୍ଥ ହେଉ ନାହିଁ କାରଣ ଯେସମସ୍ତେ ଉତ୍ତୀର୍ଣ୍ଣ ହେଲେ ବିଶେଷ ଲାଭର ପ୍ରତ୍ୟାଶା

Split by PDF Splitter
Digitized by srujanika@gmail.com

Split by PDF Splitter



ଦେଶୀୟଙ୍କ ଠିକ ସେହି ସମୟରେ ଯଦ୍ଭୂରି ବୃତ୍ତି ଓ ଅନୁକୂଳ ପ୍ରଯୁକ୍ତ ତାହା ଜନ୍ମ ହେବାକୁ ବସିଲା । ଏ, ଏ, ପରୀକ୍ଷା ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷା ପ୍ରାପ୍ତିର ଆବଶ୍ୟକ ଓ ସେ ପରୀକ୍ଷା ନ ହେଲେ ଅସ୍ମଦ୍ଦେଶୀୟମାନେ ଅନ୍ୟ ଦେଶୀୟ ଲୋକଙ୍କ ସଙ୍ଗେ ସମକକ୍ଷ ହୋଇ ପାରିବେ ନାହିଁ । ଅମ୍ଭେମାନେ ନାନାବିଧ ଅସୁବିଧା ହେତୁରୁ ପୂର୍ବେ ଏଣ୍ଟ୍ରେନ୍ସ ଯାଏ ପ୍ରବେଶ ହେବାକୁ ଆଶା କରୁ ନ ଥିଲୁଁ ଓ ବହୁତ ଦୂରବର୍ତ୍ତି ଥିବା ହେତୁରୁ ନକଲୁ ଏକପ୍ରକାର ପ୍ରବୋଧ ହେଉଥିଲୁଁ । ଏଥର ସେ ସବୁ ଅତିକ୍ରମ କରି ଦ୍ୱାରବନ୍ଧଠାରୁ ଫେରି ଦିବାକୁ ପଡ଼ିଲା ଏହି ବଡ଼ ଦୁଃଖ ଯେବେ ଛାତ୍ରାବସ୍ଥାରେ ପ୍ରବେଶ ହେବାର ଅମ୍ଭମାନଙ୍କ ସ୍ମରଣରେ ନାହିଁ ତାହା ପୂର୍ବେ ଭଲରୂପେ ଜାଣିଥିବାରୁ ପରେ ଉଦ୍ବିଗ୍ନ ହୋଇ ଯୋଇ ରହୁଥିଲୁଁ କିନ୍ତୁ ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଅମ୍ଭମାନଙ୍କ ହସ୍ତରୁ ଦ୍ୱାରବନ୍ଧ ପର୍ଯ୍ୟନ୍ତ ଯାଇ ପୁଣି ଫେରିଯିବାକୁ କହୁଅଛନ୍ତି ଏଥିରେ କେବଳ ଛାତ୍ରବୃନ୍ଦ ବଞ୍ଚିତ ହେଲେ ଏମନ୍ତ ନୁହଇ ହୋଇଥିବା ଜାଣ ସମସ୍ତ ଓ ପାଠଶାଳା ବିଦ୍ୟାଳୟର ମଧ୍ୟ ବୃଥା ହୋଇଗଲେ । କେଣେ ବହୁଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏପରି ହୋଇବାର ହେତୁ ନ ଥିଲା କିନ୍ତୁ ଏତେଗୁଡ଼ିଏ ଲୋକ ଏଣ୍ଟ୍ରେନ୍ସ ଯାଏ ପଢ଼ିଶେଷରୁ ଯେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ ବଡ଼ ସନ୍ତାପର ବିଷୟ । କଟକରେ କଲେଜସ୍ଥାପନ ଏ ସନ୍ତାପରୁ ଉଦ୍ଧାର ହେବାର ଏକମାତ୍ର ଉପାୟ କିନ୍ତୁ ବର୍ତ୍ତମାନ ଉଚ୍ଚଶିକ୍ଷାପ୍ରତି ଗବର୍ଣ୍ଣମେଣ୍ଟଙ୍କ କଠିନ ବ୍ୟବହାର ଦେଖି ମନରେ ପ୍ରତ୍ୟୟ ହେଉ ନାହିଁ ଯେ ଓଡ଼ିଶାରେ ଏହି ଶିକ୍ଷାର ଉନ୍ନତି ହେବ । ତେବେ ଅମ୍ଭମାନଙ୍କର ଗୋଟିଏ ଆଶା ଏହି ଅଛି ଯେ ଓଡ଼ିଶା ବଙ୍ଗଦେଶର ଗୋଟିଏ ଭୂଭାଗ ଅଟଇ ବଙ୍ଗଳା ଓ ବେହାର ଅନ୍ୟ ଦୁଇ ସୁବା ଏଥିରେ ବଙ୍ଗଳାରେ ବହୁତ କଲେଜ ଅଛି ଓ ବେହାରରେ ମଧ୍ୟ ପାଟନାକଲେଜ ଅଛି କିନ୍ତୁ ଓଡ଼ିଶା କି ଦୋଷକରିଅଛି ଯେ ଗୋଟିଏହେଁ କଲେଜ ପାଇବ ନାହିଁ ବାସ୍ତବରେ ଏହାର ଗୋଟିଏ କଲେଜ ପ୍ରତି ଦାବି ହୋଇଅଛି । ଏଣୁକି ଗବର୍ଣ୍ଣମେଣ୍ଟ କୃଷ୍ଣନଗରକଲେଜ ଉଠାଇଦେଇ ଯେଉଁଟଙ୍କା ବଞ୍ଚାଇଅଛନ୍ତି ତାହାର କୌଣସିଅଂଶ ଓଡ଼ିଶାକୁ ଦେଲେ କାର୍ଯ୍ୟ ଚଳିପାରେ । ଏ ସବୁ ସୁଲକ୍ଷଣ ଛଡ଼ା ଅନ୍ୟରୁ ଦେଖାଯାଏ ଯେ ଏହୁବର୍ଷ ଯେମନ୍ତ ବହୁତଛାତ୍ର ପରୀକ୍ଷୋତ୍ତୀର୍ଣ୍ଣ ହେବାର କଲେଜସ୍ଥାପନର ଆଶାକୁ ପ୍ରୋତ୍ସାହନ ହୋଇଅଛି ସେମନ୍ତ ମହାମାନ୍ୟ ଗବର୍ଣ୍ଣରଜେନେରଲସାହେବ ଓଡ଼ିଶାର ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦର୍ଶନକରିବାକୁ ଶୁଭାଗମନ କରୁଅଛନ୍ତି । ଏରୂପ ସଂଯୋଗକୁ ସୁଯୋଗ ବୋଲିଯାଇ ପାରେ । ଯେବେ ଗୋଟିଏ କଲେଜ ସ୍ଥାପନର ଆଜ୍ଞା ନ ହେବ ତେବେ ଏତେ ଯୋଗଙ୍କ କି ବ୍ୟର୍ଥ ହେବ ? ଅଥବା ଏଡ଼ି ଉତ୍କୃଷ୍ଟ କାର୍ଯ୍ୟଦ୍ୱାରା ଲର୍ଡ ମହୋଦୟ ଏଠାରେ ଚିରସ୍ମରଣୀୟ ହୋଇ ରହିବେ ? ଓଡ଼ିଶାକୁ ଯେବେ କୌଣସି ଗବର୍ଣ୍ଣର ଜେନରଲ ସାହେବ ଆସି ନାହାନ୍ତି ଓ କୌଣସି କାଳରେ ଯେ ଆସିବାକୁ ମନେ କରିବେ ଏମନ୍ତ ଅମ୍ଭେମାନେ ସ୍ୱପ୍ନରେ ହେଁ ଆଶା କରି ନ ଥିଲୁଁ । ଯେବେ ଲର୍ଡମେଓ ସାହେବଙ୍କ ମନରେ ଅମ୍ଭମାନଙ୍କ ସାମାନ୍ୟ ପ୍ରବେଶ ପଡ଼ିଲା ତେବେ ଯେ ସେ ଏଠାରେ କୌଣସି ଚିହ୍ନ ନ ରଖି ଶୁଷ୍କ ଫେରିଯିବେ ଏମନ୍ତ ପ୍ରତ୍ୟୟ ହେଉ ନାହିଁ ଅତଏବ ଅମ୍ଭେମାନେ ଦୃଢ଼ରୂପେ ବିଶ୍ୱାସ କରୁଅଛୁଁ ଯେ ଅମ୍ଭମାନଙ୍କର ଏ ଦୁଃଖ ତାହାଙ୍କୁ ବିଶେଷ କରି ଜଣାଇଲେ ସେ ଅବଶ୍ୟ ପ୍ରତିକାର କରିବେ । ଶରୀର ପୋଷଣ ନିମିତ୍ତ ଅମ୍ଭେମାନେ କହୁ ନାହୁଁ । ଯଥେଷ୍ଟ ଧାନ ଫଳିବାର ପ୍ରାଣ ଧାରଣ କରିବାକୁ ସମର୍ଥ ହୋଇଅଛୁଁ ଓ ଯାହା ଅବା କଦାପି ଦୁର୍ଭିକ୍ଷର ଭୟ ଥିଲା ତାହା ନିବାରଣ ପକ୍ଷରେ ଗବର୍ଣ୍ଣମେଣ୍ଟ ନାଳ ଖୋଳି ଆପଣା କର୍ତ୍ତବ୍ୟ ସାଧନ କରୁଅଛନ୍ତି ଏଥର ମାନସିକ ଦୁର୍ଭିକ୍ଷ ବଳବତ୍ତରରୂପେ ପଡ଼ିଲା ଏଥିର ଉଦ୍ଧାର କାରଣ କିଛି ଉପାୟ ହୋଇ ନାହିଁ ଅତଏବ ବଡ଼ଲାଟ ଗବର୍ଣ୍ଣର ଜେନରଲଙ୍କ ଆସିବା ଅପେକ୍ଷାରେ ଏହି କାର୍ଯ୍ୟ ରହିଅଛି ।

---

## ସନ ୧୮୭୧ ମସିହା

କାଳଚକ୍ର ଗତିକ୍ରମେ ସନ ୧୮୭୧ ମସିହା ଗତ ପୌଷଠାରୁ ଅମ୍ଭମାନଙ୍କ ନିକଟରୁ ଚିରକାଳ ନିମିତ୍ତ ଅନ୍ତର୍ଦ୍ଧାନ ହୋଇଅଛି । ଅମ୍ଭେମାନେ ବର୍ଷାରମ୍ଭକାଳ ଏକାବେଳେ ନବଜାତ କରି ଅଛିଥିଲୁଁ ତହିଁର ଉଭୟ ବହୁମାସ ଏହାକୁ ଚିହ୍ନି ନ କଲେ ଅକୃତଜ୍ଞ ବୋଲି ବାଚ୍ୟ ହେବୁଁ ଏପେଣି ଅମ୍ଭମାନଙ୍କୁ ଏହି ବହୁକାଳ ଅବଗତ ହୋଇଅଛି ।

ସନ ୧୮୭୧ ମସିହା ଯେଉଁ ଘଟନା ଘଟିଲା ଇତିହାସରେ ଚିରସ୍ମରଣୀୟ ହୋଇଅଛି ତାହା ଫ୍ରାନ୍ସ ଜର୍ମ୍ମାନ ସଙ୍ଗେ ବିଚ୍ଛେଦ ସମ୍ପର୍କ ନ ଥିବ । ସେ ଦାରୁଣ ଘଟନା ଏହି ଦେଶରେ ଘଟିଥିଲା । ପୃଥିବୀ ମଧ୍ୟରେ ଇଉରୋପ ଖଣ୍ଡ ବଳ ବୀର୍ଯ୍ୟରେ ପ୍ରଧାନ ଓ ତହିଁ ମଧ୍ୟରେ ଫ୍ରାନ୍ସଦେଶ ସର୍ବଶ୍ରେଷ୍ଠ ଥିଲା । ନେପୋଲିଅନ ସମ୍ରାଟଙ୍କ ପାଦରେ ଇଉରୋପର ସମସ୍ତ ଦେଶର ବଳାବଳ ନିକଟରେ ତୁଳ ହେଉଥିଲା । ଏମନ୍ତ ଘଟନା ହେଲା ଯେ ଫରାସୀ ସେନାଗଣ ସେ ରାଜ୍ୟର ସମସ୍ତ ପ୍ରତାପ ଏକକାଳରେ ଲୁପ୍ତ ହେଲା ଏତେବଡ଼ ସମ୍ରାଟ ସପରିବାରରେ ଇଂଲଣ୍ଡର ଆଶ୍ରୟରେ ଜୀବନ ରକ୍ଷାକଲେ ଓ ରାଜ୍ୟ ପ୍ରଜାତନ୍ତ୍ର ପ୍ରଣାଳୀରେ ଶାସିତ ହେଲା । ଜର୍ମ୍ମାନ ଦେଶ କି ଯାହା କିଛିକାଳ ପୂର୍ବେ ଇଉରୋପର ତୃତୀୟ ଶ୍ରେଣୀର ରାଜ୍ୟ ମଧ୍ୟରେ ପରିଗଣିତ ହେଉଥିଲା ସେ ରାଜ୍ୟ ବର୍ତ୍ତମାନ ପ୍ରଥମ ଶ୍ରେଣୀ ଓ ସର୍ବୋତ୍କୃଷ୍ଟ ହୋଇ ଉଠିଲା । ପରିବର୍ତ୍ତନ ସଂସାରର ନିୟମ ହୋଇ ସମସ୍ତେ ଜାଣନ୍ତି ମାତ୍ର ଏତାଦୃଶ ପରିବର୍ତ୍ତନ ସନ ୧୮୭୧ ମସିହାରେ ଘଟିବ ବୋଲି କାହା ମନରେ ସ୍ୱପ୍ନମାତ୍ରରେ ଉଦୟ ହୋଇ ନ ଥିଲା । ଇଥିର ଫରାସୀ ଦେଶକୁ ଧନ୍ୟ ବୋଲିବାକୁ ହେବ ଯେ ଏତେ ବଡ଼ ଦୁଃଖରେ ପଡ଼ି ଏକ ଜର୍ମ୍ମାନୀର ଖଣ୍ଡିତ ସ୍ୱଦେଶକୁ ମୁକ୍ତ କରିବା ପାଇଁ ଅକଥନୀୟ ମୁଦ୍ରା ଦେବାକୁ ସମ୍ମତ ହୋଇ ଆପଣା ରାଜ୍ୟକୁ ରକ୍ଷା କଲେ ଓ ତେତେ ଅଧିକ ମୁଦ୍ରା ଦେବାକୁ ଏତେ ଶୀଘ୍ର ସକ୍ଷମ ହେଲେ । ଫ୍ରାନ୍ସ ବୋଲି ଏତେ ବଡ଼ ଧକ୍କା ସହିଲା ଅନ୍ୟ କାହାଠାରେ ସେରୂପ ସମ୍ଭବ ହୁଅନ୍ତା । ଯାହା ହେଉ ଫ୍ରାନ୍ସର ବଳ ହାନି ଓ ଦୁର୍ଦ୍ଦଶା ଯେମନ୍ତ ଏ ବର୍ଷର ପ୍ରଧାନ ଘଟନା ସେହିରୂପ ରୋମସାମ୍ରାଜ୍ୟରେ ଧର୍ମଯାଜକ ଅର୍ଥାତ୍ ପୋପଙ୍କ ପଦଭ୍ରଷ୍ଟ ଘଟଇ । କିନ୍ତୁ ପୋପ ସ୍ଥାନରେ ବିନାଯୁଦ୍ଧ ଓ ନେତ୍ର ହାତରେ ସେ ଫଳ ପ୍ରାପ୍ତ ହୋଇଅଛି ତାହାର ବିଷୟ ଅଟଇ । ଇଉରୋପର ଅନ୍ୟାନ୍ୟ ରାଜ୍ୟରେ କିଛି ପ୍ରଧାନ ଘଟନା ହୋଇ ନାହିଁ ଓ ଇଂଲଣ୍ଡରେ ଶ୍ରୀମତୀ ମହାରାଣୀଙ୍କ ଜ୍ୟେଷ୍ଠପୁତ୍ରଙ୍କ ପ୍ରାଣ ସଂଶୟ ପୀଡ଼ା ଶାନ୍ତ ହେବାରୁ ସେଠାରେ ଯେସମସ୍ତ ଉତ୍ପାତର ଆଶଙ୍କା ଥିଲା ତାହା କିଛି କାଳ ନିମିତ୍ତ ସ୍ଥଗିତ ରହିଲା ଭବିଷ୍ୟତରେ ଯାହା ହେଉ ଗତବର୍ଷ ଇଂଲଣ୍ଡ ଉତ୍ତମରୂପେ ନିର୍ବାହିତ ହୋଇଅଛି ।

ଭାରତବର୍ଷ ନିମିତ୍ତ ସନ ୧୮୭୧ ମସିହା ଉତ୍ତମ ହୋଇଥିଲା କୌଣସି ବିଶେଷ ଉତ୍ପାତ

Digitized by srujanika@gmail.com

Split by PDF Splitter



ପଡ଼ନ୍ତା ହୋଇ ନାହିଁ । ସ୍ୱଳ୍ପ ଦୁର୍ଭିକ୍ଷ ମହାମାରୀ-ପୀଡ଼ା ଇତ୍ୟାଦି ଦ୍ୱାରା ଏପର୍ଯ୍ୟନ୍ତ ଲକ୍ଷିତ ହୋଇ ନାହିଁ । ପାର୍ଲିଆମେଣ୍ଟରେ ଭାରତବର୍ଷର ଧନ ବ୍ୟବସ୍ଥା ଇଂଲଣ୍ଡରେ ବିଚାରିବାର ଗୋଟିଏ କମିଟୀ ବସିଅଛି ଓ ଅନେକଲୋକଙ୍କ ସାକ୍ଷ୍ୟ ଗୃହୀତ ହୋଇଅଛି ମାତ୍ର ସେ ସବୁର କାର୍ଯ୍ୟ ଶେଷ ନ ହେବାରୁ ତାହାର ଫଳାଫଳ ଜଣା ପଡ଼ ନାହିଁ । କେବଳ ଉକ୍ତ କାରଣ ଯେ ସମସ୍ତ ଉପାୟମାନ ହୋଇଅଛି ଓ ତହିଁ ମଧ୍ୟରେ କେତୋଟି ପ୍ରଧାନ ମତ ଅଟଇ ତାହା ସେସବୁ ସମସ୍ତରେ ପ୍ରକାଶ ହୋଇଥିବାରୁ ଏଠାରେ ଲେଖିବାର ପ୍ରୟୋଜନ ନ ରହେ ।

କ୍ରମଶଃ ପ୍ରକାଶ୍ୟ ।

## ସାପ୍ତାହିକ ସଂବାଦ

ଯେଉଁ କାବୁଲର ଅଳ୍ପବୟସ୍କା ବାଳିକାଟିର ଅଳଙ୍କାର ହର ଦୌରାତ୍ମ୍ୟ ସମ୍ପୋର୍ଦ ହୋଇଥିବାର ଏଥି ପୂର୍ବେ ଅମ୍ଭେମାନେ ଲେଖିଥିଲୁଁ ସେ ବ୍ୟକ୍ତି ଉପରେ ଅପରାଧ ସାବ୍ୟସ୍ତ ହୋଇ ତାହାପଛି କ୍ଷ ବର୍ଷ କାରାବାସର ଦଣ୍ଡାଜ୍ଞା ହୋଇଅଛି ଓ ତାହାର ଉପପତ୍ନୀ ଏ ବିଷୟରେ ତାହାକୁ ସହାୟତା କରିଥିବାରୁ ଏକବର୍ଷ କାରାବାସର ଦଣ୍ଡ ପାଇଅଛି । ଅପରାଧର ଗୁରୁତ୍ୱ ଦୃଷ୍ଟିରେ ଏ ଦଣ୍ଡାଜ୍ଞା କଠିଣ ନୁହେ ।

ଲେଫ୍‌ଟେନାଣ୍ଟଗବର୍ଣ୍ଣରସାହେବ ଆଜ୍ଞା ଦେଇ ଅଛନ୍ତି ଯେ ସାରକାମାଣ୍ଡରୀ କର୍ମଚାରୀମାନେ ଆପଣା ସୀମାମଧ୍ୟରେ ସରକାରୀ କର୍ମରେ ଯୋ-ଗ୍ୟ ହେଲେ ନଦୀ ପାର ହେବାର ଶୁଳ୍କ ଦେବେ-ନାହିଁ ।

ଗବର୍ଣ୍ଣମେଣ୍ଟ ବିଧାନ କରୁଅଛନ୍ତି ଯେ କାଞ୍ଜି-ହାଉସକୁ ପଶୁ ଆଣିଲେ ଦେଲେ କାଞ୍ଜିହାଉସ ରକ୍ଷକ ତହିଁର ପାଉଣ ପଶୁଅଣିକା ବ୍ୟକ୍ତିକୁ ଦେବେ। ଏ ନିୟମଂ ଯେପ୍ରକାର ଅଟେ ତାହା ସକଳସ୍ଥଳେ ପ୍ରଚଳିତ ହେବ କି ନା ସନ୍ଦେହ ସ୍ଥଳ । କେବେ ଏ ବିଷୟ ସ୍ଥିର ହୋଇ ପ୍ରତ୍ୟେ-କଥର ପାଞ୍ଚ ମାସରେ କାଞ୍ଜିହାଉସ ମୋକ-ଦମା ଅବଶ୍ୟ ହେବ ଓ ପାଉଣ ଦେବାର ତହିଁର ଅର୍ଥଦଣ୍ଡ ଅଧିକାରୀ କରିବାକୁ କହିଲେ ସଙ୍କୁଚିତ ହେବ କାରଣ ଟେକ୍ସ ଫାଇନରେ ପାଉଣ ହୋଇବ । ଅତଏବ ଏ ନିୟମ ପ୍ରଚଳନର ଭାର ଲୋକଙ୍କ ହସ୍ତରେ ରହିଲା ।

ପୁଲିସ ବାବତ ସମ୍ପ୍ରତ୍ୟକ୍ଷ ଦୁର୍ଘଟଣା ଏ ଯାହା ପୂର୍ବ ପକ୍ଷିକାରେ ଲେଖାଯାଇଥିଲା ତଦନ୍ତ କରି ଏହା ସ୍ଥିର କରିଅଛନ୍ତି ଯେ ବାବୁ ଅଶ୍ୱେତା ଦୁଇହେର ବାନ୍ଧ ଗୋଟିଏ ଟିଳ ପିଣ୍ଡାରେ ପୁଣ୍ଡେଇ ହୋଠା ଡୋଠୋରର ଏକ ପାର୍ଶ୍ୱରେ ରଖିଥିଲା ସେ ପିଣ୍ଡା ଅକସ୍ମାତ୍ ଫାଟି ଏତାଦୃଶ ଦୁର୍ଦ୍ଦଶା ଜନ୍ମାଇଲା ତାହା କିପରି ସେଠାକୁ ଅଣା ଯାଇଥିଲା ତାହା ଜଣା ନାହିଁ । କୋଠହୋଏ ପିଣ୍ଡା-ରେ ତାହାର ପିତାର ହାଥୀ ପଡ଼ିଲା, ଇତ୍ୟାଦିରେ ସେ ଜନ୍ତୁ ନାହିଁ କିମ୍ବା ସେ ମୃତବ୍ୟକ୍ତିଙ୍କ ମଧ୍ୟରେ ଜଣେ ଥିବାର କିଛି ଜଣା ନ ପଡ଼ିଲା । ବକ୍ତେ-ତାର ଏକମାତ୍ର ସନ୍ତାନ ମାତା ଓ ଅନ୍ୟାନ୍ୟ ଏ ଘଟନାରେ କାଳ ପ୍ରାପ୍ତ ହୋଇ ଅଛନ୍ତି । ପୈତୃକ ଦୃଷ୍ଟିରେ ମେଡଞ୍ଚର ତାକୁ ଦାୟୀ ନ କଲେ ।

—ତ୍ରିପୁର ଜାମିଦ ସହେଲବାନ୍ ବବ୍ବଭଞ୍ଜଙ୍କ ସମ୍ବଲପୁରର ଡେପୁଟି ରମ ଏଠା କରିଙ୍ଗ ଉକ୍ତଙ୍କୁ ପଠାଇଥିଲା ଦରବାରପୁର ବିବାହ ଘଟେଣା ସେ ଚମକୁ ତାହା ଉକ୍ତଙ୍କୁ ପ୍ରେରିତ ହୋଇଥିବାର ହରିହରଙ୍କୁ କହୁ ତାହାଠାରୁ ଉମ ନେଇ ଅଛିବାକୁ କଲେ । ଏ ବିଷୟର ସ୍ୱହାର ଡିପ୍ଟୀମେଜିଷ୍ଟରଙ୍କ ନିକଟରେ ହେଲାର ସେ ଘଟେଣା ପ୍ରତି ଏକବର୍ଷ କାରାବାସ ଓ ଟ ୫୦୦ ଙ୍କା ଅର୍ଥଦଣ୍ଡ ବିଧାନ କଲେ ।

ଏତଦ୍‌ଦେଶୀୟ ସମ୍ବାଦପତ୍ରଦ୍ୱାରା ଅବଗତ ହେଲୁଁ ଯେ ମେଦନୀପୁରର ଅଦାଲତ କଚେରୀର ଦେଉଡ଼ି ସ୍ତମ୍ଭ ଏ ନଷ୍ଟ ହୋଇ ଯାଇଅଛି ଓ ସେ ଘର ଧସିପଡ଼ିଅଛି । ଅଦାଲତକୁ ବିଶୃଙ୍ଖଳ ନ ହୋଇ ବଡନାଗାଲସ୍ୱ ବୋଲିଲେ ବୋଲିଯାଇ ପାରେ ।

ଉକ୍ତ ପତ୍ରିକା ବୋଲନ୍ତି ମେଦନୀପୁରର ଜଣେ ମାଳୀ ବଡ଼ଦିନ ଉପଲକ୍ଷରେ ସେଠାର ଡେପୋଟୀ ମେଜିଷ୍ଟରଙ୍କ ନିକଟରେ ଗୋଟିଏ କୁନ୍ଦି ଡାଲି ଦେଇଥିଲା । ଡେପୋଟୀବାବୁ ତଦନ୍ତ କରି ଜାଣିଲେ ଯେ ମାଳୀ ଅପଣା ପ୍ରଭୁର ଅଜ୍ଞାତସାରରେ ତାଙ୍କ ଉଦ୍ୟାନରୁ ସେ ସାମଗ୍ରୀସବୁ ଆଣିଥିଲା ଅତଏବ ତାକୁ ପୁଲିସରେ ଅର୍ପଣ କଲେ । ଏଥିଁ ବଳିବର ଅଉ କ ପୁରସ୍କାର କିଅଛନ୍ତି !

ବମ୍ବେଇର ଗଣ୍ଡିଏ ସଂମ୍ବାଦପତ୍ରରେ ଲେଖା-ଅଛି ଯେ ସୁରଟ ନଗରରେ ଗତମାସ ତା ୨୨ ରାତି ଶୁକ୍ରବାର ଦିନରେ ଏପ୍ରକାର ଶୀତ ହୋଇଥିଲା ଯେ ଇଙ୍ଗ୍ରେଜରେ ବନ୍ଦର ଠାରେ ଦୁଇଜଣ ଦେଶୀୟଲୋକ ହୋଇଥିଲେ ସକାଳେ ଦେଖି-ଲା ବେଳକୁ ମରିଯାଇଥିଲେ । ସତୁଠା ଶୀତ ଏବର୍ଷ କ ମୃତ୍ୟୁକୁ ଯାଇଅଛି ନୋହିଲେ ଇଟକରେ କହି ଶୀତ ନାହିଁ କାହିଁକି ?

ଭାରତବର୍ଷର ଅର୍ଥ ବ୍ୟୟ ବିଷୟର ବିଷୟରେ ଲଣ୍ଡନ ନଗରରେ ଯେଉଁ କମିଟୀ ବସିଅଛି ତାହାଙ୍କ ସାକ୍ଷାତରେ ସାକ୍ଷ୍ୟ ଦେବାକାରଣ ଭାରତ-ବର୍ଷରୁ କେତେଜଣ ବୁଦ୍ଧିମାନ୍‌ଲୋକ ପଠାଇବାର ସ୍ଥିର କରି ତାହାଙ୍କ ପାଥେୟ ବ୍ୟୟ ନିମିତ୍ତ କେତେ ଟଙ୍କା ସଂଗ୍ରହ କରିବାକୁ ବମ୍ବେଇ ଅସୋସିଏସନ ନାମକ ସଭା ଯତ୍ନ କରୁଅଛନ୍ତି । କାର୍ଯ୍ୟଟି ମନ୍ଦ ନୁହଇ ଦୁଃଖର ବିଷୟ ଯେ ଅନ୍ୟାନ୍ୟ ସ୍ଥାନର ଲୋକମାନେ ଏସବୁ କର୍ମର ମର୍ମ ଗ୍ରହଣ କରିବାକୁ ସମର୍ଥ ହେଉ ନାହାନ୍ତି ।

ଟେଲିଗ୍ରାଫ୍‌ଦ୍ୱାରା ଅବଗତ ହେଲୁଁ ଯେ ମହା-ମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନେରଲ୍ ସାହେବ ଗତମାସ ତା ୧୯ ରାତ୍ରରେ କଲିକତାରୁ ଫେର ଅଧିଶ୍ୟାମର ଗ୍ରାମଙ୍କ ସଙ୍ଗେ ଭେଟିବେ । ସେଠାରୁ ଏହିମାସ ତା ୨୫ ରାତ୍ରରେ ରଙ୍ଗୁନକୁ ଯାଇ ତା ୩୦ ରାତ୍ର ପର୍ଯ୍ୟନ୍ତ ସେଠାରେ ରହିବେ ତଦ୍ଭିନ୍ନ ମୋଲମିନ ଓ ଆଣ୍ଡମାନ ଦ୍ୱୀପ ଭ୍ରମଣକର ବ୍ଲେୟର ନାମକ ବନ୍ଦରଠାରୁ କଟ-କକୁ ଯାଇବେ ଓ ଶ୍ରୀଯୁକ୍ତ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବଙ୍କ ସମଭିବ୍ୟାହାରରେ ଓଡ଼ି-ଶାରେ ଭେଟିବ ବାବତର ଫେବ୍ରୁଆରୀମାସ ତା ୧୯ ରାତ୍ର ପର୍ଯ୍ୟନ୍ତ ପୁନର୍ବାର କଲିକତାରେ ପହଞ୍ଚିବେ ।

କାବୁଲଲୋକଙ୍କ ମଧ୍ୟରେ ଅଧିକାଂଶ ଚୋର ଦେଖାଯାନ୍ତି । ବମ୍ବେଇ ଗେଜେଟ ବୋଲନ୍ତି ଯେ ପୁନାରେ ଅନେକ ଲୋକଙ୍କ ଘରେ ଚୋରି ହେବାରୁ ପୁଲିସ କମିଶନର ବିରକ୍ତ ହୋଇ ଚୋରଧରିବା ପୁଲିସକୁ କଠିନଆଜ୍ଞା ଦେଲେ ସେମାନେ ଉତ୍ତମ ଅନୁସନ୍ଧାନ କରି ଛଅଜଣ କାବୁଲ ଚୋର ମାଲ ସହିତ ଗିରଫ୍ତାର କଲେ ଏମାନେ କଟକ ନିମିତ୍ତ କାବୁଲକୁ ପ୍ରେରିତ ହୋଇ ଅଛନ୍ତି ।

ନାଗପୁରର ପ୍ରଧାନ କମିଶନର ଗତସପ୍ତାହରେ ଏନଗରରେ ପ୍ରବେଶ ହୋଇ ଛତିଶଗଡ଼ ବାସ୍ତ-ବିଭାଗ ଦର୍ଶନର ବାଟେ କଲିକତାକୁ ଗମନ କଲେ । ସେଠାରେ ମହାମାନ୍ୟ ଗବର୍ଣ୍ଣର ଜେ-ନେରଲଙ୍କ ସହିତ ସାକ୍ଷାତ କରି ଜବ୍ବଲପୁରରେ ଚଳିତମାସ ତା ୨୨ ରାତ୍ରରେ ପ୍ରବେଶ ହେବେ ଓ ମଣ୍ଡଲାଇଣ୍ଡାର ସ୍ଥାନମାନ ଭ୍ରମଣକରି ଫେବ୍ରୁ-ଆରୀମାସ ତା ୨୨ ରାତ୍ର ପର୍ଯ୍ୟନ୍ତ ନାଗପୁରରେ ପ୍ରବେଶ ହେବେ ।

Digitized by srujanika@gmail.com

Split by PDF Splitter



କଲିକତାରେ ଶ୍ରୀଯୁକ୍ତ ଡି, ଏଫ, ହାଲିଡେ ସାହେବ ବଙ୍ଗଦେଶୀୟ ଧନାଧ୍ୟକ୍ଷୀୟ ଅସ୍ଥାୟୀମାନ ହିସାବ ପ୍ରସ୍ତୁତ କରିବାର ଉଦ୍ୟମମାନ ଏକତ୍ରିତ କରି ଲେଖୁଅଛନ୍ତି । ଏହାଙ୍କ ସାହାଯ୍ୟ ନିମିତ୍ତ ଏଠାରୁ ଜଣେ ଲୋକ ପ୍ରେରିତ ହେବା କାରଣ ଡେପ୍ୟୁଟୀ ଏବ ଚେଞ୍ଜ ଅଫିସ ହେବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବାବୁ ଶ୍ୟାମାଚରଣ ଦେଙ୍କୁ କଲିକତା ଯିବା ପାଇଁ ଆଜ୍ଞା ଦେଇଅଛନ୍ତି ଓ ସେ ମଧ୍ୟ ଏଥିରେ ସମ୍ମତ ଅଛନ୍ତି । ଏ ବାବୁ ଅତି ପୁରାତନ ଲୋକ ବହୁକାଳରୁ ଗବର୍ଣ୍ଣମେଣ୍ଟ ହିସାବ ମହକୁମାରେ କାର୍ଯ୍ୟ କରିଥିବାରୁ ସକଳ ବିଷୟରେ ଅବଗତ ଅଛନ୍ତି ।

କେତେକ ସମ୍ଭ୍ରାନ୍ତ ସ୍ତ୍ରୀମାନେ ଏଥିର ଦାଣ୍ଡକୁ ବାହାରିଲେଣି । ଇଣ୍ଡିଆନ ଡେଲିନ୍ୟୁସ ଲେଖନ୍ତି ଯେ ବାବୁର ମିତ୍ତଲ ସାହେବଙ୍କ ଗୃହରେ ସୋଇରି ପାର୍ଟି ହୋଇଥିଲା ସେଠାକୁ ମିସେସ ଜି ଦତ୍ତ, ଏସ, ବାନର୍ଜ୍ଜୀ, ମିସେସ ଆର, ବି, ଘୋଷ, ମିସେସ ହେମାଙ୍ଗିନୀ ଘୋଷ ଓ ମିସେସ ସୌଦାମିନୀ ଦାସ ଇତ୍ୟାଦି ସମ୍ଭ୍ରାନ୍ତ ସ୍ତ୍ରୀମାନେ ଯାଇଥିଲେ ।

ଏମନ୍ତ ଶୁଣାଯାଏ ଯେ ବଙ୍ଗଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଫେବୃଆରୀ ମାସ ମଧ୍ୟଭାଗରେ କଲିକତାରେ ପହଞ୍ଚିଥିବେ ଓ ସେଠାରୁ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲଙ୍କ ସଙ୍ଗତ ଦେଖାକୁ ଯିବେ । ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ସାହେବ ଦିଲ୍ଲୀରେ କିଛିଦିନ ରହି କଲିକତାକୁ ଯେଉଁ ଅଭି ଭଙ୍ଗ୍ୟାତ ଛାଂଦରଶ-ଙ୍କର ଉତ୍ସବକୁ ଯାଇ ରହିବେ ଓ ଫେବୃଆରୀ ମାସ ମଧ୍ୟଭାଗରେ କଲିକତାକୁ ଫେରିଆସିବେ ।

କଟକର ଏକ ବିକ୍ରୟରେ ଦେଖା ଥାଉ ହେଲାଣି ଯେ ଶବ୍ଦ ସମ୍ବାଦମାନ ଅସୁଅଛି ଗନ୍ତବ୍ୟ ପ୍ରକାଶ ଯେ ଇଂରାଜ ସେନାମାନେ ଏକ ଗ୍ରାମ ଆକ୍ରମଣ କରି ସେଠାର ପଲ୍ଲୀବାସୀଙ୍କୁ ସୋଡ଼ ଦେଇଅଛନ୍ତି । ଏବେ ସାମାନ୍ୟ ସୁବ ହେଉଅଛି ଯେ ଉଦ୍ଧ୍ୱରେ ଦୂରଦେଶର ଲୋକ ଦୂର ଗ୍ରାମରୁ ମାରିପଡ଼ିଅଛନ୍ତି । ପ୍ରକୃତରୂପେ ଯୁଦ୍ଧ ହେବାର ସମ୍ଭବ ନାହିଁ ହେବାର ଅବଧି କେଉଁ ଯୁଦ୍ଧ ହୋଇ ନାହିଁ । ଆଜ ପୋତ୍ତ ହେବାରେ କେତେ ବିଳମ୍ବ ଅଛି ଅମ୍ଭେମାନେ ବୁଝିପାରୁ ନାହୁଁ ।

ଅନେକସ୍ଥାନରେ ଏ ବର୍ଷ କଣା ଫସଲ ଉତ୍ତମ ହୋଇଅଛି । ଅନୁମାନ ହୁଅଇ ୩୪ ଲକ୍ଷ ବସ୍ତା ଚିନି ଉତ୍ପନ୍ନ ହେବ ।

ବଙ୍ଗାଲିର ସମ୍ବାଦପତ୍ରରେ ଲେଖାଅଛି ଯେ କଟାଲିର କଲେକ୍ଟରେ ଜଣେ ଦ୍ୱିଜ ଗୃହ ବସତି କରି ଏକ ଘୋଷଣାପତ୍ର ଦେଇଅଛି ଯେ ବିଧବା ସ୍ତ୍ରୀମାନେ ତାହା ମନ୍ଦିରକୁ ଆସି ଇଷ୍ଟଦେବ ମଧ୍ୟ ପ୍ରତ୍ୟକ୍ଷ ପୂଜା କଲେ ସ୍ୱର୍ଗୀୟ ଦିନ ମଧ୍ୟରେ ଆପଣା ମୃତସ୍ୱାମୀମାନଙ୍କୁ ପୁନଃପ୍ରାପ୍ତ ହେବେ । ଏଥିରୁ ଟେକ୍ନିସ୍ଟ ଅନ୍ତ ବୋଲନ୍ତି କି ଏମନ୍ତ ଅଥବା ସ୍ତ୍ରୀମାନେ ବିଦ୍ୟାସାଗର ମହାଶୟଙ୍କ ନିକଟରେ ପ୍ରାର୍ଥୀ ହେଲେ ଇଚ୍ଛାନୁରୂପ ନୂତନ ସ୍ୱାମୀ ପାଇପାରନ୍ତେ ।

ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ ଗତ ୨୩ ତା ଡିସେମ୍ବର ଶନିବାର କୃଷ୍ଣପୁରଶାସନ ବଙ୍ଗୋତ୍କଳବିଦ୍ୟାଳୟସ୍ଥ ବାଳକମାନଙ୍କର ପାରିତୋଷିକ କାର୍ଯ୍ୟ ସମାଧାନ ହେଲା । ବାଳକମାନଙ୍କୁ ଉତ୍ସାହ ଦେବା ନିମନ୍ତେ ଯେଉଁ ସବୁ ଭଦ୍ରବ୍ୟକ୍ତିମାନଙ୍କୁ ଆହ୍ୱାନ କରାଯାଇଥିଲା ତନ୍ମଧ୍ୟରୁ ଅଧିକାଂଶ ଉପସ୍ଥିତ ଥିଲେ । ପାରିତୋଷିକ ପ୍ରଦାନାନନ୍ତର କେହି ଭଦ୍ରବ୍ୟକ୍ତି ବ୍ୟକ୍ତ କଲେକି ଅଦ୍ୟାପି ଏକବର୍ଷ ଅତୀତ ହେଲା ଗବର୍ଣ୍ଣମେଣ୍ଟ ସାହାଯ୍ୟ ପ୍ରାପ୍ତ ହୋଇବାରୁ ଅମ୍ଭେମାନେ ନିରୁତ୍ସାହ ହେଉଅଛୁଁ ଏବଂ ଅମ୍ଭମାନଙ୍କ ଦୁର୍ଭାଗ୍ୟ ଶିକ୍ଷକଦ୍ୱାରା ନ୍ୟାୟ୍ୟରୂପେ କାର୍ଯ୍ୟ ନିର୍ବାହ ନ ହେଲେ ମଧ୍ୟ ଅଧିକ ଉପଯୁକ୍ତ ଲୋକ ନିଯୁକ୍ତ କରିବାକୁ ସାହସୀ ହେଉ ନାହୁଁ । ଅମ୍ଭମାନଙ୍କର ବଦାନ୍ୟବର ଦୟାଶୀଳ ଗବର୍ଣ୍ଣମେଣ୍ଟ କି ହେତୁ ଅମ୍ଭମାନଙ୍କ ପକ୍ଷରେ କୃପାଦୃଷ୍ଟି କରୁ ନାହାନ୍ତି ତାହାର ପ୍ରକୃତ କାରଣ କି ତାହା ଜାଣିବାକୁ ଅମ୍ଭମାନଙ୍କ ମନ ବାଞ୍ଛା ଅଛି ।

ଅମ୍ଭେ ଉପରୋକ୍ତ ବ୍ୟକ୍ତିର ପ୍ରସ୍ତାବ ଶ୍ରବଣ କରି ବିସ୍ମିତ ଲଜ୍ଜିତ ହେଲୁଁ କାରଣ ଅମ୍ଭେ ବିଦ୍ୟାଳୟର କାର୍ଯ୍ୟାରମ୍ଭ ହେଲା କାଳରୁ କହି ଆସୁଅଛୁଁ କି ଅଚିରାତ୍ ଗବର୍ଣ୍ଣମେଣ୍ଟ ସାହାଯ୍ୟ ପ୍ରାପ୍ତ ହେବ । ତାହା କହିବାର ହେତୁ ଏହି ଯେ ସେଉଁକାଳର ଡେପ୍ୟୁଟୀ ଇନସ୍ପେକ୍ଟର ମହାଶୟ ବିଦ୍ୟାଳୟ ପକ୍ଷରେ ଅନୁକୂଳାଚରଣ କରି ଇନସ୍ପେକ୍ଟର ମହୋଦୟଙ୍କୁ ଅନୁରୋଧ କରିଥିଲେ ଏବଂ ଇନସ୍ପେକ୍ଟର ମହୋଦୟ ସେଉଁକାଳାବଧି ଡାଇରେକ୍ଟର ସାହେବଙ୍କ ମଞ୍ଜୁରୀପାଇଁ ଲେଖିଅଛନ୍ତି ତାହା କାର୍ଯ୍ୟରେ ପରିଣତ ହୋଇଥିଲେ ଅନେକ ଦିନରୁ ଏହି ବିଦ୍ୟାଳୟର ସାହାଯ୍ୟ ମଞ୍ଜୁର ହୋଇ ସରନ୍ତା । ବର୍ତ୍ତମାନ ଦେଶସ୍ଥ ବହୁବିଦ୍ୟାଳୟମାନ ନ ବସନ୍ତି । ଡେପ୍ୟୁଟୀ ଇନସ୍ପେକ୍ଟରମାନେ ସାହାଯ୍ୟ ମଞ୍ଜୁରୀ ପାଇଁ ଅନୁରୋଧ କରନ୍ତି ଏବ ସାହାଯ୍ୟ ପାଇ ପାରିଲେ ମାତ୍ର ଦଶ ଏକବର୍ଷ ବାଦେ ଗୃହ ନିର୍ମାଣାଦି କାର୍ଯ୍ୟ କରିବାକୁ ସମ୍ପାଦକମାନଙ୍କୁ ଅନୁରୋଧ କରନ୍ତି, ଏହା ଅମ୍ଭେ ପ୍ରତ୍ୟକ୍ଷ ଦେଖି ଆସିଅଛୁଁ । ମାତ୍ର ଉତ୍କଳଦେଶର ହିତୈଷୀ ଗବର୍ଣ୍ଣମେଣ୍ଟମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଅବଲୋକନ କରନ୍ତୁ ଯେ ଏଦେଶ ଏଦେଶୀୟ ଲୋକମାନଙ୍କର ଜ୍ଞାନ ବା ଅବସ୍ଥାର ଉନ୍ନତି ବିଷୟରେ କିଛିମାତ୍ର ଦୃଷ୍ଟି ପଡ଼ୁ ନାହିଁ ତହିଁରେ ଅଗ୍ରେ ଗୃହ ନିର୍ମାଣାଦି କାର୍ଯ୍ୟ ସମ୍ପାଦନ କରି ଏ ୪ ୧୫ ଙ୍କା ସ୍ଥାନୀୟ ଲୋକଙ୍କ ଦାନରୁ ଏକବର୍ଷକାଳ ପର୍ଯ୍ୟନ୍ତ ବିଦ୍ୟାଳୟର କାର୍ଯ୍ୟ ଅତିବାହିତ ହେଲେ ମଧ୍ୟ ଗବର୍ଣ୍ଣମେଣ୍ଟ ଅଦ୍ୟାପି ସାହାଯ୍ୟ ପ୍ରଦାନ ବିଷୟରେ କିଛିମାତ୍ର ଉତ୍ତର ପ୍ରଦାନ କରୁ ନାହାନ୍ତି । ଅତଏବ ଏଥିସବୁ କାର୍ଯ୍ୟ ପର୍ଯ୍ୟାଲୋଚନା କରି ସଭାସଦ ବ୍ୟକ୍ତିଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଅତୀବ ଲଜ୍ଜିତ ହୋଇ ରହିଲୁଁ କି ତୁମ୍ଭେମାନେ କଦାପି ନିରୁତ୍ସାହ ନ ହୁଅ ଗବର୍ଣ୍ଣମେଣ୍ଟ ସାହାଯ୍ୟ ନ ଦେଲେ ମଧ୍ୟ ଅମ୍ଭେ ନିଜ ବେତନରୁ କିଛି ସାହାଯ୍ୟ କରି ଏହି ବିଦ୍ୟାଳୟର ସ୍ଥାୟୀ ବିଷୟରେ ଯତ୍ନବାନ ହେବୁଁ ।

ସମ୍ପାଦକ ମହାଶୟ ! ଆପଣ ଏ ଦେଶର ସମସ୍ତ କାର୍ଯ୍ୟ ଅହରହ ପର୍ଯ୍ୟାଲୋଚନା କରୁଅଛନ୍ତି ଓ ସ୍ୱୟଂ ଦୂରଦର୍ଶୀ, ବା ସ୍ୱୟଂ ପରକୀୟ ଦେଶର କେତେ କେତେ ବାଦଶାହୀ ଘଟନା ଅବଲୋକନ କରୁଅଛନ୍ତି ତେବେ କି କାରଣ ଦେଶର ଉନ୍ନତି ପକ୍ଷରେ ଉଦାସୀନ ହେଉଅଛନ୍ତି ?

ଶାଂଦ୍ୟ ଶ୍ରୀ ପ୍ରଭାକର ଶର୍ମ୍ମା ।
କୃଷ୍ଣପୁର ବିଦ୍ୟାଳୟର ସମ୍ପାଦକ ।

ମୂଲ୍ୟପ୍ରାପ୍ତି ।

ବାବୁ ରାମଚନ୍ଦ୍ର ଭଞ୍ଜଦେବ କେନ୍ଦ୍ରାପଡ଼ା କସାବା ୫୮୦ ଙ୍କା

ଏହି ଉତ୍କଳଦୀପିକା ସହର କଟକ ଦଗ୍ଧୀବଜାର କଟକପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା


ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ... ସଂଖ୍ୟା ... | ତା୨୦ରିଖ ଜାନୁଏରୀ ସନ୧୮୭୨ମସିହା ମୁ। ମାଘ ବ ୯ ନ ସନ ୧୨୭୯ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪॥ ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ ମଫସଲ ପାଇଁ ଡାକମାସୁଲ ୧୷



ବିଜ୍ଞାପନ

## ନୂତନ ପଞ୍ଜିକା।

ଆଗାମୀବର୍ଷ ଅର୍ଥାତ ସନ ୧୮୭୨।୭୩ ମସିହାର ଉତ୍କଳ ନୂତନପଞ୍ଜିକା ପ୍ରସ୍ତୁତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ପ୍ରତ୍ୟେକ ୵୦ ଓ ଡାକରେ ପଠାଇବା କାରଣ ମାସୁଲ ୵୦ କେବଳ ନଗଦ ମୂଲ୍ୟରେ ବିକ୍ରୟ ଓ ଯେଉଁମାନେ ଏକଥରେ ଶତସଂଖ୍ୟା ଅଧିକ ନେବେ ସେମାନଙ୍କୁ ଶତକରା ୵୧୦ କା ଲେଖାଏଁ କମିଶନ ଦିଆଯିବ। ଯାହାଙ୍କର ପଞ୍ଜିକା ପ୍ରୟୋଜନ ସେମାନେ ଶୀଘ୍ର ଆମ୍ଭ ନିକଟରେ ପ୍ରାର୍ଥନା କରନ୍ତୁ ନୋହିଲେ ଗତବର୍ଷ ପ୍ରାପ୍ତ ପ୍ରାନ୍ତିରେ କଷ୍ଟ ହୋଇପାରେ କାରଣ କେବଳ ପ୍ରୟୋଜନାନୁସାରେ ଅଳ୍ପସଂଖ୍ୟା ଛପା ହୋଇଅଛି।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ।


## ମହାମାନ୍ୟ ଗବର୍ଣ୍ଣରଜେନରଲସାହେବଙ୍କ ଦରବାର।

ଏ ମହୋଦୟଙ୍କର ଏହି ପ୍ରଥମଥର କଟକନଗରକୁ ଆଗମନ ହେଉଅଛି ଏଠାକୁ ଆସି ଅଶେଷ ସମ୍ଭ୍ରାନ୍ତଲୋକ ଅର୍ଥାତ ଯେଉଁମାନେ ତାହାଙ୍କ ସହିତ ସାକ୍ଷାତ ଯୋଗ୍ୟ ସେମାନଙ୍କୁ ଦେଖିବାନିମନ୍ତେ ଗୋଟିଏ ବୃହତ୍ ଦରବାର ହେବ। ଏହି ଦରବାରର ସ୍ଥାନ କଲ୍ଲାପଡ଼ିଆରେ ହେବାର ସ୍ଥିରହୋଇ ସେଠାରେ ଗୋଟିଏ ବୃହତ ଗୃହ ନିର୍ମାଣ ହେଉଅଛି ଓ ସଭାରେ ଉପସ୍ଥିତ ହେବା କାରଣ ଉପର ଓ ତଳ ଗଡ଼ଜାତରାଜାମାନେ ପ୍ରଧାନ୨ ଜମିଦାର ଓ ଅନ୍ୟ ସମ୍ଭ୍ରାନ୍ତବ୍ୟକ୍ତି ଏବଂ ସରକାରୀ ଉଚ୍ଚକର୍ମକାରକଙ୍କୁ ଉପସ୍ଥିତ ହେବାଲାଗି ଶ୍ରୀଯୁକ୍ତ କମିଶନରସାହେବ ଆମନ୍ତ୍ରଣପତ୍ର ପଠାଉଅଛନ୍ତି। ଉପର ଗଡ଼ଜାତ ରାଜାମାନଙ୍କୁ ଦୁଇଶହଟଙ୍କା ଲେଖାଏ ଏବଂ ତଳ ଗଡ଼ଜାତ ରାଜାମାନଙ୍କ ଏକଶତ ଟଙ୍କା ଲେଖାଏ ଭେଟୀ ଦେବାକୁ ହେବ ଓ ସେମାନେ ତହିଁ ପରିବର୍ତ୍ତରେ ଖେଲାତ ପାଇବେ। ଜମିଦାରମାନଙ୍କ ପକ୍ଷରେ ଭେଟୀ ଖେଲାତ କିଛି ନାହିଁ। କେବଳ ସଭାରେ ଉପସ୍ଥିତ ହେବେ।

ଇଂଲଣ୍ଡଦେଶରେ ରାଜନୀତିର ଅବସ୍ଥା ଯେପ୍ରକାର ହେଉ ଭାରତବର୍ଷରେ ଶ୍ରୀ ଶ୍ରୀ ମହାରାଣୀଙ୍କର ଅଧିପତ୍ତି ବାଦସାହଙ୍କ ନିୟମରେ ଚଳଇ ଓ ମହାରାଣୀ ଏଠାରେ ନାହାନ୍ତି ବୋଲି ତତ୍ ପ୍ରତିନିଧି ଶ୍ରୀଯୁକ୍ତ ଗବର୍ଣ୍ଣରଜେନେରଲଙ୍କଦ୍ୱାରା ତାହା ହୁଅଇ। ଅତଏବ ଦରବାର କରିବା ଏହାଙ୍କ ପ୍ରଧାନ କର୍ମ ଅଟଇ ଓ ଏଥିର ତାତ୍ପର୍ଯ୍ୟ ଏହି ଯେ ଅଧୀନ ପ୍ରଧାନବ୍ୟକ୍ତିମାନେ ରାଜାଙ୍କସହିତ ଭେଟ କରି ଆପଣା ଅଧୀନତା ସ୍ୱୀକାର କରିବେ ଓ ରାଜଭକ୍ତିପଣ ଦେଖାଇବେ ଏବଂ ରାଜା ଆପଣାର ମହତ୍ତ୍ୱ ପ୍ରଦର୍ଶନ ପୂର୍ବକ ଯାହାର ଯେପ୍ରକାର ମର୍ଯ୍ୟାଦା ତାହାକୁ ସେପ୍ରକାର ସମ୍ମାନ ଦେଇ କୃତାର୍ଥ କରିବେ। ପ୍ରଜାପ୍ରଜାମଧ୍ୟରେ ଏହିରୂପେ ସଦ୍ଭାବ ବର୍ଦ୍ଧିତ ହେବ। ରାଜାଙ୍କୁ ଭେଟୀଦେଇ ପ୍ରଧାନବ୍ୟକ୍ତିମାନେ ତାହାଙ୍କର ଯେମନ୍ତ ସମ୍ମାନ କରନ୍ତି ତେମନ୍ତ ରାଜା ସେମାନଙ୍କୁ ଶିରୋପା ବା ଖେଲତ ଦେଇ ତାହାଙ୍କ ମର୍ଯ୍ୟାଦା ବଢ଼ାନ୍ତି। ଏରୂପ ବିବେଚନାରେ ଦରବାର ସମୟରେ ସମସ୍ତ ସମ୍ଭ୍ରାନ୍ତବ୍ୟକ୍ତିଙ୍କର ଉପସ୍ଥିତ ହେବାର ଉଚିତ ଓ ଯେଉଁ ବ୍ୟକ୍ତିଙ୍କୁ ଆମନ୍ତ୍ରଣ ହେଲେହେଁ ସେ ଉପସ୍ଥିତ ନ ହୁଅଇ ସେ ବ୍ୟକ୍ତି ରାଜାଙ୍କୁ ସମ୍ମାନ କଲା ନାହିଁ ବୋଲି ଅର୍ଥ ହୁଅଇ। ସନ ୧୮୭୦ ମସିହା ଅକ୍ଟୋବରମାସରେ ରାଜପୁତାନାରେ ଏହି ଗବର୍ଣ୍ଣରଜେନରଲ ସାହେବ ଦରବାର କରିଥିଲେ ତହିଁରେ ଯୋଧପୁରର ମହାରାଜ ଉଦୟପୁରର ମହାରାଜଙ୍କ ଠାରୁ ଅଧିକ ସମ୍ମାନ ପାଇବା ଅଭିମାନ କରିବା ଓ ତାହା ସିଦ୍ଧ ନ ହେବାରୁ ଦରବାରରେ ଉପସ୍ଥିତ ହେଲେ ନାହିଁ ଏଥିରେ ଗବର୍ଣ୍ଣର ଜେନରଲ ସାହେବ ଅତ୍ୟନ୍ତ ବିରକ୍ତ ହୋଇ ମହାରାଜଙ୍କୁ ତତ୍କ୍ଷଣାତ୍ ଇଂରାଜଙ୍କ ଅଧିକାର ଛାଡ଼ି ଆପଣା ଅଧିକାର ମଧ୍ୟକୁ ଯିବାକୁ ଆଜ୍ଞା ଦେଲେ ଓ ତାହାଙ୍କ ବିଦାୟ ସମୟରେ ଯେତେ ତୋପ ସଲାମୀ ଦେବାର ଆଜ୍ଞା ଥିଲା ତାହା ଏକାବେଳକେ ରହିତ ହେଲା ଓ ଗବର୍ଣ୍ଣର ଜେନରଲ ତାହାଙ୍କ ରାଜ୍ୟଦେଇ ଯିବା ସମୟରେ ଯେଉଁ ସଲାମୀ ଗ୍ରହଣ କରିଥିଲେ ତାହା ଗ୍ରହଣ କରିବାକୁ ନିଷେଧ କଲେ।

Split by PDF Splitter

Digitized by srujanika@gmail.com

Split by PDF Splitter



ଉପରଲିଖିତ ବିଷୟରେ ଅବଶ୍ୟ ରାଜାମାନେ ବିବେଚନା କରିବେ ଯେ ଦରବାରକୁ ଆସିବା କେବଳ ସୁଖଭୋଗ କରିବାର କଥା ନୁହଇ ଏହା ନିତାନ୍ତ କର୍ତ୍ତବ୍ୟ କର୍ମ ଅଟଇ ଓ କୌଣସି ଆପତ୍ତିରେ ଏଥିରୁ ଅନ୍ତର ରହିବା ଦୁର୍ମ୍ମତିର କାର୍ଯ୍ୟବୋଲି ଗଣ୍ୟ ହୋଇପାରେ ଅମ୍ଭେମାନେ ଆଶଙ୍କା କରୁଅଛୁଁ ଯେ ଏଠା ଗଡ଼ଜାତ ରାଜାମାନେ ଆପଣା୨ ମର୍ଯ୍ୟାଦାର କେତେକ ବୃଥା ଅଡମ୍ବର ରଖନ୍ତି ସେଥିକୁ ଧର ବର୍ତ୍ତମାନ କାର୍ଯ୍ୟ କଲେ ଚଳିବ ନାହିଁ ବର୍ତ୍ତମାନରେ ଇଂରାଜ ଗବର୍ଣ୍ଣମେଣ୍ଟରେ ଯେ ଯେମନ୍ତ ମର୍ଯ୍ୟାଦା ପାଉଥିବେ ତାହାହିଁ ଗ୍ରହଣ କରିବେ । ଆପଣା ଗଡ଼ରେ ବସି ଆପଣାକୁ କେହି ରାଜା ବଡ ଜାଣିକରି ଅନ୍ୟ ରାଜା ପ୍ରାପ୍ୟ ମର୍ଯ୍ୟାଦା ପାଇବେ ନାହିଁ ବୋଲି ଯେମନ୍ତ କେହି ରାଜ ଦରବାରକୁ ଆସିବାରୁ ପରାଙ୍ମୁଖ ନ ହୁଅନ୍ତି ଏହି ଆମ୍ଭମାନଙ୍କର ଆଶା ଅଟଇ । ପ୍ରାଚୀନ ବ୍ୟବସ୍ଥାନୁସାରେ ଯେଉଁ ରାଜାର ଯେରୂପ ମର୍ଯ୍ୟାଦା ହେଉ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଦରବାରରେ ପାରଳୁଦର ରାଜା ଏବଂ ଢେଙ୍କାନାଳର ମହାରାଜ ଅଧିକ ସମ୍ମାନ ପାଇଅଛନ୍ତି ଯେବେ ଏହାଙ୍କୁ ଅଧିକ ମର୍ଯ୍ୟାଦା ଦିଆଯାଏ ତେବେ ଅନ୍ୟ ରାଜାମାନେ କ୍ଷୋଭିତ ନ ହୋଇ ବରଂ ଯେହିରୂପ କାର୍ଯ୍ୟ କରିବାଦ୍ୱାରା ଯେରୂପେ ଭବିଷ୍ୟତରେ ସମ୍ମାନ ପାଇବେ ତହିଁର ଚେଷ୍ଟା କରନ୍ତୁ ଓ ସମ୍ପ୍ରତି ସେମାନଙ୍କ ବିଷୟରେ ଯାହା ବିଚାର ହେବ ତହିଁରେ ତୁଷ୍ଟ ହୋଇ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କର ସାକ୍ଷାତଲାଭ କରନ୍ତୁ ।

---

## ମହାମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲଙ୍କ ଓଡ଼ିଶାକୁ ଆଗମନ ।

ସନ ୧୮୭୨ ମସିହାରେ ଓଡ଼ିଶାର ଭାଗ୍ୟ ଯେମନ୍ତ ଉଦୟ ହେବାର ଦେଖାଯାଏ ଏମନ୍ତ ଇଂରାଜଙ୍କ ଶାସନାଧୀନରେ ଏ ଦେଶ ଅଛିଲା ଦିନୁ ଦେଖାଯାଇ ନାହିଁ । ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ଶ୍ରୀ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି । ଓଡ଼ିଶା ପ୍ରାୟ ସାମାନ୍ୟସ୍ଥାନକୁ ତାହାଙ୍କର ଆଗମନ ହେବ ବଡ଼ ଭାଗ୍ୟର ବିଷୟ ଅଟଇ । ବଙ୍ଗଳାରେ ଓଡ଼ିଶା ଅପେକ୍ଷା ବହୁତ ଉତ୍ତମ ଓ ଶୋଭିତ ସ୍ଥାନମାନ ଅଛି ସେ ସବୁକୁ ଏ ମହୋଦୟଙ୍କର ଗମନ ହୁଅଇ ନାହିଁ କେବଳ ପଶ୍ଚିମାଞ୍ଚଳର ପ୍ରଧାନ୨ ସ୍ଥାନରେ କଦାଚ ଏହାଙ୍କର ଦର୍ଶନଲାଭ ହୁଅଇ ନୋହିଲେ କଲିକତା ଓ ଶିମଲାପର୍ବତରେ ବାସକର ସମସ୍ତ ଗତ ହୁଅଇ । ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିଲା ଦିନଠାରୁ ଏହାପରି ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ମନ ଆକର୍ଷିତ ହୋଇଅଛି ଓ ସେହି ଦୁର୍ଭିକ୍ଷ ନିବାରଣର ପ୍ରଧାନ ଉପାୟ ଜଳପ୍ରଣାଳୀ ନିର୍ମାଣ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ଆଗମନର ହେତୁ ହୋଇଅଛି କାରଣ ସେହି ସବୁ କାର୍ଯ୍ୟ ସନ୍ଦର୍ଶନ କରିବା ସକାଶେ ସେ ଆସୁ ଅଛନ୍ତି । ଯାହା ହେଉ ଏଥର ନିଶ୍ଚୟ ହୋଇଅଛି ଯେ ଉକ୍ତ ମହୋଦୟ ଏଠାକୁ ବିଜେକରିବେ ଓ ଆଗାମୀ ମାସ ତା ୧୪ ରିଖରେ କଟକନଗରରେ ପ୍ରବେଶ ହେବାର ସ୍ଥିର ହୋଇଅଛି ।

ଅମ୍ଭେମାନେ ପୂର୍ବେ ଲେଖିଅଛୁଁ ଯେ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ସାହେବ ଶ୍ରୀ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି ଅତଏବ ଏତଦ୍ଦେଶୀୟ ଲୋକଙ୍କର କର୍ତ୍ତବ୍ୟ ଯେ ତାହାଙ୍କର ଯଥୋଚିତ ସମ୍ମାନ ପୂର୍ବକ ରାଜଭକ୍ତି ପ୍ରଦର୍ଶନ କରିବେ । କେରୂପେ ତାହାଙ୍କର ସମ୍ମାନ କର୍ତ୍ତବ୍ୟ ଅଦ୍ୟାପି ନିଶ୍ଚୟରୂପେ ଧାର୍ଯ୍ୟ ହୋଇ ନାହିଁ କିନ୍ତୁ ଉତ୍କଳୋତ୍ସାହିନୀ ସଭାର ପ୍ରସ୍ତାବ ମତେ ଏ ନଗରସ୍ଥ ସମସ୍ତ ଶ୍ରେଣୀର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଲେଭିଲ୍ ଉକ୍ତ ବ୍ୟୟ ନିମିତ୍ତ ଅର୍ଥ ସଂଗ୍ରହ କରୁଅଛନ୍ତି ଯେତେ ଟଙ୍କା ଉଠିବ ତହିଁକି ଗହିଁ କାର୍ଯ୍ୟ ହେବ ମାତ୍ର ସୁଖର ବିଷୟ ଯେ କଟକ ଅତି ସାମାନ୍ୟ ଓ ଦରିଦ୍ର ନଗର ହେଲେ ହେଁ ପାଞ୍ଚଶତ ଟଙ୍କା ସରିକ ଚାନ୍ଦା ସ୍ୱାକ୍ଷରିତ ହେଲାଣି ଓ ଅଧିକ ହୁଏ ଏକଶତ ଟଙ୍କାର ଆଶା ଅଛି । ଏଥିରୁ ଜଣାଯାଏ ଯେ ଏ ନଗରସ୍ଥ ଲୋକେ ରାଜଭକ୍ତି ପ୍ରଦର୍ଶନ କରିବାକୁ ଯତ୍ପରୋନାସ୍ତି ତତ୍ପର ଅଟନ୍ତି ପୁଣି ଏଥିରେ ଅଧିକ ପ୍ରଶଂସାର ବିଷୟ ଏହି ଯେ ସାମାନ୍ୟ ବେତନଭୋଗୀ ଅମଲାମାନେ ମଧ୍ୟ ସାଧ୍ୟାନୁସାରେ ଚାନ୍ଦା ଦେବାକୁ ଅଗ୍ରସର ହୋଇ ଅଛନ୍ତି ଓ ଯଦ୍ୟପି କ ଦେଲେ ଶୁଭଏ ଉତ୍କଳ ଉତ୍ସାହିନୀ ସଭାରୁ ପ୍ରଥମେ ପ୍ରସ୍ତାବ ବାହାରିବା ହେତୁରୁ ଏନେକବଡ଼ ମହାର୍ଘ୍ୟରେ ଛିଦ୍ର ବାହାର କରି କିଛି ଚାନ୍ଦା ଦେଇ ନାହାନ୍ତି ମାତ୍ର ଅବଶ୍ୟ ସମ୍ମାନ କରିବାର ଅନ୍ୟ କିଛି ପ୍ରସ୍ତାବ କରି ନ ଥିବାରୁ ଅମ୍ଭେମାନେ ତାହାଙ୍କ ଆପତ୍ତିକୁ ବ୍ୟାଘାତ ଜନ୍ମାଇବା ତୁଲ୍ୟ ଜ୍ଞାନ କରୁଅଛୁଁ ଛିଦ୍ର ଅନୁସନ୍ଧାନ ସେମାନଙ୍କର ନିତ୍ୟକର୍ମ ଅଟଇ ତେଣୁ ସେମାନେ ଗୋଟିଏ ଛିଦ୍ର ବାହାର କରିଦେଲେ, ମାତ୍ର ସେମାନଙ୍କର ମତ ସାଧାରଣ ବିଷୟରେ ସର୍ବଦା ସ୍ଥିର ହୋଇ ପାରଇ ନାହିଁ ଏ ଯୋଗୁଁ ଭରସା ହୁଅଇ ଯେ ପଶ୍ଚାତ୍‌କୁ ଭ୍ରମ ଜାଣିପାରି ସର୍ବସାଧାରଣଙ୍କ ସହିତ ଯୋଗ ଦେବେ । ସେ ଯାହା ହେଉ ଆପାତତଃ ଯେଉଁମାନେ ଚାନ୍ଦା ଦେବାକୁ ଅଗ୍ରସର ହୋଇ ଅଛନ୍ତି ସେମାନେ କଟକର ମହତ୍ତ୍ୱ ରକ୍ଷି ଅଛନ୍ତି ବୋଲି ଧନ୍ୟବାଦର ପାତ୍ର ଅଟନ୍ତି । ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ମର୍ଯ୍ୟାଦା ପରମେଶ୍ୱର ଦେଇଅଛନ୍ତି । ଅମ୍ଭେମାନେ ତାହାଙ୍କର ସମ୍ମାନ ନ କଲେ ତାହାଙ୍କର କିଛି କ୍ଷତି ହେବ ନାହିଁ ସମ୍ମାନ କଲେ ଅମ୍ଭେମାନେ କେବଳ ଅନ୍ୟ ସଭ୍ୟ ମଣ୍ଡଳିରେ ସମ୍ମାନିତ ହେବୁଁ ନୋହିଲେ ଅନ୍ୟ ଲୋକମାନେ ଆମ୍ଭମାନଙ୍କୁ ଅସଭ୍ୟ ଓ ମୂର୍ଖ ବୋଲି ବୋଲିବେ ।

ଉତ୍ସାହିନୀ ସଭା ଏହି ସ୍ଥିର କରିଥିଲେ ଯେ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲଙ୍କୁ ପୁରୀରୁ କଟକ ପର୍ଯ୍ୟନ୍ତ ଘୋଡ଼ାଗାଡ଼ିରେ ଯେଉଁଥିଆସନ୍ତେ ଓ ନଈକୂଳରୁ ତାହାଙ୍କ ରହିବା କୋଠି ପର୍ଯ୍ୟନ୍ତ ଉପରେ ଚନ୍ଦୁଆ ଟାଣି ଓ ଦୁଇପାଖରେ ଫୁଲ ତୋରଣା ଟଙ୍ଗାଇ ପୂର୍ଣ୍ଣକୁମ୍ଭ ସ୍ଥାପନ ପୂର୍ବକ ବିଧିମତ ଆହ୍ୱାନ କରି ଆଣନ୍ତେ । କିନ୍ତୁ ଏବେ ସ୍ଥିର ହୋଇଅଛି ଯେ ସେ ପୁରୀବାଟେ ନ ଆସି ବଣ୍ଡିଘରବାଟେ ଆସିବେ ଅତଏବ ମହାନଦୀ ଘାଟରୁ ତାହାଙ୍କୁ ଉକ୍ତପ୍ରକାର ସମାଦର କରି ଆଣିବାକୁ ହେବ । ଯେବେ ସମୁଦାୟ ମାର୍ଗକୁ ଚନ୍ଦୁଆରେ ଆଚ୍ଛାଦିତ କରିବା କଠିନ ହେବ ତେବେ କେବଳ ସଡ଼କ ଦୁଇପାଖରେ ଫୁଲହାର ଟଙ୍ଗାଇ ଓ ସ୍ଥଳଯାଗାମାନଙ୍କରେ ତୋରଣମାନ ପ୍ରସ୍ତୁତ କରାଯିବ ।

---

## ସନ ୧୮୭୧ ମସିହା ।

୭ ପୃଷ୍ଠା ଉତ୍ତାରୁ ।

ବଙ୍ଗଳା ପ୍ରଦେଶ କି ଯହିଁର ଅନ୍ତର୍ଗତ ଅମ୍ଭେମାନେ ଅଛୁଁ ତହିଁରେ ଏ ବର୍ଷ ଶ୍ରୀଯୁକ୍ତ ଗ୍ରେସାହେବଙ୍କ କର୍ମତ୍ୟାଗ ଓ ଶ୍ରୀଯୁକ୍ତ କାମ୍ବେଲସାହେବଙ୍କ ଲେଫ୍‌ଟନେଣ୍ଟପଦରେ ବରଣ ପ୍ରଧାନ ଘଟନା ଅଟଇ । ଗ୍ରେସାହେବ ପଦତ୍ୟାଗକର ଯେମନ୍ତ ବଙ୍ଗବାସିଙ୍କୁ କନ୍ଦନ ବସାଇ ଯାଇଅଛନ୍ତି ଏମନ୍ତ କୌଣସି ଲେଫ୍‌ଟନେଣ୍ଟଗବର୍ଣ୍ଣର ପ୍ରାୟ କରି ନାହାନ୍ତି । ବାସ୍ତବରେ ଏ ମହୋଦୟ ସକଳଶ୍ରେଣୀର ପ୍ରଜାଙ୍କ ମନ ହରଣ କରିଥିଲେ ତାହାଙ୍କ ପଦରେ କାମ୍ବେଲସାହେବ ନିଯୁକ୍ତ ହେବାରୁ ପ୍ରଥମେ ବଙ୍ଗବାସିମାନେ ଅନନ୍ତ

Digitized by srujanika@gmail.com

ହୋଇଥିଲେ ହେଁ ଦୁଃଖର ବିଷୟ ଯେ ଏଣିକି ସେ ଗୁଣର ବହୁତ ଅନ୍ତର ଦେଖାଯାଉଅଛି । ପ୍ରକୃତରୂପେ ବିବେଚନା କଲେ କାମ୍ବେଲ ସାହେବଙ୍କ ପରି ଶାସନକର୍ତ୍ତା ଅତିବିରଳ ଏହାଙ୍କର ଗୁଣ ଏହି ଯେ ଚାରିଆଡ଼େ ଦୃଷ୍ଟି ପଡ଼ୁଅଛି ଓ ସବୁ ଆପେ କରନ୍ତି ମାତ୍ର ଯେବେ ସେ ଆପଣା ବୁଦ୍ଧିରେ ଓ ଚଞ୍ଚଳ ହୋଇ ସମସ୍ତ କାର୍ଯ୍ୟ ନ କରନ୍ତେ କୌଣସି ନୂତନ ବିଷୟ ଚଳାଇବା ପୂର୍ବେ ଅନେକ ଥର ବିଚାର କରନ୍ତେ ତାହାହେଲେ ତାହାଙ୍କ ଶାସନରେ କେହି ଦୋଷାରୋପ କରିପାରନ୍ତେ ନାହିଁ । [illegible] ଏହାଙ୍କର ପ୍ରଧାନ ଦୋଷ ହୋଇଲେ ଆଉ ସବୁ ଏହାଙ୍କର ଗୁଣ ଦେଖାଯାଏ । ଚିଫ୍ ଯଷ୍ଟିସ୍ ନର୍ମାଣସାହେବଙ୍କ ହତ୍ୟା ଏବର୍ଷର ଅତି ଗୋଟିଏ ଶୋକାବହ ଘଟନା ଅଟଇ ଏଥିରେ ବଙ୍ଗାଳାବାସିମାନେ ଏକ ଉତ୍ତମ ବିଚାରକର୍ତ୍ତା ହରାଇ ଅଛନ୍ତି ଏବଂ କଥାରେ ଏଦେଶୀୟ ମୁସଲମାନଙ୍କ ପ୍ରତି କେତେକ ସନ୍ଦେହ ହୋଇଅଛି । ବାଟ୍‌ଲର ଉଚ୍ଚଶିକ୍ଷା ଏବଂ ଚିରସ୍ଥାୟୀ ବନ୍ଦୋବସ୍ତର ବିନାଶଚେଷ୍ଟା ଇତ୍ୟାଦି କେତେକ ଘଟନା ମଧ୍ୟ ସାମାନ୍ୟ ନୁହଇ ଯେବେ ଗବର୍ଣ୍ଣମେଣ୍ଟଙ୍କ ବାସନା ଯେ ଅମ୍ଭେମାନେ ଟାକ୍ସ ଦେବାକୁ ଶିକ୍ଷା କରିବା ଓ ସେ ଭାର ବହିବାକୁ ଚେଷ୍ଟା କରିବା ଅତଏବ ଅମ୍ଭେମାନେ ସେସବୁ ସତ୍ତ୍ୱ ରହିବାକୁ ଚେଷ୍ଟା କରୁଅଛୁଁ କୋଇ ବହି ବୋଲିବୁ ନାହିଁ ।

ଏଥର ଓଡ଼ିଶାର ବିଷୟ କହିବି କିଛିକ । ଏବର୍ଷରେ ଓଡ଼ିଶାର କଥା ମନେ କରିବାକୁ ହେଲେ ଅମ୍ଭମାନଙ୍କର ସନ୍ତୁଷ୍ଟ ହେବାର ଅନେକ କାରଣ ଅଛି । ସନ ୧୮୭୧ ମସିହା ଅମ୍ଭମାନଙ୍କର କୌଣସି ଅନିଷ୍ଟସାଧନ କରି ନାହିଁ । ଦୈବୀ ଦୁର୍ଘଟନା କିଛି ପ୍ରତ୍ୟକ୍ଷ ହୋଇ ନାହିଁ ଓ ନାନାବିଷୟରେ ଓଡ଼ିଶା ଉନ୍ନତି ପଥରେ ଅଗ୍ରସର ହୋଇଅଛି । କି ବାଣିଜ୍ୟ କି ବିଦ୍ୟା କି ସାମାଜିକଅବସ୍ଥା ସବୁ ବିଷୟରେ ଓଡ଼ିଶାର ଭଲ ହୋଇଅଛି ମନ୍ଦ ମଧ୍ୟରେ କେବଳ ପୁରୀରେ ଯାତ୍ରୀ ଲଜା ଘରସମ୍ପର୍କୀୟ ଆଇନଘଟିତ କ୍ଲେଶ ଓ କଷ୍ଟକରେ ଜଳକର ସମ୍ପର୍କୀୟ ଅବଗ୍ରହ ପ୍ରଧାନ ଅଟଇ ମାତ୍ର ଲଜାଘର ଆଇନକାର୍ଯ୍ୟ ସମ୍ପର୍କରେ ଏଣିକି କିଛି ଶୁଣାଯାଉ ନାହିଁ କୋଇ ଭରସା ହେଉଅଛି ପୂର୍ବାପେକ୍ଷା ଭଲକାର୍ଯ୍ୟ ହେଉଅଛି ଓ ଜଳକର ସମ୍ପର୍କରେ ଯଦ୍ୟପି କି ଗତବର୍ଷ ପ୍ରଜା ଓ ଜମିଦାରମାନେ ଯଥେଷ୍ଟ ବ୍ୟସ୍ତ ହୋଇଥିଲେ ଓ ପ୍ରାୟ ୧୦ ମାସ କାଳ ସେହି ବିଷୟ ଆନ୍ଦୋଳିତ ହେଉଥିଲା ମାତ୍ର ସୁଖର ବିଷୟ ଯେ ବର୍ଷ ଶେଷ ହେଉ ସବୁ ଜଣା ପଡ଼ିଲା ଏଣିକି ଆଉ କିଛି ଗୋଲମାଲ ଶୁଣାଯାଉ ନାହିଁ ଓ ଶ୍ରୀଯୁକ୍ତ ଟାଇନବୀ ସାହେବଙ୍କ କାର୍ଯ୍ୟରେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି ବୋଲିବାକୁ ହେବ ।

ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ଏ ବର୍ଷ ଓଡ଼ିଶାର ଏହି ବିଶେଷ ଉପକାର ହୋଇଅଛି ଯେ ଏ ଦେଶୀୟ ଏକଜଣ ଉପଯୁକ୍ତ ଡେପୁଟୀକଲେକ୍ଟର ନିଯୁକ୍ତ କରାଯାଇଅଛି । ଏବଂ ଶ୍ରୀଯୁକ୍ତ ରେଭେନଶା କମିଶ୍ୱରଙ୍କ ମନ ବଦଳିତ ନ ହେଲେ ଅନ୍ତର ମଧ୍ୟ କେହି ଏପରି ଉଚ୍ଚପଦ ପାଇପାରିବେ ବୋଲି ଆଶା ଅଛି ଏପରି ସରକେଲ ଅର୍ଥାତ୍ [illegible] ଶିକ୍ଷାନିମିତ୍ତ ଗବର୍ଣ୍ଣମେଣ୍ଟ ଇଂରାଜୀ ବିଦ୍ୟାଳୟମାନଙ୍କରେ ଯେଉଁ ପ୍ରସ୍ତାବ ହୋଇଅଛି ତାହା ମଧ୍ୟ ସାମାନ୍ୟ ନୁହଇ ।

ବାଣିଜ୍ୟର ବିଶେଷ ଉନ୍ନତି ଏହି ହୋଇଅଛି ଯେ ଚାନ୍ଦବାଲିଠାରୁ ଜାହାଜ କଲିକତାକୁ ପ୍ରତିସପ୍ତାହରେ ଥରେ ଲେଖାଏଁ ଯିବା ଆସିବା କରିବାରୁ ଓଡ଼ିଆମାନେ ଏଥର କଲିକତାକୁ ଘରପର ଜ୍ଞାନ କଲେଣି ପାଞ୍ଚଟଙ୍କା ଆଠଅଣା ବ୍ୟୟ କଲେ ଆଠଦିନ ମଧ୍ୟରେ କଲିକତା ଦେଖି ଫେରି ଆସିବା ଏଥିରୁ ଆଉ ଅଧିକ କି ଆଶା କରାଯାଇପାରେ ଯେବେ ସରକାର ପୂର୍ବରୁ ଏହା ଜାଣିଥାନ୍ତେ ବୋଧ ହୁଅଇ କେନାଲ ଖନନ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତେ ନାହିଁ ।

ସାମାଜିକ ଉନ୍ନତି ମଧ୍ୟରେ ପାତ୍ରୁଆଙ୍କ ବସ୍ତ୍ର ପରିଧାନ ଓ ତହିଁର ଅଗ୍ରକର୍ତ୍ତା ଶ୍ରୀଯୁକ୍ତ ଢେଙ୍କାନାଳ ମହାରାଜ ଅଟନ୍ତି ଆଉ କେତେକ ସାମାଜିକ ବିଷୟର ବିଚାର ଉତ୍କଳିନୀ ସଭାରେ ହୋଇଥିଲା ମାତ୍ର ସେ ସବୁ କାର୍ଯ୍ୟରେ ପରିଣତ ନ ହୋଇଥିବାରୁ ଉଲ୍ଲେଖର ପ୍ରୟୋଜନ ନାହିଁ ବାସ୍ତବରେ ଏଠାରେ ଯେ ସଭାମାନ ସ୍ଥାପିତ ଅଛନ୍ତି ତହିଁରୁ ଉତ୍କଳିନୀ ଭିନ୍ନ ଆଉମାନଙ୍କର ବାରମାସ ମଧ୍ୟରେ ଅଧିବେଶନ ହୋଇ ନାହିଁ ଓ ଉତ୍କଳିନୀ ଜୀବିତ ଥାଇ ମଧ୍ୟ କିଛି କରି ନାହାନ୍ତି ।

ଆଉ ଗୋଟିଏ ସାମାଜିକ ହିତକର ବିଷୟ ଏହି ଯେ ବାବୁ ବୈଦ୍ୟନାଥପଣ୍ଡିତ ମହାଶୟଙ୍କଠାରୁ ଆସିଥିବା ଅତସ ବାଜୀ ଦେଖାଇବା କାରଣ ଏ ନଗରସ୍ଥ ସମ୍ଭ୍ରାନ୍ତ ଇଂରେଜମାନଙ୍କୁ ଆପଣା ଘରକୁ ଆମନ୍ତ୍ରଣ କରି ଅଣି ତାହାଙ୍କର ଯଥା ବହୁତ ସମ୍ମାନ କରିଥିଲେ । ଦେଶୀୟ ଓ ଇଂରେଜ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ସଦ୍ଭାବ ବର୍ଦ୍ଧନରେ କେତେ ଉପକାର ଅଛି ବୋଲାଯାଇ ନ ପାରେ । ଅନ୍ୟ କେହି ତାହାଙ୍କ ପଶ୍ଚାଦ୍‌ଗାମୀ ହେଉ ବା ନ ହେଉ ସେ ଯେ ଏ ବିଷୟର ସୂତ୍ରପାତ କଲେ ସାମାନ୍ୟ ସୁଖର ବିଷୟ ନୁହଇ । ଯେବେ ବୁଲବୁଲ କି ମଲ୍ଲଯୁଦ୍ଧ ଲଗାଇ ଅଥବା ତାସଖେଳ ଦେଖାଇବାପାଇଁ ଅନ୍ୟ ବାବୁମାନେ ଏପ୍ରକାର ଆମନ୍ତ୍ରଣ କରନ୍ତେ ତାହାହେଲେ ମଧ୍ୟ ଅଲାଭ ହୁଅନ୍ତା ନାହିଁ ।

ବର୍ଷକର ଫଳାଫଳ ଗୋଟିଏ ପ୍ରସ୍ତାବରେ ସଂକ୍ଷେପରେ ଲେଖିବାର ସହଜ ନୁହଇ ଓ ମଧ୍ୟ ସବୁକଥା ମନରେ ପଡୁ ନାହିଁ ଅମ୍ଭେମାନେ ଯାହା ସ୍ମରଣ କରି ପାରିଲୁଁ ତାହା ଲେଖିଲୁଁ ଆଉ ଯେ ସମସ୍ତ କଥା ଛାଡ଼ିହୋଇ ଯାଇଥାଏ ପାଠକମାନେ ତାହା ଆପଣା ସ୍ମରଣଶକ୍ତି ବଳରେ ପୂର୍ଣ୍ଣ କରିନେବେ । ମୋଟ କଥା ଏହି ଯେ ଓଡ଼ିଶାର ଅବସ୍ଥା ଦୃଷ୍ଟିକଲେ ଗତବର୍ଷ ଅନର୍ଥକ ଯାଇ ନାହିଁ ଓ ଏଥିରେ ଯେ ସମସ୍ତ ହିତକର କାର୍ଯ୍ୟର ଅନୁଷ୍ଠାନ ହୋଇଅଛି ତହିଁର ସୁଫଳ ଭୋଗ ହେବ । ଏତିକି ମାତ୍ର ଉଲ୍ଲେଖ କରି ଅମ୍ଭେମାନେ କ୍ଷାନ୍ତ ରହିଲୁଁ ।

## ସାପ୍ତାହିକ ସଂବାଦ

ଗତଥରର ଡିପୋଟୀକଲେକ୍ଟରୀ ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ଡିପୋଟୀ କଲେକ୍ଟରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

ଉଚ୍ଚଶ୍ରେଣୀରେ ।

ମିଷ୍ଟର ଯେ ଏଫ ହାରିସନ, ମିଷ୍ଟର ଡବଲିଉ ଫିଡ୍ୟାନ ଓ ମିଷ୍ଟର ଅର୍ ଏଚ୍ ଗ୍ରୀବସ ।

ଅଧସ୍ତନଶ୍ରେଣୀ ।

ଶ୍ରୀ ବାବୁ କୈଳାସଚନ୍ଦ୍ର ଘୋଷ ।

ଶ୍ରୀଯୁକ୍ତ ଗେଡ୍ଡିସ ସାହେବ ବଲ୍ଲଭରୁ ଫେରି ଅସି ପୁରୀ କଲେକ୍ଟର ଓ ମାଜିଷ୍ଟ୍ରେଟ ପଦରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ଓ ଶ୍ରୀଯୁକ୍ତ ଓଆଲଟନ ସାହେବ କି ଯେ ଏହାଙ୍କ ପୂର୍ବ ପୁରୀରେ ଥିଲେ ସେ ମେଦିନୀପୁରକୁ ବଦଳି ହେଲେ ।

ଲୋକସଂଖ୍ୟା ସମ୍ପର୍କରେ ମୋଫସଲରେ ଜନରବ ହୋଇଅଛି ଯେ ପ୍ରତିଲୋକର ଅସ୍ଥି ସଂଖ୍ୟା ନକ୍ସାରେ ଲେଖାଯିବ ! ଅମ୍ଭେମାନେ କାହାରଠାରୁ ଶୁଣିଲୁଁ କି ମୋଫସଲସ୍ଥ କେତେକ ସଂଖ୍ୟାକାରୀ ଅସ୍ଥିଲେଖିବା ଭୟ ଦେଖାଇ

Digitized by srujanika@gmail.com

Split by PDF Splitter



ଲୋକଙ୍କ ଠାରୁ ପ୍ରତିଘରେ ଚାରିଅଣା ଲେଖାଏଁ ନେବେ ବୋଲି କଳ୍ପନା କରିଅଛନ୍ତି ଏହା ସତ୍ୟ ନୁହଇ ସତ୍ୟ ଜାଣିବା ବ୍ୟକ୍ତିଙ୍କୁ ଉଚିତ ଯେ ଏ ଜନରବ ଅମୂଳକ ଥିବା ଓ ଲୋକ-ସଂଖ୍ୟାକାରଙ୍କୁ କିଛି ନ ଦେବା ସକାଶେ ନିକଟ-ବର୍ତ୍ତୀ ଅଜ୍ଞଲୋକଙ୍କୁ ବୁଝାଇ ଦେଉନ୍ତୁ ।

ଫାଷ୍ଟଆର୍ଟସ ପରୀକ୍ଷାରେ କଟକ ହାଇସ୍କୁଲର ଉଲ୍ଲିଖିତ ଛାତ୍ରମାନେ ବୃତ୍ତି ପାଇବାର ଆଜ୍ଞା ହୋଇଅଛି ।

| | |
|---|---|
| ଚତୁର୍ଭୁଜ ପଟ୍ଟନାୟକ | ଦ୍ୱିତୀୟଶ୍ରେଣୀର ବୃତ୍ତି |
| କପିଚରଣ [illegible] | ତୃତୀୟଶ୍ରେଣୀର „ |
| ମଧୁସୂଦନ ରାଓ | „ „ |

ଏଥି ମଧ୍ୟରୁ ଶେଷ ବ୍ୟକ୍ତି ପୁରୀସ୍କୁଲର ଶିକ୍ଷକ ପଦରେ ନିଯୁକ୍ତ ହେଲେଣି ଅପର ଦୁଇବ୍ୟକ୍ତି ବଙ୍ଗଳାକୁ ପଢିବାକୁ ଯିବେ ବୋଲି ଶୁଣାଯାଏ ।

ପୁଲିସ ମେଜିଷ୍ଟ୍ରରଙ୍କ ଅଧୀନ ହେବା ନିୟମ ଏଠାରେ ସୁଫଳଦାୟକ ହେବାକୁ ଆରମ୍ଭ ହେଲଣି । କୌଣସି ଏକ ମୋକଦ୍ଦମା ସମ୍ପର୍କେ ଜଗତ୍‌ସିଂହପୁରସ୍ଥ ପୁଲିସଙ୍କ ଉପରେ ସନ୍ଦେହ ହେବାରୁ ଜଣା ଯିବାରୁ ମେଜିଷ୍ଟ୍ରର ସାହେବଙ୍କ ଆଜ୍ଞାକ୍ରମେ ଜଣେ ହେଡକନଷ୍ଟେବଲ ଓ ଜଣେ ସବ୍‌ଇନ୍‌ସ୍ପେକ୍ଟର ସେମାନଙ୍କ ଉପରେ ଅନୁସନ୍ଧାନ ଶେଷ ପର୍ଯ୍ୟନ୍ତ ସସ୍ପେଣ୍ଡ ହୋଇଅଛନ୍ତି ଓ ଅଉ ଜଣେ ସବ୍‌ଇନ୍‌ସ୍ପେକ୍ଟର ପ୍ରତି ସନ୍ଦେହ ହୋଇଅଛି କିନ୍ତୁ କର୍ମ ଚଳିବାରେ ଅନ୍ୟଥା ହେବା ଦୃଷ୍ଟିରେ ତାହାର ସସ୍ପେଣ୍ଡ ବର୍ତ୍ତମାନ ସ୍ଥଗିତ ରହିଲା ଶୀଘ୍ର ସମସ୍ତଙ୍କ ପ୍ରତି ଚୂଡାନ୍ତ ଆଜ୍ଞା ପ୍ରଦାନ ହେବ ।

ପ୍ରଥମଶ୍ରେଣୀର ପୁଲିସ ଇନ୍‌ସପେକ୍ଟର ମୂ-ଦଗ୍‌ଇନଫିଲ୍ ଯେ କି ଜଗତସିଂହପୁର ସବଡି-ଭିଜନର ଭାରପ୍ରାପ୍ତ ଥିଲେ ଏହି ସପ୍ତାହରେ କାଳଗ୍ରାସରେ ପତିତ ହେଲେ । ଏବ୍ୟକ୍ତି ମଧ୍ୟ ପୂର୍ବୋକ୍ତ କର୍ମଚାରୀଙ୍କ ସଙ୍ଗି ହେବାର ଆଶଙ୍କା ଥିଲା କିନ୍ତୁ ଯମରାଜା ଏକାବେଳକେ ସଂସାର ସହିତ ତାଙ୍କ ସଙ୍ଗ ଅନ୍ତର କରିଦେଲା । ଫିଲ ମହାଶୟ କେନ୍ଦୁଝର ବିଦ୍ରୋହରେ ବିଚକ୍ଷଣତା ଦେଖାଇ ଏତାଦୃଶ ଉନ୍ନତି ଲାଭ କରିଥିଲେ ।

ଏବର୍ଷ ଏପର୍ଯ୍ୟନ୍ତ ଅମ୍ବ ବଉଳ ଦେଖା ନାହିଁ ଏଥିର କାରଣ କଣ ? ଅମ୍ବ ଲୋକଙ୍କ ନିରାଶ କରିବ କି ?

ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ବିଧାନ କରିଅଛନ୍ତି ଯେ ମେଜିଷ୍ଟ୍ରରଙ୍କ ବିଚାର କାର୍ଯ୍ୟ ସମ୍ପର୍କୀୟ କୌଣସି ସ୍ୱତନ୍ତ୍ର ବିଷୟରେ ତାଙ୍କ ଡିବିଜନ୍ ଅଧୀନସ୍ଥ ଅଦାଲତରେ ମୋକଦ୍ଦମା ହେଲେ ସେ ମୋକଦ୍ଦମା ଜଜ ସାହେବଙ୍କ ସମୀପକୁ ଉଠାଇ ନେବାର ପ୍ରାର୍ଥନା ଅଗ୍ରାହ୍ୟ । ମୁନସଫ ଓ ଅଳ୍ପ କି ବିଶ୍ୱାସୀ ଓ ଯୋଗ୍ୟ ନୁହନ୍ତି ତେବେ କିପରି ଲକ୍ଷଲକ୍ଷ ଟଙ୍କାର ମୋକଦ୍ଦମାର ବିଚାର ତାଙ୍କ ହସ୍ତେ ଅର୍ପିତ କରା ହୋଇଅଛି ଏ ନିୟମଟି ମନ୍ଦ ଓ ଅତ୍ୟାଶ୍ଚର୍ଯ୍ୟ ଅଟଇ ।

ଶ୍ରୀଯୁକ୍ତ ବେବରଲି ସାହେବ ରେଜିଷ୍ଟ୍ରାର ଜେନରଲ ଲୋକସଂଖ୍ୟା କାର୍ଯ୍ୟ ବନ୍ଦୋବସ୍ତ ଉପଲକ୍ଷରେ ଏ ନଗରରେ ପ୍ରବେଶ ହୋଇ ଗତ ମଙ୍ଗଳବାର ଦିନ ଏଠା ରେଜିଷ୍ଟ୍ରୀ କଚେରୀର ସମସ୍ତ କାଗଜପତ୍ର ବିଶେଷରୂପେ ତଦନ୍ତ କରି ସନ୍ତୁଷ୍ଟ ହୋଇଥିବାର ଜଣାଯାଏ । ତହିଁ ଆରଦିନ ସେ ବାଲେଶ୍ୱର ଗମନ କଲେ ।

ଗତସପ୍ତାହର ଗେଜେଟରେ ଯେଉଁ ଛୁଟୀର ତାଲିକା ପ୍ରକାଶିତ ହୋଇଅଛି ତହିଁରୁ ଦେଖା-ଯାଏ ଯେ କଟକର ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀଯୁକ୍ତ ଟୀ, ଏମ୍, କର୍କୁଡ ଓ ଶ୍ରୀଯୁକ୍ତ ଜି, ଏମ୍ କସ୍ପାସାହେବ ଏ ପୂର୍ବେ ଦୁଇବର୍ଷ ଲେଖାଏ ଛୁଟୀ ପାଇଅଛନ୍ତି । ଯେଉଁ ତାରଖରୁ କଟକରୁ ଯିବାର ସ୍ଥିର କରିବେ ସେହି ତାରଖଠାରୁ ଛୁଟୀ ଗଣ୍ୟ ହେବ । ଶ୍ରୀଯୁକ୍ତ କର୍କୁଡସାହେବ ଏହି ମାସ ତା ୨୫ ରିଖରେ ପ୍ରସ୍ଥାନ କରିବେ ବୋଲି ଶୁଣାଯାଏ ।

ଗବର୍ଣ୍ଣମେଣ୍ଟବଙ୍ଗାଳାର ସେକ୍ରେଟରୀ ବିଜ୍ଞାପନ ଦେଇଅଛନ୍ତି ଯେ କଲିକତାର ଶ୍ରୀଯୁକ୍ତ ଲର୍ଡ-ବିଶପସାହେବ ଚଳିତମାସ ତା ୨୦ ରିଖରେ ମଫସଲ ଭ୍ରମଣାର୍ଥେ ଯାତ୍ରା କରି ଉଲ୍ଲିଖିତ ତାରଖମାନଙ୍କରେ ଓଡିଶାର ତିନି ସ୍ଥଳରେ ପ୍ରବେଶ ହେବେ । ଯଥା ।

| | | |
|---|---|---|
| ବାଲେଶ୍ୱର | ତା ୭ ରିଖ ମାର୍ଚ୍ଚ | ସନ୍ ୧୮୭୨ |
| କଟକ | ତା ୯ ରିଖ | ଏଜନ |
| ପୁରୀ | ତା ୧୪ ରିଖ | ଏଜନ |

ଏରୂପେ ଦେଖାଯାଏ ଯେ ଏବର୍ଷ ବହୁତ ଉଚ୍ଚ କର୍ମଚାରୀ ଓଡିଶା ଦର୍ଶନ କଲେ ଏଥିର ଫଳ କି ହେବ ପଶ୍ଚାତ୍ ଜଣାପଡିବ ।

ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ଚଟ୍ଟଗାଁ ବିଭାଗ ଅନ୍ତର୍ଗତ କୌଣସି ଗ୍ରା-ମରେ ଗୋଟିଏ ଅଦ୍ଭୁତ ସନ୍ତାନ ଜନ୍ମି ଅଛି । ତାହାର ପଶ୍ଚାଦ୍ଭାଗ ଠିକ ମାନୁଷ ପରି, ନାଭି-ଠାରୁ ଊର୍ଦ୍ଧ୍ୱଭାଗ ପର୍ଯ୍ୟନ୍ତ ଠିକ ବାନରକାର ଏବ-କରତଳ କୋମଳ ଓ ଲୋମଯୁକ୍ତ । କେହି ୨ ହନୁମନ୍ତଙ୍କର ଜନ୍ମ ହେବାର କଥା ଏଣିକି ଶୁଣା ଯିବ ।

ଗୁଜସାହୁର ଜଣେ ଜମିଦାର ଏହି ନିୟମରେ ବାର୍ଷିକ ୪୫୦୦୦ ଟଙ୍କା ଆୟ ହେବା ଭଳି ସମ୍ପତ୍ତି ଶାମପୁର କୋଆଲଥ ବିଦ୍ୟାଳୟର ସାହାଯ୍ୟାର୍ଥ ନିମିତ୍ତ ଦେବାକୁ ସମ୍ମତ ହୋଇଅଛନ୍ତି କି ଯେବେ ଗବର୍ଣ୍ଣମେଣ୍ଟ ଉକ୍ତ ସ୍କୁଲକୁ ହାଇସ୍କୁଲ କରିବେ ତେବେ ସେ ଉକ୍ତ ପ୍ରକାର ଦାନ କରିବେ । ଏ ଅଞ୍ଚଳରେ ଜମିଦାର ଦାତା କାହିଁକି ଦେଖା ଯାଆନ୍ତି ନାହିଁ ।

ବର୍ଦ୍ଧମାନର ସଂକ୍ରାମକ ଜ୍ୱର ବିଷୟରେ ଅନୁସନ୍ଧାନ କରିବାପାଇଁ ଡାକ୍ତର ପେୟନ ପ୍ରେରିତ ହୋଇଥିଲେ ସେ ଲେଖନ୍ତି ଯେ ଦାମୁଦାନଦୀ ବନ୍ଧଦ୍ୱାରା ପାଣିମାହାଣ୍ଟ ସବୁ ବନ୍ଦ ହେବାରୁ ଉକ୍ତ ରୋଗ ଉତ୍ପତ୍ତି ହୋଇଅଛି । ଏ କଥାରେ ଇରିଗେସନ ନାଳ ଅନେକ ମାହାଣ୍ଟ ବନ୍ଦ କରିଅଛି କାରଣମାତ୍ର କି ଡାକ୍ତର-ମାନେ ଏହି ସମୟରୁ ତହିଁର ଫଳାଫଳ ଚିନ୍ତା କଲେ କି ଭଲ ହେବ ନାହିଁ ।

ବୋର୍ଡରେବନ୍ୟୁ ନିୟମ କରିଅଛନ୍ତି ଯେ କୌଣସି ମାହାଲର ଜମିଦାର ମହାଲ ନଦୀଭୁକ୍ତ ହୋଇଥିବା ଆପତ୍ତିରେ ବାକିଦାର ହେଲେ ତାହାର ଆପତ୍ତି ଯଥାର୍ଥ ଥିଲେ ମଧ୍ୟ ମହାଲକୁ ବାକି ଖଜଣା ନିୟମରେ ନିଲାମ କରିବାକୁ ହେବ ଓ କେହି ତାହାକୁ ଡାକି ନ ନେଲେ ଖାସ-ମହାଲ ସ୍ୱରୂପ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ରହିବ ଏରୂପ ହେଲେ କୌଣସି ଉଣ୍ଡିକତା ରହିପାରିବ ନାହିଁ ଓ ଯେବେ ନଦୀରେ ଚରବାନ୍ଧି ମହାଲ ପୁନଃପ୍ରାପ୍ତ ହେବ ତେବେ ସରକାରଙ୍କର ସମ୍ପୂର୍ଣ୍ଣ ଅଧିକାର ତହିଁରେ ହେବ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଧାନ କରିଅଛନ୍ତି ଯେ ଏଣିକି ଆକାଉଣ୍ଟସ୍ ହେସାବ ସମ୍ପର୍କୀୟ ଦପ୍ତରମାନଙ୍କ ଅଚାହିତ କର୍ମଚାରୀଙ୍କ ପଦବର୍ତ୍ତରେ ଉଚିତ କର୍ମଚାରୀମାନେ ସହକାରୀ ପଦରେ ନିଯୁକ୍ତ ହେବେ । ଦେଶୀୟଲୋକଙ୍କର ଉଚ୍ଚପଦ ପ୍ରାପ୍ତିର ଗୋଟିଏ ଦ୍ୱାର ରୁଦ୍ଧ ହେଲା ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଉମାପ୍ରସାଦ ଘୋଷ | କଟକ | ବର୍ଷକୁ | ୪ ୮ |
| „ କୁଳମଣି ଆଚାର୍ଯ୍ୟ | „ | „ | ୪ ୨ |
| „ ଦୀନବନ୍ଧୁ ଘୋଷ | „ | „ | ୪ ୨ |

ଏହି ଉତ୍କଳଦୀପିକା ସହର କଟକ ଦର୍ଘା-ବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

Registered No. 7

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ | ତା ୨୭ ରଖ ଜାନୁଏରି ସନ ୧୮୭୨ ମସିହା । ମୂ । ମାଘ ୧୦ ନ ସନ ୧୨୭୯ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ସଂଖ୍ୟା | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୧୵



ବିଜ୍ଞାପନ

## ନୂତନପଞ୍ଜିକା ।

ଆଗାମୀବର୍ଷ ଅର୍ଥାତ ସନ ୧୮୭୨।୭୩ ମସିହାର ଉତ୍କଳ ନୂତନପଞ୍ଜିକା ପ୍ରସ୍ତୁତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଖଣ୍ଡପ୍ରତି ୫ ୦୯ ଓ ଡାକରେ ପଠାଇବା କାରଣ ମାସୁଲ ୫୦୯ କେବଳ ନଗଦ ମୂଲ୍ୟରେ ବିକ୍ରୟ ଓ ଯେଉଁମାନେ ଏକଥରେ ଦଶଖଣ୍ଡ କିମ୍ବା ଅଧିକ ନେବେ ସେମାନଙ୍କୁ ଶତକଡ଼ା ୫ ୧୦ କା ଲେଖାଏ କମିଶନ ଦିଆଯିବ । ଯାହାଙ୍କର ପଞ୍ଜିକା ପ୍ରୟୋଜନ ସେମାନେ ଶୀଘ୍ର ଆମ୍ଭ ନିକଟରେ ପ୍ରାର୍ଥନା କରନ୍ତୁ ନୋହିଲେ ଗତବର୍ଷ ପ୍ରାୟ ପ୍ରାପ୍ତିରେ କଷ୍ଟ ହୋଇପାରେ କାରଣ କେବଳ ପ୍ରୟୋଜନାନୁସାରେ ଅଳ୍ପସଂଖ୍ୟା ଛପା ହୋଇଅଛି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ ।


---

## ଲୋକସଂଖ୍ୟା ।

ଗତ ଗୁରୁବାର ତା ୧୫ ରଖ ଗୋଟିଏ ପ୍ରଧାନ ଦିନ ଥିଲା ଏଦିନ କଟକନଗର ଏବଂ କଟକ ଓ ସାଲେପୁର ଥାନାର ଲୋକସଂଖ୍ୟା ଗୃହୀତ ହୋଇଥିଲା । ଓଡ଼ିଶାର ଅନ୍ୟ ସ୍ଥାନମାନଙ୍କର ଲୋକସଂଖ୍ୟା ଏଥିପୂର୍ବେ ହୋଇଯାଇଥିଲା ମଫସଲର ଲୋକସଂଖ୍ୟା ଦିନବେଳେ ହୋଇଥିଲା କେବଳ ନଗରର ଲୋକସଂଖ୍ୟା ରାତ୍ର ଘଂ ୯ଣ୍ଟାଠାରୁ ଆରମ୍ଭହୋଇ ପ୍ରାୟ ସକାଳପର୍ଯ୍ୟନ୍ତ ଚାଲିଲା ନଗରର ଯାବତୀୟ ସରକାରୀ କର୍ମକାରକ ଓ ବିଶ୍ୱବିଦ୍ୟାଳୟର କେତେକ ପାଠକ କେହି ସଂଖ୍ୟାକାରୀ ଓ କେହି ତତ୍ତ୍ୱାବଧାରକ ନିଯୁକ୍ତ ହୋଇଥିଲେ ଏରୂପେ ନଗରମଧ୍ୟରେ ଉକ୍ତ ଗୃହରେ ଅନ୍ୟୂନ ୧୯୮୫ଣ ସଂଖ୍ୟାକାରୀ ଓ ପ୍ରତି ୨୫ ଣ ଉପରେ ଜଣେଲେଖାଏ ଜଣ୍ଡେଣ ତତ୍ତ୍ୱାବଧାରକ ନିଯୁକ୍ତହୋଇ ସମସ୍ତେ ଗୋଟିଏଲେଖାଏ ଲଣ୍ଠନ ଘେନି ସ୍ୱ ସ୍ୱ ନଗରରେ ଲୋକସଂଖ୍ୟା କରି ବୁଲୁଥିଲେ । ସଂଖ୍ୟାକାରମାନଙ୍କୁ ଯେଉଁ ଉପଦେଶମାନ ଦିଆଯାଇଥିଲା ସେସବୁ କେତେକ ଅଂଶରେ ଅପରିଷ୍କାର ଥିବାରୁ ବୁଝିବା ବିଷୟର ଗୋଳ ହୋଇଥିଲା ଓ ସଂଖ୍ୟାଦିନ ପ୍ରାତଃକାଳରେ ଅଧିକାଂଶ ସଂଖ୍ୟାକାରୀ ଓ ତତ୍ତ୍ୱାବଧାରକମାନେ ପ୍ରିଣ୍ଟିଂକମ୍ପାନିଙ୍କ ଦୋମହଲା କୋଠାରେ ମିଳିତ ହୋଇ ତର୍କବିତର୍କପୂର୍ବକ ସନ୍ଦେହ ଭଞ୍ଜନ କରିଥିବାରୁ ଅନୁମାନ ହୁଅଇ କାର୍ଯ୍ୟରେ ବଡ କ୍ଷତି ହୋଇ ନ ଥିବ ତଥାପି ଆମ୍ଭେମାନେ ବିବେଚନା କରୁଁ ଯେ ବେବର୍ଲିସାହେବଙ୍କ ଉପଦେଶ ଉତ୍ତମ ହୋଇ ନ ଥିଲା ତହିଁର ପ୍ରମାଣ ଏହି ଯେ କଲିକତାନଗରପାଇଁ ସେଠା ମିଉନିସିପଲ କମିଟୀର ସଂଖ୍ୟାକାରଙ୍କପ୍ରତି ଯେଉଁ ଉପଦେଶମାନ ପ୍ରଚରିତ ହୋଇଥିଲା ସେସବୁ ପଢିଲାମାତ୍ରକେ ଏମନ୍ତ ସହଜରେ ବୁଝା ଯାଉଅଛି ଯେ ଦୁଇଥର ପଢିବାର ସୁଦ୍ଧା ପ୍ରୟୋଜନ ନାହିଁ ଅଥଚ ବେବର୍ଲିସାହେବଙ୍କ ଉପଦେଶକୁ ଯେତେ ପାଠ କରାଯାଏ ତେତିକି ନୂଆ ସନ୍ଦେହ ବାହାରିବାର ଦେଖାଗଲା । ଓଡ଼ିଆ ତରଜମା ଓ ଛାପାରେ ମଧ୍ୟ ବିଭ୍ରମ ରହିଯାଇ ଥିଲା ଏଣୁକରି ମଫସଲରେ କେତେ ଗୋଳ ହେବାର ସମ୍ଭାବନା । ଯାହା ହେଉ ନଗରର ସଂଖ୍ୟାକାରମାନେ ଅମଲା ଓ ବୁଝିବା ଲୋକ ଥିବାରୁ ନଗରର ଫଳ ତେତେ ମନ୍ଦ ହେବାର ସମ୍ଭାବନା ନାହିଁ । ତଥାପି ନିଶ୍ଚିତ ଫଳ ପ୍ରାପ୍ତ ହୋଇଅଛି ବୋଲି ବୋଲାଯାଇ ନ ପାରେ କାରଣ ସର୍ବତ୍ରରେ ଏକ ଦିନରେ ସଂଖ୍ୟା ନ ହେବାରୁ କେତେ ଲୋକ ଦୁଇଥର ଗଣନା ହେଲେ ଓ କେତେଲୋକ ମୂଳପୋଛ ମଧ୍ୟ ହେଲେ ।

---

## ଉତ୍କଳ ବ୍ରାହ୍ମସମାଜ ।

କଲିକତାରେ ଏହି ନାମରେ ଗୋଟିଏ ବ୍ରାହ୍ମସମାଜ କେତେକବର୍ଷ ହେଲା ସ୍ଥାପିତ ହୋଇଅଛି ଶ୍ରୀଯୁକ୍ତ ବାବୁ କେଶବଚନ୍ଦ୍ର ସେନ ଏହାର ସ୍ଥାପନକର୍ତ୍ତା ଅଟନ୍ତି ଓ ଏଥି ବିଷୟରେ କେତେକଥର ସମ୍ବାଦ ଏ ପତ୍ରିକାରେ ପ୍ରକାଶିତ ହୋଇଥିଲା ପାଠକମାନଙ୍କର ସ୍ମରଣ ଥିବ । ଏହି ସମାଜର ଗୋଟିଏ ଶାଖା ଏ ନଗରରେ ସ୍ଥାପିତ ଅଛି ଏହାର ନାମ ଉତ୍କଳ ବ୍ରାହ୍ମସମାଜ । ଗତ ମଙ୍ଗଳବାର ଏ ସମାଜର ବାର୍ଷିକ ଉତ୍ସବ

Digitized by srujanika@gmail.com

Split by PDF Splitter



କ୍ରିୟା ସମ୍ପନ୍ନ ହୋଇଥିଲା । ତଦୁପଲକ୍ଷରେ ଯାହା ୨ ବ୍ରାହ୍ମମାନେ କରିଥିଲେ ପୂର୍ବରୁ ବିଜ୍ଞାପନରୂପେ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଇଥିଲା ମାତ୍ର ଉକ୍ତ ଧର୍ମ ସଂକ୍ରାନ୍ତ ଲୋକଛଡ଼ା ଅଉ କେହି ଏସବୁ ଦେଖିବାକୁ ଯାଇଥିଲେ ଏମନ୍ତ ଜଣାଯାଉ ନାହିଁ । ଯାହା ହେଉ ସଭ୍ୟମାନେ ପ୍ରାତଃକାଳରୁ ଉପାସନା ସଙ୍ଗୀତ ଓ ଦରିଦ୍ରମାନଙ୍କୁ ତଣ୍ଡୁଳ ପଇସା ବସ୍ତ୍ର ଇତ୍ୟାଦି ଦାନ କରି ବେଳ ଚାରିବାଜିବା ସମୟରେ ନଗର କୀର୍ତ୍ତନ କରିବାକୁ ବାହାରିଥିଲେ । ପ୍ରାୟ ରାତ୍ରି ଘ ୮ ଟା ପର୍ଯ୍ୟନ୍ତ କୀର୍ତ୍ତନ ହୋଇଥିଲା । ସଭ୍ୟମାନେ ଝାଞ୍ଜ ମୃଦଙ୍ଗ ଓ ପତାକା ଇତ୍ୟାଦି ନେଇ ସଡ଼କରେ ସଂକୀର୍ତ୍ତନ କରି ଓ ଗୀତ ଗାଇ ବୁଲୁଥିଲେ ଓ ବହୁତଲୋକ କୌତୁକାବିଷ୍ଟ ହୋଇ ଦେଖୁଥିଲେ । କିନ୍ତୁ ଏଥିର ଅନୁମୋଦନକାରୀ କେତେ ଲୋକ ବୋଲିଯାଇ ନ ପାରେ କାରଣ ଯେତେ ଲୋକ ଦେଖୁଥିଲେ ସମସ୍ତେ ପ୍ରାୟ ହସୁଥିଲେ ଓ ତାହା ଅତ୍ୟନ୍ତ ଅନର୍ଥ କି ପରିହାସର ଜାତ ହୋଇଥିଲା ଅମ୍ଭେମାନେ ସ୍ଥିର କରି ପାରିଲୁଁ ନାହିଁ । ଅମ୍ଭେମାନେ ଏସବୁ ଦେଖି ଗୋଟିଏ କାରଣରୁ ବଡ଼ ଆନନ୍ଦିତ ହେଲୁଁ । ଚୈତନ୍ୟ ମହାପ୍ରଭୁଙ୍କର ଧର୍ମପ୍ରଚାରର ଉତ୍କୃଷ୍ଟ ଉପାୟ ସ୍ୱରୂପ ହୋଇ ସଂକୀର୍ତ୍ତନଟୀ ଇଦାନୀଙ୍କୁ ଊଣା ହୋଇ ଆସୁଥିଲା ଲଭାନ୍ତରେ କୃତବିଦ୍ୟ ଲୋକମାନେ ତାହାଁରୁ ଅନ୍ତର ହେଉଥିଲେ ଏବେ ବୈଷ୍ଣବ ସମ୍ପ୍ରଦାୟଙ୍କ ଉଦ୍ୟମରେ ତାହା ବ୍ରାହ୍ମଧର୍ମ ମତାନୁସାରେ ଈଶ୍ୱରର ଅନୁଷଙ୍ଗୀ ହେବାରୁ ଭରସା ହୁଅଇ ଯେ ଝାଞ୍ଜ ମୃଦଙ୍ଗର ବ୍ୟବସାୟ ଶୀଘ୍ର ଲୋପ ନ ପାଇ ବରଂ ଭବିଷ୍ୟତକୁ ବୃଦ୍ଧି ପାଇବ ।

---

ଗକ୍ ସାହେବ ଓ ଜଲକର ।

ବୋର୍ଡର ମେମ୍ବର ଗକ୍ସାହେବ ଯେ କି ଗତ ନବମ୍ବରମାସରେ କଟକକୁ ଆସିଥିଲେ ଇରିଗେଶନ କାଲ ବିଷୟରେ ଗୋଟିଏ ସୁଦୀର୍ଘ ମନ୍ତବ୍ୟ ଲେଖି ଗବର୍ଣ୍ଣମେଣ୍ଟଙ୍କୁ ପଠାଇଅଛନ୍ତି । ଯଦିଓ କାଲସଙ୍ଗେ ବୋର୍ଡର କିଛି ସମ୍ପର୍କ ନାହିଁ ତଥାଚ ଜଣେ ଅପକ୍ଷପାତ ଦର୍ଶକ ଯେ କି ଦେଶର ଅବସ୍ଥାକୁ ବିଶେଷ ଅବଗତ ଓ ଲୋକଙ୍କ ପ୍ରତି ସର୍ବଦା ଅନୁରକ୍ତ ତାହାଙ୍କର ଅଭିମତ ଗବର୍ଣ୍ଣରସାହେବଙ୍କର ମନୋନୀତ ହୋଇପାରେ ଏହି ଆଶା ବ୍ୟକ୍ତକରି ସେ ଏ କର୍ମରେ ପ୍ରବୃତ୍ତ ହୋଇଅଛନ୍ତି । ତାଙ୍କ ଲେଖାରୁ ଜଣାଗଲା ଯେ ସେ ଏ ବିଷୟରେ ବିଶେଷ ଅନୁସନ୍ଧାନ କରିଅଛନ୍ତି କି ଜମିଦାର କି ପ୍ରଜା ସମସ୍ତଙ୍କର ଗୁହାରି ମନୋଯୋଗପୂର୍ବକ ଶୁଣି ଲୋକଙ୍କର ଭୟ ଓ କାଲ ସମ୍ପର୍କୀୟ ସକଲ ଅତ୍ୟାଚାର ଗୋଟି ୨ କରି ଲେଖିଅଛନ୍ତି । ସେ କଥାମାନ ଏ ପତ୍ରିକାରେ ବାରମ୍ବାର ଲେଖାଯାଇଥିବାରୁ ପୁନର୍ବାର ବର୍ଣ୍ଣନ କରିବାର ଆବଶ୍ୟକ ନୁହେ କେବଲ ତାହାଁର ଯେ ପ୍ରତିକାର ଗକ୍ସାହେବ ପ୍ରସ୍ତାବ କରିଅଛନ୍ତି ତାହା ପାଠକମାନଙ୍କୁ ଜଣାଉଁ । ତାଙ୍କ ମତରେ କର୍ଣ୍ଣଲ ହ୍ସାହେବ ସମ୍ପୂର୍ଣ୍ଣଦୋଷୀ ନୁହନ୍ତି ସେ ବହୁପରିଶ୍ରମ ସହିତ ଓ ଆପଣା ଜ୍ଞାନାନୁସାରେ ଠିକରୂପେ କର୍ମ ନିର୍ବାହ କରିଅଛନ୍ତି ସବୁ ଦୋଷ ଶୃଙ୍ଖଲାର । ଏ ମତ କେତେ ଦୂର ଠିକ ପାଠକମାନେ ବିବେଚନା କରନ୍ତୁ ।

ସାହେବ ପ୍ରଶଂସିତ ଲେଖନ୍ତି ଯେ ଜଲକର ସଂଗ୍ରହ ସଂକ୍ରାନ୍ତ ଅତ୍ୟାଚାର ବିଶେଷ ଓ ଲୋକେ ତାହାଁରେ ନିତାନ୍ତ ବିରକ୍ତ । ବର୍ତ୍ତମାନ କାଲର ରେବିନ୍ୟୁ ସୁପରଇଣ୍ଟେଣ୍ଡେଣ୍ଟ କମିଶନରସାହେବଙ୍କ ଅଧୀନ ହେବାରୁ ତାଙ୍କର ଏକାଧିପତ୍ୟ ନାଶ ହୋଇ ଉତ୍ତମରୂପେ କର୍ମ ଚଳିବାର ସୁବିଧା ହୋଇଅଛି ଓ ଲୋକେ ଏଥିରେ ସନ୍ତୁଷ୍ଟ ଅଛନ୍ତି କିନ୍ତୁ ଯାବତ୍ ସ୍ୱେଚ୍ଛାଧୀନ ଜଲ ନେବାର ପ୍ରଥା ଥିବ ତାବତ୍ ପେଟ୍ରୋଲ ଆମିନ ଇତ୍ୟାଦି ଅଧୀନସ୍ଥ କର୍ମଚାରୀଙ୍କର ଅତ୍ୟାଚାର ଓ ଅପହରଣ ସମ୍ପୂର୍ଣ୍ଣରୂପେ ରହିତ ନ ହେବ । ବଲାତ୍କାର-ଜଲକର ନେବା ଏଥିର ଏକମାତ୍ର ପ୍ରତିକାର ଅଟଇ ଓ ଏଥି ପୋଷକତାରେ କମିଶନରସାହେବ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ଲେଖିଅଛନ୍ତି । ବଲାତ୍କାର ଜଲକର ଅର୍ଥ ଏହି ଯେ ଯେଉଁ ଭୂମିକୁ କାଲ-ଜଲ ଯାଇପାରେ ସେଠାକୁ କେହି ପାଣି ନେଉ ବା ନ ନେଉ ସେ ଭୂମିଉପରେ ସରକାର ଜଲକର ନିର୍ଦ୍ଧାର୍ଯ୍ୟ କରିନେବେ । ଗକ୍ସାହେବ ବୋଲନ୍ତି ବଲାତ୍କାର ପ୍ରଥା ଅନ୍ୟାୟ ଓ ତାହାଁର ଅନୁମୋଦନକାରୀ ଆମ୍ଭେ ନୋହୁଁ କିନ୍ତୁ ସ୍ୱେଚ୍ଛାଧୀନ ପ୍ରଥାରେ ଯେସବୁ ଅନିବାର୍ଯ୍ୟ ଅନିଷ୍ଟ ଘଟୁଅଛି ତାହାଁ ଦୃଷ୍ଟିରେ ବଲାତ୍କାର ପ୍ରଥା ବିଧେୟ ହେଉଅଛି । କାଲ ନିର୍ମାଣ କାର୍ଯ୍ୟର ବ୍ୟୟ ପ୍ରାୟ ତିନି କୋଟି ଟଙ୍କା ଅଟଇ ଓ ତାହାଁର ରକ୍ଷାର୍ଥ ବାର୍ଷିକ ବ୍ୟୟ ମଧ୍ୟ ଅଳ୍ପ ନୁହଇ । ଯେହେତୁ ପ୍ରଜାଙ୍କ ଉପକାରାର୍ଥେ କାଲମାନ ହୋଇଅଛି ଓ ତାହାଁର ଉପକାର ସେମାନେ ସମୟରେ ଅବଶ୍ୟ ଅନୁଭବ କରିବେ ଅତଏବ ତାହାଁର ବ୍ୟୟ ପକ୍ଷରେ ସରକାରଙ୍କୁ ସେମାନଙ୍କର ସାହାଯ୍ୟ କରିବାର ଉଚିତ ଓ ନ କଲେ ସରକାର ଏତେ ବ୍ୟୟ ଚଲାଇ ନ ପାରନ୍ତି ଯଦ୍ୟପି ରାଜକୋଷରୁ ତାହା ନିର୍ବାହ କରାଯିବ ତଥାଚ ପ୍ରକାରାନ୍ତରେ ତାହା ପ୍ରଜାଙ୍କର ମୁଣ୍ଡ ଖାଇବ ଏଥିରୁ ଭଲ ଯେ କାଲ ସକାଶେ ସେମାନେ କିଛି କିଛି ପ୍ରତ୍ୟକ୍ଷରୂପେ ଦେଉନ୍ତୁ । ପୁଣି ସ୍ୱେଚ୍ଛାଧୀନ ପ୍ରଥାନୁସାରେ ଯେତେ ଆୟ ହେଉଅଛି ତାହାଁରୁ ବାର୍ଷିକ ବ୍ୟୟ ନିର୍ବାହ ହେଉ ନାହିଁ ଓ ଜଲକର ୪ ୧୨ ଙ୍କାରୁ କିଛି ଅଧିକ କଲେ ପ୍ରାୟ କେହି ଜଲ ନ ନେବେ ସୁତରାଂ କାଲ ବନ୍ଦ ହେବ । ଏହି ସବୁ ଦୃଷ୍ଟିରେ ବଲାତ୍କାର ପ୍ରଥା ନ୍ୟାଯ୍ୟ ବୋଲି ଘେନା ଯାଉଅଛି ଓ ସବୁ ଅତ୍ୟାଚାର ନିବାରଣ କରିବାର ଏକମାତ୍ର ଉପାୟ ଅଟଇ । ଦେଶୀୟ ଲୋକସମସ୍ତଙ୍କର ଏ ପ୍ରଥା ମନୋନୀତ ଅଟେ ଓ ଯାହାର ସଙ୍ଗେ ଏଥିର ପ୍ରସଙ୍ଗ ହୋଇଅଛି ସେ ଏ ପ୍ରଥାର ପୋଷକତା କରିଅଛି ।

ଏ ବିଷୟରେ ସାହେବ ପ୍ରଶଂସିତ ଗୋଟିଏ ଦୃଷ୍ଟାନ୍ତ ଦେଇଅଛନ୍ତି ତାହା ଏହି ଅଟେ । କଲିକତାରେ ପାନୋପଯୁକ୍ତ ଜଲ ଯୋଗାଇବାର ପ୍ରସଙ୍ଗ ହେବା ସମୟରେ ନଗରସ୍ଥ ସମସ୍ତ ଦେଶୀୟ ଲୋକ କହିଲେ ଯେ ସେ ଉପାୟ ଆବଶ୍ୟକ ନାହିଁ ଓ କେହି କାଲ ଜଲ ବ୍ୟବହାର ନ କରିବେ ସୁତରାଂ ବଲାତ୍କାର ଜଲକର ପ୍ରଥା ବ୍ୟବସ୍ଥା ହେଲା ଓ ତାହାଁର ଫଳ ଏହି ଯେ କାଲ କର୍ମ ଶେଷ ହେବାର ଦୁଇବର୍ଷ ମଧ୍ୟରେ ସେହି ଆପତ୍ତିକାରମାନେ ମୁକ୍ତ ଉଚ୍ଚୈଃସ୍ୱରରେ ତାହାଁର ପ୍ରଶଂସା କଲେ ଓ ବର୍ତ୍ତମାନ ସମସ୍ତେ ସେ ଜଲ ବ୍ୟବହାର କରୁଅଛନ୍ତି । ଏହି ପ୍ରକାରରେ ବଲାତ୍କାର ପ୍ରଥା ଏଠାରେ ପ୍ରଚୁର କଲେ କିପରିମାଣରେ ଜଲକର ନିଆଯିବ ? ଏଥିକୁ ଗକ୍ ସାହେବ ବୋଲନ୍ତି ଯେ ପ୍ରଥମେ ଦଶବର୍ଷ ସକାଶେ ପ୍ରତିମାଣ ୪୦୳ କିମ୍ବା ୪୦୴ ଲେଖାଏ ଦେବାର ସ୍ଥିର ହେଉ ଏ ଅଳ୍ପତର ଦରରେ ଅନେକ ଟଙ୍କା ଉଠିପାରେ ଓ ନ ଉଠିଲେ ମଧ୍ୟ ଆଦ୍ୟରେ ତାହାଁରୁ ଅଧିକ ନେବାର ବିଧେୟ ନୁହେ ପ୍ରଜାମାନେ ଏ ଦରରେ ସମ୍ମତ ଅଛନ୍ତି ଏଥିରୁ ଅଧିକ ହେଲେ ସେମାନେ ଅସନ୍ତୁଷ୍ଟ ହେବେ । ବର୍ତ୍ତମାନ ସେମାନେ ଅଳ୍ପ ମୂଲ୍ୟରେ ଜଲ ନେଇ ତାହାଁର ଉପକାର ଦେଖନ୍ତୁ ଓ ତାହାଁପ୍ରତି ତାଙ୍କର ଆଗ୍ରହ ବଢ଼ୁ ପଶ୍ଚାତ୍ ଜଲକର ବୃଦ୍ଧି କରାଯାଇପାରେ କିନ୍ତୁ କୌଣସି କାଳେ ପ୍ରତିମାଣ

Digitized by srujanika@gmail.com

Split by PDF Splitter



ଏକଟଙ୍କା ଦର ଅଦରଣୀୟ ହେବାର ସନ୍ଦେହ ସ୍ଥଳ ଅଟଇ।

ଲୋକ ଉତ୍ତଂସଙ୍କ ଗତାୟାତ ପକ୍ଷରେ ନାଲ ସବୁ ବିଶେଷ ବାଧାଦାୟକ ହୋଇଅଛି। ତହିଁ ଉପରେ ଯେଉଁ ଯେଉଁଠି ପୁଲ ହୋଇଥିଲେ ମଧ୍ୟ ତାହା ଅଯଥେଷ୍ଟ ଅଟଇ। ବାରିକମାଷ୍ଟରୀ ମହକୁମା ନୂତନସ୍ତ ହୋଇ ଏ କଷ୍ଟ ନିବୃତ୍ତ କରିବାର ଉଚିତ। ପଶୁ ଯଦୁବା ଅତ୍ୟାଚାର ସାମାନ୍ୟ ନୁହେ। ନାଲ ବନ୍ଧକୁ ପଶୁ ଯାଇଥାଉନ୍ତୁ ବା ନ ଥାଉନ୍ତୁ ସେହି ଛଳନାରେ ଅଧୀନସ୍ଥ କର୍ମଚାରୀମାନେ ପ୍ରଜାଙ୍କୁ ବିଶେଷ ଝଣ୍ଡାଉଅଛନ୍ତି। ଏଥିରେ ସେମାନେ ବିରକ୍ତ ଓ ଜଦୃଯୁକ୍ତ ହୋଇ ଗାଈ ବଳଦ ବିକିଦେଉଅଛନ୍ତି ଏମନ୍ତ କି ଗୋଟିଏ ହାଟରେ ଏକବର୍ଷ ମଧ୍ୟରେ ସାତସହସ୍ର ଟଙ୍କାର ଗୋରୁ ବିକ୍ରୟ ହେଲେ। ଏଥିକୁ ଗନ୍ ସାହେବ ବୋଲନ୍ତି ଯେ ନାଲକର୍ମଚାରୀଙ୍କୁ ପଶୁ ଧରିବାର ଅଧିକାର ନ ଦେଇ ପଶୁଦ୍ୱାରା ବନ୍ଧର ଯେ କିଛି କ୍ଷତି ହୋଏ ତାହା ସହିବାର ଉଚିତ, ଲୋକଙ୍କର ଏତାଦୃଶ କ୍ଳେଶ ଓ ଅସନ୍ତୋଷ ଜନ୍ମାଇବାର କଦାପି ଉଚିତ ନୁହେ।

କୌଣସି ଅଞ୍ଚଳରେ ନୂତନ ନାଲ ନିର୍ମାଣ ହେଲେ ତହିଁର ସମୁଦାୟ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ବିନା କରରେ ଜଳ ଦେବା ଓ ଆଦର୍ଶ କୃଷିକ୍ଷେତ୍ର ସ୍ଥାପନ କରି ଲୋକଙ୍କୁ ନାଲଜଳର ଉପକାର ଦେଖାଇବା ଏବଂ ବର୍ଷାଜଳ ଯିବା ସକାଶେ ନାଲ କରିବା ଇତ୍ୟାଦି ବିଷୟ ଗନ୍ ସାହେବ ପ୍ରସ୍ତାବ କରିଅଛନ୍ତି। ଆମ୍ଭେମାନେ ତାଙ୍କ ସଙ୍ଗେ ଐକ୍ୟ ଅଟୁଁ ଓ ତାଙ୍କ ପ୍ରସ୍ତାବମାନ ସମର୍ଥନ କରୁଅଛୁଁ। ସେ ଆପଣା ମନ୍ତବ୍ୟରେ ଅନେକ ବିଷୟ ଲେଖିଅଛନ୍ତି ଓ ତହିଁର ଯଥୋପଯୁକ୍ତ ହେତୁ ଦେଇଅଛନ୍ତି ସ୍ଥାନାଭାବରେ ସେ ସମସ୍ତ ଲେଖି ନ ପାରିଲୁଁ କିନ୍ତୁ ସ୍ଥୂଳକଥାମାନ ଛାଡ଼ି ନାହୁଁ। ଆମ୍ଭେମାନେ ତାଙ୍କ ମନ୍ତବ୍ୟ ପଢ଼ି ସନ୍ତୁଷ୍ଟ ହେଲୁଁ ଓ ଏନିମିତ୍ତ ତାଙ୍କର ପ୍ରଶଂସା କରୁଅଛୁଁ।

---

## ମିଉନିସିପଲ ଟାକ୍ସ ସମ୍ପର୍କରେ ଶ୍ରୀଯୁକ୍ତ ବିମ୍ସସାହେବଙ୍କ ମତ।

ଗତ ପ୍ରକାଶିତ ବାଲେଶ୍ୱର ସଂମ୍ବାଦ ବାହିକାରେ ଉପରଲିଖିତ ବିଷୟରେ ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ବିମ୍ସ ସାହେବଙ୍କ ପ୍ରେରିତ ପତ୍ର ଖଣ୍ଡିଏ ପ୍ରକାଶିତ ହୋଇଅଛି ଆମ୍ଭେମାନେ ସର୍ବସାଧାରଣଙ୍କ ଗୋଚରାର୍ଥେ ଉକ୍ତପତ୍ର ଖଣ୍ଡିକ ଏଠାରେ ଉଦ୍ଧୃତ କଲୁଁ ତହିଁରୁ ପାଠକମାନେ ସାହେବ ମହାଶୟଙ୍କ ମତ ଜାଣିପାରିବେ।

ଟାକ୍ସ ବୃଦ୍ଧି ନ କରିବା ବିଷୟରେ ସାହେବ ଯାହା ଲେଖି ଅଛନ୍ତି ତାହା ଆମ୍ଭେମାନେ ଅନୁମୋଦନ କରୁଅଛୁଁ। ଯେଉଁଠାରେ ଲୋକଙ୍କର ଅବସ୍ଥା ଯେରୂପ ସେଠାରେ ସେହି ପରିମାଣ ଟାକ୍ସ ସଂଗ୍ରହ କରିବା ଓ ତଦ୍ୱାରା ଯେତେ ନଗରର ସଂସ୍କାର କିମ୍ବା ଶୋଭା ବର୍ଦ୍ଧନ ହୋଇ ପାରିବା ସମ୍ଭବ ତେତିକରେ ତୃପ୍ତ ହେବାର ଉଚିତ। ଅନେକ ପ୍ରକାର ବ୍ୟୟର ପ୍ରୟୋଜନ ବୋଲି ଅନେକ ପ୍ରକାର ଟାକ୍ସ କଲେ ଲୋକେ କ୍ଳେଶ ଭୋଗ କରିବେ।

ପହରିଦାରଙ୍କ ବିଷୟରେ ସାହେ ପ୍ରଶଂସିତ ଯାହା ଲେଖି ଅଛନ୍ତି ତାହା କେତେ ପରିମାଣରେ ସତ୍ୟ ହେଲେ ହେଁ ବେତନ ବୃଦ୍ଧି ହେଲାରୁ ଯେ ଏମାନେ କାର୍ଯ୍ୟଭଲ କରି ନାହାନ୍ତି କିମ୍ବା ପରିଧାନର ତାରତମ୍ୟ ହେତୁ ବେତନ ଅଧିକ ଦେବାକୁ ପଡୁଅଛି ଏମନ୍ତ ଯୁକ୍ତିରେ ଆମ୍ଭେମାନେ ସମ୍ମତ ହେଉ ନାହୁଁ। ପୂର୍ବେ ତିନିଟଙ୍କାରେ ଲୋକେ ନିର୍ବାହ ହେଉଥିଲେ ମାତ୍ର ବର୍ତ୍ତମାନର ଅବସ୍ଥା ଅନେକ ଅନ୍ତର ଆଜି କାଲି କାହାରିକୁ ତିନିଟଙ୍କା ବେତନରେ ନିଯୁକ୍ତ କଲେ ସେ ତହିଁରେ ନିର୍ବାହ ହୋଇ ପାରିବ ନାହିଁ ସୁତରାଂ ଅନ୍ୟ ଉପାୟ ଦେଖିବ। ମାସକୁ ୪ ୮ ରୁ ୬ ୮ ଙ୍କା ବେତନ ଦେବାକୁ ଅନ୍ୟାୟ ବୋଲାଯାଇ ନ ପାରେ ତେବେ ବର୍ତ୍ତମାନ ପ୍ରଚଳିତ ନାଲ ପଗଡି କି କଲାକୁର୍ତ୍ତା କାର୍ଯ୍ୟର ବ୍ୟାଘାତ ଜନ୍ମାଇବାର ସମ୍ଭବ ହେଲେ ଯହିଁରେ କାର୍ଯ୍ୟ ଭଲ ହେବ ସେରୂପ ପରିଧାନର ନିୟମ କରିବାର ଉଚିତ। କର୍ମଚାରୀଙ୍କ ସଂଖ୍ୟା ଅଧିକ ଥିଲେ ଊଣା କରିବା କିମ୍ବା ସେମାନେ ଯେରୂପେ ସ୍ୱ କାର୍ଯ୍ୟରେ ତ୍ରୁଟି ନ କରନ୍ତି ତହିଁର ବିଶେଷ ତତ୍ତ୍ୱାବଧାରଣର ଉପାୟ କରିବା ବିହିତ ହେଉଅଛି ଓ ଆମ୍ଭମାନଙ୍କ ଜାଣିବାରେ ନାଗରିକ ପୁଲିସ ଏହି ଉଭୟ ଦୋଷ ରତ ଥିବାରୁ ପୁଲିସ ନିମିତ୍ତ ଯେତେ ବ୍ୟୟ ପଡ଼ୁଅଛି ତହିଁରେ କାହାର ସନ୍ତୋଷ ହେଉ ନାହିଁ।

ପରିଶେଷରେ ବକ୍ତବ୍ୟ ଏହି ଯେ ଶ୍ରୀଯୁକ୍ତ ବିମ୍ସ ସାହେବ ଜଣେ ଉତ୍ତମ ଭାଷାବିତ୍ ହୋଇ କି ମନେକରି ବାରମ୍ବାର ହଜୁର ଶବ୍ଦ ପ୍ରୟୋଗ କରି ଅଛନ୍ତି ବୁଝାଯାଉ ନାହିଁ।

ବୋଧଦାୟିନୀ ପତ୍ରିକା ସମ୍ପାଦକ ଶ୍ରୀଯୁକ୍ତ
ବାବୁ ଫକୀରମୋହନ ସେନାପତି
ସୁଚରିତେଷୁ

ଉକ୍ତ ପତ୍ରିକାରସ୍ଥ ଯୁକ୍ତ ବାଲେଶ୍ୱର ସଂବାଦବାହିକା ନାମ୍ନୀ ପାକ୍ଷିକ ପତ୍ରିକାରୁ ଅବଗତ ହେଲୁଁ ଯେ, ବାଲେଶ୍ୱର ନଗରାନ୍ତର୍ଗତ ସଡ଼କମାନ ଘୋଡ଼ାଗାଡି ଓ ବଳଦଗାଡିର ଯିବା ଆସିବାରେ ଅଧିକ କ୍ଷୟ ହେଉଥିବାରୁ ତାହା ନିର୍ମାଣ ଅଥବା ସଂସ୍କାରର ବ୍ୟୟ ଉତ୍ତମରୂପେ ନିର୍ବାହ ସକାଶେ ଘୋଡ଼ାଗାଡ଼ି ଓ ବଳଦଗାଡି ଉପରେ ଟାଉନ ଟେକ୍ସ ବସାଇବାର ପ୍ରାର୍ଥନା କରିଅଛ; କିନ୍ତୁ ହଜୁରର ଏମନ୍ତ ବିବେଚନା ହୁଏ ଯେ, ଏହି ନଗରସ୍ଥ ନିବାସିମାନଙ୍କ ପ୍ରତି ଟାଉନ ଟେକ୍ସ ଯେ ପରିମାଣେ ନିର୍ଦ୍ଧାର୍ଯ୍ୟ ହୋଇଅଛି ତଦତିରିକ୍ତ ଆଉ କୌଣସି ପ୍ରକାର ଟେକ୍ସ ଧାର୍ଯ୍ୟ କରିବା ଅନୁଚିତ; ଅତଏବ ହଜୁରର ଅଭିପ୍ରାୟ, ଯେପର୍ଯ୍ୟନ୍ତ ପ୍ରଧାନ ଅଥବା କ୍ଷୁଦ୍ର ନଗର ସମ୍ବନ୍ଧୀୟ ଟାଉନ ଟେକ୍ସର ନୂତନ ବିଧି ଭାରତବର୍ଷ ବା ବଙ୍ଗଦେଶ ବ୍ୟବସ୍ଥାପକ ସଭାରୁ ପ୍ରଚଳିତ ହୋଇ ନାହିଁ ସେପର୍ଯ୍ୟନ୍ତ, ଏହି ନଗରର ଟାଉନ ଟେକ୍ସ ଆଉ କୌଣସି ପ୍ରକାରେ ବୃଦ୍ଧି କରାଯିବ ନାହିଁ।

ଶାନ୍ତିରକ୍ଷକମାନଙ୍କ ପ୍ରାପ୍ୟ ବେତନାଦି ବ୍ୟୟ ନିର୍ବାହ ନିମନ୍ତେ ନିର୍ଦ୍ଧାରିତ ଟାଉନ ଟେକ୍ସର ଅଧିକାଂଶ ବ୍ୟୟ ହେଉ ଥିବାରୁ ତାହାଦ୍ୱାରା ନଗରର ସଡ଼କାଦି ନିର୍ମାଣ ଅଥବା ସଂସ୍କାର କାର୍ଯ୍ୟ ଯେ ନିର୍ବାହ ହୋଇ ପାରେ ନାହିଁ ଯଥାର୍ଥ; କିନ୍ତୁ ପୂର୍ବରେ ଏ ନଗରରେ ମାସିକ ୪ ୩ ଙ୍କା ବେତନରେ ଯେଉଁ ଚୌକିଦାରମାନେ ନିଯୁକ୍ତ ଥିଲେ, ସେମାନଙ୍କ ପରିଧେୟାଦି ଯତ୍ସାମାନ୍ୟ ଥିଲା, ଏବଂ ସେମାନେ ସ୍ୱ ସ୍ୱ କର୍ତ୍ତବ୍ୟ କର୍ମ ବିଶେଷ ଯତ୍ନପୂର୍ବକ ଉତ୍ତମରୂପେ ନିର୍ବାହ କରୁଥିଲେ। ସେମାନଙ୍କୁ ରହିତ କରି ନଗରର ଶୌଚ ପହରି କର୍ମ ନିର୍ବାହ ସକାଶେ କନଷ୍ଟବଲମାନଙ୍କୁ ନିଯୁକ୍ତ କରିଦିବାରୁ ଏକ ଏକ ବ୍ୟକ୍ତିଙ୍କ ମାସିକ ବେତନ ୫ ୮ ଓ ୬ ଙ୍କା ଲେଖାଏ ନିର୍ଦ୍ଧାର୍ଯ୍ୟ ହୋଇଅଛି, ଏଥିରୁ ନାଗରିକ ପୋଲିସର ବ୍ୟୟ ଯେ ପୂର୍ବାପେକ୍ଷା ତ୍ରିଗୁଣ ଅଧିକ ହୋଇଅଛି ଏକଥା କହିବା ବାହୁଲ୍ୟ। ତଥାଚ ସେମାନେ କଲାକୁର୍ତ୍ତା ଓ ରଙ୍ଗା ପାଗ ଯୋଗୁ ଏପରି ଗର୍ବୀ ହୋଇ ଅଛନ୍ତି ଯେ ସେମାନଙ୍କ କର୍ତ୍ତବ୍ୟ କର୍ମରେ କିଛିମାତ୍ର ଯତ୍ନ ଦେଖାଯାଉ ନାହିଁ; ଅତଏବ ନଗରର ଶୌଚ ପହରି କର୍ମ ନିର୍ବାହ ନିମନ୍ତେ କନଷ୍ଟବଲ ନ ରଖି ପୂର୍ବପରି ଚୌକିଦାର ରଖିବା ସକାଶେ

Digitized by srujanika@gmail.com

Split by PDF Splitter



ରିପୋର୍ଟ କରାଯାଇ ଅଛି । ଭରସା, ତାହା ଅନୁମୋଦିତ ହେଲେ ପୋଲିସର ବ୍ୟୟ ମଧ୍ଯ ହ୍ରାସ ହୋଇ ପାରିବ ଓ ସେଥିରୁ ଉଦ୍‌ବୃତ୍ତ ଟଙ୍କାଦ୍ବାରା ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟର ଅନୁଷ୍ଠାନ ହୋଇ ପାରିବ । ଗୋଚର ନିମନ୍ତେ ଲେଖାଗଲା ଇତି । ୨୯ ତା° ଡିସେମ୍ବର ସନ ୧୮୭୧ ।

ଜନ ବୀମ୍ସ
କଲେକ୍ଟର

# ସାପ୍ତାହିକ ସଂବାଦ

ନିମ୍ନଲିଖିତ ମହାଶୟମାନେ ପୁରୀ ଦାତବ୍ୟ-ଚିକିତ୍ସାଲୟକମିଟୀର ସଭ୍ୟ ନିଯୁକ୍ତ ହୋଇଅଛନ୍ତି ଯଥା—

ମହନ୍ତ ମୋହନ ଦାସ, ବାବୁ କେଦାରନାଥ ଦତ୍ତ, ବାବୁ ନନ୍ଦକିଶୋର ଦାସ, ମହନ୍ତ ହସ୍ତୀନ ଦାସ ଓ ବାବୁ ରାମଗୋପାଳ ଚଟ୍ଟୋର୍ଯ୍ୟ ।

ନିମ୍ନଲିଖିତ ଛାତ୍ରମାନେ ଜିଲ୍ଲାସ୍କୁଲଶ୍ରେଣୀର ଜୁନିୟର ଛାତ୍ରବୃତ୍ତି ପାଇଅଛନ୍ତି ।

ଭୁବନେଶ୍ବର ଦତ୍ତ ।
କୃଷ୍ଣଚନ୍ଦ୍ର ମହାନ୍ତି ।
ରାମକୃଷ୍ଣ ମହାପାତ୍ର ।
ଶିବପ୍ରସାଦ ବ୍ରହ୍ମ ।

ଗତ ମଙ୍ଗଳବାର ଜଗେଶ୍ବର ମହାଜନଙ୍କର କାଠଯୋଡି କୂଳସ୍ଥ ଲୁଣ ଗୋଦାମରୁ ଏକଶହ ଟଙ୍କା ଚୋରିଗଲା ଦିନବେଳେ ଚୋର ଦୁଆର ତାଲା ଭାଙ୍ଗି ପେଡାଟିଏ ଉଠାଇ ନେଇ ଗଲା କେହି ଜାଣି ନ ପାରିଲେ ଏଥିରୁ ବୋଧ ହୁଏ ଗୋଦାମର କୌଣସି ଚାକରଦ୍ବାରା କିମ୍ବା ତାହାର ସହାୟତାରେ ଏ ଚୌର୍ଯ୍ୟ ହୋଇଅଛି । ପୁଲିସ ଅନୁସନ୍ଧାନ କରୁଅଛନ୍ତି କଣ କରିବେ ଦେଖାଯିବ ।

ଅମ୍ଭମାନଙ୍କର ରାଷ୍ଟ୍ର ବଙ୍ଗଦେଶୀ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସାହେବଙ୍କର ଦୋଷଦୃଷ୍ଟି କାବ୍ୟ ଉପରେ ପଡିଅଛି । ଶୁଣାଯାଏ ଯେ ବିଦ୍ୟାଳୟରୁ କାବ୍ୟପାଠ ଉଠାଇ ଦେବାର ସେ ମନସ୍ଥ କରିଅଛନ୍ତି ବର୍ତ୍ତମାନ ସେ ଏ ନଗରକୁ ଆସିଅଛନ୍ତି ଯଦି ସେ ଏଠା ଚଟଶାଳିମାନ ଦେଖିବେ ତେବେ ଅତି ଗର୍ବିତ ହେବେ କାରଣ ଚଟଶାଳିରେ ପଦ୍ୟ ବ୍ୟତୀତ ଅନ୍ୟ କିଛି ପୁସ୍ତକ ପଢା ନ ଯାଏ କି ନାରସ ଲେଖ !

ବମ୍ବେଇ ଗଜେଟରୁ ଅବଗତ ହେଲୁଁ ଯେ ସମ୍ପ୍ରତି ସେଠାରେ ୩୯ ଜଣ ଦେଶୀୟବ୍ୟକ୍ତି, ସମ୍ପାଦକଙ୍କ ପ୍ରଚଳ ହେଉଅଛି । ଏତେଗୁଡିଏ କାଗଜ ଯେଉଁସ୍ଥାନରେ ଅଛି ସେଠା ଲୋକ ମତ ଅନେକବେଳେ କାର୍ଯ୍ୟରେ ଆସୁଥିବ ।

ଏଥିପୂର୍ବେ ଗବର୍ଣ୍ଣମେଣ୍ଟ ଅଧସ୍ଥ ପୁଲିସ କର୍ମଚାରୀଙ୍କର ନିଯୋଗ, ପଦବୃଦ୍ଧି ଇତ୍ୟାଦିର ଭାର ମେଜିଷ୍ଟ୍ରେଟଙ୍କ ହସ୍ତେ ସମର୍ପଣ କରିଥିଲେ ବର୍ତ୍ତମାନ ଆଜ୍ଞା ଦେଇ ଅଛନ୍ତି ଯେ ପ୍ରଧାନ କର୍ମଚାରୀ ଅର୍ଥାତ୍ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଓ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ପଦ ବୃଦ୍ଧିରେ ମଧ୍ୟ ମେଜିଷ୍ଟ୍ରେଟ ଓ କମିଶନରଙ୍କର ମତ ଗ୍ରହଣ କରିବାକୁ ହେବ । ଏହା ହେଲେ ପୁଲିସର ଅଧୀନତା ସମ୍ପୂର୍ଣ୍ଣ ହେଲା, ତେବେ ପୁଲିସର ଇନ୍‌ସ୍ପେକ୍ଟର ଜେନେରଲ ଓ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ମହକୁମା ଉଠାଇ ଦେବାର ଆମ୍ଭେମାନେ ଯେ ପ୍ରସ୍ତାବ କରିଅଛୁଁ ଓ ଯହିଁରେ ଅନ୍ୟ ପତ୍ରିକାମାନେ ମଧ୍ୟ ଏକମତ ପ୍ରକାଶ କରି ଅଛନ୍ତି ସେ ପକ୍ଷରେ ଆଉ ବିଳମ୍ବ କାହିଁକି ?

ଏଡୁକେସନ ପତ୍ରିକାରୁ ଜ୍ଞାତ ହେଲୁଁ ଯେ ଗ୍ରେଟଗାଁରେ ଜଣେ ବାବୁ ଦିନବେଳେ ଦୁଆର ନିକଟ ପାଖରେ ରଖିଦେଇ ହାତ ଧୋଉଥିଲେ ଓ ତାଙ୍କ ଚାକର ସମ୍ମୁଖରେ ଠିଆ ହୋଇଥିଲା ଏମନ୍ତ ସମୟରେ ଜଣେ ଚୋର ସେ ନିକା ନେଇ ଚମ୍ପଟ କଲା, ଚାକର ତତ୍‌କ୍ଷଣାତ୍ ତାହାପଛେ ଦୌଡିଲା କିନ୍ତୁ ନିଷ୍ଫଳ ହେଲା କାରଣ ଚୋର ଆଗରେ ଯେଉଁମାନଙ୍କୁ ଦେଖିଲା ସେମାନଙ୍କୁ କହିଲା ଯେ କନଷ୍ଟବଲମାନେ ଆସି ବେଠି ଧରୁଅଛନ୍ତି ବୋଲି ମୁଁ ପଳାଉ ଅଛି । ଏହା ଶୁଣିଲାରୁ ସେମାନଙ୍କର ତାହାପ୍ରତି ସନ୍ଦେହ ହେବାର ତେଣିକି ଥାଉ ସେମାନେ ନିଜେ ବେଠି ଭୟରେ ପଳାଇ ଗଲେ ସୁତରାଂ ଚୋର ଅନାୟାସେ ଆପଣା ଅଭୀଷ୍ଟ ସିଦ୍ଧି କଲା ଚୋରଙ୍କର କି ସାହସ ଓ କି ବୁଦ୍ଧି !

ଭାରତପତ୍ରିକା କୋଲନ୍ତି ଯେ ଗୃହସାହୀ ଅଞ୍ଚଳରେ ଜଣେ ଯୁବକ ରଜନୀରେ ଆପଣାଘରେ ଶୋଇଥିଲା ପ୍ରଭାତରେ ଗୃହସ୍ଥ ସମସ୍ତେ ଦେଖିଲେ ଯେ ସେବ୍ୟକ୍ତି ନାହିଁ ତୁଇଦିନ ପର୍ଯ୍ୟନ୍ତ ଇତସ୍ତତଃ ଅନ୍ୱେଷଣ କରି ତାହାର ଠିକଣା ନ ପାଇବାରୁ ସେମାନେ ହତାଶ ହୋଇ କନ୍ଦନ କରୁଅଛନ୍ତି ଏମନ୍ତ ସମୟରେ ସେ ଯୁବକ ଅନ୍ୟ ଏକଜଣର ସଙ୍ଗରେ ଗୃହରେ ପ୍ରବେଶ ହେଲା ଏଥିରେ ଗୃହସ୍ଥବ୍ୟକ୍ତିମାନେ ଯେ କିପ୍ରକାର ଆନନ୍ଦିତ ହେଲେ ତାହା ବର୍ଣ୍ଣିବା ଅପେକ୍ଷା ଅନୁମାନ କରିବା ସହଜ ଅଟଇ । ତାକୁ ପଚାରିବାରେ ସେ କହିଲା ଯେ ନୂତପ୍ରକାରେ ଗଲା ମୋତେ କିଛି ଜଣା ନାହିଁ ଅଠରକୋଶ ଅନ୍ତରସ୍ଥ ଏକଗ୍ରାମରେ ଜଣେ ମନୁଷ୍ୟକୁ ଭେଟି ମୋହର ଚେତନା ହେଲା ତାହାଠାରୁ ଆବଶ୍ୟକୀୟ ବିଷୟ ଅବଗତ ହୋଇ ଗୃହାଭିମୁଖୀଙ୍କୁ ଏକଥା ଜଣାଇଲି ସେମାନେ ଆହ୍ଲାଦ ଓ ଏ ମନୁଷ୍ୟ ସଙ୍ଗରେ ଦେଇ ମୋତେ ବାହୁଡାଇଲେ ଅନେକଲୋକ ମନେ କରିବେ ଭୂତ ସେବ୍ୟକ୍ତିକୁ ଶୋଇଲାଠାରୁ ଉଠାଇ ନେଇ ଯାଇଥିଲା ଓ ଏପରି ଗୋଟିଏ ପ୍ରସିଦ୍ଧକଥା ଅଛି କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରମ ଓ ମିଥ୍ୟା ତାହା କେବଳ ଗୋଟିଏ ରୋଗ ଅଟଇ ଓ ସେଥିର ଲକ୍ଷଣ ଏହି ଯେ ସେ ରୋଗ ଯେଉଁ ବ୍ୟକ୍ତିକି ଧରେ ସେ ଲୋକ ନିଦ୍ରିତ ଅବସ୍ଥାରୁ ଆପେ ଉଠିଯାଇ ସେହିପରି ଅଚେତନ ଥାଇ ଏଣେ ତେଣେ ବୁଲେ !

ଦକ୍ଷିଣରେ ଦୁର୍ଭିକ୍ଷ ଉପସ୍ଥିତ ହୋଇ ଥିବାରୁ ଇଜାନଗରର ମହାରାଜ ଅପଣା ରାଜ୍ୟ ନିମନ୍ତେ ବାଲେଶ୍ବରଠାରୁ କନ୍ଥଇ ଚାଉଳ କ୍ରୟ କରି ନେଉଅଛନ୍ତି ଏବଂ ପ୍ରତିଦିନ ଏକସହସ୍ର ମୂଲିଆଙ୍କ ପାଇଁ କର୍ମ ଯୋଗାଇ ଅଛନ୍ତି ଏମାନେ ଉକ୍ତ ଦେଶର ନାନା ପ୍ରକାର କାର୍ଯ୍ୟରେ ନିଯୁକ୍ତ ଥାଇଁ ମୂଲପାଇ ଜୀବିକା ନିର୍ବାହ କରୁଅଛନ୍ତି !

---

ବିଜ୍ଞାପନ ।

---

ବଳ ବଉଧ ଅନ୍ତଃପାତି ବଉପଡା ନାମକ ସ୍ଥାନରେ ଯେଉଁ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟ ଅଛି ସେଠାରେ ଜଣେ ଦ୍ବିତୀୟଶିକ୍ଷକର ପ୍ରୟୋଜନ । ମାସିକ ବେତନ ଟ ୧୫ ଙ୍କା । ଯଦି କାହାର ଇଚ୍ଛା ଥାଏ ତେବେ ଆମ୍ଭଠାରେ ଏକପକ୍ଷ ମଧ୍ୟରେ ଆବେଦନ କଲେ ଉକ୍ତ କର୍ମ ପାଇ ପାରିବେ । ଆବେଦନକାରଙ୍କର ପାଟୀଗଣିତରେ ଓ ଭୂଗୋଳରେ ଉତ୍ତମ ବିଦ୍ୟା ଥିବାର ଆବଶ୍ୟକ ଅଥଚ ଅକ୍ଷର ସୁନ୍ଦର ହୋଇଥିବ ।

Gobind Chunder Mahapater.

୨୦।୧।୭୨ } ପୁରୀ ବିଦ୍ୟାଳୟ ସମୂହର ଡେପୁଟୀ ଇନ୍‌ସ୍ପେକ୍ଟର ।

---

ମୂଲ୍ୟପ୍ରାପ୍ତି ।

---

| | | |
|---|---|---|
| ଶ୍ରୀ ଟୀ, ଏମ୍ କୁଞ୍ଜ ସାହେବ କଟକ ବଙ୍ଗଳା | ଟ | ୯ |
| ଶ୍ରୀ ଶ୍ରୀ ରାଜା କଲେ ତାଳଚେର | ,, ଟ | ୯ |
| ,, ରାଜା କଲେ କୁଜଙ୍ଗ | ,, ଟ | ୬୨ |

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ
ସଂଖ୍ୟା

ତା ୭ ରଗ ଫିବୃଏରୀ ସନ ୧୮୭୬ମସିହା । ମୂ । ମାଘ ବ ୨୮ ନ ସନ ୧୨୮୩ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪୮
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୬
ମଫସଲ ପାଇଁ ଡାକମାସୁଲ ୫୧


### ଉତ୍କଳ ଅନୁବାଦକ ।

ଅମ୍ଭେମାନେ ମନେ କରିଥିଲୁଁ ଯେ ଉତ୍କଳଦୀପିକାର ଭାଗ୍ୟଂଶ ଗବର୍ଣ୍ଣମେଣ୍ଟଙ୍କ ସାପ୍ତାହିକ ବିଜ୍ଞାପନୀ ପ୍ରକାଶେ ଅନୁବାଦ କରିବାର ଭାର ଅବଶ୍ୟ ଗବର୍ଣ୍ଣମେଣ୍ଟ ଅନୁବାଦକଙ୍କୁ ଅର୍ପିତ ହେବାରୁ ଉକ୍ତ କାର୍ଯ୍ୟ ଉତ୍ତମରୂପେ ନିର୍ବାହିତ ହେବ କିନ୍ତୁ କି ମାସ ଗତ ନ ହେଉଣୁ ଦେଖାଗଲା ଯେ ଅମ୍ଭମାନଙ୍କ ଆଶା ନିରର୍ଥକ ଥିଲା । ଅନୁବାଦକ ମହାଶୟ ପ୍ରଥମ ଦୁଇ ଏକ ମାସ ଏକପ୍ରକାର କାର୍ଯ୍ୟ ନିର୍ବାହ କରି ଏତେ ଶୀଘ୍ର ଯେ କ୍ଳାନ୍ତ ହୋଇ ପଡ଼ିଲେ ଏଥିର କାରଣ ଅମ୍ଭେମାନେ କିଛି ଜାଣୁ ନାହୁଁ । ଗବର୍ଣ୍ଣମେଣ୍ଟ ଗେଜେଟସ୍ଥ କାର୍ଯ୍ୟ ପୂର୍ବରେ ଯାହା ଥିଲା ତହିଁର କିଛି ବୃଦ୍ଧି କିମ୍ବା ଆଉ କୌଣସି ବିଶେଷ କାର୍ଯ୍ୟ ପଡ଼ିବାର ଶୁଣାଯାଇ ନାହିଁ ତେବେ କାହିଁକି ଅନୁବାଦକ ମହାଶୟ ଏ ପତ୍ରିକା କିମ୍ବା ବାଲେଶ୍ୱର ସମ୍ବାଦବାହିକାର ଗତ ଛଅ ମାସରେ ଗୋଟିଏ ସୂଚୀ ବିଷୟ ଲେଖି ପଠାଇବାକୁ ସମର୍ଥ ହୋଇ ନାହାନ୍ତି ବୁଝିବାର କଠିନ । ସେ ଲେଖି ପଠାଇଥିଲେ ଯେ ବିଜ୍ଞାପନୀରେ ସ୍ଥାନ ପାଇ ନ ଥାନ୍ତା ଏମନ୍ତ ଅନୁମାନକୁ ଅସ୍ତ ନାହିଁ । ଏମନ୍ତ ଅବା ବୋଲଯାଇ ପାରେ ଯେ ଯେତେ କାଳ କେଉଁ ଉକ୍ତ ପତ୍ରିକା ଦ୍ୱୟର ଅନୁବାଦ ପଠାଯାଇ ନାହିଁ ସେ କାଳ ମଧ୍ୟରେ କୌଣସି ଉତ୍ତମ କଥା ଉକ୍ତ ପତ୍ରିକାମାନଙ୍କରେ ନ ଥିଲା । ମାତ୍ର ଅମ୍ଭେମାନେ ନିବେଦନ କରୁଁ ଯେ ଏପ୍ରକାର ବିଚାର କରିବାର ଭାର ଅନୁବାଦକଙ୍କୁ ଦିଆଯାଇ ନାହିଁ । ଯେ ସବୁ ବିଷୟ ତାହାଙ୍କୁ ଅନୁବାଦ କରିବାର ଆଜ୍ଞା ଅଛି ସେ ସବୁ ବିଷୟରେ କେତେ କଥା ପ୍ରକାଶ ହୋଇଅଛି । ଲେଖାମାନ ଉତ୍ତମ ହେଉ ବା ନ ହେଉ ତହିଁର ସାରାଂଶ ତାହାଙ୍କୁ ଲେଖି ପଠାଇବାର ଉଚିତ । ରଚନାର ଉତ୍ତମ ମଧ୍ୟମ କିମ୍ବା ତର୍କର ଉତ୍କୃଷ୍ଟ ନିକୃଷ୍ଟତା ହେତୁରୁ କୌଣସି କଥା ଛାଡ଼ିଦେବାର ତାହାଙ୍କର କାର୍ଯ୍ୟ ନୁହଇ । ଯାହା ହେଉ ଅମ୍ଭେମାନେ କେବଳ ଅନୁମାନ କରି ଏ କଥାମାନ ଲେଖିଅଛୁଁ ପ୍ରକୃତ କାରଣ ଅମ୍ଭମାନଙ୍କୁ ଜଣା ନାହିଁ କେବଳ କଥା ଏହି ଯେ ଏଣିକି ବହୁତ ଦିନ ହେଲା କୌଣସି ଇଂରାଜୀ ଅନୁବାଦ ବାହାରୁ ନାହିଁ ।

---

### ଗଞ୍ଜାମ ଜିଲାର ଦୁର୍ଭିକ୍ଷ ।

ଓଡ଼ିଶାର ଦକ୍ଷିଣ ଗଞ୍ଜାମ ଓ ଭିଜାଗପଟ୍ଟନ ପ୍ରଭୃତି ସ୍ଥାନମାନଙ୍କରେ ଅନ୍ନକଷ୍ଟ ପଡ଼ିବାର ପୂର୍ବରୁ ପାଠକମାନଙ୍କୁ ଜଣାଇଅଛୁଁ । ଗତମାସ ତା ୧୮ ରିଖରେ ଗଞ୍ଜାମଜିଲାର କଲେକ୍ଟର ଯେଉଁ ଅନ୍ନ ଓ ଶସ୍ୟର ମୂଲ୍ୟ ଏଠା କମିଶନରଙ୍କ ନିକଟକୁ ପଠାଇଥିଲେ ତାହା ଶେଷ ଲିଖିତ କର୍ମଣ୍ଟ ରିପୋର୍ଟରୁ ଅମ୍ଭେମାନେ ପ୍ରାପ୍ତ ହୋଇ ତହିଁରେ ଦେଖିଲୁଁ ଯେ ଦ୍ୱିତୀୟପ୍ରକାର ଚାଉଳର ଦର ସେଠାରେ ହାରାହାରି କଲିକତା ସେରରେ ଟଙ୍କାକୁ ସେ ୧୨ ର ଦରରୁ ହୋଇଅଛି ପାରଲାଖେମଣ୍ଡିରେ ସବୁଠାରୁ ମହାର୍ଘ, ଟଙ୍କାକୁ ସେ ୮ ର ଓ ଗଞ୍ଜାମରେ ସବୁଠାରୁ ଶସ୍ତା, ଟଙ୍କାକୁ ସେ ୧୪ ର ହୋଇଅଛି । ଅଉ ଶସ୍ୟମାନ ଏହିପ୍ରକାର ଅଟଇ । ଏଥିରୁ ଦେଖାଯାଏ ଯେ ଶସ୍ୟର ମୂଲ୍ୟ ବହୁତ ଉଚ୍ଚ ହୋଇଅଛି । ମାତ୍ର ଏପ୍ରକାର ନୁହଇ କି ଯାହାକୁ ଦୁର୍ଭିକ୍ଷ ବୋଲିଯିବ । ତେବେ ଭବିଷ୍ୟତକୁ ଗୋଟିଏ ଭୟ ଅଛି । କଲେକ୍ଟରସାହେବ ଲେଖନ୍ତି ଯେ ସମ୍ପ୍ରତି ସବୁସ୍ଥାନରେ ଖାଦ୍ୟଦ୍ରବ୍ୟ ପ୍ରାପ୍ତି ହେଉଅଛି । ପୁରୀ ଓ କଟକରୁ ଚିଲ୍କା ବାଟେ ନୌକାରେ ଏବଂ ସ୍ଥଳବାଟେ ସଗଡ଼ରେ ବହୁତ ଧାନ ଚାଉଳ ରପ୍ତାନୀ ହେଉ ଥିବାରୁ ମୂଲ୍ୟ ବୃଦ୍ଧି ନ ହୋଇ ବରଂ ଊଣା ହେଉଅଛି ଯଥା ଚିଠୀର ପୂର୍ବସପ୍ତାହରେ ଧାନ ସାତେ ଚଉଲକ୍ଷ ମହଣ ଚାଉଳ ନ ୭୫୦୦ ମଣ ଏବଂ ମାଣ୍ଡିଆ ନ ୨୨,୦୦୦ ମଣ ଉକ୍ତ ଜିଲାରେ ଅମଦାନୀ ହୋଇଥିଲା । ଜଳର କଷ୍ଟ ବିସ୍ତର ହୋଇଅଛି । ଏମନ୍ତ କି ଅଳ୍ପକାଳରେ ନୂତନ ଉପାୟ ଭିନ୍ନ ପାନ କରିବାକୁ ଜଳ ମିଳିବ ନାହିଁ । ଏଯୋଗୁଁ ପୁଷ୍କରିଣୀ ପରିଷ୍କାର ଓ କୂପ ଖନନ କାର୍ଯ୍ୟ ଆରମ୍ଭ ହୋଇଅଛି ମୂଲିଆମାନେ ମଜୁରି କାର୍ଯ୍ୟ ପାଉଅଛନ୍ତି ମାତ୍ର ପାରଲାଖେମଣ୍ଡି କିମ୍ବା ଓ ଅନ୍ୟାନ୍ୟ ତାଲୁକରୁ କେତେ ଦୁର୍ଭିକ୍ଷପୀଡ଼ିତଲୋକ ସ୍ଥାନାନ୍ତରକୁ ବାହାରିଯିବାର ଶୁଣାଯାଏ ଓ ଆଉ କେତେଲୋକ ବାହାରି ଯିବାକୁ ଉଦ୍ୟତ ଅଛନ୍ତି । ସେଥିର ପ୍ରାଦୁର୍ଭାବ ତେତେ ନାହିଁ ଏବଂ ସ୍ଥାନ-

Split by PDF Splitter

Digitized by srujanika@gmail.com

Split by PDF Splitter

18



ନଲେ ଜ୍ୱର ଓ ବସନ୍ତରୋଗ ନ୍ୟୂନାଧିକରେ ଦେଖାଯାଏ ପଶୁଙ୍କ ରୋଗ କେବଳ ପୁରୁଷୋତ୍ତମପୁର ଓ ଗଞ୍ଜାମରେ ସାମାନ୍ୟରୂପେ ପ୍ରତ୍ୟକ୍ଷ ହୁଅଇ । ବୃଷ୍ଟି ଆଦୌ ନାହିଁ ଓ ଅଠଗଡ଼ ତାଲୁକରେ ଫସଲ କଟା ହେଉଅଛି । ଆମ୍ରଫସଲର ଆଗମ କିରୂପ କିଛି ଜଣାଯାଉ ନାହିଁ । ସରକାର କର୍ମଚାରୀମାନେ ସତର୍କ ହୋଇ କାର୍ଯ୍ୟ କରୁଅଛନ୍ତି ।

---

## ମହାମାନ୍ୟ ଗବର୍ଣ୍ଣର ଜେନେରଲସାହେବଙ୍କ ଅଭ୍ୟର୍ଥନାର ଆୟୋଜନ ।

ଆମ୍ଭେମାନେ ପୂର୍ବେ ଏ ବିଷୟରେ ଯେସମସ୍ତ ଆୟୋଜନ ହେବାର କଥା ଲେଖିଥିଲୁଁ ଉକ୍ତ ମହୋଦୟଙ୍କ ପୁରୀବାଟେ ଆସିବାର ନ ହେବାରୁ ସେସବୁ ବିଶେଷରୂପେ ପରିବର୍ତ୍ତିତ ହେଲା ଏବଂ ରୀତି ସର୍ବପୂର୍ବେ ନ ହୋଇଥିବାରୁ କେହି୨ ଆପତ୍ତି କରିଥିବାରୁ ପୃଥକ୍ ସଭାଦ୍ୱାରା କାର୍ଯ୍ୟ ନିର୍ବାହ ହେବାର ସ୍ଥିର ହେଲା । ଏ ସଭାରେ ଏହି ଧାର୍ଯ୍ୟ ହେଲା ଯେ କମିଶନରସାହେବଙ୍କ କୋଠିରୁ ଦରବାର ତାମ୍ବୁ ପର୍ଯ୍ୟନ୍ତ ରୋଷଣୀ ହେବ ଏବଂ ମହାନଦୀ ବାଲିରେ ନାନାପ୍ରକାର ବାରୁଦକର୍ମ ଅର୍ଥାତ ବାଣ ପୋଡ଼ାଯିବ । ରୋଷଣୀସକାଶେ କେବଳ ଅବିରଳ ଗିଲାସ ଓ ଚର୍ବିବତୀ ବ୍ୟବହାର ହେବ ଓ ବାଣବିଷୟରେ ଯଥାସାଧ୍ୟ ଉପାୟ ହେଉଅଛି ଓଡ଼ିଶାରେ ଉତ୍କୃଷ୍ଟ ବାଣୁଆ ଅଛନ୍ତି କି ନାହିଁ ସତଗୃହରେ ଦେଖାଯାଏନା ଯେଉଁ ବାଣୁଆମାନେ ବିଭାଘରପାଇଁ ବାଣ ପ୍ରସ୍ତୁତ କରନ୍ତି ତାହାଙ୍କର ଶିଳ୍ପକୌଶଳ ଅତି ସାମାନ୍ୟ ଅଟଇ ଓ ବହୁକାଳରୁ ଏକପ୍ରକାର ହୋଇ ଆସୁଥିବାରୁ ସେ ସବୁର ମହତ୍ୱ ଯାଇଅଛି । ତଥାପି ଯେତେ ଉତ୍କୃଷ୍ଟ ବାଣ ପ୍ରସ୍ତୁତ ହେବାର ସମ୍ଭବ ତାହାର ଚେଷ୍ଟା ହେଉଅଛି । ପ୍ରଥମ ପ୍ରବେଶ ଦିନ ସନ୍ଧ୍ୟାକାଳେ ରୌଶନଚୌକି ଓ ବାଦ୍ୟ ଯେତେ ଠାରେ ହେବାର ଥିଲା ତାହା ରହିତ ହୋଇ କେବଳ ଦୁଇ ସ୍ଥାନରେ ସେରୂପ ହେବ ଓ ନହବତ ବାଜା ବଜିବ । ଏ ସମସ୍ତ କାର୍ଯ୍ୟରେ ଯେତେ ଟଙ୍କା ବ୍ୟୟ ହେବ ତାହା ଚେନ୍ଦାଦ୍ୱାରା ସଂଗ୍ରହିତ ହେଉଅଛି । ଅନେକ ସରକାରୀ କର୍ମଚାରୀ ଓ କେତେ ବଡ଼୨ ଜମିଦାର ଓ ଅନ୍ୟାନ୍ୟ ବ୍ୟକ୍ତିମାନେ ପ୍ରାୟ ୫ ୧୨୫୦ ଟଙ୍କା ଚେନ୍ଦା ସ୍ୱାକ୍ଷର କରିଅଛନ୍ତି ଓ ଏଠା ଅବସ୍ଥାରୁ ବୋଧ ହୁଅଇ ଆଉ ଦୁଇ ତିନିଶ ଟଙ୍କା ହୋଇପାରେ । ମାତ୍ର କଟକ ଓଡ଼ିଶାର ପ୍ରଧାନ ନଗର ଥିବା ପ୍ରତ୍ୟକ୍ଷେ ଯେ ଏଠାରେ ୫ ୧୫୦୦ ଟାରୁ ଅଧିକ ଚେନ୍ଦା ଉଠିବାର ସମ୍ଭାବନା ନାହିଁ ବଡ଼ ଦୁଃଖର ବିଷୟ ଅଟଇ । ଅବଶ୍ୟ ଯେଉଁମାନେ ଚେନ୍ଦା ଦେଇଅଛନ୍ତି ତହିଁମଧ୍ୟରେ ସରକାରୀ କର୍ମଚାରୀ ନଗରସ୍ଥ ଜମିଦାର ମାରୱାଡ଼ୀ ବଣିକ ଏମାନେ ଯଥାକ୍ରମେ ସଙ୍ଗତପ୍ରକାର ଚେନ୍ଦା ଦେଇଅଛନ୍ତି ଉକିଲମାନେ ଭିନ୍ନ ଊଣା ଦେଇଅଛନ୍ତି ଓ ଶିକ୍ଷାବିଭାଗର କର୍ମଚାରୀ ଏବଂ ଶ୍ରେଷ୍ଠପୁରୀ ମହାଜନମାନେ ଦୁଇ ଏକ ଜଣ ବ୍ୟତିରେକେ ପ୍ରାୟ ସମସ୍ତେ ଚେନ୍ଦାଫର୍ଦ୍ଦର ଅନ୍ତରରେ ରହିଅଛନ୍ତି । ନଗରବାସୀ ଅନେକେ ଧନିଲୋକ ଏହିପ୍ରାୟ ଅଛନ୍ତି ମାତ୍ର ଏରୂପ ଅବସ୍ଥା ଦେଖି ଆମ୍ଭେମାନେ ନିର୍ଭରସା ହେଉ ନାହୁଁ କାରଣ ଚେନ୍ଦା ଯେଉଁମାନେ ଅବଶ୍ୟ ଦେଇ ନାହାନ୍ତି ସେମାନେ କେବଳ ଏହିକଥା ମନେକରି ଅଛନ୍ତି ଯେ ବ୍ରିଟିଶ ଗବର୍ଣ୍ଣମେଣ୍ଟ ଟାକ୍ସ ବସାଇ ଲୋକଙ୍କୁ ବ୍ୟସ୍ତ କରୁଅଛନ୍ତି ଅତଏବ ଉକ୍ତ ଗବର୍ଣ୍ଣମେଣ୍ଟଙ୍କର ପ୍ରଧାନ ପ୍ରତିନିଧିଙ୍କୁ ବଡ଼ ଆଡ଼ମ୍ବରରେ ସମ୍ମାନ କରିବାର ଆବଶ୍ୟକ ନାହିଁ କିନ୍ତୁ ଯେତେବେଳେ ସେମାନେ ବିଚାର କରିବେ ଯେ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ହେତୁ କେତେ କୁଶଳ ଓ ସ୍ୱାଧୀନରେ ରହିଅଛନ୍ତି ଓ ସେ ସବୁ ତୁଳନାରେ ଟାକ୍ସ ନେବାର କିଛି ନୁହଇ ବରଂ ସେ ଟାକ୍ସ କେବଳ ସାଧାରଣ ଉପକାରାର୍ଥେ ହୋଇଅଛି ସେତେବେଳେ ରାଜଭକ୍ତି ଅନିବାର୍ଯ୍ୟରୂପେ ତାହାଙ୍କ ମନରେ ଉଦୟ ହେବ ଓ ତାହା ପ୍ରକାଶ କରିବାକୁ ଅଗ୍ରସର ହେବେ । ରାଜା କିଛି ଆମ୍ଭମାନଙ୍କଠାରୁ ଚେନ୍ଦା ପ୍ରାର୍ଥନା କରୁ ନାହାନ୍ତି ଆମ୍ଭେମାନେ ଆପଣା ମହତ୍ୱ ପଣ ଦେଖାଇବାର ଉଦ୍ଦେଶରେ ଯିନା ଏସବୁ କରୁଅଛୁଁ । ମୋଗଲ କି ମରହଟ୍ଟା ରାଜା ଆସିଥିଲେ ରସଦ ଯୋଗାଇଁ୨ ଜମିଦାରଙ୍କର ସର୍ବସ୍ୱ ନଷ୍ଟ ହୁଅନ୍ତା ଅନ୍ୟ ପ୍ରଜାମାନେ ସିପାହିଙ୍କ ଲୁଟିଭୟରେ ଘରର ଧନ ଦ୍ରବ୍ୟ ବଣରେ ନେଇ ଲୁଚନ୍ତେ ଓ କେତେପ୍ରକାର ଅତ୍ୟାଚାର ହୁଅନ୍ତା ତହିଁର ଇୟତ୍ତା ନାହିଁ ଏସବୁରୁ ରକ୍ଷା କରୁଅଛନ୍ତି ଯେଉଁ ଗବର୍ଣ୍ଣମେଣ୍ଟ ସେ କି ଆମ୍ଭମାନଙ୍କର ସ୍ନେହପାତ୍ର ନୁହନ୍ତି ଓ ସେପ୍ରକାର ସ୍ନେହ କି ଭକ୍ତି ଦେଖାଇବା ଲାଗି ଆମ୍ଭମାନଙ୍କର ବ୍ୟୟ କରିବା କି ନିରର୍ଥକ ? ରାଜା ନବାବ ମହାରାଜମାନେ ଜଣକେ ଏକସହସ୍ର ଟଙ୍କା ଲେଖାଏଁ ଚେନ୍ଦା ଦେଇ ଏ ମହୋଦୟଙ୍କୁ ସମ୍ମାନ କରୁଅଛନ୍ତି ଓ ଏହି ନଗରର ଅନତିଦୂରରେ କେନ୍ଦ୍ରାପଡ଼ା ଠାରେ କେତେ ଗୁଡ଼ିଏ ସରକାରୀ କାର୍ଯ୍ୟକାରକ ୫ ୫୦୦ ଚେନ୍ଦାକରି ଉତ୍ସବ କରିବାର ଉଦ୍ୟମ କରୁଅଛନ୍ତି । ଏମାନଙ୍କଠାରୁ କଟକସ୍ଥଲୋକେ କି ଏତେ ନିର୍ଧନୀ ଅଥବା ନିର୍ବୋଧ ଯେ ଏମନ୍ତ ମହତ୍ କାର୍ଯ୍ୟରେ ଉପଯୁକ୍ତ ପ୍ରକାର ଅର୍ଥ ଦାନ କରିପାରିଲେ ନାହିଁ । ଆମ୍ଭେମାନେ ଆଶାକରୁ ଯେ ନଗରବାସିମାନେ ଏସବୁ ବିଚାର କରି ଲଜ୍ଜାରୁ ପାର ପାଇବା କାରଣ ଯତ୍ନ କରିବେ ଓ ଯେଉଁମାନେ ଚେନ୍ଦା ଦେଇ ନାହାନ୍ତି ଅବିଳମ୍ବେ ଅର୍ଥଦାନ ପୂର୍ବକ ଆପଣା୨ ଖ୍ୟାତି ରକ୍ଷା କରିବେ ଏକ୨ ଜଣ ସମ୍ଭ୍ରାନ୍ତବ୍ୟକ୍ତି ଆପଣା ପୁତ୍ରର ବିବାହ ଅଥବା ପିତା ମାତାର ଶ୍ରାଦ୍ଧରେ କେତେ ଅର୍ଥ ବ୍ୟୟ ନ କରନ୍ତି । ପିତୃ ମାତୃ ଭକ୍ତି ଅଥବା ପୁତ୍ର ସ୍ନେହରୁ ରାଜଭକ୍ତି କି ଏତେ ନିକୃଷ୍ଟ ଯେ ତହିଁସକାଶେ ଅତି କ୍ଳେଶରେ କେହି ଅଳ୍ପ ଦେଇ ତୁଷ୍ଟ ହୋଇ ରହିଅଛନ୍ତି ଓ କେହି ଅବା କିଛି ଦେଇ ନାହାନ୍ତି । ଅତଏବ ଏ ନଗରବାସି ଦେଶୀୟ ବିଦେଶୀୟ ସମସ୍ତ ମହାଶୟଙ୍କୁ ପ୍ରାର୍ଥନା କରାଯାଉଅଛି ଯେମନ୍ତ ଅନୁଷ୍ଠାନର ସଭ୍ୟ ମଣ୍ଡଳୀରେ ନିନ୍ଦନୀୟ ନ ହେବେ ତହିଁପ୍ରତି କେବଳହିଁ ଦୃଷ୍ଟି କରନ୍ତୁ ।

---

## ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବଙ୍କ ଶୁଭାଗମନର ନିର୍ଘଣ୍ଟ ।

ଏ ମହୋଦୟ ଯେଉଁ ଦିନ ଯେଉଁ ମୁକାମରୁ ବିଜେ କରି ଯେ କାର୍ଯ୍ୟମାନ କରିବେ ତହିଁର ସମ୍ବାଦ ନିମ୍ନଲିଖିତ ରୂପେ ପ୍ରାପ୍ତ ହୋଇଅଛି ସର୍ବସାଧାରଣ ପୂର୍ବରୁ ସେସବୁ ଜାଣି ପ୍ରସ୍ତୁତ ଥିବେ ଏହି ଉଦ୍ଦେଶରେ ଏ ସମସ୍ତ ପ୍ରଚାରିତ ହେଉଅଛି । ଯଥା— ତା୧୪ରିଖ ଫିବ୍ରୁଏରୀ ଅର୍ଥାତ ଚଳିତମାସ ବୁଧବାର ଦିନ କିଦିରପୁରଘାଟରେ ମହାମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନେରଲ ସାହେବ ସ୍ୱପତ୍ନୀ ସହିତ ଜାହାଜରୁ ଓହ୍ଲାଇ କେନାଲ ବାଟେ ତ୍ରିଷ୍ଟ୍ରାନାମକ ବାଷ୍ପୀୟ ଜାହାଜରେ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ବିଜେକରିବେ ତାହାଙ୍କ ସମଭିବ୍ୟାହାରୀ ଅନ୍ୟାନ୍ୟ ମହାଶୟମାନେ ତାଙ୍କ ଜାହାଜରେ କଲିକତାରୁ ଯିବେ କେବଳ ନିମ୍ନଲିଖିତ କର୍ମଚାରୀମାନେ ତାହାଙ୍କ ସଙ୍ଗେ ଆସିବେ ଯଥା— ସେନା ସମ୍ପର୍କୀୟ ସେକ୍ରେଟରୀ ମେଜର ବର୍ଣ୍ଣିସ ସାହେବ ସ୍ୱପତ୍ନୀ ସହିତ, ବିଦେଶ ସମ୍ପର୍କୀୟ ସେକ୍ରେଟରୀ ଅଚିସନ ସାହେବ ଓ ଜଲସେଚନ ସମ୍ପର୍କୀୟ ସେକ୍ରେଟରୀ କର୍ଣ୍ଣେଲ ରଞ୍ଜେଲ ସାହେବ ଏବଂ ଦୁଇଜଣ ଏଡିକଂ ଅର୍ଥାତ ମୁସାହେବ ।

Digitized by srujanika@gmail.com

Split by PDF Splitter



ତା ୧୫ ରଖ ଫେବ୍ରୁଏରୀ ଶୁକ୍ରବାର ଦୁଇ-ଘଣ୍ଟାକାଳ କେନ୍ଦୁପଟଣା କରନାଲମାନ ଦେଖି କାଳର ମୁଖପର୍ଯ୍ୟନ୍ତ ଆସି ବିରୂପାନଦୀକୁ ପାର ହୋଇ ହାଇଲେବେଲ କେନାଲର କଚ୍ଛଦୂର ଯାଇଁ ଏମନ୍ତ ସମୟରେ ପ୍ରତ୍ୟାଗମନ କରିବେ ଯେମନ୍ତ ଅପରାହ୍ନ ସାଢେ ଚାରିଘଣ୍ଟା ସମୟରେ ଯୋବ୍ରାଠାରେ ପ୍ରବେଶ ହେବେ ।

ତାଙ୍କ ପହୁଞ୍ଚିବାର ତୋପ ସଲାମି ଇତ୍ୟାଦି ଦିଆଯିବ ଓ ପଲଟନ ସେ ସଲାମି ତୋପ ସଙ୍ଗେ ଦେବେ । ସରକାରୀ ଚାକର ଓ ସହରର ବାସିନ୍ଦାମାନେ ଯୋବ୍ରାଘାଟଠାରେ ଆଗହୁଁ ଉପସ୍ଥିତ ଥିବେ ଗବର୍ଣ୍ଣରସାହେବଙ୍କୁ ଆହ୍ୱାନ କରିନେବେ । ସେଠାରେ ଯୋଡଗାଡି ଓ ଭୁଲ-ସବୁ ଆଗୁଁ ଉପସ୍ଥିତ ଥିବେ ସେହିସମୟରେ ସମସ୍ତଙ୍କ ସଙ୍ଗେ ତାଙ୍କର ଦେଖାହେବ ଯେବେ କେହି ଓଡିଶାର ଲୋକମାନେ ତାଙ୍କୁ ଏଡ୍ରେସ ଦେବାକୁ ଚାହାନ୍ତି ତାହା ସେହିସମୟେ ଦେବେ ।

ଯୋବରା ଘାଟଠାରୁ ପ୍ରଧାନ ସରକାରୀ କର୍ମ-ଚାରୀ ଓ ସହରର ବାସିନ୍ଦାମାନେ ତାଙ୍କୁ ତାଳଦ-ଣ୍ଡାକୁ ଯାଇଥିବା କେନାଲର ପଦ୍ମଲାକମ୍ପ ପୁଲ ବାଟେ ମଙ୍ଗଳାବାଗ କମିଶ୍ନରିକଚେରୀ ଓ ବକ୍‌-ସିବଜାର ଜେଲଖାନା ଟେଲିଗ୍ରାଫଅଫିସ ବାଲୁବଜାର ଦେଇ ଲାଲବାଗ କୋଠିଠାରୁ ଯିବେ ସମସ୍ତେ ତାଙ୍କ ସମଗ୍ରରେ ଥିବେ । ଗବର୍ଣ୍ଣର ଜେନରଲ ସାହେବଙ୍କ ସଙ୍ଗରେ ଆସିଥିବା କର୍ମକାରକମାନେ ଲାଲବାଗରେ ରହିବେ ଲେଫ୍‌ଟନେଣ୍ଟ ଓ ତାଙ୍କ ସଙ୍ଗୀ ଲୋକମାନେ କମିଶ୍ନରିକଚେରୀ ବୋମହଲ ଉପର ସର୍କିଟହାଉସରେ ରହିବେ ତହିଁ ଅରଦିନ ତା୧୬ରଖ ଫେବ୍ରୁଏରୀରେ ସକାଳୁ ଘୋଡା ଚଢି ନଗର ଯିବେ ସେଠାରୁ ନୌକା-ରୋହଣକରି ସାଢେ ୧୧ଘଣ୍ଟା ସମୟରେ ଫେରିଆସିବେ ତାହାର ବନ୍ଦୋବସ୍ତ ସୁପ୍ରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରସାହେବ କରିବେ ତହିଁ ଉତ୍ତାରୁ ମଧ୍ୟାହ୍ନସମୟରେ ସରକା-ରୀ ସାଧାରଣ ସ୍ଥାପିତାଳୟମାନ ଦର୍ଶନକରିବେ । ସେହିଦିନ ଚାରିବାଜିବା ସମୟେ କଲସାମନାରେ ଦରବାର ହେବ ସେ ଦରବାରରେ ସମସ୍ତ ଚାକିରି ସିଭିଲ ଓ ମିଲିଟରୀର କର୍ମକାରକ ଉପସ୍ଥିତ ହେବେ ଓ ସୁପ୍ରିଣ୍ଟେଣ୍ଡେଣ୍ଟ ଓ କମିଶ୍ନରସାହେବ ଗଡଜାତ ରାଜାମାନଙ୍କୁ ଦେଖାକରାଇବେ ଓ ମୋଗଲବନ୍ଦୀ ରାଜା ଓ ଜମିଦାର ଓ ସରକାର ଚାକରମାନଙ୍କୁ କଲେକ୍ଟରସାହେବ ଦେଖାକରାଇବେ ଅସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ଗଡଜାତ ଓ ଅସିଷ୍ଟାଣ୍ଟ ପୁ-ଲିସ ଗଡଜାତ ସମସ୍ତ ରାଜାମାନେ ଆସିଥିବା ନ ଥିବାର ଦେଖି ତାଙ୍କର ରଖାଇବେ ଦରବାରର ନିୟମ ସେକ୍ରେଟରୀସାହେବ ପହୁଞ୍ଚି କରିବେ ତା-ହାର ନିଦର୍ଶନ ଏଥିପରେ ପ୍ରକାଶ କରାଯିବ ।

ତା ୧୭ ରଖ ସକାଳୁଁ ଭୁବନେଶ୍ୱର ମନ୍ଦିର ଦର୍ଶନ କରିବାକୁ ଯିବେ ଓ ସେହିଦିନ ସେଠାରୁ ଫେରିଆସିବେ ।

ତା୧୮ରଖ ସକାଳବେଳେ କଟକରୁ ପ୍ରସ୍ଥାନ କରି ଦୁଇପ୍ରହର ଘଣ୍ଟା ସମୟରେ ବନ୍ଦିଘର ଲଙ୍ଗରବାଡରେ ପହୁଞ୍ଚି ସେଠାରୁ ନିଜବିସ ଜାହା-ଜରେ କଲିକତାକୁ ଗମନକରି ତା ୧୮ ରଖ ବିକାଳବେଳେ ସେଠାରେ ପ୍ରବେଶ ହେବେ ।

ଏଥିରୁ ଦେଖାଯାଏ ଯେ ଭାରତବର୍ଷର ରାଜ ପ୍ରତିନିଧିଙ୍କ କଟକକୁ ଆଗମନ ସ୍ୱପ୍ନ ସମ୍ପତ୍ତିନ୍ୟାୟ ଅଟଇ ସର୍ବସାଧାରଣ ଯେତିକି ସତର୍କ ହେବେ ତେତିକି ତାହାଙ୍କ ଦର୍ଶନସୁଖ ଅନୁଭବ କରିବାକୁ ସମର୍ଥ ହେବେ । ଚକ୍ଷୁକୁ ଶିଥିଳ କଲେ ଆଉ ତାହାଙ୍କୁ ପାଇବାର ନାହିଁ । ଏଣୁକରି ତାହାଙ୍କର ଅଭ୍ୟର୍ଥନା କରିବାକୁ ବିଶେଷ ତତ୍ପର ହେବାର ଆବଶ୍ୟକ । ପକ୍ଷାନ୍ତରେ ଦେଖ ଯେକି ଭାରତ-ବର୍ଷର ମହାରାଜଚକ୍ରବର୍ତ୍ତୀ ଅଥବା ତାହାଙ୍କର ପ୍ରତିନିଧି ଅଟନ୍ତି ସେ ପ୍ରଜା ନିମିତ୍ତ ଏତେ ବ୍ୟସ୍ତ ଯେ ମୁହୂର୍ତ୍ତେ ହୋଇ ତାହାଙ୍କ ଅବକାଶ ନାହିଁ କେବଳ ଶାସନ କାର୍ଯ୍ୟର ସୁଯୋଗ ନିମିତ୍ତ ଏଠାକୁ ଆସୁଅଛନ୍ତି ଅପଣା ସୁଖାଭିଳାଷରେ ଆସିଥିଲେ ଦିନେ ହେଲେତ କାର୍ଯ୍ୟରୁ ବିଶ୍ରାମ ଗ୍ରହଣପୂର୍ବକ କୌତୁକରେ କାଳାତିପାତ କରନ୍ତେ । ଧନ୍ୟ ଇଂରାଜଙ୍କ ଶାସନପ୍ରଣାଳୀ ।

## ସାପ୍ତାହିକ ସମ୍ବାଦ

କଟକର ଲୋକସଂଖ୍ୟା ବିଷୟ ପୂର୍ବ ପତ୍ରି-କାରେ ବର୍ଣ୍ଣିତ ହୋଇଅଛି ବର୍ତ୍ତମାନ ଲେଖିବାର ଏହି ଯେ ଲୋକସଂଖ୍ୟା ଆଇନ ଥରେ ହେଲେହେଁ ଆପଣାର ପ୍ରଭାବ ନ ଦେଖାଇ ସମ୍ପାଦିତ ହୋଇ ରହି ନ ପାରିଲା । ଏ ନଗର ନିବାସି ବାବୁ ଦୀନନାଥ ବାନର୍ଜ୍ୟାଙ୍କ ଦ୍ୱାରେ ସଂଖ୍ୟା ଗ୍ରହରେ ସଂଖ୍ୟାକାରୀ ଓ ଅଧ୍ୟକ୍ଷ ଉଭୟ କ୍ରମା-ନୁସାରେ ଯେତେ ଉଚ୍ଚୈଃସ୍ୱରରେ ଡାକ ପକାଇଲେ ବାବୁ ବା ଚାକର କେହି ନ ଶୁଣିଲେ ସୁତରାଂ ସେ ଘର ସଂଖ୍ୟା ହୋଇ ନ ପାରିଲା । ତହିଁ ଅରଦିନ ଏ ବିଷୟ ଜଏଣ୍ଟ ମେଜିଷ୍ଟ୍ରରଙ୍କୁ ଜଣାଣ ହେବାରୁ ସେ ଉକ୍ତ ବାବୁଙ୍କୁ ଲୋକସଂଖ୍ୟା ଆଇନାନୁସାରେ ଅଭିଯୁକ୍ତ କରି ତାଙ୍କ ଉପରେ ପାଞ୍ଚଟଙ୍କା ଅର୍ଥଦଣ୍ଡ କଲେ । ବାବୁ ଇଚ୍ଛାପୂର୍ବକ ଏ ଦୋଷ କରି ନାହାନ୍ତି କେବଳ ଅସାବଧାନତା ଇହାଁର କାରଣ ଅଟଇ ।

ଗବର୍ଣ୍ଣର ଜେନରଲ ସାହେବଙ୍କ ଶୁଭାଗମନ ସମ୍ପର୍କୀୟ ସମ୍ବାଦମାନ ବନ୍ଦିଘର ଓ କଟକ ମଧ୍ୟରେ ଦ୍ରୁତଗତିରେ ଗତାୟାତ କରିବା କାରଣ ମାର୍ଷାଘାଇଠାରୁ କଟକପର୍ଯ୍ୟନ୍ତ ନାଲ ବନ୍ଦୋ ଚଳିତମାସ ତା ୧ ରଖଠାରୁ ବିଶେଷ ଡାକ ବସିଅଛି ଓ ମାର୍ଷାଘାଇଠାରୁ ବନ୍ଦିଘର ପର୍ଯ୍ୟନ୍ତ ଦୁଇଟା ଅତିରିକ୍ତ ଡାକଡଙ୍ଗା ନିଯୁକ୍ତ ହୋଇଅଛି ଏଥିର ବ୍ୟୟ ଏକଶତଟଙ୍କାରୁ ଊଣା ନ ହେବ ।

ଗତମାସ ତା ୨୮ ରଖରେ କଲିକତାରୁ ବନ୍ଦିଘରକୁ ଯେଉଁ ଜାହାଜ ଆସିଲା ତହିଁରେ ଗବର୍ଣ୍ଣର ଜେନରଲଙ୍କ ପାଇଁ ଡେରା, ଏକୋଡି ତୋପ, ପତାକା, ସମ୍ଭୁଦା ( Flag staff ) ଇତ୍ୟାଦି ଅନେକ ଦ୍ରବ୍ୟ ଆସିଅଛି ଏବ ଚଳି-ତମାସ ତା ୨ ରଖରେ ଯେଉଁ ପୋତ ଆସିଲା ତହିଁରେ ସାହେବ ମହୋଦୟଙ୍କର ଦଶୋଟି ଘୋଟକ ଆସିଅଛନ୍ତି । ନଗରରେତ ସମ୍ମାନ କାର୍ଯ୍ୟରେ ସାହେବ ଓ ଦେଶୀୟ ଅନେକ ଲୋକ ବ୍ୟସ୍ତ ଅଛନ୍ତି । ଜଣଙ୍କ ପାଇଁ ତାହା ନ ଅହଣ୍ଡ କେତେ ଧୁମଧାମ ଲାଗିଅଛି ଧନ୍ୟ ସେ ବ୍ୟକ୍ତି !

ଦନାକପୁରର ଜଣେ ସ୍ତ୍ରୀ ଆପଣା ସ୍ୱାମୀକୁ ଉପପତି ପରାମର୍ଶାନୁସାରେ ନିଦ୍ରିତ ଅବସ୍ଥାରେ ଅସ୍ତ୍ରାଘାତ ପୂର୍ବକ ହତ କରିବାରୁ ତାହାପ୍ରତି ଫାଁସିର ଦଣ୍ଡାଜ୍ଞା ହୋଇଅଛି କିନ୍ତୁ ସେ ଗର୍ଭବତୀ ଥିବାରୁ ଦଣ୍ଡ ସ୍ଥଗିତ ଅଛି । ଏସ୍ଥଳେ ଏକା କାମଦେବ ଲାଗି ଦୁଇଜଣର ପ୍ରାଣ ଗଲା ! ଉପପତି ପ୍ରତି କିଛି ଦଣ୍ଡବିଧାନ ନ ହେଲା କାହିଁକି ?

ଏତେଦିନେ କେଉଁ କେଉଁଠି ଆମ୍ବ ବଉଳ ଦେଖାଗଲା । ଜ୍ୟୋତିଷ ଗଣନାନୁସାରେ ଆମ୍ବ ଚଳଇ କି ? ଯାହା ହେଉ ଏବର୍ଷ ଆମ୍ବ କଷ୍ଟ ପଡିବାର ଲକ୍ଷଣ ଦେଖାଯାଉଅଛି ।

ଗତ ମଙ୍ଗଳବାର ଉକିଲ ଓ ମୁକ୍ତାରଙ୍କର ପରୀକ୍ଷା ଶେଷ ହେଲା । ବଡଅଦାଲତ ଉକାଲତି ସକାଶେ ଦୁଇଜଣ ଓ ମୁକ୍ତା-ର ପାଇଁ ଚାରିଜଣ ପରୀକ୍ଷା ଦେଇଅଛନ୍ତି ଶୁଣାଯାଏ ଯେ ଉକାଲତି ପରୀକ୍ଷାର୍ଥୀମାନେ ବାଚନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ବାଲେଶ୍ୱରର ମୁନସଫି କଚେରୀ ଯେଉଁ ଘରେ ବର୍ତ୍ତମାନ ହେଉଅଛି ସେଠାରୁ ଉଠିଯାଇ

Digitized by srujanika@gmail.com

Split by PDF Splitter



ଅନ୍ୟ ଘରେ ହେବା ବିଷୟରେ କମିଶନର ଓ ଜଜସାହେବଙ୍କ ମଧ୍ୟରେ ବନ୍ଦୋବସ୍ତ ଲାଗି ରହିଅଛି କିଛି ସ୍ଥିର ହୋଇ ନାହିଁ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଓଡ଼ିଶାର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ଭଟ୍ଟପଞ୍ଚାନନଙ୍କର ପରଲୋକ ହୋଇଅଛି । ଏ ମହାଶୟ ନବଦ୍ୱୀପରେ ବିଦ୍ୟାଭ୍ୟାସ କରି ଅନେକ ଖ୍ୟାତିଲାଭ କରିଥିଲେ ଏବଂ ତାହାଙ୍କ ଯୋଗେ ଏଠାରେ ବହୁତଲୋକ ବିଦ୍ୟାଶିକ୍ଷା କରିଅଛନ୍ତି । ଢେଙ୍କାନାଳ ମହାରାଜଙ୍କର ସ୍ୱର୍ଗପତି ଥିବାରୁ ତାହାଙ୍କ ଶ୍ରାଦ୍ଧ ପାଇଁ ମହାରାଜା ୫୦୦ ଟଙ୍କା ସାହାଯ୍ୟ କରିଥିଲେ ।

ଓଡ଼ିଶା ବାହ୍ନିକମାସ୍ତ୍ରୀ ଏଲକାର ଏକାଉଣ୍ଟାଣ୍ଟମାନଙ୍କର ତଳଲିଖିତ ରୂପେ ବଦଳି ହୋଇଅଛି । ଯଥା—

ବାବୁ କାଳୀପ୍ରସନ୍ନ ଗୁପ୍ତ କଟକଡିବିଜନକୁ ଅସିଲେ ବାବୁ କାଳୀକମଲ ସରକାର କଟକ ଓର୍କସାପ ଡିବିଜନକୁ ଅସିଲେ ଓ ବାବୁ ଶଶିଚରଣ ମିତ୍ର ଓର୍କସାପରୁ କଲିକତାକୁ ଗଲେ ।

ବାବୁ ନୃଦାନନ୍ଦ ପଟ୍ଟନାୟକ ଅସିଷ୍ଟାଣ୍ଟ ଇଞ୍ଜିନିୟର ହିଜଲି ଡିବିଜନକୁ ବଦଳି ହୋଇ ଅସିଲେ କ୍ରମେ ଏହାଙ୍କୁ ଓଡ଼ିଶାକୁ ଅଣିବାର ଉଚିତ ।

ଅମ୍ଭେମାନେ ଅବଗତ ହେଲୁଁ ଯେ ପୁରୀର ଡେପୁଟୀ କଲେକ୍ଟର ବାବୁ ନନ୍ଦକିଶୋର ଦାସ ଖୋରଧାକୁ ବଦଳି ହୋଇଅଛନ୍ତି । ଏରୂପ ହେବାର କୌଣସି କାରଣ ପ୍ରକାଶ ପାଇ ନାହିଁ ମାତ୍ର ଜଣାଯାଏ ଯେ ଖୋରଧାରେ କାର୍ଯ୍ୟ ବିସ୍ତର ଜମା ହୋଇଥିବାରୁ ଜଣେ ଅତିରିକ୍ତ ଡିପୋଟୀ କଲେକ୍ଟରଙ୍କର ପ୍ରୟୋଜନ ହୋଇ ଅଛି ।

ବାବୁ ଈଶ୍ୱରଚନ୍ଦ୍ର ଘୋଷାଲ ଡିପୋଟୀମାଜିଷ୍ଟ୍ରେଟ ଉତ୍ତମରୂପେ କାର୍ଯ୍ୟ କରିଥିବା ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ତାହାଙ୍କ ଉପରେ ସନ୍ତୁଷ୍ଟ ହୋଇ ରାୟବାହାଦୁର ପଦ ପ୍ରଦାନ କରିଅଛନ୍ତି ।

ବଙ୍ଗପ୍ରଦେଶରେ ସିଭିଲସୃଜନ କର୍ମଚାରୀ ନ ଥିଲେ ହେବାରୁ ଉତ୍ତର ପଶ୍ଚିମ ଓ ପଞ୍ଜାବରୁ କେତେକଜଣ କର୍ମଚାରୀ ଅଣାଇବାର ଉଦ୍ୟମ ହେଉଅଛି । କାମ୍ବଲସାହେବଙ୍କ ଶାସନ ପ୍ରଣାଳୀ ଏଥିର କାରଣ ଅଟଇ ।

ପାୟୋନିୟର ଲେଖିଅଛନ୍ତି ଯେ ଓଡ଼ିଶା ପ୍ରାୟ ଉତ୍ତର ପଶ୍ଚିମର ଜମିଦାରମାନେ ହୁଡ଼ା କଷ୍ଟମୀ ଉତ୍ପାଦ ନାନାପ୍ରକାର ଅତିରିକ୍ତ ରସୂମ ନେଉଅଛନ୍ତି । କେବଳ ଏତିକି ଅନ୍ତର ଯେ ଓଡ଼ିଶାରେ ରସୂମର ପ୍ରକାର ଅଧିକ ଅଟଇ ଏଥିକୁ ଡେଲିନିଉସ ବୋଲନ୍ତି ଯେ କେବଳ ବଙ୍ଗଳା ଜମିଦାରଙ୍କ କଥା ଜାଣିବାକୁ ଅବଶିଷ୍ଟ ରହିଲା । ଏମାନେ ମଧ୍ୟବର୍ତ୍ତୀ ଅଟନ୍ତି କି ଉଭୟ ଦେଶର ଜମିଦାରଙ୍କୁ ଜିଣିଅଛନ୍ତି କମିଶନରମାନଙ୍କ ରିପୋର୍ଟ ପ୍ରକାଶ ହେଲାରୁ ଜଣାଯିବ ।

ଉକ୍ତ ପତ୍ରରୁ ଅବଗତ ହେଲୁଁ ଯେ ଉତ୍ତର ପଶ୍ଚିମ ପ୍ରଦେଶରେ ଇଂରାଜୀ ଉଚ୍ଚଶିକ୍ଷା ଉଠାଇ ଦେବାର ଗୋଟିଏ ଉତ୍ତମ ପ୍ରସ୍ତାବ ହୋଇଅଛି । ଶିକ୍ଷାବିଭାଗରୁ ଆଜ୍ଞା ହୋଇଅଛି ଯେ ବି, ଏ, ଉପାଧି ପାଇବାନିମିତ୍ତ ଯେଉଁମାନେ ବିଦ୍ୟାଳୟରେ ପାଠ କରିବେ ସେମାନଙ୍କ ମଧ୍ୟରୁ କେବଳ ଚାରିଜଣଙ୍କୁ ଛାତ୍ରବୃତ୍ତି ଦିଆଯିବ । ସମୁଦାୟ ପ୍ରଦେଶ ସକାଶେ ଛଅଜଣ ଏଥିକୁ ଏ ବର୍ଷ ଜ ୧୬ ଣ ଛାତ୍ର ଫାଷ୍ଟଅର୍ଟସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ବୃତ୍ତି ନ ପାଇ ପଢ଼ିବାର କ୍ଷମତା ଅଳ୍ପ ଲୋକଙ୍କର ଅଛି ସୁତରାଂ ଛାତ୍ରଗଣରୁ ଅଧିକ ପଢ଼ିବେ ନାହିଁ । ପୁଣି ଆଉଗୋଟିଏ କୌତୁକର ବିଷୟ ଏହି ଯେ ଏମ, ଏ, ଉପାଧି ନିମିତ୍ତ ଯେତେଜଣ ପଢ଼ିବେ ସେ ସମସ୍ତଙ୍କୁ ବୃତ୍ତି ଦିଆଯିବ ମାତ୍ର ଯେସ୍ଥଳେ ଜଣାଅଛି ଯେ ବି. ଏ, ପରୀକ୍ଷା ନ ଦେଲେ ଏମ, ଏ ପରୀକ୍ଷାପାଇଁ ପଢ଼ି ପାରିବେ ନାହିଁ ଓ ବି, ଏ. ପରୀକ୍ଷାର ବାଟ ରୁଦ୍ଧ କରାଯାଉଅଛି ସେ ସ୍ଥଳେ ଏମ, ଏ ପରୀକ୍ଷା ପାଇଁ ବୃତ୍ତି ଦେବାର ଆଜ୍ଞା କେବଳ ପିଲା ଭଣ୍ଡିବାର କଥା ଅଟଇ ।

ଶ୍ୟାମଦେଶର ରାଜା କଲିକତାରେ ପ୍ରବେଶ ହେଲାରୁ କେତେଦିନ ହେବ ସେଠାରେ ବଡ଼ ଧୂମଧାମ ଲାଗିଅଛି । ଶ୍ରୀଯୁକ୍ତ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ବହୁତ ଅଡ଼ମ୍ବରପୂର୍ବକ ଏହାଙ୍କର ଅଭ୍ୟର୍ଥନା କରିଅଛନ୍ତି ଏବଂ କଲିକତାର ନାନା ଅଶ୍ଚର୍ଯ୍ୟ ଓ କୌତୁକାବହ ସ୍ଥାନମାନ ବୁଲାଇ ଦେଖାଉ ଅଛନ୍ତି । ରାଜା ବାରକପୁର ହୋଇ ଦିଲ୍ଲିନଗରକୁ ଗମନ କରିବେ ।

ଯାତ୍ରୀ ଲାଲବେହାରୀ ଦେ ସ୍ୱଜାତୀର ହୁଗଲି କଲେଜର ସହକାରୀ ଅଧ୍ୟାପକ ପଦରେ ନିଯୁକ୍ତ ହୋଇଅଛନ୍ତି ପୁଣି ଥରେ ଧର୍ମ ବିଷୟରେ ତର୍କ ହେବାର ସମ୍ଭାବନା ମାତ୍ର ଗବର୍ଣ୍ଣମେଣ୍ଟ ଦ୍ୱାରାପେ ଏ ଉଦ୍ୟୋଗ କଲେ କିଛି ବୁଝାଯାଉ ନାହିଁ ।

ଲୁଡ଼ିୟାନାମରେ କୁକାଜାତିର ଅସଭ୍ୟ ଲୋକମାନେ ବିଦ୍ରୋହାଚରଣ କରିବାରୁ ତାହାଙ୍କ ଦମନ କରିବାପାଇଁ ଗତମାସ ତା ୧୬ ରିଖରେ ଲୁଧିଆନା ଅଥବା ରେଲଗାଡ଼ି କେବଳ ସୈନ୍ୟ ଘେନି ସେ ସ୍ଥାନକୁ ଗଲେ । ଏମାନେ ସେଠାରେ ପହଞ୍ଚି ତା ୧୯ ରିଖରେ ସମ୍ବାଦ ପଠାଇଅଛନ୍ତି ଯେ ପଞ୍ଚାଶଜଣ କୁକାରୁ ଅପରାଧୀ ପ୍ରମାଣ କରି ଫାଶି ଦେଲେଣି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଭୂପାଳର ବେଗମ ପ୍ରତିଦିନ ସକାଳୁ ବେଳ ସାଢ଼େ ୧୧ ଟା ପର୍ଯ୍ୟନ୍ତ ପାରସୀ ଓ ଇଂରାଜୀ ଭାଷା ପାଠ କରୁଥାନ୍ତି ତହିଁ ଉତ୍ତାରୁ ଅହାର କରି ଚାରିଘଣ୍ଟା ବିଶ୍ରାମ ଉତ୍ତାରୁ ଦିନ ଶେଷ ପର୍ଯ୍ୟନ୍ତ ମୋକଦ୍ଦମା ଶୁଣନ୍ତି । ରାତ୍ରରେ ମୃଗୟା ଶାଗ ଲୁଗା ଇତ୍ୟାଦିରେ ବୋଟା ପକାଇବା କର୍ମ କରନ୍ତି ଏ କର୍ମରେ ସେ ବଡ଼ ନିପୁଣ ଅଟନ୍ତି । ଏ ଅଞ୍ଚଳରେ କେତେଜଣ ରାଜା ଏପ୍ରକାର ଖଟଣିରେ ଖଟନ୍ତି ?

ପାରସ୍ୟଦେଶର ଦୁର୍ଭିକ୍ଷ ଅଦ୍ୟାପି ଶାନ୍ତ ହୋଇନାହିଁ । ସେ ଦେଶରୁ ବମ୍ବେଇକୁ ଯାହାଜରେ ଜ ୫୦୪ ଣ ଦୁର୍ଭିକ୍ଷପୀଡ଼ିତ ଅସିଅଛନ୍ତି ତହିଁ ମଧ୍ୟରୁ ଜ ୬୦ ଣ ମୃତ ଓ ଅତି ସଙ୍କଟରେ ଥିଲେ ଅଛନ୍ତି ଡେଲିନ୍ୟୁଜମତରେ ଶ୍ୟାମଦେଶରାଜାଙ୍କର ନାମ ସୋଟେଡ଼ ଫ୍ରାପର ମଗଦର ମହାଚୁଲାଲଙ୍କରନ ଅଟଇ । ଏ ମହୋଦୟ ଇଂରାଜୀଭାଷାରେ ଉତ୍ତମରୂପେ କଥାବାର୍ତ୍ତା କରି ପାରନ୍ତି । ନାମଟି ଅସ୍ମଦ୍ଦେଶୀୟ ରାଜାଙ୍କଠାରୁ ଛୋଟ ନୁହଇ । ହିନ୍ଦୁପେଟ୍ରିଅଟଙ୍କମତରେ ଏହାଙ୍କ ନାମ ପ୍ରବଳ ସୋମଦେବ ପ୍ରବର ମେନ୍ଦ୍ରର ମହାଚୁଲାଲଙ୍କରନ ଶ୍ରୀ ପ୍ରଚ୍ଚେଭସନ ଧାନ ଶ୍ୟାମ ଅଟଇ ।

ଅଲମଗଞ୍ଜରୁ ଏଲେକୋଳଇଡାରେ ଡାକ ଚୋରି ହେବାର ସଂବାଦ ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ । ଚୋରମାନେ ବାଉ ଓ ଅନ୍ୟ ଅସ୍ତ୍ରମାନ ଘେନି ଅସିଥିଲେ । ଅନେକ ଟଙ୍କାର ଦ୍ରବ୍ୟ ଲୁଟି ନେଇଅଛନ୍ତି । କଥିତ ହୁଅଇ ଯେ ଏକା ରାଜା ଧନପତିସିଂହବାହାଦୂରଙ୍କର ଶୁଳିଶହଜାରଟଙ୍କା ଅପହୃତ ହୋଇଅଛି ।

ପାୟୋନିୟର ଲେଖନ୍ତି ଯେ ଲକ୍ଷ୍ନୌରେ ବସନ୍ତ ଟିକା ରୋଗ ଅନେକ ଶାନ୍ତ ହୋଇଅଛି ଓ ଏଣିକି ଅଧିକ ମୃତ୍ୟୁ ବରଂ ଜ୍ୱର ରୋଗରେ ଦେଖାଯାଏ ।

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧୨ଶ ଭାଗ } ତା ୧୦ ରଖ ଫିବୃଏରୀ ସନ ୧୮୭୭ ମସିହା ।ମୂ। ମାଘ ୨୦ ଅଙ୍କ ସନ ୧୨୮୪ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ୪
ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ୫
ମଫସଲ ପାଇଁ ଡାକମାସୁଲ ଟ୧

ମହାମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ସାହେବଙ୍କ ଶୁଭାଗମନ ନିକଟ ହେବାରୁ ବର୍ତ୍ତମାନ ଚତୁର୍ଦ୍ଦିଗରେ ଏହି ବିଷୟର ଆନ୍ଦୋଳନ ହେଉଅଛି ଓ ଲୋକମାନେ ଏହି ଚର୍ଚ୍ଚାରେ ବ୍ୟସ୍ତ ଅଛନ୍ତି ।ସୁତରାଂ ଆମ୍ଭେମାନେ ସାଧାରଣ ବିଷୟମାନ ପରିତ୍ୟାଗ କରି ଏହି ସମ୍ପର୍କୀୟ କଥାମାନ ଅଧିକାଂଶ ଲେଖିବାକୁ ବାଧ୍ୟ ହୋଇଅଛୁଁ ।

---

ଦରବାର ଦେଖିବାର ଶୃଙ୍ଖଳା ।

ଦରବାର ଦେଖିବା ପାଇଁ ଯେ, ସମସ୍ତ ଲୋକଙ୍କର ଆଗ୍ରହ ଏ ବିଷୟ ବୋଲିବାର ବାହୁଲ୍ୟ ମାତ୍ର । ଯେଉଁମାନଙ୍କୁ ଆମନ୍ତ୍ରଣ ହୋଇଅଛି ତାହାଙ୍କୁ ଛାଡ଼ି ଅନ୍ୟ ଲୋକମାନେ କିପରି ଦେଖିପାରିବେ ଏଥିର ବନ୍ଦୋବସ୍ତ ହୋଇଅଛି କି ନାହିଁ ଅନେକ ଲୋକ ଆମ୍ଭମାନଙ୍କୁ ପ୍ରଶ୍ନ କରୁଅଛନ୍ତି ଓ ତାହାଙ୍କର ଏହି ସ୍ୱାଭାବିକ ଭୟ ହୋଇଅଛି ଯେ ଚାରିଆଡ଼େ ପୁଲିସ ଓ ସିପାହୀ ପହରା ରହିଥିବ ଅନ୍ୟ ଲୋକ କେହି ଭିତରକୁ ଯାଇପାରିବେ ନାହିଁ । ଏଥିକୁ ସରକାରୀ କଚେରୀ ଅମଲା, ମହାଜନ, ଜମିଦାର ଓ ଅନ୍ୟାନ୍ୟ ଅନେକ ଭଦ୍ର ମଧ୍ୟବର୍ତ୍ତୀ ଲୋକ ଅଛନ୍ତି ସେମାନଙ୍କୁ ଆମନ୍ତ୍ରଣ ହୋଇ ନ ଥିବା ଯୋଗୁଁ ଫଳବାନ୍‌ମାନେ ଶ୍ରଦ୍ଧଦେବେ ନାହିଁ । ଅତଏବ ଆମ୍ଭେମାନେ ଦରବାର ରଚନା କରିବା ଭାରପ୍ରାପ୍ତ ସାହେବ ମାନଙ୍କୁ ପ୍ରାର୍ଥନା କରୁଅଛୁଁ କି ଯେବେ ଦରବାର ଭମ୍ବୁର ପଛପଟର ଏକପାର୍ଶ୍ୱରେ ଏପ୍ରକାର ଲୋକମାନଙ୍କୁ ଦରବାର ଦର୍ଶନ କରିବାର ଅନୁମତି ପ୍ରଦାନ କରନ୍ତି ତାହା ହେଲେ ଅତି ଉତ୍ତମ ହେବ ନୋହିଲେ ବନ୍ଧୁକ ଲୁଢ଼ାଇଯିବାରେ କେବଳ ଆମନ୍ତ୍ରିତ ବ୍ୟକ୍ତି ଭିନ୍ନ ଅନ୍ୟ କେହି ଭଦ୍ରଲୋକ ଦରବାର ସ୍ଥାନକୁ ଦେଖିବାକୁ ଯିବା ପାଇଁ ସାହସୀ ହେବେ ନାହିଁ ।

ପ୍ରବଳ ପ୍ରତାପ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ ବାହାଦୂରଙ୍କ ଆଗମନ ଉପଲକ୍ଷରେ ଏ ନଗରରେ ଯେଉଁ ସମାରୋହ ହେବାର ଅଛି ତାହା ଗତ ବୁଧବାରଠାରୁ ଆରମ୍ଭ ହେବାର ବୋଲାଯାଇପାରେ । ଉକ୍ତ ଦିନଠାରୁ ଗଡ଼ଜାତ ରାଜାମାନଙ୍କ ଆଗମନ ଆରମ୍ଭ ହେଲା । ଅବଧି ପାଲଲହଡ଼ା, ତାଲଚେର, ଆଠମଲ୍ଲିକ, ଖଣ୍ଡପଡ଼ା, ବଡ଼ମ୍ବା ଢେଙ୍କାନାଳ, ନରସିଂହପୁର, ମଧୁପୁର ପ୍ରଭୃତି କେତେକ ଗଡଜାତ ଓ ମୋଗଲବନ୍ଦୀ ରାଜାମାନେ ଓ କଣିକାର ଭଗବାନ୍‌ସିଂହ ଜମିଦାର ଆଗମନ କରିଅଛନ୍ତି ଆଉ ସମସ୍ତେ ଆସିବାକୁ ଅଛନ୍ତି ଏମାନଙ୍କ ସଙ୍ଗରେ ଥିବା ହସ୍ତୀ, ଘୋଟକାଦି ନଗର ଅଭ୍ୟନ୍ତରରେ ରହିବାର ଆଜ୍ଞା ହୋଇଅଛି । ଏଣେ ରାଜାମାନଙ୍କର ଏକ ସମୟରେ କଟକକୁ ଆଗମନ ଇଂରାଜଙ୍କ ଶାସନ ସମୟରେ କେବେହେଁ ହୋଇ ନାହିଁ । ଓ ଏପ୍ରକାର ସମାରୋହର ସୁଫଳ ମଙ୍ଗଳକର ଅଟଇ ସନ୍ଦେହ ନାହିଁ । ମାତ୍ର ଏପ୍ରକାର ସମାରୋହକୁ ଚିରସ୍ମରଣୀୟ କରିବା ନିତାନ୍ତ ପ୍ରୟୋଜନୀୟ ବୋଧ ହୁଅଇ । ସେରୂପ କିଛି ସର୍ବସାଧାରଣାର୍ଥ କୀର୍ତ୍ତି ନ ହେଲେ ଏ ସମାରୋହ ସ୍ୱପ୍ନବତ୍ ଅଳୀକ ହୋଇଯିବ ଅତଏବ ଆଗନ୍ତୁକ ମହୋଦୟମାନେ ଏ ବିଷୟ ବିବେଚନା କରି ସ୍ଥିର କଲେ ଅତିଶୟ ଆନନ୍ଦର ବିଷୟ ହେବ ।

---

ପତ୍ନୀ ଅପହରଣ ମକଦ୍ଦମା ।

ଏ ମକଦ୍ଦମା ଚଳିତମାସ ଦ ୨ ନ ନିଷ୍ପତ୍ତି ପାଇଲା । ଏଥିର ସଂକ୍ଷେପ ବୃତ୍ତାନ୍ତ ବାଦୀ କହିବା ଅନୁସାରେ ଏହିପରି ତାହାର ଭାର୍ଯ୍ୟାକୁ ବାହାର କରିନେଇଥିଲା ଜଣେ ସୁଣିର ଉପାୟରେ ବାହାରି ଛାଡ଼ିଲା ଓ ପରମେନାଥ ଲଗାଇ ଥିବାର ପ୍ରକାଶ କଲା । ବାଦୀ ଏ ବିଷୟ ରାଜାଙ୍କୁ ଜଣାଇବାରେ ସେ ପରମନାଥକୁ ଧରି ଆଣି ପଚାରିବାରେ ସେ ଅସ୍ୱୀକାର କଲା ତହୁଁ ରାଜା ଏ ମୁହାର ନିଷ୍ପତ୍ତି ପର୍ଯ୍ୟନ୍ତ ଉଭୟ ପକ୍ଷଠାରୁ ଟ ୨୫ଙ୍କା ମୁଚୁଲିକା ନେବାର ଆଜ୍ଞା ଦେଲେ । ଏଥିରେ ବାଦୀ ଅସମ୍ମତ ହେବାରୁ ଆଜ୍ଞା ଅବଜ୍ଞା ଅପରାଧରେ ରାଜା ତାହା ଉପରେ ଟ ୨୫ଙ୍କା ଅର୍ଥଦଣ୍ଡ କଲେ ଓ ସେ ଏ ଟଙ୍କା ନ ଦେବାରୁ ତାହା ସମ୍ପତ୍ତି ବିକ୍ରୟ କରି ଟଙ୍କା ଆଦାୟ କରିବା କାରଣ ଗ୍ରାମ ପଧାନପ୍ରତି ଆଜ୍ଞା ଦେଲେ । ପଧାନ ଓ ଅନ୍ୟ ଲୋକଜଣ ଏ ଆଜ୍ଞା ପ୍ରତିପାଳନ କଲେ ତହୁଁ ବାଦୀ ସେମାନଙ୍କ ବିରୁଦ୍ଧରେ ପୁଲିସରେ ଏତାହାର କଲା ଓ ପୁଲିସ ତଦନ୍ତ କରି ମକଦ୍ଦମା ସତ୍ୟ ଥିବାର ଲେଖି ପ୍ରଚୁର ପ୍ରମାଣ ଅଭାବରେ ପଚା-

Split by PDF Splitter
Digitized by srujanika@gmail.com

Split by PDF Splitter



ବାଦୀମାନଙ୍କୁ ଗ୍ରହଣ ନ କରି ବଫାରମ ପଠାଇଲେ । ମେଜଷ୍ଟର ସାହେବ ଏ ମକଦ୍ଦମା ଚଳାଇବାର ବହୁତ ଜାଣି କର୍ଣ୍ଣ ସାହେବଙ୍କୁ ତାହା ଅର୍ପଣ କଲେ । କର୍ଣ୍ଣ ସାହେବ ବହୁପରିଶ୍ରମ ପୂର୍ବକ ଏ ମକଦ୍ଦମା ବିଶେଷରୂପେ ତଦନ୍ତ କରି ଅପରାଧ ସପ୍ରମାଣ କଲେ ଓ ଦୁଇଜଣ ପ୍ରତିବାଦୀ ପ୍ରତି ଜଣକେ ଦୁଇବର୍ଷ ଓ ଅନ୍ୟ ଏକଜଣ ପ୍ରତି ଏକବର୍ଷ କାରାବାସ ଦଣ୍ଡ ଓ ସମସ୍ତଙ୍କ ପ୍ରତି ଟ ୧୦୯ ଙ୍କା ଲେଖାଏ ଅର୍ଥଦଣ୍ଡ ବିଧାନ କଲେ ଓ ଅନ୍ୟ ଜଣକୁ ମୁକ୍ତ କଲେ ।

ଏ ମକଦ୍ଦମାରେ ଅପୀଲର ଉଦ୍ଯୋଗ ହେଉଥିବାରୁ ଆମ୍ଭମାନେ ମନ୍ତବ୍ୟ ଲେଖିବାରୁ କ୍ଷାନ୍ତ ହେଲୁଁ କିନ୍ତୁ ପଟିଆରାଜାଙ୍କ ସାକ୍ଷ କୌତୁକଜନକ ଥିବାରୁ ପାଠକଙ୍କ ଗୋଚରାର୍ଥେ କିଞ୍ଚିତ ବର୍ଣ୍ଣନା କରୁଅଛୁଁ । ତାଙ୍କ ଗୁହାରିରୁ ମକଦ୍ଦମାର ଠିକ ବୃତ୍ତାନ୍ତ ପାଇପିବା ଆଶାରେ କର୍ଣ୍ଣ ସାହେବ ତାଙ୍କୁ ତାକି ସାକ୍ଷ ନେଲେ କିନ୍ତୁ ସେ ସାହେବଙ୍କୁ ହତାଶ କରି କହିଲେ ଯେ ଆମ୍ଭେ ବାଦୀ ପ୍ରତିବାଦୀ କାହାରିକୁ ନ ଚିହ୍ନୁ କିମ୍ବା ବାଦୀ ସ୍ତ୍ରୀକୁ ବାଉଳ ଲାଗିଥିବାର ଶୁଣି ନାହୁଁ । ଆମ୍ଭେ କୌଣସି ପ୍ରଜା ଉପରେ ଅର୍ଥଦଣ୍ଡ ନ କରୁଁ । ଗ୍ରାମ ପଧାନକୁ କିମ୍ବା ସେ ଗ୍ରାମର କୌଣସି ବ୍ୟକ୍ତିକୁ ନ ଜାଣୁ । ଆମ୍ଭେ କେତେ ବର୍ଷ ହେଲା ରାଜା ହୋଇଅଛୁଁ ତାହା ମଧ୍ୟ ନ ଜାଣୁ । ଆମ୍ଭେ କେବେ ରାଜକାର୍ଯ୍ୟ ନ ବୁଝୁଁ, ତାହା ଆମ୍ଭ ଅମଲମାନେ ନିର୍ବାହ କରନ୍ତି ଆମ୍ଭେ ଆମ୍ଭର ଆୟ ବ୍ୟୟ ତଦନ୍ତ କରୁଁ ନା କେବଳ ବ୍ୟୟ ନିମନ୍ତେ ଅମଲାଙ୍କଠାରୁ ଟଙ୍କା ନେଉଁ । ଆମ୍ଭେ ସର୍ବଦା ଘର ଭିତରେ ଥାଉଁ କଚେରୀକୁ ଆସୁ ନା କିମ୍ବା କାହାର ଗୁହାରି ଶୁଣୁ ନା ଓ ଆମ୍ଭ ଅମଲାମାନେ ରଏତଙ୍କ କଲହ ନିଷ୍ପତ୍ତି କରିବାର ଜାଣୁ ନାହୁଁ । ଆମ୍ଭର ଦେବର୍ତ୍ତା ଓ ମୁକ୍ତାର ଏ ଦୁଇଜଣଙ୍କ ଭିନ୍ନ ଅନ୍ୟ କୌଣସି ଅମଲା ବା ରଏତ କାହାରିକୁ ଚିହ୍ନୁ ନା ।

କି ଆଶ୍ଚର୍ଯ୍ୟ ! ଏପରି ଗୁପ୍ତ ଗାଇବାକୁ ରାଜାଙ୍କୁ କି ଲେଶମାତ୍ର ଲଜ୍ଜା ନ ହେଲା ? ଯଦି ପ୍ରଧାନ ବ୍ୟକ୍ତିମାନେ ଏତାଦୃଶ ଅଜ୍ଞ ଓ ଅକର୍ମଣ୍ୟ ହେବେ ତେବେ ଦେଶର ଉନ୍ନତି ଆଉ କାହିଁ ହେବ । ଦେଶୋନ୍ନତ କଥା ତେଣିକି ଥାଉ ନିଜ କଥା ଅସମ୍ଭାଳ ହେଉଅଛି ଏତଦ୍ରୂପ ଅପଟୁତା ଦୋଷରେ ଲୁଚଙ୍ଗ ଓ ହରିପୁର ରାଜତ୍ୱ ଭ୍ରଷ୍ଟ ହେଲା । ଅଳିର ଅଧେ ଉଡିଗଲା କହିବାରୁ ବିଷୟଭଂଗ ଯିବାର ପ୍ରସ୍ତାବ ହୋଇଅଛି ଓ ପଟିଆରୁ ମଧ୍ୟ କେତେକ ଅଂଶ ବାହାର ଗଲାଣି, ବାକିଟିକି ରହିବ କି ନା ସନ୍ଦେହ ସ୍ଥଳ । ତଥାପି ଏମାନେ ସାବଧାନ ହେଉ ନାହାନ୍ତି ଓ ଆପଣା ରାଜ୍ୟ ଆପେ ବୁଝୁ ନାହାନ୍ତି । ଅତଏବ ଏମାନଙ୍କୁ ମଣିମା ନ କହି ପ୍ରତିମା କହିଲେ ସାଜିବ । ଏଥିର କାରଣ କଣ? କେବଳ ମୂର୍ଖତା, ଏଦେଶୀୟ ରାଜାମାନେ ଯଦି ସୁଶିକ୍ଷିତ ଥାଆନ୍ତେ ତେବେ ସେମାନଙ୍କର ଏତାଦୃଶ ଦୁର୍ଦ୍ଦଶା ବା ଦୁର୍ନାମ କଦାପି ନ ହୁଅନ୍ତା ବରଂ ସେମାନେ ଆପଣାର ଓ ଆପଣା ରାଜ୍ୟ ଓ ପ୍ରଜାଙ୍କର ନାନା ପ୍ରକାର ଉନ୍ନତିସାଧନ ପକ୍ଷରେ ଏକାନ୍ତ ଯତ୍ନବାନ୍ ଥାଆନ୍ତେ । ଅତଏବ ଅଧୁନିକ ସମସ୍ତ ରାଜାଙ୍କୁ ଆମ୍ଭେମାନେ ପ୍ରାର୍ଥନା କରୁଅଛୁଁ ଯେ ସେମାନେ ଆପଣା୨ କୁମାରମାନଙ୍କୁ ଇଂରାଜୀ ବା ସଂସ୍କୃତରେ ଉତ୍ତମରୂପେ ଶିକ୍ଷା ଦେଉନ୍ତୁ ନଇବା ସେମାନଙ୍କର ଲେଶମାତ୍ର ଶ୍ରୀବୃଦ୍ଧି ନ ହେବ ବରଂ ଦୁର୍ଗତି ହେବାର ସମ୍ଭାବନା । ଦେଖ ଢେଙ୍କାନାଳର ମହାରାଜ ବାହାଦୁର ବିଦ୍ୟାବନ୍ତ ହୋଇ କିପରି ସୁଖ୍ୟାତିବନ୍ତ ହୋଇଅଛନ୍ତି । ଆପଣା ରାଜକାର୍ଯ୍ୟ ନିଜେ ବୁଝୁଅଛନ୍ତି ଏବଂ ଆପଣା ପ୍ରଜାଙ୍କର ଓ ଓଡିଶା ଜନସାଧାରଣଙ୍କର ଉନ୍ନତି ପକ୍ଷରେ ଯତ୍ନ କରୁଅଛନ୍ତି ଏଥିରେ ତାହାଙ୍କର ସହସ୍ର ସହସ୍ର ଟଙ୍କା ବ୍ୟୟ ହେଉଅଛି କେବଳ ଉତ୍କଳଭାଷା ଉନ୍ନତି ଓ ଇଂରାଜୀ ଛାତ୍ରବୃତ୍ତି ପାଇଁ ଏଗାରସହସ୍ର ଟଙ୍କା ଦାନ କରିଅଛନ୍ତି । ବର୍ତ୍ତମାନର ସମସ୍ତ ରାଜାଙ୍କ ମଧ୍ୟରେ ଗୁଣଦୃଷ୍ଟିରେ ସେ ଅଗ୍ରଗଣ୍ୟ ଅଟନ୍ତି ଯଦ୍ୟପି ଅନ୍ୟ ରାଜାମାନେ ତାଙ୍କର ଦୃଷ୍ଟାନ୍ତାନୁଗାମୀ ହୁଅନ୍ତେ ତେବେ କି ଓଡିଶାର ଦୁର୍ଦ୍ଦଶା ରହନ୍ତା ? ପଟିଆରାଜାଙ୍କ ସାକ୍ଷବିଷୟ ଆଉ କିଞ୍ଚିତ କହିବାର ଅଛି; ଜଏଣ୍ଟ ମେଜଷ୍ଟର ସାହେବ ବୋଲନ୍ତି ଯେ ରାଜା ଆପଣା ଅଜ୍ଞତାକୁ ବାହୁଲ୍ୟ କରି କହିଅଛନ୍ତି । ଏହାଠାରୁ ଅଧିକ ଲଜ୍ଜାର ବିଷୟ ଅଟଇ ଓ ତାଙ୍କ ଲଜ୍ଜା ହେଉ ବା ନ ହେଉ ଆମ୍ଭେମାନେ ଲଜ୍ଜିତ ହୋଇଅଛୁଁ ତଥାଚ ପଟିଆ ରାଜାପରି ଯେ ଅନେକ ରାଜା ବର୍ତ୍ତମାନ ଅଛନ୍ତି ଏଥିରେ ସନ୍ଦେହ ନାହିଁ ।

---

## ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କର ଶୁଭାଗମନ ଧାର୍

ଏ ମୋହଦସ୍ତ ଯେଉଁ ଦିନ ଯେ ସ୍ଥାନରେ ପ୍ରବେଶ ହୋଇ ଯେଉଁ କାର୍ଯ୍ୟମାନ କରିବେ ଗତସପ୍ତାହରେ ପ୍ରକାଶିତ ହୋଇଅଛି ଉକ୍ତ ବିଷୟରେ ଜଳ ବିଭାଗମାନେ ଯେସମସ୍ତ ବନ୍ଦୋବସ୍ତ କରିଅଛନ୍ତି ସେ ସବୁ ଶ୍ରୀଯୁକ୍ତ କମିଶ୍ନର ସାହେବଙ୍କ ଅନୁକ୍ରମେ ସର୍ବସାଧାରଣଙ୍କୁ ଜ୍ଞାତକରା ଯାଉଅଛି ସେ ବନ୍ଦୋବସ୍ତମାନ ଯଥା-

ସୁପରେଣ୍ଟେଣ୍ଡିଂ ଇଞ୍ଜିନିଅର ଓ ତାଙ୍କ ଅଧୀନ କର୍ମଚାରୀମାନେ ସମସ୍ତ ଅବଶ୍ୟକୀୟ ବାଷ୍ପୀୟ ତରଣୀ ଓ ନୌକାମାନ ନଦୀ ଓ କେନାଲମାନଙ୍କରେ ଗତାୟାତ ନିମନ୍ତେ ଯୋଗାଇ ରଖିବାର ଭାର ଗ୍ରହଣ କରି କଟକଜିଲାର କଲେକ୍ଟରସାହେବଙ୍କ ସଙ୍ଗେ ସେ ବିଷୟର ସଫଳ କରିବା ନିମନ୍ତେ ପତ୍ରାଦି ଚଳାଇବେ ଓ ନଦୀଭାରେ ଥିବା ସମସ୍ତ ନୌକାମାନ ସୁପରେଣ୍ଟେଣ୍ଡିଂ ଇଞ୍ଜିନିୟର ସାହେବଙ୍କ ଅଧୀନରେ ରଖାଇବା ନିମନ୍ତେ କଟକଜିଲା କଲେକ୍ଟର ସାହେବଙ୍କୁ ଆଦେଶ କରି ଯାଇଅଛି କଲିକତାର ମାଷ୍ଟର ଆଟେଣ୍ଡେଣ୍ଟ ସାହେବଙ୍କ ଠାରୁ ପତ୍ର ଲେଖା ହୋଇ ଥିବାରୁ ସେ ଲେଖିଅଛନ୍ତି କି ନଦୀରେ ଗତାୟାତ କରିବାର ବୋଇଲ ନାମକ ବାଷ୍ପୀୟ ତରଣୀକୁ ଅତିଶୀଘ୍ର ବନ୍ଦିଘର ଠାରୁ ପଠାଇ ଦେବେ ଓ କାଲରେ ଗତାୟାତ କରିବା ନିମିତ୍ତେ ଦୁଇଖଣ୍ଡ ବାଷ୍ପୀୟ ନୌକା ହମିନ ନାମକ ବାଷ୍ପୀୟପୋତ ଆସିବା ସମୟରେ ତହିଁ ସଙ୍ଗରେ ପଠାଇ ଦେବେ ପ୍ରତ୍ୟେକ ନୌକାରେ ଖଲାସୀ ଓ ସମସ୍ତ ସରଞ୍ଜାମ ଓ ସମସ୍ତ ପ୍ରକାର ସୁବିଧାମାନ ସାଧ୍ୟାନୁସାରେ ସଞ୍ଚିତ ହୋଇଥିବ ।

ବୋଏଲ ଓ ହେମିଲ ଓ ପାଇଲଟ୍ୟୁର ନାମକ ଧୂଆଁକଳ ନୌକାମାନ ବନ୍ଦିଘର ଠାରୁ ଯିବ ଓ ଅଲଗାନାମକ ଓ ଅନ୍ୟାନ୍ୟ କ୍ଷୁଦ୍ର ନୌକାମାନ ଜେଦଗ୍ରପଡା ଜାଲର ମୁହାଣ ଯେଉଁ ମାରସାଘାଇ ନିକଟରେ ଅଛି ତହିଁର କିଛି ଦୂରକୁ ରହିବେ ଓ ଦ୍ରବ୍ୟାଦି ବୋହାଇ ନୌକାମାନ ସାମନାରେ ଉପସ୍ଥିତ ଥିବ ଯେ ସେଥିରେ ଦ୍ରବ୍ୟାଦି ଯାହା ବୋହାଇ ହେବାର ଥିବ ତାହା ବୋହାଇ ହେଲେ ଉତ୍ତାରୁ ବୋଏଲ ସେମାନଙ୍କୁ ଟାଣି ମାରସାଘାଇଠାରୁ ଯୋଗପିବ କାଲରେ ଯିବା ଆସିବା କରିବାର ପ୍ରତ୍ୟେକ ଧୂଆଁକଳ ନୌକାମାନ ଗବର୍ଣ୍ଣର ସାହେବଙ୍କର ପ୍ରତ୍ୟାଗମନ କରିବା ସମୟରେ ସମସ୍ତ ଖଲାସୀ ଓ ସରଞ୍ଜାମ ମାନଙ୍କରେ ସୁସଜ୍ଜିତ କରି ହାଜର ରଖିବାକୁ ହେବ ।

ବନ୍ଦିଘରଠାରୁ କଟକ ଆସିବାର ଗମନାଗମନର ଭାର ସୁପରେଣ୍ଟେଣ୍ଡିଂ ଇଞ୍ଜିନିୟର ସାହେବଙ୍କର ବିଶେଷ ଅଖ୍ତିଆର ଓ ରଚନାର ଅଧୀନରେ

Digitized by srujanika@gmail.com

ରହିବ ଓ ଅନ୍ୟାନ୍ୟ ଇଲାକାର କର୍ମଚାରୀମାନଙ୍କୁ ଆଜ୍ଞାନୁସାରେ ସାହାଯ୍ୟ କରିବା ନିମିତ୍ତ ଆଦେଶ ହୋଇଗଲା ।

କଟକ ଓ ମାରସାଘାଇ ରାସ୍ତାରେ କଟକଜିଲା କଲେକ୍ଟର ସାହେବ ଏକ ଖାସ ଡାକ ବସାଇବେ ଓ ଡାକଚୌକିମାନ ମାରସାଘାଇଠାରୁ ବନ୍ଦର ପର୍ଯ୍ୟନ୍ତ ରଖି ଭଳିରେ ଅଲଗାଲୋକ ନିଯୁକ୍ତ କରିବେ ଯେ ଚିଠିପତ୍ର ଏସମସ୍ତ ପତ୍ରାଦି ଓ ସମ୍ବାଦମାନ ଶୀଘ୍ର ଗତାୟାତ ହୋଇ ପାରିବ ଏଥି ସକାଶେ କଟକଜିଲା କଲେକ୍ଟର ସାହେବଙ୍କ ଉପରେ ବିଶେଷ ଜବାବଦିହି ରହିଲା ।

କଟକ ବନ୍ଦୀଘର ମଧ୍ୟରେ ଗତାୟାତ ସକାଶେ ନୌକାର ପୋତଷ୍ଠାଣି ନୌକା ଚଳାଇବା ସକାଶେ ଜୁଲମାନ ସ୍ଥାନେ ରଖାଇବାର ଆବଶ୍ୟକ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ, ଉଚିତ ବୋଧ ସେ କାଲ ଇଲାକାର ଏକଜିକ୍ୟୁଟିବ ଇଞ୍ଜିନିୟରଙ୍କ ସଙ୍ଗେ ଏବିଷୟର ବନ୍ଦୋବସ୍ତ କରିବେ ଓ ଏକଜିକ୍ୟୁଟିବ ଇଞ୍ଜିନିୟର ଓ ଗବର୍ଣ୍ଣର ସାହେବ ଯେଉଁ ଗୃହରେ କେନ୍ଦ୍ରାପଡ଼ା ଠାରେ ରହିବେ ସେଥି ସକାଶେ ଉପଯୁକ୍ତ ବନ୍ଦୋବସ୍ତ ସଆନୁସାରେ କରିବେ ନୌକାମାନଙ୍କର ସଂଖ୍ୟା ଅପ୍ରତୁଲ ଥିବାରୁ ଓ ରାସ୍ତା ଅସୁବିଧା ଥିବାରୁ ପ୍ରତିନିଧିଙ୍କ ସାମାଜିକ ବ୍ୟକ୍ତିମାନଙ୍କୁ ବନ୍ଦରଠାରେ ସମ୍ବୋଧିତ ସମାଦର କରିବା ଅସମ୍ଭବ ସେଠାରେ ଉତ୍କଳ ବିଭାଗର କମିଶନର ଓ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର କେନେଲ ଏହି ଦୁହେଁ ସେଠାରେ ପ୍ରତିନିଧିଙ୍କ ସଙ୍ଗେ ସାକ୍ଷାତ କରିବେ ଓ କେନ୍ଦ୍ରାପଡ଼ା ସବଡିଭିଜନ ହାକିମ ଓ କେନାଲ ଇଲାକାର ରେବିନିଉ ସୁପରିଣ୍ଟେଣ୍ଡେଣ୍ଟ ଏମାନେ କେନ୍ଦ୍ରାପଡ଼ାରେ ହାଜର ଥିବେ ।

ମହାମାନ୍ୟ ମହୋଦୟଙ୍କ ସଓଦାଗରି ସଙ୍ଗେ ଆସିଥିବା ବ୍ୟକ୍ତିମାନଙ୍କୁ ଲାଲବାଗ କୋଠିକୁ ନେଇଯିବା ସକାଶେ ଗାଡ଼ିମାନ ହାଜର ଥିବ ଓ କଟକଜିଲାର କଲେକ୍ଟର ସାହେବ ଓ ପୁଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ସଙ୍ଗେ ଚଠାପଥ ଚଳାଇ ଏପରି ସକଳ କରିବେ ଯେପରି କି ଖୋଦାବନ୍ଦଙ୍କର ଯୋବଣ୍ଟ ଘାଟଠାରେ ନୌକାରୁ ଅବରୋହଣ କରିବା ସମୟରେ ସମସ୍ତ ବିଷୟର ସକଳ ଥାଏ କୌଣସି ବିଷୟର ଗୋଲମାଲ ହୋଇ ନ ପାରେ ସେଥି ବିଷୟର ଜବାବଦିହି ତାଙ୍କଠାରେ ରହିବ ।

କୁଲି ଓ ଗାଡ଼ି ଏତେ ପ୍ରଚୁର ପରିମାଣରେ ଥିବ ଯେ ସାହେବମାନଙ୍କର ନିତାନ୍ତ ଜିନିସପତ୍ରମାନ ବହନ କରି ଉଦ୍ଦେଶ୍ୟସ୍ଥାନରେ ପହଞ୍ଚାଇ ଦେବେ ।

ଖୋଦାବନ୍ଦ ଭୂମିରେ ଅବତୀର୍ଣ୍ଣ ହେବା ସମୟରେ ସମସ୍ତ ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ଲବ୍ଧ ବାସିନ୍ଦାମାନଙ୍କ ସଙ୍ଗେ ସାକ୍ଷାତ ହେବ ଓ ମହାମାନ୍ୟ ପ୍ରବଳ ପ୍ରତାପ ପ୍ରତିନିଧିସାହେବଙ୍କୁ ଉତ୍କଳ ଖଣ୍ଡକୁ ସମାଦର ପୂର୍ବକ ଆହ୍ୱାନ କରିବାର ସମ୍ମାନ ସୂଚକ ପତ୍ର ଦେବାକୁ ଚାହିଲେ ତାହା ଦେଶୀୟ ଭଦ୍ରଲୋକ ଓ ସରକାରୀକର୍ମକାରକମାନେ, ରାଜାମାନେ ଓ ଜମିଦାରମାନେ ଯଥୋପଯୁକ୍ତ ସମ୍ଭାଷଣ ପୂର୍ବକ ପ୍ରଦାନ କରିବାକୁ ଚାହିଲେ ତାହା ସେହିଠାରେ କରିବେ ଇଉରୋପୀୟ ଭଦ୍ରଲୋକ ଓ କର୍ମଚାରୀମାନେ ଲାଲବାଗ କୋଠି ପର୍ଯ୍ୟନ୍ତ ସଙ୍ଗରେ ଯାଇ ସେଠାରେ ପରିଚିତ ହେବେ ।

ପ୍ରତିନିଧି ସାହେବ ତାଙ୍କ ସଙ୍ଗିମାନଙ୍କ ସଙ୍ଗେ ଲାଲବାଗ କୋଠିରେ ଅବସ୍ଥିତି କରିବେ ଓ ମହାମାନ୍ୟ ଲେଫ୍‌ଟନାଣ୍ଟ ଗବର୍ଣ୍ଣର ସାହେବ ତାଙ୍କ ସଙ୍ଗିମାନଙ୍କ ସହିତ ସର୍କିଟ ଘରେ ରହିବେ ।

ଫିବୃଏରୀମାସ ତା ୧୭ ରଖ ଅପରାହ୍ନ ଅର୍ଥାତ ଦିବା ଚାରିଘଣ୍ଟା ସମୟରେ ଦରବାର ହେବ ସମସ୍ତ ସରକାରୀ ହାକିମ ଓ ଅମଲାମାନେ ଉକ୍ତ ଦରବାରରେ ଉପସ୍ଥିତ ହେବେ ଓ ଗଡ଼ଜାତ ଇଲାକାର ଯେଉଁ ରାଜାମାନଙ୍କର ଉପସ୍ଥିତ ହେବାର ଆବଶ୍ୟକ ସେମାନଙ୍କ ନାମରେ ପରୱାନା ସାଦର କରିବା ଗଡ଼ଜାତ ଇଲାକା ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଉଚିତ ଓ କମିଶନର ସାହେବ ସମସ୍ତ ଜିଲା କଲେକ୍ଟରସାହେବଙ୍କ ସଙ୍ଗେ ବନ୍ଦୋବସ୍ତ କରିବେ ଓ କଲେକ୍ଟରସାହେବମାନେ ଆପଣା ଇଲାକାର ସମସ୍ତ ପେଶକଷ ରାଜାମାନଙ୍କ ଓ ଜମିଦାରମାନଙ୍କ ଓ ସରକାରୀ କର୍ମଚାରୀ ଓ ଅନ୍ୟ ବାସିନ୍ଦାମାନଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଇବେ ।

ଗଡ଼ଜାତର ରାଜାମାନେ ଦରବାରରେ ଉପସ୍ଥିତ ହୁଅନ୍ତି କି ନା ସେ ବିଷୟ ପ୍ରତି ଦୃଷ୍ଟି ରଖିବାର ଭାର ଟ୍ରିବ୍ୟୁଟାରି ମହାଲର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଓ ଗଡ଼ଜାତର ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ରହିଲା ।

ସେହିପରି ଜିଲାର କଲେକ୍ଟରସାହେବମାନେ ଯେ ଯାହା ଆପଣା ଇଲାକାର ଜମିଦାର ଓ ଦେଶୀୟ କର୍ମଚାରୀମାନଙ୍କର ହାଜର ହେବା ନ ହେବାର ଭାର ରଖିବେ ଦରବାରର ଶୃଙ୍ଖଳା ଓ ଲୋକମାନଙ୍କର ବସିବାର ଥାନ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀସାହେବମାନେ ସ୍ଥିର କରିବେ ଓ ପ୍ରତ୍ୟେକ ରାଜା କିମ୍ବା ଜମିଦାରଙ୍କ ସକାଶେ ଯେଉଁ ସ୍ଥାନ ନିର୍ଦ୍ଦିଷ୍ଟ କରାଯିବ ସେମାନେ ସେହି ଅନୁଯାୟୀ ବସିବେ ଓ ଏ ବିଷୟର ଖାସ ଉପଦେଶ ଏ ପତ୍ରେ ପ୍ରକାଶ ହେବ ।

କଟକ ଜିଲାର ମେଜିଷ୍ଟ୍ରେଟ ସାହେବଙ୍କୁ ଉଚିତ କି ଦରବାର ହେବା ସମୟରେ ଯେତେ ପୁଲିସ କନଷ୍ଟେବଲ ରହିବାର ଆବଶ୍ୟକ ତାହା ରଖାଇବେ ଓ ଦରବାର ସାମନା ସ୍ଥାନ ଯେପରି ପରିଷ୍କାର ଥାଏ ତାହା କରାଇବେ ଓ ସାହେବ ପ୍ରଶଂସିତ ଏଥିର ବିସ୍ତାରିତ ବନ୍ଦୋବସ୍ତ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ସଙ୍ଗେ କରିବେ ।

କରନେଲ ଇନିସ ସାହେବ ପଲଟନର ହାକିମଙ୍କୁ ଉଚିତ କି ସେ ପ୍ରବଳପ୍ରତାପ ଭାରତବର୍ଷର ପ୍ରତିନିଧି ଗବର୍ଣ୍ଣରଜେନେରଲ ସାହେବଙ୍କ ସୁଆଗମନ ସମୟରେ ଲାଲବାଗଠାରେ ଓ ଦରବାରଠାରେ ତାଙ୍କ ମର୍ଯ୍ୟାଦା ସକାଶେ ଯେ ସୈନ୍ୟ ହାଜର ରଖିବାର ଆବଶ୍ୟକ ତହିଁର ବନ୍ଦୋବସ୍ତ କରିବେ ।

ଦରବାର ସମୟରେ ମେମମାନଙ୍କ ବସିବା ସକାଶେ ସ୍ଥାନ ପ୍ରସ୍ତୁତ କରାଯିବ ଦରବାର ଆରମ୍ଭ ଓ ଶେଷ ହେବା ସମୟରେ ମର୍ଯ୍ୟାଦା ସୂଚକ କମାଣ ଫାଏର ହେବ ।

ଯଦ୍ୟପି ଦେଶୀୟ ବାସିନ୍ଦାମାନେ କୌଣସି ପ୍ରକାର ଆତସବାଜି ଅବା ଅନ୍ୟ କେଉଣସିରୂପେ ସମ୍ମାନ ସୂଚକ ଓ ପ୍ରଭୁଭକ୍ତି ସୂଚକ ଚିହ୍ନମାନ ପ୍ରକାଶ କରିବାକୁ ଚାହାନ୍ତି ତେବେ ତାହା ସେହି ସମୟରେ ହେବ ଓ ସେଥିର ବନ୍ଦୋବସ୍ତ ଜିଲାର ମେଜିଷ୍ଟ୍ରେଟସାହେବ ଓ ପୁଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏମାନେ କରିବେ ।

ଫିବୃଏରୀମାସ ତା ୧୭ ରଖ ପ୍ରାତଃକାଳରେ ଖୋଦାବନ୍ଦ ଆପଣା ସଙ୍ଗିମାନଙ୍କ ସମଭିବ୍ୟାହାରରେ ଭୁବନେଶ୍ୱରଠାକୁ ଯିବେ ଓ କାଠଯୋଡ଼ୀ ପାର ହୋଇ ପୁରୀ ଘାଟରେ ପହଞ୍ଚିବା ସକାଶେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରସାହେବ ନୌକା ପ୍ରସ୍ତୁତ ରଖିବେ ।

ମହାମାନ୍ୟ ମହୋଦୟ କାଠଯୋଡ଼ୀ ପାର ହୋଇ ପୁରୀଘାଟକୁ ପହଞ୍ଚିବା ସମୟକୁ ଲକ୍ଷକରି ଘୋଡ଼ାଗାଡ଼ିମାନ ପ୍ରସ୍ତୁତ ଥିବ ।

ନଦୀ ପାର ହେଲାରୁ ତାଙ୍କୁ ନେଇ ଟଙ୍କପାଣି ମୁକାମରେ ପହଞ୍ଚାଇବେ କଟକ ଓ ପୁରୀଜିଲା କଲେକ୍ଟରସାହେବମାନେ ପ୍ରଶଂସିତ ମହୋଦୟଙ୍କର ଟଙ୍କପାଣି ମୁକାମରେ ଶୀଘ୍ର ପହଞ୍ଚିବାର ଆଜ୍ଞାନୁସାରେ ବନ୍ଦୋବସ୍ତ କରିବାକୁ ଆଦେଶ

Split by PDF Splitter
Digitized by srujanika@gmail.com

ଦେବେ ଯେଉଁମାନେ ଗାଡି ଘୋଡ଼ା ଦେଇ ପାରନ୍ତି ସେମାନଙ୍କୁ ସାଧ୍ୟମତେ ସାହାଯ୍ୟ କରିବାକୁ ଅନୁରୋଧ କରାଯିବ ।

ଟଙ୍କପାଣିଠାରୁ ଭୁବନେଶ୍ୱରକୁ ସାହେବମାନଙ୍କୁ ନେଇଯିବା ସକାଶେ ହାତୀ ଓ ଘୋଡ଼ାମାନଙ୍କୁ ପଠାଯିବ ଓ ଭୁବନେଶ୍ୱର ଦେଉଳ ଓ ଭଗ୍ନ ଅଟ୍ଟାଳିକାମାନ ଦେଖିଲା ପର ଭୁବନେଶ୍ୱର ଓ ଖଣ୍ଡଗିରି ମଧ୍ୟସ୍ଥିତ ଅର୍ଦ୍ଧପଥରେ ତାମ୍ବୁ ସ୍ଥାପିତ ଥିବ ଯେ ସେଠାରେ ସାହେବାନ୍‌ମାନେ ଖାନା ଖାଇବେ ପୁରୀଜିଲା କଲେକ୍ଟର ସାହେବଙ୍କୁ ଉଚିତ କି ସେଠାରେ ତାମ୍ବୁ ପକାଇ ମଧ୍ୟାହ୍ନଭୋଜନର ଆୟୋଜନ କରିଥିବେ ଭୋଜନ ଉତ୍ତାରେ ସାହେବମାନେ ଖଣ୍ଡଗିରି ଗୁମ୍ଫାମାନ ଦେଖି ସେହିଦିନ ସନ୍ଧ୍ୟା ସମୟରେ କଟକକୁ ଫେରି ଆସିବେ ।

ତା ୧୭ ରଖରେ ମଧ୍ୟାହ୍ନ ଭୋଜନ ଶେଷ କରି ଆପଣା ସ୍ୱାଭାବିକ ସମଭିବ୍ୟାହାରରେ ପ୍ରବଳ ପ୍ରତାପ ଭାରତବର୍ଷର ପ୍ରତିନିଧି ଯୋବରା ଘାଟରେ ନୌକାରେ ପୁନରାରୋହଣ କରିବେ ସେ ସମୟରେ ପ୍ରଧାନ କର୍ମଚାରୀ ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ହେଲେ ଘାଟଠାରେ ହାଜର ରହିବେ ।

ପଲଟନର କମାଣ୍ଡିଂ ଅଫିସର ରୀତି ମତେ ମର୍ଯ୍ୟାଦା ରକ୍ଷକ ସୈନ୍ୟମାନଙ୍କୁ ହାଜର କରିବେ ଓ ଦସ୍ତୁରମତେ ସଲାମୀକମାଣ ଦିଆଯିବ ଆଗମନ ଯେପରି ହୋଇଥିବ ପ୍ରତ୍ୟାଗମନ ସେହିପରି ହେବ ଓ କେନାଲରେ ଯିବାକାଳୀନ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ସାହେବ ଯେତେ ନୌକା ଆବଶ୍ୟକ ହେବ ତାହା ଯୋଗାଇବେ ।

ଏକ ସାଧାରଣ ପାଣ୍ଡୁଲିପି ଲେଖିବା ସମୟରେ ପ୍ରତ୍ୟେକ ବିଷୟର ବିସ୍ତାରିତ ବିବରଣ ଲେଖିବା ଅସାଧ୍ୟ ଅଟେ ଅତଏବ ମହାମାନ୍ୟ ପ୍ରତିନିଧି ସାହେବଙ୍କର ଆଗମନ ସମୟରେ ଯେତେ ଅଧିକ ସୁବିଧା କରାଯାଇ ପାରେ ତହିଁ ସକାଶେ ଡିବିଜନର କମିଶନର ସାହେବ ପ୍ରତ୍ୟେକ ମହକୁମାର ପ୍ରତ୍ୟେକ କର୍ମଚାରିଙ୍କ ଉପରେ ନିର୍ଭର କରୁଅଛନ୍ତି ଓ ଅସୁବିଧା ଓ ବିଲମ୍ବମାନ ସାଧ୍ୟମତେ ନିବାରଣ କରିବା ପକ୍ଷେ ସମସ୍ତଙ୍କର ମନୋଯୋଗ କରିବା ଅତ୍ୟନ୍ତ ଆବଶ୍ୟକ ।

ଶ୍ରୀଯୁକ୍ତ ଲେପ୍‌ଟନେଣ୍ଟ ଗବର୍ଣ୍ଣରଙ୍କ ସମଭିବ୍ୟାହାରରେ ଡିଉନସାହେବ ପ୍ରାଇବେଟ ସେକ୍ରେଟରୀ କର୍ଣ୍ଣେଲ ହେଗ୍‌ସାହେବ ଇରିଗେସନ ମହକୁମା ସେକ୍ରେଟରୀ ଓ ଏକଜଣ ଶରୀର ରକ୍ଷକ ଆସୁଅଛନ୍ତି ।

ଉପରେ ଯେ ସମସ୍ତ ଆୟୋଜନର ଉଲ୍ଲେଖ ହେଲା ତାହା ସରକାରୀ ବ୍ୟାପାର ଅଟଇ ଦେଶୀୟ ଲୋକମାନେ ମହାମାନ୍ୟ ଶ୍ରୀଯୁକ୍ତ ଗବର୍ଣ୍ଣର ଜେନରଲ୍ ସାହେବଙ୍କୁ ଯେପ୍ରକାରେ ସମ୍ମାନ କରିବାକୁ ମନସ୍ଥ କରି ଆୟୋଜନ କରୁଅଛନ୍ତି ସେ ସବୁ ଉଲଲିଖିତରୂପେ ଅଟଇ ମାତ୍ର ଏଠାରେ ଲେଖିବାର ଆବଶ୍ୟକ ଯେ ଉକ୍ତ ମହୋଦୟଙ୍କର ପୂର୍ବକଳ୍ପିତ ପ୍ରକାରେ ରାତ୍ରରେ ଦରବାର ସ୍ଥାନକୁ ପୁନର୍ବାର ବଜେକରିବାର ନ ହେବାରୁ ରୋଷନି ଓ ବାଣ ପୋଡିବା ବିଷୟରେ କେତେକ ଅସୁବିଧା ହେଲା ।

୧ । ମଙ୍ଗଳାବାଗ ରୌଶାନା ଚୌଧୁରୀବଜାର ଓ କମିଶନର କଚେରୀ ସମ୍ମୁଖରେ ସଡ଼କରେ ସୁସଜ୍ଜିତ ଫାଟକମାନ ପ୍ରସ୍ତୁତ ଓ ପତାକା ଆଦି ଉତ୍ତୀୟମାନ ହେବ ଓ ନୌବତ୍‌ବାଜା ମଧ୍ୟ ବସିବ ।

୨ । କାଠଯୋଡ଼ୀ ନଦୀ ବାଲିରେ ଦରବାର ଗୃହରେ ବାଣ ପୋଡ଼ା ହେବ ।

୩ । ଜୋବ୍ରାଘାଟଠାରୁ ଲାଲବାଗ କୋଠି ପର୍ଯ୍ୟନ୍ତ ସଡ଼କ ଦୁଇପାଖରେ ଅବିରଳ ଦୀପମାନ ଯୋଗା ହୋଇ ଥିବ ଯେ ପ୍ରତ୍ୟାଗମନଦିନ ସନ୍ଧ୍ୟା ହୋଇଗଲେ ରୋଷନି ହେବ ନୋହିଲେ ଯିବାଦିନ ରୋଷନି ହେବ ।

୪ । ଗ୍ୟାସ୍ୟୁନିକ ଆଲୋକଯନ୍ତ୍ର କଲେକ୍‌ଟରୀ କଚେରୀ ଉପରେ କିମ୍ବା ଲାଲବାଗ କୋଠି ଉପରେ ସ୍ଥାପିତ ହୋଇ ରୋଷନି କରାଯିବ ।

## ସାପ୍ତାହିକ ସଂବାଦ

ବିଶ୍ୱାସଯୋଗ୍ୟ ସୂତ୍ରେ ଜ୍ଞାତ ହୋଇଲୁଁ ଯେ ଏହି ଜିଲାର ଜଣେ ଅଳ୍ପବୟସ୍କ ବାବୁ ଦୁଇ ଏକ ମୋକଦ୍ଦମା ହାରି ଅଉ ଏକ ଦାଏର ଥିବା ମୋକଦ୍ଦମା ବିଷୟ ଆପଣା ଗୃହ ଦେବତାଙ୍କୁ ପଚାରିବାରେ ସେ ଉତ୍ତର ନ ଦେଇ ଆପଣା ସ୍ୱାଭାବିକ ମୌନତା ଧାରଣ କଲେ ତହୁଁ ବାବୁ ଠାକୁରଙ୍କ ମୁହଁରେ ଥୁକିକରି ଓ ଏକ ମୂର୍ତ୍ତିକୁ ଧରି କହିଲେ ଯେ ଏ ଠାକୁର ମୋହ ସଙ୍ଗେ କଥା ନ କହିଲେ ଏହାଙ୍କର କିଛି କରିଣି ନାହିଁ ଏହାଙ୍କୁ କଙ୍କି ପାଣିରେ ପକାଇ ଦେବ । ଏମନ୍ତ ସମୟରେ ଠାକୁରଙ୍କ ଭାଗ୍ୟବଶତଃ ପୂଜାରୀ ଓ ଅନ୍ୟ ଭୃତ୍ୟମାନେ ଉପସ୍ଥିତ ହୋଇ ଠାକୁରଙ୍କୁ ରକ୍ଷା କଲେ ଓ ଅନେକ କଷ୍ଟରେ ବରଂ ପୂଜାରୀ ଉପେଟାଘାତ ଖାଇ ବାବୁଙ୍କୁ ମନ୍ଦିରରୁ ବାହାର କରି ଦ୍ୱାରେ ତାଲା ପକାଇ ଦେଲେ । ତହିଁ ଆର ଦିନ ମଧ୍ୟ ବାବୁ ଠାକୁର ଭାଙ୍ଗିବାକୁ ଉଦ୍ୟତ ହେଲେ କିନ୍ତୁ ଦ୍ୱାରେ ତାଲା ପଡିଥିବାରୁ କୃତକାର୍ଯ୍ୟ ହୋଇ ନ ପାରିଲେ । ତୃତୀୟ ଦିବସ ରାତ୍ରରେ ପୂଜାରିଙ୍କଦ୍ୱାରା ସମସ୍ତ ଠାକୁରଙ୍କୁ ଉଲଙ୍ଗ କରାଇ ତାଙ୍କ ଉପରେ ବସ୍ତିର ପାଣି ଢଳାଇଲେ ବୋଧ ହୁଏ ଏହା ମହାସ୍ନାନ ହେଲା । ତଦୁତ୍ତାରେ ବାବୁଙ୍କର କୋପ ଶାନ୍ତ ହେଲା କିନ୍ତୁ ଉଲ୍ଲିଖିତ ମୋକଦ୍ଦମାଟୀ ମଧ୍ୟ ସେ କୋର୍ଟରେ ହାରିଲେ ଏଣିକି ଠାକୁରଙ୍କର କି ଦୁର୍ଦ୍ଦଶା ଘଟିବ ବା ଘଟିଅଛି କହି ନ ପାରୁଁ । ଏ ବାବୁ ଇଂରାଜୀ ପଢି ନାହାନ୍ତି କିମ୍ବା ବ୍ରହ୍ମଜ୍ଞାନୀ ବା ପାଗଳ ନୁହନ୍ତି ଆପଣା ଜମିଦାରିରେ ନିଜ ପ୍ରତାପ ପ୍ରଚାର କରିବାରେ ବିଶେଷ ତତ୍ପର । ବୋଧ ହୁଏ ସେହି ପ୍ରତାପ ଠାକୁର ପର୍ଯ୍ୟନ୍ତ ବିସ୍ତାର କଲେ । କେତେକ ଇଂରାଜୀପଢୁଆ ଠାକୁର ( ପ୍ରତିମା ) ମାନନ୍ତି ନାହିଁ ସତ୍ୟ କିନ୍ତୁ ଠାକୁରଙ୍କ ଏତାଦୃଶ ଅପମାନ୍ୟ ନ କରନ୍ତି । କୁସଂସର୍ଗ ଓ କୁମତି ସବୁ ଦୁଷ୍କର୍ମର ମୂଳକାରଣ ଅଟଇ ।

ଗତ ମଙ୍ଗଳବାର ରାତ୍ରରେ ଏଠାରେ ବର୍ଷା ହୋଇଅଛି ବୋଧ ହୁଏ ଆମ୍ବର କଥା ସରିଲା ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ୍ ସାହେବଙ୍କ ସମ୍ମାନାର୍ଥ ସଂଗୃହୀତ ଚାନ୍ଦା ଟଙ୍କାରୁ ଯେଉଁପ ବ୍ୟୟ ମାନେଜିଂକମିଟୀଦ୍ୱାରା ନିର୍ଦ୍ଧାର୍ଯ୍ୟ ହୋଇଅଛି ତାହା ସମସ୍ତଙ୍କ ଗୋଚରାର୍ଥେ ନିମ୍ନେ ଲେଖାଗଲା ।

| | |
|---|---|
| କଲିକତା ବନ୍ଧୁଙ୍କୁ ରୋଷନାଇ ଗୋଟାକୁ | ୫୪୦୦୯ |
| ରୌଶାଫାଟକ ଓ ଡିଲାସ ରୋଷନାଇ | ୪୪୦୦୯ |
| ଆତସବାଜି ( ବାଣ ) | ୬୪୦୦୯ |

ଗୋଟିଏ ବିଦ୍ୟୁତ୍ ଯନ୍ତ୍ର ଯେଉଁଠାରେ ଥିବ ତହିଁର ଚତୁର୍ଦ୍ଦିଗ ଚନ୍ଦ୍ରକିରଣ ତୁଲ୍ୟ ଆଲୁଅ ହେବ ଓ ଅନ୍ୟ ଗୋଟିକରେ ନାନାଦ ପ୍ରକାର ରଙ୍ଗର ଆଲୁଅ ଦେଖାଯିବ । ମଫସଲବାସିମାନେ ସେ ଦିନ କଟକକୁ ଆସିଲେ ଏ କୌତୁକ ଦର୍ଶନ କରିବେ ।

ଅପରପୃଷ୍ଠା ପଶ୍ଚ ଦେଖ ।

---

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter



ଅତିରିକ୍ତ

ଦ୍ୱିତୀୟବର୍ଷୀୟ ଶ୍ରେଣୀ ।

ପ୍ରଥମ ବିଭାଗ ।

| | |
|---|---|
| ପଦ୍ମନାଭ ମିଶ୍ର | ୩୮୯ |

ଦ୍ୱିତୀୟ ବିଭାଗ ।

| | |
|---|---|
| କେଶବଚନ୍ଦ୍ର ମହାପାତ୍ର | ୩୧୯ |
| ହଳଧର ମହାପାତ୍ର | ୩୧୦ |
| ସୁରେଶନାଥ ସିଂହ | ୩୯୬ |
| ଚିନ୍ତାମଣି ମିଶ୍ର | ୩୯୬ |
| ପାରେଶ୍ୱର ନାୟକ | ୩୯୯ |
| ଚିନ୍ତାମଣି ପାଣିଗ୍ରାହୀ | ୩୦୪ |
| ଜଗନ୍ନାଥ କର | ୧୮୮ |
| ରାମପ୍ରସାଦ ଦାସ | ୧୮୬ |
| ଶ୍ରୀଧର ଦାସ | ୧୮୪ |
| ନିମାଇଁଚରଣ ପଟ୍ଟନାୟକ | ୧୮୪ |
| ନଟବର ନାୟକ | ୧୬୮ |
| ଗୋବିନ୍ଦନନ୍ଦ | ୧୬୪ |
| ଦାମୋଦର ପଣ୍ଡା | ୧୬୩ |
| ଭାଗ୍ୟଧନ ରାୟ | ୧୬୧ |

---

ତୃତୀୟବିଭାଗ ।

| | |
|---|---|
| ପ୍ୟାରୀମୋହନ ରାୟ | ୧୫୬ |
| ମଦନମୋହନ ମିଶ୍ର | ୧୪୮ |
| ଧନେଶ୍ୱର ଶତପଥୀ | ୧୪୪ |
| ଦୀନବନ୍ଧୁ ଦାସ | ୧୧୯ |
| ଗୋପାଳଚନ୍ଦ୍ର ତ୍ରିପାଠୀ | ୧୧୪ |
| ଦୁର୍ଗାଚରଣ ଆଚାର୍ଯ୍ୟ | ୧୯୮ |
| ମିୟାଁଜାନ ଖାଁ | ୧୦୬ |
| ଦୟାନିଧି ଦାସ | ୯୯ |
| [illegible] ଦାସ | ୯୮ |
| [illegible]କୃଷ୍ଣ ଦାସ | ୯୮ |
| ଭଗବାନ୍ ଧଳ | ୯୬ |

ପ୍ରଥମବର୍ଷୀୟ ଶ୍ରେଣୀ ।

ଦ୍ୱିତୀୟ ବିଭାଗ ।

| | |
|---|---|
| ଗୋପୀନାଥ ମହାନ୍ତି | ୩୩୦ |
| ଜଗନ୍ନାଥ ପଟ୍ଟନାୟକ | ୩୧୬ |
| ଲକ୍ଷ୍ମଣ ଶତପଥୀ | ୩୯୦ |
| ଅଟଳବିହାରୀ ଚଟ୍ଟୋପାଧ୍ୟାୟ | ୩୦୯ |
| ଭାଗିରଥୀ ମହାନ୍ତି | ୩୦୬ |
| ମିରନୂରଅଲୀ | ୧୯୮ |
| [illegible]ନାଥ ଶତପଥୀ | ୧୯୫ |
| ଭାଗିରଥୀ ଦାସ | ୧୬୯ |

ତୃତୀୟ ବିଭାଗ ।

| | |
|---|---|
| ପରମାନନ୍ଦ ପଣ୍ଡା | ୧୫୬ |

| | | | |
|---|---|---|---|
| ବିଦ୍ୟାଧର ସାହୁ | ୧୪୮ | ବିଶ୍ୱନାଥ ଦେ | ୧୧୦ |
| ଭବ ବେହେରା | ୧୪୦ | ଧନେଶ୍ୱର ପଟ୍ଟନାୟକ | ୧୯୧ |
| ଗୋବିନ୍ଦ ନାୟକ | ୧୧୫ | ମଧୁସୂଦନ ମହାପାତ୍ର | ୧୦୩ |

ଭାଷା ଛାତ୍ରବୃତ୍ତି ପରୀକ୍ଷାର ଫଳ ।

ଗତପରୀକ୍ଷାରେ ଉତ୍କଳଖଣ୍ଡର ଭାଷାବିଦ୍ୟାଳୟମାନଙ୍କର ଯେତେ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଛାତ୍ରବୃତ୍ତି ପାଇଅଛନ୍ତି ସେମାନଙ୍କ ନାମ କ୍ରମେ ଲେଖା ଯାଉଅଛି । ଯଥା-

| ଦୁଇବର୍ଷୀୟ ଛାତ୍ରବୃତ୍ତି ନାମ । | ଯେଉଁ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ | ଯେଉଁ ବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରାପ୍ତହେବ |
|---|---|---|
| ଉଦୟନାରାୟଣ ଲହା | ବାରବାଟୀ | ବାଲେଶ୍ୱର ଇଂଗ୍ଲିଶସ୍କୁଲ |
| କାଶୀନାଥ ଦାସ | ବାଲେଶ୍ୱର ମିଶନସ୍କୁଲ | ଏଜନ |
| ଶ୍ରୀବଲ୍ଲଭ ନନ୍ଦ | ସୋରେ | ଏଜନ |
| ରଘୁନାଥ ପରିଡ଼ା | ବାଁଶଡହା | ଏଜନ |
| ରଘୁନାଥ ପଣ୍ଡା | ଏଜନ | ଏଜନ |
| ଲକ୍ଷ୍ମଣପ୍ରସାଦ ଦାସ | ବାଗୁରେ | କଟକ ହାଇସ୍କୁଲ |
| ବିମ୍ବାଧର ଦାସ | କଟକ ଭର୍ଣ୍ଣାକ୍ୟୁଲରସ୍କୁଲ | ଏଜନ |
| ଲକ୍ଷ୍ମୀଧର ମହାପାତ୍ର | ଏଜନ | ଏଜନ |
| ଉଦୟନାଥ ଚଉଧୁରୀ | ମହାସିଂପୁର | ଏଜନ |
| ଗୋପାଳ ବଲ୍ଲଭ ଚଉଧୁରୀ | ଏଜନ | ଏଜନ |
| ହରିହର ମିଶ୍ର | ପୁରୀସଂସ୍କୃତସ୍କୁଲ | ପୁରୀ ଇଂଗ୍ଲିଶସ୍କୁଲ |
| ହରେକୃଷ୍ଣ ସଦସ୍ୟ | ଏଜନ | ଏଜନ |
| ଅନନ୍ତପ୍ରସାଦ ପଣ୍ଡା | ଖୋରଧା | କଟକ ହାଇସ୍କୁଲ |
| ହରିହର ଦାସ | ପୁରୀ ଭର୍ଣ୍ଣାକ୍ୟୁଲରସ୍କୁଲ | ପୁରୀ ଇଂଗ୍ଲିଶସ୍କୁଲ |
| ନିମାଇଚରଣ ଦତ୍ତ | ଏଜନ | ଏଜନ |

---

| ଏକବର୍ଷ ଛାତ୍ରବୃତ୍ତି | ଯେଉଁ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ | ଯେଉଁ ବିଦ୍ୟାଳୟରେ ଛାତ୍ରବୃତ୍ତି ପ୍ରାପ୍ତ ହେବ |
|---|---|---|
| ବୈଦ୍ୟନାଥ ଦାସ | ବାରବାଟୀ | କଟକ ନର୍ମାଲସ୍କୁଲ |
| ଯୁଧିଷ୍ଠିରପ୍ରସାଦ ପାଲିତ | ବାଲେଶ୍ୱର ମିଶନସ୍କୁଲ | ଏଜନ |
| ମଣିଚରଣ ମହାପାତ୍ର | ସୋରେ | ଏଜନ |
| କେଦାରନାଥ ଚନ୍ଦ୍ର | ଦହର୍ଦାଭିଲେଜ | ଏଜନ |
| ମାଗୁଣି ମିଶ୍ର | ଢେଙ୍କାନାଳ | ଏଜନ |
| ବିଦ୍ୟାଧର ପଣ୍ଡା | ଭୁବନପୁର | ଏଜନ |
| ଜୟରାମ ମହାନ୍ତି | ଚଟିକାସ୍କୁଲ | ଏଜନ |
| ବନବିହାରୀ ଛତ୍ର | ଜିଲାସ୍କୁଲ | ଏଜନ |
| ରାଧାକୃଷ୍ଣ ପଟ୍ଟନାୟକ | ଖୋରଧା | ଏଜନ |
| ଉଦୟନାରାୟଣ ଭଟ୍ଟାଚାର୍ଯ୍ୟ | ବାଉଁଶଡହା | ମେଦନୀପୁର ନର୍ମାଲସ୍କୁଲ |
| ନୀଳାମ୍ବର ଶତପଥୀ | ଚାଷକୋଟସ୍କୁଲ | କଟକ ନର୍ମାଲସ୍କୁଲ |
| ମଦନାନନ୍ଦ ମହାପାତ୍ର | ଦୋଲସାହୀ | ଏଜନ |
| ବଳଭଦ୍ର ଦାସ | କଟକ ଭର୍ଣ୍ଣାକ୍ୟୁଲରସ୍କୁଲ | ଏଜନ |
| ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀ | ଏଜନ | ଏଜନ |
| କହ୍ନାଇ ପଧାନ | ଅନୁଗୁଳ | ଏଜନ |

R. L. MARTIN.

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ ଅଞ୍ଚଳରେ ଜଣେ ମନୁଷ୍ୟ ଗାଈ ଚୋରି କରିବା ଅପରାଧରେ ଦୋଷୀ ନିର୍ଦ୍ଧାର୍ଯ୍ୟ ହୋଇ ତିନିବର୍ଷ କାରାବାସର ଦଣ୍ଡ ପାଇଅଛି । ଏ ଲୋକକୁ ପଶୁଭକ୍ଷ ଆଉ କଣ କୁହାଯାଇ ପାରେ ।

ଗବର୍ଣ୍ଣର ଜେନେରଲଙ୍କ ସମ୍ମାନ ଭେଟ ବିଷୟରେ ଅମ୍ଭେମାନେ ଯାହା ଗତ ସପ୍ତାହରେ ଲେଖିଥିଲୁଁ ତାହା ବିଫଳ ହୋଇ ନାହିଁ । ଶୁଣିଲୁଁ ଯେ ଇଂରାଜୀ ସ୍କୁଲର ଶିକ୍ଷକମାନେ ଓ କେତେକ ଭଦ୍ରପୁରୀ ମହାଜନ ଚିଠି ଭେଟ ସ୍ୱାକ୍ଷର କରଅଛନ୍ତି ।

ଯାଜପୁରର ମୁନସଫ ତିନିମାସର ଛୁଟୀ ନେବାରୁ ତାଙ୍କ କର୍ମରେ ଏ ଅଦାଲତର ଉକିଲ ବାବୁ ହରିଚରଣ ବାନାର୍ଜୀ ଏକ୍ଟିଂ ନିଯୁକ୍ତ ହୋଇଅଛନ୍ତି ଶୀଘ୍ର ସେଠାକୁ ଗମନ କରିବେ ।

---

ପ୍ରେରିତପତ୍ର ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ ! ନିମ୍ନଲିଖିତ କେତେକ ପଂକ୍ତି ସଂଶୋଧନପୂର୍ବକ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାର ଏକ କୋଣେ ସ୍ଥାନଦାନକରି ଚରିତାର୍ଥ କରିବା ହେବେ ।

ଆପଣଙ୍କର ଚଳିତ ଫେବ୍ରୁଆରୀମାସ ତାରିଖର ପତ୍ରିକାରେ "ଉତ୍କଳ ଅନୁବାଦକ" ଶିରୋନାମ ଯୁକ୍ତ ଏହି ବିଷୟଟି ଉଲ୍ଲେଖ ହୋଇଥିଲା ଯେ 'ଅନୁବାଦକମହାଶୟ ପ୍ରଥମ ଦୁଇ ଏକମାସ ଏହିପ୍ରକାର କାର୍ଯ୍ୟ ନିର୍ବାହ କରି ଏତେ ଶୀଘ୍ର ଯେ କ୍ଳାନ୍ତ ହୋଇପଡିଲେ ଏଥିର କାରଣ ଅମ୍ଭେମାନେ କିଛି ଜାଣୁନାହୁଁ " ପୁନଶ୍ଚ " ଯେତେକାଳ ଉକ୍ତ ପତ୍ରିକାଦ୍ୱୟର ଅନୁବାଦ ପଠାଯାଇ ନାହିଁ ସେ କାଳମଧ୍ୟରେ କୌଣସି ଗୁରୁତର କଥା ଉକ୍ତ ପତ୍ରିକାମାନଙ୍କରେ ନ ଥିଲା ମାତ୍ର ଅମ୍ଭେମାନେ ବିବେଚନାକରୁଁ ଯେ ଏପ୍ରକାର ଦରବାର ଭାର ଅନୁବାଦକଙ୍କୁ ଦିଆଯାଇ ନାହିଁ" ପ୍ରଥମ କଥାନୁସାରେ ଅନୁବାଦକ ଯେ କ୍ଳାନ୍ତ ହୋଇପଡିଲେ ଏମନ୍ତ ଅନୁଭବ ନୁହେ ଯେହେତୁ ପତ୍ରିକା ଅନୁବାଦ କରିବାର ଆଦେଶ ଯେଉଁସମୟରେ ମିଳିଲା ସେସମୟରେ ଅମ୍ଭେ କଲିକତାସ୍ଥିତ ଗବର୍ଣ୍ଣମେଣ୍ଟଙ୍କ ରିପୋର୍ଟର ଶ୍ରୀଯୁକ୍ତ ରବିନ୍‌ସନ୍‌ସାହେବଙ୍କୁ ପତ୍ର ଲେଖି ପ୍ରଶ୍ନ କରିଥିଲୁଁ ଯେ କେଉଁ ଧାରାନୁସାରେ ପତ୍ରିକା ଅନୁବାଦ କରିବାର ରୀତି ଅଛି ଓ କେଉଁ ବିଷୟ ଚର୍ଚ୍ଚା କରିବାର ଆବଶ୍ୟକ, ଏଥିରେ ସେ ଲେଖନ୍ତି ଯେ ଯେପରି ବିସ୍ତାରିତ ଅନୁବାଦ ପ୍ରେରଣ ହୋଇଅଛି ତଦ୍ରୂପ ନ କରି ଯେତେ ସଂକ୍ଷେପ କରିପାର ତେତେ ଭଲ । ଏବଂ କେବଳ ଆବଶ୍ୟକୀୟ ବିଷୟମାନ ପ୍ରେରଣକରିବା ଉଚିତ, ଯାହା କି ଗବର୍ଣ୍ଣମେଣ୍ଟଙ୍କ ଗୋଚରାର୍ଥେ ପ୍ରକାଶକରିବାର ନିତାନ୍ତ ଆବଶ୍ୟକ ଅର୍ଥାତ୍ ସାମାଜିକ ବା ରାଜନୀତିସମ୍ପର୍କେ ବା ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟପକ୍ଷେ କି ବିପକ୍ଷେ ଯେ କୌଣସି ତର୍କ ବିତର୍କ ଥାଏ ଏହିସମୁଦାୟ ସାରାଂଶ ଉତ୍ତୋଳନକରିବା ଆବଶ୍ୟକ । ଅନନ୍ତର ଶ୍ରୀଯୁକ୍ତ କମିଶନରସାହେବଙ୍କର ଏହି ଆଦେଶ ଯେ ଗବର୍ଣ୍ଣମେଣ୍ଟ କର୍ମଚାରୀମାନଙ୍କ ବିରୁଦ୍ଧାଚରଣ କିମ୍ବା ଉତ୍ତମାଚରଣ ଯାହା କି ପତ୍ରିକାରେ ପ୍ରକାଶ ଥିବ ତାହା ଏବଂ ଯହିଁରେ ଦେଶର ସ୍ୱାର୍ଥସାଧନବିଷୟକ କଥା ଥିବ ଏପ୍ରକାର ବିଷୟ ବିଶେଷ ମନୋଯୋଗପୂର୍ବକ ବିବେଚନାକରି ଅନୁବାଦକରିବା ଆବଶ୍ୟକ ।

ପୁନଶ୍ଚ ଗତ ଦୁଇ ଅଢ଼ାଇମାସ ମଧ୍ୟରେ ଗବର୍ଣ୍ଣମେଣ୍ଟଙ୍କ ଗୋଚରାର୍ଥେ ନିତାନ୍ତ ଆବଶ୍ୟକ ଏପ୍ରକାର କୌଣସି ବିଶେଷ ବିଷୟ ମଧ୍ୟ ପତ୍ରିକାରେ ନ ଥିଲା ସୁତରାଂ ଅନୁବାଦ କରାଯାଇ ନାହିଁ ସୀମିକା କହନ୍ତି ଯେ " ଏପ୍ରକାର ଦରବାର ଭାର ଅନୁବାଦକଙ୍କୁ ଦିଆଯାଇ ନାହିଁ" କିନ୍ତୁ ଉପରୋକ୍ତ ବିଷୟମାନ ବିବେଚନାରୁ ସ୍ପଷ୍ଟ ଜଣାଯାଏ ଯେ ତଦ୍ବିଷୟର ସମ୍ପୂର୍ଣ୍ଣ ଭାର ଦିଆଯାଇଅଛି ।

ପୁନଶ୍ଚ ବୋଧଦାୟିନୀ ପତ୍ରିକା ଏପର୍ଯ୍ୟନ୍ତ ନିୟମାନୁସାରେ ଆସିପାରୁ ନାହିଁ ଗତ ଦୁଇମାସ ମଧ୍ୟେ କେବଳ ୨ଖଣ୍ଡପତ୍ରିକା ପାଆଯାଇ ଅଛି, କିନ୍ତୁ ଏହି ୨ପତ୍ରିକାରେ ମଧ୍ୟ ଏମନ୍ତ କୌଣସି ଗୁରୁତର ଅଥବା ବିଶେଷ ପ୍ରସଙ୍ଗମାନ ଉଲ୍ଲେଖ ହୋଇ ନ ଥିଲା ଉକ୍ତପତ୍ରିକା କି ହେତୁରୁ ଏମନ୍ତ ଅନିୟମିତରୂପେ ଆସୁଅଛି ଏହା ଜାଣିବା ନିକଟେ ସମ୍ପାଦକଙ୍କ ଠାକୁ ଏଥି ପୂର୍ବେ ୨ଖଣ୍ଡପତ୍ର ପ୍ରେରଣ ହୋଇଅଛି । ଏକତ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟେରୀଙ୍କ ଠାକୁ ପତ୍ର ପଠାଇବାକୁ ବିଳମ୍ବ ଘଟି ଯେ ସେ ଅବକାଶରେ ଏହି ଖଣ୍ଡ ବିଜ୍ଞାପନୀ ଅମ୍ଭଠାକୁ ଯେହେତୁ ପ୍ରେରଣ କରନ୍ତି, କାରଣ ପ୍ରେରିତ ଅନୁବାଦ ମଧ୍ୟରୁ ଯଦ୍ୟପି ଗବର୍ଣ୍ଣମେଣ୍ଟ ରିପୋର୍ଟର ମହାଶୟ କୌଣସି ବିଷୟ ଅବଗତହେବାର ପ୍ରକାଶ ନ କରନ୍ତି ତାହା ଅମ୍ଭେ ଜାଣି ନ ପାରୁଁ । ଅଧିକକି ?

| | |
|---|---|
| କଟକ | ଅମ୍ଭେ ତୁମ୍ଭର ମଙ୍ଗଳାକାଂକ୍ଷୀ |
| | J. W. Lacey. |
| ୨।୮।୭୨ | ଉତ୍କଳ ଅନୁବାଦକ |

ଏଥିରୁ ଜଣାଯାଏ ଯେ କେବଳ ଉତ୍କଳ ଅନୁବାଦକଙ୍କ କ୍ରୁଟିରୁ ବିଜ୍ଞାପନୀରେ ଅନୁବାଦମାନ ପ୍ରକାଶ ହେଉ ନାହିଁ । ଶ୍ରୀଯୁକ୍ତ ରବିନ୍‌ସନ୍ ସାହେବଙ୍କର ମଧ୍ୟ ଶିଥିଳତା ଦେଖାଯାଏ । କିନ୍ତୁ ଉତ୍କଳ ଅନୁବାଦକଙ୍କ, ବିଜ୍ଞାପନୀ ଗଣ୍ଡେ ଲେଖାଏ ଦିଆଗଲେ ତାହାଙ୍କର ଅନୁବାଦମାନ ପ୍ରକାଶ ହୁଅଇ କି ନାହିଁ ସେ ଜାଣିପାରିବେ । ମାତ୍ର ଗତ ୨ ଓ ୩ ମାସରେ ଯେ ତାହାଙ୍କର ଅନୁବାଦ କରିବା ଭଳି କିଛି ପ୍ରସ୍ତାବ ନ ଥିଲା ଏ ବିଷୟରେ ବାଗ୍‌ଲରେ ଅମ୍ଭେମାନେ ଆପଣା ମନ୍ତବ୍ୟ ବ୍ୟକ୍ତ କରିବୁଁ ।

ସ, ଉ, ଦୀ,

---

୧୮୭୧ ଅବ୍ଦ କଟକ ନର୍ମାଲ ବିଦ୍ୟାଳୟ ପଣ୍ଡିତବିଭାଗର ପରୀକ୍ଷାର ଫଳ ।

ପୂର୍ଣ୍ଣସଂଖ୍ୟା ୭୦୦

ତୃତୀୟବର୍ଷୀୟଶ୍ରେଣୀ ।

---

ପ୍ରଥମବିଭାଗ ।

| | |
|---|---|
| ଶ୍ରୀ ରାଜବଲ୍ଲଭମିଶ୍ର | ୪୨୩୩ |
| ଭଗବତୀଚରଣଦାସ | ୩୬୧୩ |

---

ଦ୍ୱିତୀୟବିଭାଗ ।

| | |
|---|---|
| ରାମଗୋବିନ୍ଦଘୋଷାଲ | ୩୩୭୩ |
| ବିଦ୍ୟାଧରମହାନ୍ତି | ୩୩୪ |
| ମଧୁସୂଦନକର | ୩୦୩ |
| ଗୋବିନ୍ଦରଥ | ୩୦୧୩ |
| ଜଗନ୍ନାଥମିଶ୍ର | ୩୦୦୩ |
| ଲକ୍ଷ୍ମଣନନ୍ଦ | ୨୯୭ |
| ପୁରୁଷୋତ୍ତମ ମିଶ୍ର | ୨୮୮ |
| ବୈକୁଣ୍ଠନାଥ ମହାପାତ୍ର | ୨୭୮୩ |
| ରାମଚନ୍ଦ୍ର ତ୍ରିପାଠୀ | ୨୬୬ |

ତୃତୀୟ ବିଭାଗ ।

| | |
|---|---|
| ଶ୍ରୀନାଥ ସେନ | ୨୬୦ |
| ନୀଲମାଧବ ସେନ | ୨୪୯ |
| ବିନୋଦପ୍ରସାଦ ଦାସ | ୨୨୯୩ |
| ଶ୍ରୀଜୀବ ଦାସ | ୨୦୭ |
| ଶ୍ୟାମାଚରଣ ଘୋଷ | ୧୮୨ |

Digitized by srujanika@gmail.com

Split by PDF Splitter

REGISTERED NO. 7 ନ ୭ ମ୍ବର ରେଜିଷ୍ଟରୀ

27

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୭ଭାଗ } ତା୧୭ରଖ ଫିବୃଏରୀ ସନ୧୮୭୨ମସିହା ।ମୁ। ଫାଲ୍ଗୁନ ୭ ନ ସନ ୧୨୭୯ସାଲ ଶନିବାର } ଅଗ୍ରିମ ବାର୍ଷିକ ମୂଲ୍ୟ ୪
୭ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୬
ମଫସଲ ପାଇଁ ଡାକମାସଲ ୪୲

### ପ୍ରବଲ ପ୍ରତାପ ଲର୍ଡମେଓଙ୍କ ମୃତ୍ୟୁସମ୍ବାଦ ।

ପରମେଶ୍ୱର କେମନ୍ତ ବିଚିତ୍ର କୌଶଳ ପୂର୍ବକ ସଂସାରର କାର୍ଯ୍ୟମାନ ସଧାଉ ଅଛନ୍ତି ତାହା ମନୁଷ୍ୟଙ୍କୁ ଅଗୋଚର ନୋହିଲେ କି ଆମ୍ଭେମାନେ ଏତାଦୃଶ ସନ୍ତାପସାଗରରେ ଅକସ୍ମାତ୍ ପତିତ ହୁଅନ୍ତୁ ! ଯାହାଙ୍କର ଶୁଭଗମନ ସଂପ୍ରତି ସମାରୋହର ବର୍ଣ୍ଣନା ନିମିତ୍ତ ଯେଉଁ ଲେଖନୀ ପ୍ରସ୍ତୁତ ଥିଲା ସେହି ଲେଖନୀଦ୍ୱାରା ତାହାଙ୍କର ଶୋକାବହ ମୃତ୍ୟୁର ସମ୍ବାଦ ଲେଖିବାକୁ ପଡିଲା ! ଏଥିରୁ କଳିକର ଅତି ଖେଦର କଥା କି ଅଛି । ଓଡିଶାର କପାଳ ଅତି ମନ୍ଦ ବୋଲି ଆମ୍ଭେମାନେ ଜାଣିଲୁଁ ସେରୂପ ନ ହେଲେ କି ଏତାଦୃଶ ସୁଖରୁ ସେ ବଞ୍ଚିତ ହୁଅନ୍ତା ।

ଗତ ଗୁରୁବାର ଅତିରିକ୍ତ ପତ୍ରିକାରେ ମହୋଦୟଙ୍କ ଶୋକାବହ ମୃତ୍ୟୁ ସମ୍ବାଦ ଲେଖା ହୋଇଅଛି ଓ ମୋଫସଲସ୍ଥ ପାଠକଙ୍କ ନିମିତ୍ତ ତାହା ଏହି ପତ୍ରିକା ସଙ୍ଗେ ପ୍ରେରିତ ହେଲା । କଲିକତାରୁ ସମ୍ବାଦ ପତ୍ରମାନ ଆସିବାରୁ ଏ ଦୁର୍ଘଟନାର ତାବତ୍ ବୃତ୍ତାନ୍ତ ଜଣାଯାଇ ଅଛି ଓ ତହିଁ ସଙ୍ଗେ ଆମ୍ଭମାନଙ୍କର ଅତିରିକ୍ତ ପତ୍ରିକା ଲିଖିତ ବିଷୟମାନଙ୍କୁ ମେଳ କଲେ ଏତିକି ତାରତମ୍ୟ ଜଣାଯାଏ ଯେ ସନ୍ଧ୍ୟା ସାତଘଣ୍ଟା ସମୟରେ ଏ ଘଟନା ହେଲା ସେତେବେଳେ ଲର୍ଡ ମହୋଦୟ ଗୋଟିଏ ଟାଟୁଘୋଡା ଉପରେ ବସି ଜାହାଜକୁ ଫେରି ଯାଉଥିଲେ ଓ ଚତୁଃପାଶରେ ପୁଲିସ ଓ ଜଙ୍ଗି ସିପାହୀ ପହରା ଥିଲା । ହତ୍ୟାକାରୀ ଏମନ୍ତ ଚଞ୍ଚଳ ଦୌଡିଆସି ପହରା ଭିତରେ ପଶି ମହୋଦୟଙ୍କ ପେଟ ଦୁଇପାଖରେ ଦୁଇଥର ଅସ୍ତ୍ରାଘାତ କଲା ଯେ କେହି ନିବାରଣ କରି ପାରିଲେ ନାହିଁ । ସେ ଘୋଡା ଉପରୁ ତେଇଁ ପାଣିରେ ପଡି ଛିଡା ହୋଇଗଲେ ଓ ଲୋକେ ଦୌଡିଯାଇ ସାହାଯ୍ୟ କରୁ୨ ମୂର୍ଚ୍ଛିତ ହୋଇ ପଡିଲେ । କ୍ଷତ ସ୍ଥାନରେ ପଟି ବାନ୍ଧି ଶୀଘ୍ର ତାହାଙ୍କୁ ଜାହାଜ ଉପରକୁ ଆଣିଲେ ମାତ୍ର ସେତେବେଳେ ଡାକ୍ତର ପରୀକ୍ଷା କରି କହିଲା ଯେ ପ୍ରାଣ ଶେଷ ହୋଇଅଛି । ହତ୍ୟାକାରୀ ତତ୍କ୍ଷଣାତ୍ ଧୃତ ହେଲା ଓ ପଚାରିବାରେ କହିଲା ଯେ ପରମେଶ୍ୱରଙ୍କ ଆଜ୍ଞା ହେବାରୁ ସେ ଏ କାର୍ଯ୍ୟ କରିଅଛି ।

---

### ଉପସ୍ଥିତ ସମାରୋହ ଭଙ୍ଗ ।

ଯାହାଙ୍କ ଆଗମନକୁ ଉପେକ୍ଷା କରି ଓଡିଶାର ସମସ୍ତ ଶ୍ରେଣୀର ସମ୍ଭ୍ରାନ୍ତ ବ୍ୟକ୍ତିମାନେ କଟକନଗରରେ ଏକତ୍ରିତ ହୋଇଥିଲେ ତାହାଙ୍କର ଅକସ୍ମାତ୍ ମୃତ୍ୟୁ ହେବାରୁ ଶ୍ରୀଯୁକ୍ତ କମିଶନର ସାହେବ ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବଙ୍କ ଆଦେଶ କ୍ରମେ ଉକ୍ତ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ଗତକାଲି ଆପଣା କୋଠିକୁ ଡକାଇ ଏକ ସଭାକରି ଉପଯୁକ୍ତ ବକ୍ତୃତାଦ୍ୱାରା ସମସ୍ତ ବିବରଣ ଅବଗତ କରାଇ ଯେ ଯାହା ସ୍ଥାନକୁ ପ୍ରତ୍ୟାଗମନ କରିବା କାରଣ ବିଦାୟ ଦେଲେ । ବକ୍ତୃତାଟି ସ୍ଥାନାଭାବରୁ ଅବିକଲ ନ ଲେଖି ତହିଁର ପ୍ରାନ୍ତଭାଗ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ । ଯଥା

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟର ପ୍ରାଇବେଟ ସେକ୍ରେଟରୀ ମହୋଦୟ

ସମୀପେଷୁ ।

ସବିନୟ ନିବେଦନଂ ।

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ପ୍ରବଲପ୍ରତାପ ଗବର୍ଣ୍ଣର ଜେନରେଲଙ୍କର ଅତି ଶୋଚନୀୟ ମୃତ୍ୟୁ ହେଉ ତାହାଙ୍କ ସହଧର୍ମିଣୀ କାଉଣ୍ଟେସ ମେଓଙ୍କର ଯେ ମନଃପୀଡ଼ା ହୋଇଅଛି ତହିଁରେ ଅମ୍ଭେ ନିମ୍ନ ସ୍ୱାକ୍ଷରିତ ଓଡିଶାବାସୀ ରାଜା ଓ ଜମିଦାର ଓ ଅନ୍ୟାନ୍ୟ ବ୍ୟକ୍ତିମାନେ ଅତିଶୟ ଦୁଃଖିତ ହୋଇଅଛୁ ଏବଂ ପ୍ରାର୍ଥନା କରୁଅଛୁଁ ଯେ ଆପଣ ଅନୁଗ୍ରହପୂର୍ବକ ଆମ୍ଭମାନଙ୍କର ଏହି ଦୁଃଖ ଉକ୍ତ ଦୁଃଖିତ ମହୋଦୟଙ୍କୁ ଜଣାଇବା ହେବେ ।

ଆମ୍ଭମାନଙ୍କର ଗବର୍ଣ୍ଣର ଜେନରଲ ଅର୍ଲ ମେଓଙ୍କର କେବଳ ଅକସ୍ମାତ୍ ଅକାଳମୃତ୍ୟୁ ଅତି ଶୋଚନୀୟ ବିଷୟ ଓ ସର୍ବସାଧାରଣର ମହତ୍ତ୍ୱିପତ୍ତି ଅଟେ ଏଥିରେ ଯେମନ୍ତ ହୃଦୟ ବିଦାର୍ଣ୍ଣକାରୀ ଘଟନା ସହକାରେ ପ୍ରଶଂସିତ ମହାତ୍ମା ମୃତ୍ୟୁଗ୍ରାସରେ ପତିତ ହେଲେ ସେଥିରୁ ଆମ୍ଭମାନଙ୍କର ଦୁଃଖ ସହସ୍ରଗୁଣରେ ବୃଦ୍ଧି

Digitized by srujanika@gmail.com

ହୋଇଅଛି ଏବଂ ଏହି ଶୋଚନୀୟ ସମ୍ବାଦ ଏ ପର୍ଯ୍ୟନ୍ତ ଯାହାର କର୍ଣ୍ଣଗୋଚର ହୋଇଅଛି ତାହାର ଚିତ୍ତ ଦଗ୍ଧ କରୁଅଛି ଓ ଏଥି ଉତ୍ତାରୁ ଯେଉଁମାନେ ଶ୍ରବଣ କରିବେ ସେମାନେ ମଧ୍ୟ ଏହି ପରି ଶୋକସାଗରରେ ପତିତ ହେବେ ଏଥିରେ ତିଳେ ସନ୍ଦେହ ନାହିଁ ମାନ୍ୟ ପ୍ରଶଂସିତ ମହାତ୍ମାଙ୍କର ଭିକ୍ଷା ଶୁଭାଗମନ ଆଶାରେ ଅତି ଆହ୍ଲାଦରେ କାଳଯାପନ କରୁଥିବା ସମୟରେ ଏହି ଅତି ଶୋଚନୀୟ ଦୁର୍ଘଟନା ହେବା ହେତୁ ଆମ୍ଭମାନଙ୍କର ସମସ୍ତ ସୁଖ ହଠାତ୍ ନିର୍ମୂଳ ହୋଇ ଆମ୍ଭମାନଙ୍କୁ ଏକାବେଳକେ ଦୁଃଖସାଗରରେ ମଗ୍ନ ହେବାକୁ ହେବାରୁ ଏବଂ ଯେପରି ନିଷ୍ଠୁରପ୍ରକାରେ ପ୍ରବଳ ପ୍ରତାପଙ୍କର ମୃତ୍ୟୁ ହୋଇ ଏ ଦେଶ ଏପରି ଏକ ଦୁର୍ଲଭ ଶାସନକର୍ତ୍ତାଙ୍କ ଶାସନରୁ ବଞ୍ଚିତ ହେଲା ସେ ହେତୁ ଏହି ଦୁର୍ଘଟନା ଆମ୍ଭମାନଙ୍କର ହୃଦୟକୁ ବିଶେଷରୂପେ ବିଦୀର୍ଣ୍ଣ କରୁଅଛି ।

"ଈଶ୍ବରେଚ୍ଛା ବଳୀୟସୀ" ଏହି ଧର୍ମଶାସ୍ତ୍ର ଦତ୍ତ ପ୍ରବୋଧ ବାକ୍ୟରେ କେ ଶ୍ରୀମତୀ କାଉଣ୍ଟେସ ମେଓଙ୍କୁ ସାନ୍ତ୍ବନା ଦେବାର ଦୂରେ ଥାଉ ଆମ୍ଭମାନଙ୍କ ସ୍ବକୀୟ ଶୋକ ନିବାରଣର ଅନ୍ୟ କିଛି ଉପାୟ ଅମ୍ଭେମାନେ ଦେଖୁ ନାହୁଁ ଏବଂ ଅମ୍ଭେମାନେ ପ୍ରାର୍ଥନା କରୁଁ ପରମେଶ୍ବର ତାହାଙ୍କୁ ଏହି ଦୁସ୍ତର ଦୁଃଖକୁ ଅକାତର ହୃଦୟରେ ସହ୍ୟ କରିବାକୁ ବଳ ଏବଂ ତିତିକ୍ଷା ପ୍ରଦାନ କରନ୍ତୁ ।

ବକ୍ତୃତା ପାଠ ହେଲା ଉତ୍ତାରୁ ଲର୍ଡମେଓଙ୍କ ଶୋକାକୁଳା ମହିଷୀଙ୍କ ସାନ୍ତ୍ବନାର୍ଥେ ରଚନା ହୋଇଥିବା ଶୋକ ପତ୍ରରେ ଉପସ୍ଥିତ ସଭ୍ୟମାନେ ସ୍ବାକ୍ଷର କଲେ । ଶୋକପତ୍ରର ଅନୁବାଦ ନିମ୍ନେ ପ୍ରକାଶ ହେଲା ।

"ତୁମ୍ଭେମାନେ ଲର୍ଡମେଓ ସାହେବଙ୍କ ମହିଷୀଙ୍କର ସାନ୍ତ୍ବନାର୍ଥେ ଶୋକମତ ଯାହା ରଚନାପୂର୍ବକ ଜଣାଉଅଛୁ ଓ ଅମ୍ଭେ ନିଶ୍ଚୟ ବୋଧ କରୁଁ ଯେ ଯଦ୍ୟପି ତଦ୍ବାରା ତାଙ୍କର ବଧବା ଦୁଃଖାକ୍ରାନ୍ତ ଅନ୍ତଃକରଣର କ୍ଲେଶ ମୋଚନ ହୋଇପାରେ ତଥାପି ତାଙ୍କର ମହତ୍କୁଳୋଦ୍ଭବ ମହାମାନ୍ୟ ସ୍ବାମୀ ଲର୍ଡମେଓସାହେବ ଯେ ଆପଣାର କର୍ତ୍ତବ୍ୟକର୍ମ କରୁଁ ଓ ଆପଣାର ମହାରାଣୀଙ୍କର ଏବଂ ଭାରତବର୍ଷର ଜନସମାଜର ବିଶ୍ବାସପାତ୍ର ଥାଇ ଆପଣାର ପ୍ରାଣ ତ୍ୟାଗ କରୁଅଛନ୍ତି ସେଥିରୁ ଓ ଅତି ଅନେକବ୍ୟକ୍ତି ଯେଉଁମାନେ କି ବୃଟାନୀୟ ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟରେ ଅନୁରକ୍ତି ଓ ଅଚଳ ଦୃଢଭକ୍ତିସହକାରେ ଆପଣାର କର୍ତ୍ତବ୍ୟ କର୍ମମାନ ନିର୍ବାହ କରୁଥିବାରୁ ସେମାନଙ୍କର ନାମ ଯେପ୍ରକାର ଇତିହାସମାନଙ୍କରେ ଲିପିବଦ୍ଧ ହୋଇ ରହିଅଛି ଲର୍ଡମେଓସାହେବ ସେମାନଙ୍କ ସଙ୍ଗେ ଅଗ୍ରଗଣିତ ହେବାର ଏକ ଦୃଷ୍ଟାନ୍ତ ପ୍ରଦାନ କରିଥିବା ହେତୁରୁ ତାଙ୍କର ଦୁଃଖମାନ ବିଶେଷ ପରିମାଣରେ ମୋଚନ ହୋଇପାରିବ ଯେଉଁ ଦରବାର ଆଜତାରିଖରେ ହେବାର ନିର୍ଦ୍ଧାର୍ଯ୍ୟ ହୋଇଥିଲା ତାହା ବର୍ତ୍ତମାନ ସ୍ଥଗିତ ରଖାଗଲା ଓ ସ୍ଥଗିତର କାରଣ ସକାଶେ ଅମ୍ଭେ ଯେପରି ଖେଦାନ୍ବିତ ହୋଇଅଛୁଁ ଭରସା କରୁଁ ଯେ ଭବିଷ୍ୟତରେ କୌଣସି ଶୁଭକାଳରେ ଆପଣମାନଙ୍କୁ କଟକଠାରେ ଏକତ୍ରିତରେ ସାକ୍ଷାତ୍ କରିବୁଁ ।

ପ୍ରତ୍ୟେକ ରାଜା ଓ ଜମିଦାରମାନେ ବର୍ତ୍ତମାନ ଯେ ଯାହା ଆବାସସ୍ଥାନକୁ ପ୍ରସ୍ଥାନ କରନ୍ତୁ ।"

ଲର୍ଡମେଓ ଅମ୍ଭମାନଙ୍କ ମଙ୍ଗଳ ନିମିତ୍ତ ଆସି ଏମନ୍ତ ଦୁର୍ଘଟନାରେ ପତିତ ହେବାରୁ ତାହାଙ୍କର ସ୍ମରଣାର୍ଥେ କୀର୍ତ୍ତି ସ୍ଥାପନ ନିମିତ୍ତ ନିମ୍ନଲିଖିତରୂପେ ଚାନ୍ଦା ସ୍ବାକ୍ଷରିତ ହୋଇଅଛି ଓ ଭରସା କରୁଁ ଯେ ଯେଉଁମାନେ ଉପସ୍ଥିତ ନ ଥିଲେ ସେମାନେ ଚାନ୍ଦାଫର୍ଦ୍ଦରୁ ଯେମନ୍ତ ଅନୁପସ୍ଥିତ ନ ହେଉନ୍ତୁ ।

ମହାମାନ୍ୟବର ଲର୍ଡମେଓ ଗବର୍ଣ୍ଣର ଜେନରଲଙ୍କ ମୃତ୍ୟୁ ଚିରସ୍ମରଣୀୟ ସ୍ବରୂପ ଦେଶର ଉପକାରାର୍ଥେ ସ୍କଲରସିପ ଓ ପୁସ୍ତକାଳୟ କରିବା ଚାନ୍ଦାର ଫର୍ଦ୍ଦ । ତା ୧୭ ରଖ ଫିବ୍ରୁଏରୀ ସନ ୧୮୭୨ ସାଲ ।

| | |
|---|---|
| ମହାରାଜ ପୁରୀ | ଟ ୨୦୦୦ < |
| ,, ଢେଙ୍କାନାଳ | ଟ ୨୦୦୦ < |
| ,, ମୟୂରଭଞ୍ଜ | ଟ ୨୦୦୦ < |
| ,, କଲେ କେଉଁଝର | ଟ ୨୦୦୦ < |
| ରାଜା ନୟାଗଡ଼ | ଟ ୨୦୦୦ < |
| ,, ଦଶପଲ୍ଲା | ଟ ୨୦୦ < |
| ,, ଖଣ୍ଡପଡ଼ା | ଟ ୫୦୦ < |
| ,, ମଧୁପୁର | ଟ ୫୦୦ < |
| ,, ପାରିକୁଦ | ଟ ୫୦୦ < |
| କଲେ ଅଲ | ଟ ୬୦୦ < |
| ,, ତାଳଚେର | ଟ ୨୦୦ < |
| ,, ହିନ୍ଦୋଳ | ଟ ୨୦୦ < |
| ,, ଆଠମଲ୍ଲିକ | ଟ ୩୦୦ < |
| ,, ପାଲଲହଡ଼ା | ଟ ୨୦୦ < |
| ,, ପଟିଆ | ଟ ୧୦୦ < |
| ,, ସୁକିନ୍ଦା | ଟ ୫୦ < |
| ,, ବଡ଼ମ୍ବା | ଟ ୫୦୦ < |
| ,, ତିଗିରିଆ | ଟ ୧୦୦ < |
| ,, ଡୋମପଡ଼ା | ଟ ୧୦୦ < |
| ,, ଆଠଗଡ଼ | ଟ ୨୦୦ < |
| ,, ନରସିଂହପୁର | ଟ ୧୫୦ < |
| ,, ରଣପୁର | ଟ ୧୦୦ < |
| ,, ନୀଳଗିରି | ଟ ୩୦୦ < |
| ରାଜା ନରସିଂହଚରଣ ଅଗରପଡ଼ା | ଟ ୧୫ < |
| ରାଜା ଖେଲାଓନସିଂହ | ଟ ୨୫ < |
| ଲୀଳାଦ୍ରୀବିହାର ହରିଚନ୍ଦନ | ଟ ୧୦୦ < |
| ଜାଗିରଦାର | ଟ ୫୦ < |
| ତହସିଲଦାର କଲେ ଅନୁଗୁଳ | ଟ ୫୦ < |
| ,, ,, ବାଙ୍କି | ଟ ୫୦ < |
| ,, ,, କନ୍ଧମାଳ | ଟ ୫୦ < |
| ତହସିଲଦାର ଭାଗବତମହାନ୍ତି | ଟ ୫୦ < |
| ଶ୍ରୀ ମହନ୍ତ ନାରାୟଣ ଦାସ | ଟ ୫୦ < |
| ,, ହୟଗ୍ରୀବ ଦାସ | ଟ ୩୦ < |
| କ୍ଷତ୍ରିବର ଭଗବାନଗ୍ରେଟସିଂହ | ଟ ୧୦୦ < |
| ବାବୁ ବଶମ୍ଭରଦତ୍ତ | ଟ ୧୦ < |
| ,, ଗୋପୀବଲ୍ଲଭରାୟ ମହାଶୟ | ଟ ୧୦ < |
| ,, ଶ୍ୟାମାନନ୍ଦଦେ | ଟ ୧୦୦ < |
| ,, ମହେଶ୍ଚନ୍ଦ୍ରବାନୁର୍ଯ୍ୟା | ଟ ୨୦୦ < |
| ,, ଲକ୍ଷ୍ମୀନାରାୟଣରାୟ ଚୌଧୁରୀ | ଟ ୧୫୦ < |
| ,, ସଦାନନ୍ଦମହାପାତ୍ର | ଟ ୫୦ < |
| ,, ମୁକୁନ୍ଦପ୍ରସାଦରାୟ | ଟ ୨୫ < |
| ,, ବାସୁଦେବବେବର୍ତ୍ତାପଟ୍ଟନାୟକ | ଟ ୫୦ < |
| ଚୌଧୁରୀ ରଘୁନାଥଦାସ | ଟ ୨୦୦ < |
| ବାବୁ ବୈଦ୍ୟନାଥପଣ୍ଡିତ | ଟ ୧୫୦ < |
| ,, କହ୍ନେୟାଲାଲପଣ୍ଡିତ | ଟ ୧୦୦ < |
| ,, ସୁଧାଶ୍ୟାମନନ୍ଦରାୟ | ଟ ୧୦୦ < |
| ,, ଗୋଲକଚନ୍ଦ୍ରବୋଷ | ଟ ୧୦୦ < |
| ,, କାଳୀପଦବାନୁର୍ଯ୍ୟା | ଟ ୫୦ < |
| ,, ଶ୍ୟାମଗୋବିନ୍ଦ ଜଗଦେବ | ଟ ୫୦ < |
| ,, ତ୍ରିଲୋଚନ ହରିଚନ୍ଦ୍ର ରଗଡ଼ | ଟ ୧୨ < |
| ମୁନସି ରସୁଲବକ୍ସ | ଟ ୫ < |
| ,, ଅବଦୁଲଗନି | ଟ ୧୦ < |
| ବାବୁ ରଘୁନାଥସାନ୍ତରା | ଟ ୧୦ < |
| ,, ଉଦଧୁରୀ ସହଦେବମହାପାତ୍ର | ଟ ୧୨ < |
| ,, ଅମ୍ବିକାଚରଣରାୟ | ଟ ୫୦ < |
| ମୌଲବୀ ଏକରାମରସୁଲ | ଟ ୩୦ < |
| ବାବୁ ନନ୍ଦକିଶୋରଦାସ | ଟ ୨୫ < |

Split by PDF Splitter

Digitized by srujanika@gmail.com

Split by PDF Splitter



## ଅସୀମ ଶଠତା ।

କେତେକ ବର୍ଷ ହେଲା ପ୍ରାୟ ପ୍ରତିବର୍ଷ କେହ ଜଗନ୍ନାଥ ଅବତାର ହେବାର ଓ କେହ ଅନ୍ୟ କୌଣସି ପ୍ରକାର ଅଲୌକିକ ଶକ୍ତି ଧାରଣ କରିବାର ଶୁଣାଯାଉଅଛି । ସେସବୁ ଘଟନା ଗ୍ରୀଷ୍ମସମୟରେ ହେଉଥିବାରୁ ଉତ୍ତାପକୁ ଇହାର ହେତୁ ମନେ କରିଥିଲୁଁ କିନ୍ତୁ ଏବର୍ଷ ଶୀତକାଳରେ କେଉଁଝରରେ ଉପର୍ଯ୍ୟୁକ୍ତପ୍ରକାର ଗୋଟିଏ ଘଟନା ହୋଇଅଛି । ବୋଧ ହୁଏ ଶୀତର ଅଲ୍ପତା ବା ଗଞ୍ଜେଇଧୂଆଁ ଇହାର କାରଣ ଅଟଇ । ଇହାର ସଂକ୍ଷେପ ସମାଚାର ଏହି ଯେ କେଉଁଝର ଅନ୍ତର୍ଗତ ଅଠଗଡ଼ ନିବାସି ଦିବାକରଚନ୍ଦ୍ର ନାମକ ଜଣେ ବ୍ୟକ୍ତି ଆପଣାକୁ ଶ୍ରୀ ଭଗବାନଙ୍କ ଅବତାର ବୋଲି ପରିଚୟ ଦେଇ ପ୍ରଭୁ ବୋଲାଇଲେ ଓ ତାହାଠାରେ ଲୋକଙ୍କର ଏପରି ବିଶ୍ୱାସ ଜନ୍ମିଲା ଯେ ପ୍ରତିଦିନ ସହସ୍ର୨ ଲୋକ ଆପଣା୨ କାମନା ଲାଭିଶାରେ ତାହାଠାକୁ ଦଉଡ଼ିଲେ । ଏଥିରେ ସେ ଅନେକ ଉପାର୍ଜ୍ଜନ କଲା ଓ ସମସ୍ତଙ୍କୁ ଆପଣା ଅଧରମୃତ ଖୁଆଇ ଅନେକାନେକଙ୍କର ଜାତି ନଷ୍ଟକଲା ବ୍ରାହ୍ମଣ ହିଁବା ଏଥିରେ ବର୍ଜିତ ନ ହେଲା । କେତେକ ଲୋକ ତାହାର ପଣ୍ଡା ପଡ଼ିହାରି ଇତ୍ୟାଦି ସେବକ ହେଲେ ଓ ସହସ୍ରସଂଖ୍ୟକ ତାହାର ଅନୁଗତ ହେଲେ ଏହିମାନଙ୍କଦ୍ୱାରା ତାହାର ଗୌରବ ଅନେକଦୂର ପର୍ଯ୍ୟନ୍ତ ପ୍ରଚାର ହେଲା ଏବଂ ଏ ପ୍ରଭୁର ଦର୍ଶନ କରିବାପାଇଁ କେନ୍ଦୁଝର ରାଜାଙ୍କୁ ମଧ୍ୟ ଲୋକେ ଅନୁରୋଧ କଲେ କିନ୍ତୁ ସେ ବୁଦ୍ଧିମନ୍ତ ଥିବାରୁ ସେ ବିଷୟକୁ ତୁଚ୍ଛଜ୍ଞାନ କରି ଇହିଁରୁ କ୍ଷାନ୍ତ ରହିଲେ । ପ୍ରଭୁର ଆଜ୍ଞାପତ୍ରିକା ଯାହାଠାକୁ ଯେଉଁ ବିଷୟରେ ଯାଉଥିଲା ତାହା ସେ ଅବଶ୍ୟ ପ୍ରତିପାଳନ କରୁଥିଲା । ଏକପ୍ରକାରରେ ସେ ଉତ୍ସାହିତ ହୋଇ ରାଜାଙ୍କ ସ୍ଥାପିତ ଶ୍ରୀଲୋକେଶ୍ୱର ଠାକୁରଙ୍କର "ଖାଠ" ନାମକ ବାଡ଼ା ଭାଙ୍ଗିବ କଲା କିନ୍ତୁ ଠାକୁରଙ୍କର ସେବାଧାରକ ରାଜାଙ୍କ ଭୟରେ ପ୍ରଭୁର ଆଜ୍ଞା ଅବଜ୍ଞା କଲେ । ଅତଏବ ପ୍ରଭୁର କୋପାନଳ ପ୍ରଜ୍ଜ୍ୱଳିତ ହେଲା । ସେ ପ୍ରାୟ ପାଞ୍ଚଶତ ଅନୁଗତ ଲୋକ ନାନାଦି ପ୍ରକାର ଶସ୍ତ୍ର ଓ ବାଡ଼ା ସହିତ ମନ୍ଦିର ଆକ୍ରମଣ କରି "ଖାଠ" ଇତ୍ୟାଦି ଅନେକ ଦ୍ରବ୍ୟ ଘେନି ଅସିଲେ ଓ ଦୁଇ ତିନିଜଣଙ୍କୁ ଗୁରୁତର ଅଘାତ କଲେ । ତତ୍କ୍ଷଣାତ୍ ଦେବର୍ତ୍ତାଙ୍କ ନିକଟରେ ଏ ବିଷୟର ଜଣାଣ ହେଲା ଓ ସେ ତାକୁ ଦଣ୍ଡଦେବ ଯତ୍ନ କରିବେ ପ୍ରଥମେ ଅତି ଲଜ୍ଜିତ ହେଲେ କାରଣ ସହସ୍ର୨ ଲୋକ ତାହାର ଅନୁଗତ ଓ ସର୍ବଦା ତାହା ନିକଟରେ ଅନେକ ଲୋକ ଉପସ୍ଥିତ ଥାନ୍ତି କିନ୍ତୁ ବିଜ୍ଞତା ପୂର୍ବକ କୌଶଳକ୍ରମେ ଅତି ସହଜରେ ତାକୁ ଓ ତାହାର ସେବକଙ୍କୁ ଧରିକରି ହାଜତରେ ବନ୍ଦକଲେ । ସେ ବର୍ତ୍ତମାନ କଗ୍ରୁଧୀନରେ ଅଛି, ଦେବର୍ତ୍ତା କଟକରୁ କାପ୍ତେନଗଲେ ମୋକଦ୍ଦମା ନିଷ୍ପତ୍ତି କରିବେ ।

ଦେବର୍ତ୍ତା ମହୋଦୟ ଏ ବିଷୟରେ ଯେତେଦୂର କାର୍ଯ୍ୟ କରି ଅଛନ୍ତି ତନ୍ନିମିତ୍ତ ତାଙ୍କୁ ପ୍ରଶଂସା କରିବାକୁ ହେବ । ସେ ପ୍ରାଚୀନ ସମ୍ପ୍ରଦାୟର ଲୋକ ହୋଇ ଯେ ଶଠପ୍ରଭୁର ପ୍ରଭୁତ୍ୱରେ ବିଶ୍ୱାସ ନ କରି ଓ ତାକୁ ଠକବୋଲି ବୋଧକରି ସାଧାରଣ ଦୋଷୀ ସ୍ୱରୂପ ହାଜତରେ ବନ୍ଦ କଲେ ଏହା ଅତି ସୁବୁଦ୍ଧିର କର୍ମ ହୋଇଅଛି । ସେହିଦିନୁ ଦିବାକରଙ୍କର ଗଡ଼ ପ୍ରକାଶ ହୋଇଗଲା ଓ ସମସ୍ତେ ତାହା ପ୍ରତାରଣାରୁ ରକ୍ଷା ପାଇଲେ ।

# ସାପ୍ତାହିକ ସଂବାଦ

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ସମ୍ପ୍ରତି ହାଇକୋର୍ଟ ପ୍ରସ୍ତାବ କରିଅଛନ୍ତି ଯେ ହାଇକୋର୍ଟରେ ଯେ ସମସ୍ତ ମୁକ୍ତାର ଅଛନ୍ତି ସେମାନଙ୍କୁ ହାଇକୋର୍ଟରୁ ଦୂରୀଭୂତ କରାଯାଉ ଏବଂ ଜୁନିୟର ଓ ସିନିୟର ଯେଉଁ ଦୁଇଦଳ ଉକିଲ ଅଛନ୍ତି ସେମାନଙ୍କ ମଧ୍ୟରୁ ଜୁନିୟରମାନଙ୍କୁ ଅଟର୍ଣ୍ଣି ଶ୍ରେଣୀଭୁକ୍ତ କରାଯାଉ ଏବଂ ସିନିୟରମାନଙ୍କୁ କେବଳ ବକ୍ତୃତାର କ୍ଷମତା ଦିଆଯାଉ ।

୨ । ଏକବ୍ୟକ୍ତି ତମୋଲୁକର ସମ୍ବାଦ ଏହିରୂପ ଲେଖିଅଛନ୍ତି, " ତତ୍ରତ୍ୟ ଜଣେ ଭଦ୍ର କର୍ମଚାରୀ ତାହାଙ୍କର ସ୍ତ୍ରୀକୁ ଶିଳ୍ପକାର୍ଯ୍ୟାଦି ଶିକ୍ଷା ଦେବା ନିମିତ୍ତ ଜଣେ ମିଶନର ଶିକ୍ଷାୟିତ୍ରୀ ନିଯୁକ୍ତ କରିଥିଲେ । ଗତ ଶନିବାର ଉକ୍ତ ମେମସାହେବ ଅପରାହ୍ନ ୫ ଘଣ୍ଟା ସମୟରେ ଆସି ସେ ସ୍ତ୍ରୀକୁ ଗୃହରୁ ବାହାରକରି ନେଇଯାଇ ତାଙ୍କ ସ୍କୁଲରେ ଲୁଚାଇ ରଖିଲେ । ପ୍ରାତଃକାଳରେ ତାହାର ସ୍ୱାମୀ ତାହାର ଅନୁସନ୍ଧାନ କରିବାକୁ ଲାଗିଲେ, କିନ୍ତୁ କୌଣସି ପ୍ରକାରେ କିଛି କରି ପାରିଲେ ନାହିଁ । ତହିଁ ଉତ୍ତାରୁ ସନ୍ଧାନପାଇ ସେମାନେ ସମସ୍ତେ ମେମ ସାହେବଙ୍କର ସ୍କୁଲ ଗୃହରେ ଉପସ୍ଥିତ ହେଲେ କିନ୍ତୁ ମେମସାହେବ ଅନଧିକାର ପ୍ରବେଶ ଭୟ ଦେଖାଇବାରୁ ସମସ୍ତେ ନିରୁପାୟ ହୋଇ ଫେରି ଅସିଲେ ଏହି ଅବସରରେ ମେମସାହେବ ସେଠା ପାଦରୀ ସାହେବଙ୍କ ଗୃହକୁ ସେ ସ୍ତ୍ରୀକୁ ପଠାଇ ଦେଲେ । ତହିଁ ଉତ୍ତାରୁ କେତେକ ଜଣ ଲୋକ ପାଦରୀସାହେବଙ୍କ ଗୃହକୁ ଯାଇ ଅନେକ ବୁଝାଇଲେ କିନ୍ତୁ ସେ କୌଣସି ପ୍ରକାରେ ବୁଝିଲେ ନାହିଁ ଏତେବେଳେ ଉପାୟାନ୍ତର ବିହୀନ ହୋଇ ସମସ୍ତେ ସେଠାର ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ ଅଭିଯୋଗ କଲେ । ମାଜିଷ୍ଟ୍ରେଟସାହେବ ସେଦିନ କୌଣସି ହୁକୁମ ନ ଦେଇ କହିଲେ ଯେ " ଆଗାମି କାଲି ହୁକୁମ ଦିଆଯିବ " ମାଜିଷ୍ଟ୍ରେଟ ସାହେବଙ୍କର ହୁକୁମ ଶୁଣି ଜଜସାହେବଙ୍କ ନିକଟରେ ସମସ୍ତେ ଆବେଦନ କଲେ । ଜଜସାହେବ ୱାରେଣ୍ଟ ବାହାର କଲେ ତାଙ୍କ ନାଜରବାବୁ ଅଭିଯୋକ୍ତା ସହ ପାଦରୀସାହେବଙ୍କ ଗୃହରେ ଉପସ୍ଥିତ ହେଲେ, କିନ୍ତୁ ସୂର୍ଯ୍ୟାସ୍ତ ହୋଇଅଛି ବୋଲି ପାଦରୀସାହେବ କହିଲେ ଯେ "ଅଗଛ କାଲି ବେଳ ଘ ୧୧ ଘଣ୍ଟା ସମୟରେ ଅଦାଲତରେ ଉପସ୍ଥିତ କରାଇ ଦେବୁଁ " ଏତଦ୍ଦେଶୀୟ ଯେ ସକଳବ୍ୟକ୍ତି ଘରସ୍ତ୍ରୀଲୋକମାନଙ୍କୁ ଶିକ୍ଷା କରାଇବା ନିମନ୍ତେ ମେମସାହେବ ନିଯୁକ୍ତ କରନ୍ତି ସେମାନେ ଦେଖନ୍ତୁ ଏବଂ ଗଣେଶ ସୁନ୍ଦରୀର ବିଷୟଟି ମଧ୍ୟ ସ୍ମରଣ କରନ୍ତୁ ।

୩ । ଗତ ମାଘମାସ ତା ୩ ରିଖରେ ଜୟଦେବପୁରର ଦେଢ଼ମାଇଲ ଦକ୍ଷିଣରେ ଏକ ଧାନ୍ୟ କ୍ଷେତର ମଧ୍ୟବର୍ତ୍ତୀ ୨୦ ହସ୍ତ ପରିଧି ବିଶିଷ୍ଟ ଭୂମି ହଠାତ୍ ଅଢ଼ାଇ ହସ୍ତ ପରିମାଣ ମୃତ୍ତିକାଗର୍ଭରେ ନିମଗ୍ନ ହୋଇଅଛି ସେହି ଗର୍ତ୍ତର ମୃତ୍ତିକା ସମୁଦାୟ କାଦୁଅ ପ୍ରାଏ ହୋଇଅଛି । ୮ ହାତ ପରିମିତ ଗୋଟିଏ ବାଉଁଶଦ୍ୱାରା ଅନୁସନ୍ଧାନ କରିବାରେ ତାହା କର୍ଦ୍ଦମାକ୍ତ ଜଳହିଁ ଅନୁଭବ ହୋଇଅଛି; କିନ୍ତୁ ତଳ ଶୀତଳ ତାହାର ପାର୍ଶ୍ୱସ୍ଥ ଅନ୍ୟାନ୍ୟ ଭୂମି ଅତ୍ୟନ୍ତ କଠିନ ।

ଡେଲିନିଉସରୁ ଅବଗତ ହେଲୁଁ ଯେ ଗଲତବର୍ଷର ଆୟ ବ୍ୟୟ ଫର୍ଦ୍ଦ ପ୍ରସ୍ତୁତ ହେବାରେ ଦେଖାଯାଇ ଅଛି ଯେ ଏବର୍ଷ ବହୁତ ଟଙ୍କା ଉଦ୍ଧୃତ ହେବ । ତଥାଚ ଅଳ୍ପ ଦରରେ ଇନ୍‌କମ୍‌ଟାକ୍ସ ରଖାଯିବ । ଯେବେ ଏବର୍ଷ ଏପରି ହୁଏ ତେବେ ଇନ୍‌କମ୍‌ଟାକ୍ସ ଶାରଦବର୍ଷସ୍ଥ ଛନ୍ଦୁମିତ ଅସ୍ପ ମଧ୍ୟରେ ଗଣନା ହେବ ।

Digitized by srujanika@gmail.com

ଗତମାସ ତା ୫ ରିଖରେ ଯେଉଁ ଡ଼ାକ କଲିକତାରୁ ବିଲାତକୁ ପ୍ରେରିତ ହୋଇଥିଲା ତାହା ତା ୨୯ ରିଖରେ ଯାଇଁ ଲଣ୍ଡନ ନଗରରେ ପ୍ରବେଶ ହେଲା ।

କକେସସ୍ ପର୍ବତରେ ପୁନଃ ୨ ଭୂମିକମ୍ପ ହେବାରେ ଷ୍ଟାମସ୍କିନଗର ସମ୍ପୂର୍ଣ୍ଣରୂପେ ଧ୍ୱଂସ ହୋଇଅଛି ।

କାବୁଲରୁ ସମ୍ବାଦ ଆସିଅଛି ଯେ କାନ୍ଦାହାରକୁ ଜାନପୁରରୁ ଏକ କାଫଲା ଅର୍ଥାତ୍ ବଣିକ ସମ୍ପ୍ରଦା ଯାଉଥିଲେ ବେଲୁଚ ଓ ମର୍ହ ନାମକ ଦୁଇ ଉନ୍ମତ୍ତଜାତୀୟ ଲୋକ ଦଳବଦ୍ଧ ହୋଇ ସେମାନଙ୍କୁ ଆକ୍ରମଣ କରି ୫୦୦ ଉଷ୍ଟ୍ର ଓ ୩୦୦ ଗଧର ବୋଝ ଲୁଟି କରି ସର୍ବଶୁଦ୍ଧା ୧୦ ଲକ୍ଷ ଟଙ୍କା ଅପହରଣ କରିଅଛନ୍ତି । ଏରୂପ ଦୌରାତ୍ମ୍ୟଯୋଗୁଁ ବଣିକଙ୍କର ଗତାୟାତ ବନ୍ଦ ହୋଇଅଛି ।

ଗତମାସ ତା ୧୭ ରିଖରେ ପ୍ରାୟ ୧୯ ଲକ୍ଷ ୬୦ ହଜାର ମହଣ ଲିବରପୁଲ ଅର୍ଥାତ୍ ବିଲାତି ଲବଣ କଲିକତାରେ ପହୁଁଚି ଥିଲା । ବିଲାତି ଲବଣ କେତେ ଖରଚ ହେଉଅଛି ଏଥିରୁ ପାଠକମାନେ ବିଚାର କରନ୍ତୁ ।

ଡାର୍ଜିଲିଙ୍ଗରେ ଗତମାସ ତା ୧୪ ରିଖରେ ଦୁଇଥର ଭୂମିକମ୍ପ ହୋଇଥିଲା ।

ଡେଲ୍ଲିଗଜେଟରୁ ଜଣାଗଲା ଯେ ଗତମାସ ତା ୨୪ ଓ ୨୫ ରିଖରେ ମିରଟ ନଗରରେ ଭୟଙ୍କର ଶିଳାବୃଷ୍ଟି ହୋଇଥିଲା । ଗୋଟିଏ୨ ଶିଳା ଅତି ବୃହତ୍ ଓ ମେଘ ଘଡ଼ଘଡ଼ି ସହିତ ସେସବୁ ପଡୁଥିଲା । ଶୀତକାଳରେ ଶିଳାବୃଷ୍ଟି ଗୋଟିଏ ଉତ୍ପାତ ମଧ୍ୟରେ ଗଣ୍ୟ ଅଟଇ ।

ଉକ୍ତ ପତ୍ରିକାରୁ ପ୍ରକାଶ ଯେ ଘୋଡବାନ୍ ନଦୀର ଜଳଧାର ଚଳନ୍ତି ସମ୍ପତ୍ତି ଅଟଇ କି ନା ଏବିଷୟରେ ଉତ୍ତର ପଶ୍ଚିମ ହାଇକୋର୍ଟରେ ତର୍କ ହେବାରୁ ଅନେକ ବିଚାର ଉତ୍ତାରୁ ସ୍ଥିରୀକୃତ ହେଲା ଯେ ତାହା ଚଳନ୍ତି ସମ୍ପତ୍ତି ନୁହଇ ।

ମାଞ୍ଚେସର ସାହିତ୍ୟ ସଭାରେ ବାବୁ କେଶୋଶ୍ଚନ୍ଦ୍ର ସିନ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ବିଷୟରେ ଗୋଟିଏ ବକ୍ତୃତା କରି ଅନ୍ୟାନ୍ୟ ବିଷୟମଧ୍ୟରେ ଏହିରୂପ କହିଅଛନ୍ତି ଯେ ଜାତିଭେଦ ଉଠାଇ ଦେବା ଚୈତନ୍ୟଧର୍ମର ପ୍ରଧାନ ମତ ଅଟଇ ଓ ତାହା ବେଦ ଏବଂ ପୌରାଣିକ ଉଭୟ ଧର୍ମର ବିରୁଦ୍ଧ ଅଟଇ ତାହାଙ୍କର ଯୁକ୍ତି ଏହି ଥିଲା କି ବ୍ରାହ୍ମଣ କି ଶୂଦ୍ର କି ମହାରାଜ କି ମୋଚି ସମସ୍ତେ ଧର୍ମର ଅଧିକାରୀ ଅଟନ୍ତି ଓ ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ପ୍ରକାଶ କଲେ ସମସ୍ତେ ଶୁଦ୍ଧ ହୁଅନ୍ତି ।

ପରମେଶ୍ୱରଙ୍କ ଦୟା ଅସୀମ ତାହା ଜାତି କି ବଂଶ ବିଶେଷରେ ଆବଦ୍ଧ ନୁହଇ ।

ଗବର୍ଣ୍ଣମେଣ୍ଟ ଆଜ୍ଞା କରିଅଛନ୍ତି ଯେ ଲକଅପ୍ ଅର୍ଥାତ୍ ସବଡିବିଜନର ଜେଲ ପୂର୍ବେ ଯେଉଁପରି ସିବିଲ୍ ସର୍ଜନର ଇଞ୍ଚାର୍ଜ ଡାକ୍ତର ସାହେବଙ୍କ ଅଧୀନରେ ଥିଲା ବର୍ତ୍ତମାନ ସେହିପରି ହେବ କିନ୍ତୁ ତହିଁର ଭଲମନ୍ଦ ବୁଝିବାର ମେଜଷ୍ଟ୍ରେଟଙ୍କର କ୍ଷମତା ରହିଲା ।

ଗବର୍ଣ୍ଣମେଣ୍ଟ ବିଧାନ କରିଅଛନ୍ତି ଜଗନ୍ନାଥ ସଡକ ପୂର୍ବପରି ରାଜକୋଷରୁ ରକ୍ଷିତ ନ ହୋଇ ବାଟକର ଓ ଲୋକଲଫଣ୍ଡ ଟଙ୍କାରୁ ରକ୍ଷିତ ହେବ ।

ଅଦ୍ୱିତୀୟ ଶ୍ରେଣୀର ହାକିମମାନେ ଯେ ଯେଉଁ ଜିଲାରେ ନିଯୁକ୍ତ ଅଛନ୍ତି ତାହାଙ୍କର ସେହି ଜିଲାରେ କି କି ସମ୍ପତ୍ତିମାନ ଅଛି ତହିଁର ତାଲିକା ଲେଖି ପଠାଇବା କାରଣ ଗବର୍ଣ୍ଣମେଣ୍ଟ ଜିଲାହାକିମଙ୍କ ଆଜ୍ଞା ଦେଇଅଛନ୍ତି ଏଥିର ତାତ୍ପର୍ଯ୍ୟ ହିନ୍ଦୁପେଟ୍ରିଅଟର ସମ୍ପାଦକ ଏହି ବିଚାର କରିଅଛନ୍ତି ଯେ ଯେଉଁ ଜିଲାରେ ସମ୍ପତ୍ତି ଥିବ ସେଜିଲାରୁ ମାଲିକ ହାକିମଙ୍କୁ ବଦଳି କରିଦେବେ । ବାବୁ ହରଚନ୍ଦ୍ର ଘୋଷଙ୍କ ହେତୁ ଅନୁମାନ ହୁଅଇ ଏ ଆଜ୍ଞା ହୋଇଅଛି ।

ଲୁଧିଆନାର କମିଶନର କଦା ବିଚାରରେ ଜ ୪୯ ଣ କୁକା ଜାତୀୟଲୋକଙ୍କୁ ତୋପରେ ଉଡାଇଦେବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ ସସପେଣ୍ଡ କରିଅଛନ୍ତି । ଏ କୁକାମାନେ ଗତ ବିଦ୍ରୋହରେ ସଂଶିଷ୍ଟ ଥିଲେ ।

---

ସନ ୧୮୭୧ ମସିହା କଟକ ନର୍ମାଲ୍ ବିଦ୍ୟାଳୟ ଗୁରୁବିଭାଗର ଶେଷ ପରୀକ୍ଷାର ଫଳ ।

ପ୍ରଥମ ବିଭାଗ ।

ଶ୍ରୀ ନାରାୟଣ ନାୟକ
ଶ୍ରୀ ଯୁଗଳ ନାୟକ
ଶ୍ରୀ ରଘୁନାଥ ଦାସ
ଶ୍ରୀ ବନମାଲୀ ଆଚାର୍ଯ୍ୟ
୫ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ
ଶ୍ରୀ ଲକ୍ଷ୍ମୀବଲ୍ଲଭ ଗୁପ୍ତ
ଶ୍ରୀ ବିଦ୍ୟାଧର ପଟ୍ଟନାୟକ
ଶ୍ରୀ ହରେକୃଷ୍ଣ ନାୟକ
ଶ୍ରୀ ଜୟରାମ ନାୟକ
୧୦ ଶ୍ରୀ ଜନାର୍ଦ୍ଦନ ନାୟକ
ଶ୍ରୀ ପରମାନନ୍ଦ ନାୟକ
ଶ୍ରୀ ମଦନ ନାୟକ
ଶ୍ରୀ କପିଳଚରଣ ପଟ୍ଟନାୟକ
ଶ୍ରୀ ସଦାନନ୍ଦ ରଥ
୧୫ ଶ୍ରୀ ମୃତ୍ୟୁଞ୍ଜୟ ଶ୍ରେଷ୍ଠ
ଶ୍ରୀ ବାମନ ମହାପାତ୍ର
ଶ୍ରୀ କୃଷ୍ଣ ହରିଚନ୍ଦନ
ଶ୍ରୀ ଅଚ୍ୟୁତାନନ୍ଦ ନାୟକ
ଶ୍ରୀ ପରମାନନ୍ଦ ନାୟକ
୨୦ ଶ୍ରୀ ବିଦ୍ୟାଧର କର
ଶ୍ରୀ ରଘୁନାଥ ପାଢୀ

ଦ୍ୱିତୀୟ ବିଭାଗ ।

ଶ୍ରୀ ପଦ୍ମଚରଣ ପଟ୍ଟନାୟକ
ଶ୍ରୀ ଲାଲବିହାରୀ ଚଟ୍ଟୋପାଧ୍ୟାୟ
ଶ୍ରୀ ବାଲକୃଷ୍ଣ ମହାପାତ୍ର
ଶ୍ରୀ ଭଗବାନ ଗାଡ଼ନା
ଶ୍ରୀ ରଘୁନାଥ ତ୍ରିପାଠୀ
ଶ୍ରୀ ବିହାରୀ ବିହାରୀ ଦତ୍ତ
ଶ୍ରୀ ମାଧବ ସିଂହ
ଶ୍ରୀ ହରିହର ଦାସ
ଶ୍ରୀ ବନମାଲୀ ଓଝା
ଶ୍ରୀ ଜୟକୃଷ୍ଣ ପାଣି
ଶ୍ରୀ ନନ୍ଦକିଶୋର ବାଣିକ
ଶ୍ରୀ ରଘୁନାଥ ଦେ
ଶ୍ରୀ ଗଦାଧର ଷଡ଼ଙ୍ଗୀ
ଶ୍ରୀ ସତ୍ୟବାଦୀ ପଟ୍ଟନାୟକ
ଶ୍ରୀ ପଦ୍ମନାଭ ନାୟକ
ଶ୍ରୀ ମଦନମୋହନ ମାହାନ୍ତି
ଶ୍ରୀ ଗଣେଶ୍ୱର ମହାପାତ୍ର
ଶ୍ରୀ ଦୀନବନ୍ଧୁ ଚଟ୍ଟୋପାଧ୍ୟାୟ
ଶ୍ରୀ ଅନନ୍ତ ସେନାପତି
ଶ୍ରୀ ଅନନ୍ତ ସେନା

---

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

# ଅତିରିକ୍ତ ।

ଉତ୍କଳଦୀପିକା ତା ୧୭ ରିଖ ମାହେ ଫିବ୍ରୁଏରୀ ସନ ୧୮୭୨ ମସିହା ।

## ହର୍ଷ-ବିଷାଦ

ଗତ ମଙ୍ଗଳବାର ଯେଉଁମାନେ କଟକ ନଗରରେ ଉପସ୍ଥିତ ଥିଲେ ସେମାନେ କିରୂପ ହର୍ଷ-ବିଷାଦରେ ସେ ଦିନ ଅତିବାହିତ କଲେ ତହିଁର ପରିଚୟ ଆମ୍ଭେମାନେ ଲେଖିବାଦ୍ୱାରା ବ୍ୟକ୍ତ କରିବାକୁ ଅକ୍ଷମ ମଣୁଅଛୁଁ । ପ୍ରାତଃକାଳରେ ଉଠିବା ବେଳୁ ଦେଖାଗଲା ଯେ ସମସ୍ତ ଲୋକଙ୍କ ମନ ଆନନ୍ଦରେ ପରିପୂର୍ଣ୍ଣ । ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ଶୁଭାଗମନ ଚର୍ଚ୍ଚାରେ ସମସ୍ତେ ରତ ଏବଂ ତାହାଙ୍କ ସମ୍ମାନସୂଚକ ଆୟୋଜନରେ ସମସ୍ତେ ବ୍ୟସ୍ତ । ସେଦିନ ଶ୍ରୀପଞ୍ଚମୀବ୍ରତ ଥିଲା ପଛେ ପୂଜାକାର୍ଯ୍ୟରେ ଉଦ୍ୟାନର ଫୁଲସବୁ ତୋଳା ହୋଇଯାଇ ମହୋଦୟଙ୍କ ଅଭିବାଦନ ତୋରଣ ସଜିତ ଫୁଲ ନ ଅଣ୍ଟି ଯିବ ଏକାରଣ ନଗରସ୍ଥ ପ୍ରଧାନ ଉଦ୍ୟାନର ଫୁଲ ତୋଳା ହୋଇ ଏକତ୍ରିତ ହେଉଥିଲା ଅଭିପ୍ରାୟରେ । ନବଛି କଣ୍ଟ୍ରାକ୍ଟର ବସ୍ତ୍ର ମୂଲ୍ୟ ସହିତ ଦେବାରେ ସ୍ପେଷଲ ବାର୍ନସ ଓ ଫାର୍ନସମାନଙ୍କରେ ପତାକା ଅଦି ମାରୁଥିଲେ । ସ୍ୱଦେଶ କର୍ମ୍ମଚାରି-ମାନେ ବଜାର ଦୋକାନର ଛାତି ଲଗାଇ ମାର୍ଗ ପରିଷ୍କାର କରୁଥିଲେ । ବାଣୁଆମାନେ ନାନା ଭୌଗୁବର ବାଣ ଓ ବାଣସମସ୍ତ ଭଡ଼ୁଥିଲେ ବ-ଡାକୀ କର୍ମଚାରୀମାନେ କେହି ଦଉଡ଼ାର ଗୁଚ୍ଛି ପ୍ରାନ୍ତରେ କେହି ଯୋବସୀପାର୍ଟଠାରେ କେହି କମିଶନର କୋଠିଠାରେ ନାନାପ୍ରକାର ଶିଳ୍ପକୌଶଳ ପ୍ରଦର୍ଶନ ପୂର୍ବକ ମହୋଦୟ ଓ ତାଙ୍କ ସହଗାମୀ ଲୋକଙ୍କ ରହିବାର ସ୍ଥାନମାନ ଶୋଭନୀୟ କରୁଥିଲେ । ଦୋକାନୀ ଓ ଗୃହସ୍ଥମାନେ ଅପଣା ଦ୍ୱାରରେ କଦଳୀବୃକ୍ଷ ରୋପଣ ଓ ଫୁଲହାର ଝୁଲାଇବା ଏବଂ ପ୍ରଦୀପ ଜାଳିବା ଆୟୋଜନ କରିବାରେ ଏକାନ୍ତ ଚିତ୍ତରେ ମଗ୍ନ ହୋଇଥିଲେ । ନଗରସ୍ଥ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଅଭିନନ୍ଦନପତ୍ର ମୁଦ୍ରାଙ୍କନ ଓ ପାଠ କରିବାର ବନ୍ଦୋବସ୍ତରେ ଓ କବି ପଣ୍ଡିତମାନେ ଶୁଭାଗମନସୂଚକ ଗୀତ ଓ ଶ୍ଲୋକ ରଚନାରେ ପ୍ରବୃତ୍ତ ଥିଲେ ବାଦ୍ୟକରମାନେ ଏକାଠି ହୋଇ ବାଜା ବଜାଇ ନାନା ସମାରୋହରେ ନଗରମଧ୍ୟରେ ପ୍ରବେଶ କରୁଥିଲେ ଓ ଯେଉଁମାନେ ପୂର୍ବରୁ ଆସିଥିଲେ ଗାଡ଼ି ଘୋଡ଼ା ହସ୍ତୀ ଅଥବା ପାଲିଙ୍କିରେ ଚଢ଼ି ନଗର ଶୋଭା ଦର୍ଶନ କରି ବୁଲୁଥିଲେ । ସନ୍ଧ୍ୟାରେ ନଗର ଲୋକପୂର୍ଣ୍ଣ ଓ ସମସ୍ତଙ୍କ ମୁଖରେ ଆନନ୍ଦସୂଚକ ଭାବମାନ ପ୍ରତିବିମ୍ବିତ ହୋଇଥିଲା ହବା ଦୁଇପ୍ରହର ଦୁଇଘଣ୍ଟା ପର୍ଯ୍ୟନ୍ତ (ଯେ) ଲୋକ ଏ ନଗରର ଅବସ୍ଥା ଦର୍ଶନ କରିଅଛି ସେହିଲୋକ ଏହା ହୃଦୟଙ୍ଗମ କରିବାକୁ ସକ୍ଷମ ଯେ କେମନ୍ତ ହର୍ଷପୂର୍ଣ୍ଣ ଓ ପ୍ରଫୁଲ୍ଲଚିତ୍ତରେ ଲୋକମାନେ କାଳାତିପାତ କରୁଥିଲେ ଓ ଭାବୀ ସମାରୋହ କେମନ୍ତ ଉତ୍କୃଷ୍ଟରୂପେ ସମ୍ପାଦିତ ହୁଅନ୍ତା ।

ଏହିଦିନ ବେଳ ଛଅଘଣ୍ଟା ସମୟରେ ତ୍ରିଷ୍ଟିଂ କଷ୍ଟାନଙ୍କ ଦୋମହଲା କୋଠା ଉପରେ ସମସ୍ତ ରାଜାଙ୍କ ସଭା ହେବା କାରଣ ଯୁବରୋଭାଗର ମହାରାଜ ପୂର୍ବଦିନଠାରୁ ବନ୍ଦୋବସ୍ତ ଦେଇଥିଲେ ସଭାଗୃହ ଯଥାଶକ୍ତିରୂପେ ସୁସଜ୍ଜିତ ହୋଇଥିଲା ଓ ଦ୍ୱାରରେ କଦଳୀବୃକ୍ଷ ରୋପଣ ଓ ଆମ୍ର ଡାଳକୋଳି ଓ ଫୁଲ ତୋରଣ ଝୁଲାଇ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ସମୟରେ ଏକାଠି ରାଜା ସଭାସ୍ଥଳକୁ ଆଗମନ କରୁଥିଲେ ତାହାଙ୍କ ସଙ୍ଗରେ ଥିବା ହାତୀଘୋଡ଼ା ପାଲିଙ୍କି ତୈଯାରୀ ବାଜାବାଦ୍ୟଧ୍ୱନିରେ ରାସ୍ତାମାନ ସମ୍ପୂର୍ଣ୍ଣ ଭରତି ହୋଇଥିଲା । ଦର୍ଶକଙ୍କ ଭିଡ଼ରେ ମାର୍ଗରେ ଗମନାଗମନ କରିବାର କଠିନ ହୋଇଥିଲା । ଏଥି ରାଜାମାନେ ସୁସଜ୍ଜିତ ହୋଇ ବସି ରହିଥିଲେ ସେତେବେଳେ ଏସ୍ଥାନର ଶୋଭା ଏମନ୍ତ ହୋଇଥିଲାଯେ କଟକରେ ପ୍ରାୟ ଅନ୍ୟ କୌଣସି ସମୟରେ ଏରୂପ ଦେଖା ଯାଇ ନାହିଁ । ବାସ୍ତବରେ ଓଡ଼ିଶା ଇଂରାଜଙ୍କ ହସ୍ତଗତ ହେଲଦିନୁ ଏମନ୍ତ ସମାରୋହ କଦାପି ଦୃଷ୍ଟ ହୋଇନାହିଁ । ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ମହାରାଜ ଓଡ଼ିଶାର ଅନ୍ୟ ସମସ୍ତ ରାଜା ମହାରାଜଙ୍କ ସହିତ ସାକ୍ଷାତ୍ କରି ଏକତ୍ରରେ ବସି ସଭାକରିବେ ଏ ଯୋଗୁଁ ଏସଭାର ମହତ୍ତ୍ୱ ଅଧିକ ହୋଇଥିଲା ଓ କୌତୁକ ଦେଖିବା ପାଇଁ ସମସ୍ତେ ଉପସ୍ଥିତ ହେଉଥିଲେ । ଏହିଠାରେ ହର୍ଷର ଶେଷ ହେଲା । ଏଥର ବିଷାଦର କଥା କହୁଅଛୁଁ ।

“ ସ୍ୱର୍ଗ ସମ୍ପଦ ଯାହା କର୍ମରେ ଥାଇ
ବିଷାଦ ମଣେ ବିନ୍ଦୁ ପଡ଼ିଲେ ତହିଁ ଯେ ”

ଉପର୍ଯ୍ୟୁକ୍ତ ବ୍ୟାପାରମାନ ଲାଗିଥିଲା ଏମନ୍ତ ସମୟରେ ଶ୍ରୀଯୁକ୍ତ ମାକ୍ଫର୍ସନସାହେବ କଲେକ୍ଟର କେଲଖାନା ଅଫିସକୁ ଅସି ବାବୁ ଜଗନ୍ମୋହନସିଂହ ଡେପୁଟୀ କଲେକ୍ଟର ଓ ବାବୁ ହରେକୃଷ୍ଣଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଓ ବାବୁ ବ୍ରଜସୁନ୍ଦରଦାସ ହିରସ୍ତଦାରଙ୍କୁ ଡକାଇ କଣ କହିବାରୁ ସେମାନେ କ୍ଷଣକ ଚିନ୍ତାରେ ସଭାସ୍ଥାନକୁ ଅସି କହିଲେ ଯେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଅଣ୍ଡାମାନ ଦ୍ୱୀପରେ ଥିବା ସମୟରେ କେହି ଶସ୍ତ୍ରାଘାତ କରିବାରୁ ତାହାଙ୍କର ବିଶେଷ ପୀଡ଼ା ହୋଇଅଛି ସେ ଓଡ଼ିଶାକୁ ନ ଆସି କଲିକତାକୁ ଫେରି ଯିବେ ଏବଂ ତାହାଙ୍କର ଦ୍ରବ୍ୟମାନ ଯାହା ଏଠାକୁ ଅସିଅଛି କଲିକତାକୁ ଫେରିଯିବାର ଆଜ୍ଞା ଅସିଲାଣି । ଏକଥା ଶୁଣିବା ମାତ୍ରକେ ଉପସ୍ଥିତ ସ୍ୱଜାତି ଜମିଦାର ଓ ଦର୍ଶକମଣ୍ଡଳୀ ଏକ କାଳରେ ହତାଶ ହୋଇଗଲେ । ଏତେ ଯତ୍ନ, ଏତେ ପରିଶ୍ରମ, ଏତେ ଶୋଭା ଓ ଏତେ ସମାରୋହ ପଲକମାତ୍ରକେ ଚୂର୍ଣ୍ଣୀଭୂତ ହୋଇଗଲା । ଏପ୍ରକାର ସାଧାରଣ ଶୋକଜନକ ବ୍ୟାପାର ଏ ନଗରରେ ପ୍ରାୟ କେବେ ଅନୁଭୂତ ହୋଇ ନାହିଁ । ସେଦିନ ଶ୍ରୀପଞ୍ଚମୀ ଦୁର୍ଭାଗବଶତଃ ଲୋକେ

Split by PDF Splitter

Digitized by srujanika@gmail.com

Split by PDF Splitter



ଅନନ୍ତରେ ବନଯାପନ କରନ୍ତୁ କିନ୍ତୁ ଏ ଦୁଃଖ ଏତେ ଚଉଦିଗେ ହୋଇ ପଡ଼ିଲା ଯେ ଧର୍ମର ଅନୁରୋଧରୁ ଲୋକେ ବିସ୍ମରଣ କରି ମହାଦୁଃଖରେ ରହିଲେ । କ୍ରମେ ୨ ଦିବା ଶେଷବେଳକୁ ବଜାରରେ ଗଳ୍ପ ଉଠିଲା ଯେ ମହୋଦୟଙ୍କର ଜୀବନଲୀଳା ଶେଷ ହୋଇଅଛି । କେହି ସେ କଥା ବିଶ୍ୱାସ କରି ନ ଥାଏ ଓ କେହି ଅବା ବିଶ୍ୱସ୍ତସୂତ୍ରେ ତାହା ଶୁଣିଥିବା ବସ୍ତୁଭାବରେ ଅପେ କ୍ଷୋଭିତ ହୋଇ ଭୟପ୍ରଯୁକ୍ତ ଅନ୍ୟ କାହାରକୁ କହି ନ ଥାଏ ଯାହା ହେଉ ଲୋକମାନେ ଦୁଃଖ ଓ ସନ୍ଦେହ ଚିତ୍ତରେ ଏମନ୍ତ ନିର୍ଜୀବ ଅବସ୍ଥାରେ ରହିଲେ ଯେ ସେ ଦିବସରେ ବଜାରର ଚହଳ ଛାଡ଼ି ରହିଲା ନାହିଁ ଓ ଦୋକାନୀମାନେ ଶୀଘ୍ର ଦୋକାନ ବନ୍ଦ କରି ଘରକୁ ଚାଲି ଗଲେ ।

ଅପରଦିନ ପ୍ରାତଃକାଳରେ ତଳଲିଖିତ ତାର ସମ୍ବାଦଟି ସାଧାରଣ ଗୋଚରାର୍ଥେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଘୋଷଣା ଦେଲେ ।

"ମହାମାନ୍ୟ ପ୍ରତିନିଧି ସାହେବ ଆଣ୍ଡାମାନ ଦ୍ୱୀପରେ ଜଣେ କଏଦୀଦ୍ୱାରା ଅଘାତିତ ହୋଇ ଚଳିତମାସ ତା ୮ ରାତ୍ରରେ ସେହି ଅଘାତରେ ପଞ୍ଚତ୍ୱ ପ୍ରାପ୍ତ ହେଲେ । ସର୍ବସାଧାରଣଙ୍କୁ ଶୋକଚିହ୍ନ ଧାରଣ କରିବାପାଇଁ ଆଜ୍ଞା ହୋଇଅଛି ଓ ମାନ୍ଦ୍ରାଜଟାଉନର ଲର୍ଡ ନେପିୟର ପହଞ୍ଚିବା ପର୍ଯ୍ୟନ୍ତ ମାନ୍ୟବର ଜାନଷ୍ଟ୍ରାଚି ସାହେବ ଏକ୍ଟିଂ ଗବର୍ଣ୍ଣର ଜେନରଲ ନିଯୁକ୍ତ ହୋଇଅଛନ୍ତି ।"

ଓ ତହିଁ ସଙ୍ଗେ ସମସ୍ତଙ୍କୁ ଜଣାଇଦେଲେ ଯେ ଆଜି ଦରବାର ହେବ ନାହିଁ । ଏ କଥା ଶ୍ରବଣ ମାତ୍ରକେ ନଗରଯାକ ଯେ ଶୋକସାଗରରେ ଭାସମାନ ହେଲା ବୋଲିବାର ବାହୁଲ୍ୟ । ରାଜା ଓ ଜମିଦାରମାନେ ଭେଟିଭେଟିବା ଦ୍ୱାରା କରି କେବଳ ରାଜଭକ୍ତି ପ୍ରଦର୍ଶନ କରିବାପାଇଁ ବହୁକ୍ଲେଶରେ ବହୁ ଦୂରରୁ ଆସିଥିଲେ ଓ ମହୋଦୟଙ୍କ ଦର୍ଶନଲାଭ କରି ଚରିତାର୍ଥ ହେବାକୁ ସନ୍ତୁଷ୍ଟଚିତ୍ତରେ ଅପେକ୍ଷା କରି ରହିଥିଲେ । ଏକାବେଳକେ ସେମାନଙ୍କ ସମସ୍ତ ଉତ୍ସାହ ଓ ସମସ୍ତ ଆଶା ଉପରେ ବଜ୍ରାଘାତ ହେଲା ଏହା କି ସହିବାର କଥା ଅଟଇ ! କିନ୍ତୁ କି କରିବେ ଦୈବଘଟନା ଉପରେ କାହାର ଅଧିକାର ? ମହୋଦୟଙ୍କର ମୃତ୍ୟୁ ଓ ଅପଣାର ଉତ୍ସାହ ଭଗ୍ନସନ୍ଧିତ ହତ୍ୟାକାରୀ ଉପରେ ରୋଷ ଓ ଘୃଣା ପ୍ରକାଶ କରି ନିସ୍ତବ୍ଧ ହୋଇ ରହିଲେ । କେତେବେଳେ ଶ୍ରୀରାମଙ୍କର ବନବାସର କଥା ପୁନଶ୍ଚ ସମସ୍ତଙ୍କ ମନରେ ପଡ଼ିଲା ଓ ଓଡ଼ିଶାର ଦୁର୍ଭାଗ୍ୟକୁ ସମସ୍ତେ ଧିକ୍କାର କଲେ । ବାସ୍ତବରେ ଓଡ଼ିଶା ପରି କ୍ଷୁଦ୍ରସ୍ଥାନକୁ ଏମନ୍ତ ମହାନ୍ କର୍ମଚାରୀଙ୍କର ଆଗମନ ସହଜ ବ୍ୟାପାର ନୁହଇ । ଅଦ୍ୟାପି କୌଣସି ଗବର୍ଣ୍ଣର ଜେନରଲ ସାହେବ ଏମନ୍ତ କଳ୍ପନା କରି ନ ଥିଲେ । ଲର୍ଡମେଓ ଆମ୍ଭମାନଙ୍କ ଉପରେ ଅସୀମ କରୁଣା ଏବ ଅପଣା କର୍ତ୍ତବ୍ୟ କର୍ମ ଯଥାସାଧ୍ୟ ଉତ୍ତମରୂପେ କରିବାଲାଗି ଏଠାକୁ ଆସିବାକୁ ସମ୍ମତ ହୋଇଥିଲେ । ପରିଶେଷରେ ଏମନ୍ତ ଘଟନ ହେଲା ଯେ ତାହାଙ୍କର ସାକ୍ଷାତ୍ ଲାଭ ହୋଇ ପାରିଲା ନାହିଁ । ଓଡ଼ିଶାବାସିଙ୍କର ଏ ଶୋକ ଯେ କେବେକାଳରେ ବିସ୍ମୃତ ହେବ ଏମନ୍ତ ଜଣା ଯାଏ ନା । ମହୋଦୟଙ୍କ ଅକସ୍ମାତ୍ ମୃତ୍ୟୁରେ ଭାରତବର୍ଷର ସର୍ବସାଧାରଣ ଦୁଃଖିତ ହେବେ ସନ୍ଦେହ ନାହିଁ ମାତ୍ର ଓଡ଼ିଶାବାସିଙ୍କ ଠାରୁ କେହି ଅଧିକ ଦୁଃଖିତ ହେବେ ସମ୍ଭବ ନୁହଇ ଓ ତହିଁର ପରିଚୟ ଏ ନଗରବାସିଙ୍କ ମୁଖରୁ ପ୍ରକାଶ ପାଉଅଛି ଓଡ଼ିଶା ଅତି ଦରିଦ୍ର ହୋଇ ସର୍ବୋତ୍କୃଷ୍ଟ ରତ୍ନରୁ ବଞ୍ଚିତ ହୋଇଅଛି ଆଉ ଯେ କେବେ ଏହାର ଭାଗ୍ୟୋଦୟ ହେବ କି ଏ କହିପାରେ ? ଯାହା ହେଉ ତାହାଙ୍କୁ ସମ୍ମାନ କରିବାରୁ ଯେବେ ଆମ୍ଭେମାନେ ବଞ୍ଚିତ ହେଲୁଁ ମାତ୍ର ତାହାଙ୍କର ସ୍ମରଣାର୍ଥେ କୌଣସି କୀର୍ତ୍ତି ରଖିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୋହିଲେ କିରୂପେ ଆମ୍ଭେମାନେ ଅପଣା ମନୋଭାବ ବ୍ୟକ୍ତ କରିବୁଁ ଓ ସେ ଯେ ଆମ୍ଭମାନଙ୍କୁ ଦେଖିବାକୁ ଅସି ଜୀବନ ହରାଇଲେ ତହିଁ ପାଇଁ କି କୃତଜ୍ଞତା ଦେଖାଇ ପାରିବୁଁ ।

ଏପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଶ୍ରୀଯୁକ୍ତ କମିଶନର ସାହେବ କଚ୍ଛେରୀଠାରୁ ଫେରି ଅସି ପ୍ରକାଶ କଲେ ଯେ କର୍ଣ୍ଣେଲ ରଶ୍ମଲଙ୍କ ସହିତ ତାହାଙ୍କର ସାକ୍ଷାତ୍ ହୋଇଥିଲା । ତାହାଙ୍କ ପ୍ରମୁଖାତ୍ ଶୁଣିଲେ ଯେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଆଣ୍ଡାମାନଦ୍ୱୀପରେ ପ୍ରବେଶ ହେଲା ଉତ୍ତାରୁ ଏକ ପର୍ବତ ଦେଖିବାକୁ ଯାଇଥିଲେ । ସେଠାରୁ ପ୍ରତ୍ୟାଗମନ ପୂର୍ବକ ସୈନ୍ୟମାନଙ୍କୁ ବିଶ୍ରାମ ଦେବାରୁ ସେମାନେ ଅପଣା ବସାକୁ ଅଗରୁ ଅସିଥିଲେ । ମହୋଦୟଙ୍କ ସଙ୍ଗେ ଦୁଇ ଶ୍ୱେତସାହେବ ମାତ୍ର ଥିଲେ ଜେଟିକେଳେ ସବାର ହେବାରୁ ବାଟ ଦୂରଘାଟରେ ଗୋଟିଏ ଆଲୁଅ ଦିଆଯାଇ ଥିଲା ଏମନ୍ତ ସମୟରେ ନାଉ ଦୂରଘାଗ ବଣରୁ କେତେଲୋକ ଦୌଡ଼ିଅସି ଅଗନ୍ତୁକ ଝାମ୍ପ ଲଗାଇଦେଇ ଜଣେ ମହୋଦୟଙ୍କ ପିଠିରେ ଏକ ତୀକ୍ଷ୍ଣଅସ୍ତ୍ରଦ୍ୱାରା ୨ଥର ଅଘାତକଲା ସାହେବ ଦୁଇ ଏକକଥା ମାତ୍ର କହି ପ୍ରାଣ ତ୍ୟାଗକଲେ । ସେ ହତ୍ୟାକାରୀ ତତ୍କ୍ଷଣାତ୍ ଧୃତ ହେଲା ଓ ଜଣାଗଲା ଯେ ତାହାର ନାମ ସେର ଅଲି ଖାଁ । ପେଶାଓରରେ ଖୁନ କରିଥିବା ଅପରାଧରେ ଯାବଜ୍ଜୀବନ କାରାବାସର ଆଜ୍ଞାକ୍ରମେ ଏ ଦ୍ୱୀପରେ ରହିଥିଲା ।—

ଏରୂପ ଶୋକାବହ ବ୍ୟାପାର ଇଂରାଜଙ୍କ ଭାରତବର୍ଷ ଅଧିକାର ଦିନୁ କଦାପି ଘଟନା ହୋଇ ନାହିଁ । ଏରୂପ ଶୋକସାଗରରେ ବୃଟିଶଅଧି କେବେ ଭାରତବର୍ଷର ଲୋକମାନେ ପତିତ ହୋଇ ନ ଥିଲେ । ଏ ଉପଲକ୍ଷରେ ସରକାରୀ ଦପ୍ତରମାନ ଅଜଠାରୁ ୨ଦିନ ବନ୍ଦ ହୋଇ ଅଛି । ଦୈବକୁ ଅସ୍ତୁ ଏ ଦୁର୍ଘଟନା ହେବାରେ ଓଡ଼ିଶାବାସିଙ୍କର ଯେମନ୍ତ ଅଧିକ ଶୋକ ହୋଇଅଛି ତଦ୍ରୂପ ଅଧିକ କର୍ତ୍ତବ୍ୟ ଯେ ମୃତ ଲର୍ଡଙ୍କର ସହଧର୍ମିଣୀଙ୍କ ନିକଟକୁ ଶୋକାବହ ପତ୍ର ପ୍ରେରଣ କରନ୍ତୁ ଓ ତାହାଙ୍କ ସ୍ମରଣାର୍ଥେ କୌଣସି କୀର୍ତ୍ତି ରଖନ୍ତୁ ।

ଏ ପ୍ରସ୍ତାବ ସମ୍ପୂର୍ଣ୍ଣରୂପେ ପ୍ରକାଶ ହେବା କାରଣ ଲେଖାଯାଇ ଥିଲା କିନ୍ତୁ ଏତାଦୃଶ ହୃଦୟ ବିଦାରି ବ୍ୟାପାର ସର୍ବସାଧାରଣଙ୍କ ଅଲୋଚନାର କରି ଆମ୍ଭମାନଙ୍କ ଶୋକ ପ୍ରଦର୍ଶନ ଏବ ହତ୍ୟାକାରୀ ସେର ଅଲି ଖାଁ କାବୁଲୀ ପଠାଣ ପର ଯବନଜାତି ଘୃଣା ଓ କ୍ରୋଧର ଚିହ୍ନସ୍ୱରୂପ ପ୍ରସ୍ତାବଟିକୁ ଅଛରକ୍ତ ଉପରେ ପ୍ରକାଶ କରୁଅଛୁଁ ।

---

ଏହି ଅଛରକ୍ତ ପତ୍ରିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୭ ଭାଗ } ତା ୨୪ ରଖ ଫିବ୍ରୁଏରୀ ସନ ୧୮୭୨ ମସିହା ।ମୁ। ଫାଲ୍‌ଗୁନ ଦ ୧୪ ନ ସନ ୧୨୭୯ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
୮ ସଂଖ୍ୟା } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୬
ମଫସଲ ମାଇ ଡାକମାସୁଲ ୪୧

### ମୃତ ଲର୍ଡମେଓଙ୍କ ସ୍ମରଣାର୍ଥକୀର୍ତ୍ତି ।

ଏଥିପାଇଁ ଯେଉଁମାନେ ଯେତେଟଙ୍କା ଚେନ୍ଦା ଦେବାକୁ ସ୍ୱୀକାର କରିଅଛନ୍ତି ତାହା ଗତ ପତ୍ରିକାରେ ପ୍ରକାଶିତ ହୋଇଥିଲା ମାତ୍ର ଭ୍ରମରେ ଶ୍ରୀ ମହନ୍ତ ହରିକିଶୋରଦାସ ୪ ୬୦ ଙ୍କା ଚେନ୍ଦା ସ୍ୱୀକାର କରିଥିବା ସ୍ଥଳେ ଅମ୍ଭେମାନେ କେବଳ ୫ ୦ ଙ୍କା ଲେଖିଥିଲୁଁ ପାଠକମାନଙ୍କୁ ଅନୁରୋଧ କରୁଁ ଯେ ଏଭ୍ରମ ସଂଶୋଧନ କରି ନେବେ ।

କଣ୍ସ କୀର୍ତ୍ତି ସଂସ୍ଥାପନ ହେଲେ ତାହାଙ୍କ ନାମ ଚିରକାଳ ସ୍ମରଣୀୟ ରହିବ ଏବଂ ସେ ନାମ ମଧ୍ୟମାନେ କହୁଲୋକର ଯଥାର୍ଥ ଉପକାର ହେବ ସେ ବିଷୟରେ ଅମ୍ଭେମାନେ ବର୍ତ୍ତମାନ କିଛି କହିବାକୁ ପ୍ରସ୍ତୁତ ନାହୁଁ । ଚେନ୍ଦା ଫର୍ଦ୍ଦ ଉପରେ ଛାତ୍ରବୃତ୍ତି ଓ ପୁସ୍ତକାଳୟର କଥା ଲେଖାଅଛି । ମାତ୍ର ଏହା ଯେ ନିଷ୍ପତ୍ତିରୂପେ ଧାର୍ଯ୍ୟ ହୋଇଅଛି ଏମନ୍ତ ଅମ୍ଭମାନଙ୍କୁ ଜଣା ନାହିଁ । ଆଗାମୀ ସପ୍ତାହରେ ଅମ୍ଭେମାନେ ସେ ବିଷୟରେ କିଛି କହିବ୍ୟ କରିବୁଁ ।

ସମ୍ପ୍ରତି ଅମ୍ଭେମାନେ ଏହି ପ୍ରସ୍ତାବ କରୁଁ ଯେ କିରୂପେ ଟଙ୍କା ଅଧିକ ସଂଗ୍ରହ ହୁଅଇ ତହିଁର ଯତ୍ନ କରାଯାଉ । କମିଶ୍ନରସାହେବଙ୍କ କୋଠିରେ ଯେଉଁଦିନ ସଭା ହେଲା ସେ ଦିନ ଉପସ୍ଥିତ ସଭ୍ୟମାନେ ଏକା ଚେନ୍ଦା ଦେଲେ ମାତ୍ର ଓଡିଶାର ଅନେକ ଜମିଦାର ସେଠାରେ ଉପସ୍ଥିତ ନ ଥିଲେ ଓ କେତେଲୋକ କଟକନଗରକୁ ମଧ୍ୟ ଆସି ନ ଥିଲେ ଏମାନଙ୍କଠାରୁ ଚେନ୍ଦା ଆଦାୟ କରିବାର ଆବଶ୍ୟକ ଓ ଅମ୍ଭମାନଙ୍କର ବିଶ୍ୱାସ ଏହି ଯେ ଏମାନଙ୍କ ନିକଟରେ ପ୍ରାର୍ଥନା କଲେ ଅବଶ୍ୟ କିଛି ପ୍ରାପ୍ତ ହେବ ସେଦିନ ପ୍ରାୟ ୧୭ ହଜାର ଟଙ୍କା ଉଠିଥିଲା ଯେବେ ଅଧିକ ନ ହୁଅଇ ନିତାନ୍ତରେ ଉଦ୍ୟମ କଲେ ୨୦ ହଜାର ଟଙ୍କାରୁ ଊଣା ହେବ ନାହିଁ କିନ୍ତୁ ଏ ଉଦ୍ୟମ କହାଦ୍ୱାରା କିପରି ହେବ ତହିଁର ସ୍ଥିର ହୋଇ ନ ଥିବାରୁ ଅମ୍ଭେମାନେ ମାନସ କରୁଁ ଯେ ମେଓ କୀର୍ତ୍ତିସ୍ଥାପନ ନିମନ୍ତେ ଗୋଟିଏ ସଭା ନିଯୁକ୍ତ ହେଉ ଯେ ପ୍ରଥମରେ ସକାରୁ ଚେନ୍ଦା ସଂଗ୍ରହର ଉପାୟ ହେବ ତଦୁତ୍ତାରୁ ଟଙ୍କା ଓଡ଼ିଶା ଓ କିପ୍ରକାର କୀର୍ତ୍ତି ହେବାର ଉଚିତ ତାହା ଧାର୍ଯ୍ୟ ହେବ । ଏପର୍ଯ୍ୟନ୍ତ ଗୋଟିଏ ସଭା ହୋଇ ନ ଥିବାରୁ ଉଦ୍ଦେଶ୍ୟ ସାଧନ ପକ୍ଷରେ ଯତ୍ନ ହେଉ ନାହିଁ ।

ମୃତ ଲର୍ଡମେଓ ଗବର୍ଣ୍ଣର ଜେନରଲ ବାହାଦୂର ଗତ ଶନିବାର ଏହାଙ୍କ ଶବ କଲିକତା ନଗରରେ ପ୍ରବେଶ ହେଲା ଓ ପ୍ରିନ୍ସେପ୍ ଘାଟ ଠାରୁ ଯେପ୍ରକାର ସମାରୋହ ପୂର୍ବକ ସେ ଗବର୍ଣ୍ଣମେଣ୍ଟ ହାଉସକୁ ଆସିଲେ ସେହିପ୍ରାୟ ସମାରୋହରେ ତାହାଙ୍କ ଶବ ଆଣାଗଲା । ସକଳ ଶ୍ରେଣୀର ସରକାରୀ କର୍ମଚାରୀ ଓ କଲିକତା ବାସିମାନେ ଶବ ସଙ୍ଗରେ ଆସିବା ଲାଗି ଆମନ୍ତ୍ରିତ ହୋଇଥିଲେ ଓ ଯଥା ବିଧାନରେ ଶବ ସଙ୍ଗରେ ଗବର୍ଣ୍ଣମେଣ୍ଟ ଗୃହ ପର୍ଯ୍ୟନ୍ତ ଆସିଲେ । ଏଠାରେ ତିନିଦିନ ଶବ ରହିବାର ବିଧାନ ହୋଇଥିବାରୁ ଏକ୍ଟିଂ ଗବର୍ଣ୍ଣର ଜେନରଲ ସାହେବ ତହିଁ ନିମିତ୍ତ ଗେଜେଟରେ ଆଜ୍ଞା ପ୍ରଚାର କରିଥିଲେ ଯେ ଗତ ତା ୧୯ ରଖ ସୋମବାର ଓ ତା ୨୦ ରଖ ମଙ୍ଗଳବାର ଏ ଦୁଇଦିନ ସକାଳ ଘ ୭॥ ଘଣ୍ଟାଠାରୁ ଘ ୧୦॥ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳପ୍ରତାପ ଲର୍ଡମେଓ ଗବର୍ଣ୍ଣର ଜେନରଲଙ୍କ ଶବ ସିଂହାସନ ଉପରେ ଯଥା ସମ୍ଭ୍ରମରେ ରହିବ । ଯେଉଁ ଲୋକ ତାହା ଦର୍ଶନ କରିବାଦ୍ୱାରା ତାହାଙ୍କ ପ୍ରତି ଭକ୍ତି ଦେଖାଇବାକୁ ବାଞ୍ଛା କରିବେ ସେମାନେ ଉକ୍ତ ସମୟରେ ଦର୍ଶନ କରି ପାରିବେ । ଗୋଳ ନିବାରଣ ନିମିତ୍ତ ଟିକଟ ବାହାରିବାର ବିଧି ହୋଇଅଛି । ଯେଉଁମାନେ ଟିକଟ ପାଇବେ ସେହିମାନେ ଦେଖିବାକୁ ସମର୍ଥ ହେବେ । ତିନିଦିନ ଉତ୍ତାରୁ ଶବ ବିଲାତକୁ ଯିବ ସେଠାରେ ବିଧିମତ ସମାଧି ହେବ ।

ଲର୍ଡମେଓଙ୍କ ମୃତ୍ୟୁରେ ଯେ ଭାରତବର୍ଷ ଓ ଇଂଲଣ୍ଡ ବାସିମାନେ ଅତ୍ୟନ୍ତ ଶୋକ ଗ୍ରସ୍ତ ହୋଇଅଛନ୍ତି ବୋଲିବାର ବାହୁଲ୍ୟ । କଲିକତାର ସେକ୍ରେଟରୀ ଲେଖିଅଛନ୍ତି ଯେ ଏ ଦୁର୍ଘଟନାଦ୍ୱାରା ଏରୂପ ଦୁଃଖଜାତ ହୋଇଅଛି ଯେ ସମ୍ପ୍ରତି ସେ କେବଳ ଖେଦ ପ୍ରକାଶ ବ୍ୟତିରେକେ ଅନ୍ୟ କିଛି ଲେଖି ପାରିଲେ ନାହିଁ । ଅପର ଲୋକଙ୍କର କଥା ଆଉ କ ବୋଲିବା ।—ପରନ୍ତୁ ଯେତେବେଳେ ତାହାଙ୍କର ସହଧର୍ମିଣୀଙ୍କ ବିଷୟ ମନରେ

Split by PDF Splitter
Digitized by srujanika@gmail.com

Split by PDF Splitter


ପଡ଼ଇ ସେତେବେଳେ ହୃଦୟ ବିଦୀର୍ଣ୍ଣ ହୋଇଯାଏ । ଯାହାଙ୍କ ସହାସେ ଶେଷ ବଡ଼ ସମସ୍ତେ ଦୁଃଖିତ ସେ ଲୋକ ଯାହାଙ୍କର ସର୍ବସ୍ୱ ଥିଲା ତାହାଙ୍କର ଯେ କିପର୍ଯ୍ୟନ୍ତ କ୍ଷତି ହୋଇଅଛି ତାହା ବର୍ଣ୍ଣନ କରିବାର ଲେଖିବା ଥାଉ ଅନୁମାନ କରିବାକୁ ଦୁର୍ବା ମନ ସମର୍ଥ ପାରି ନାହିଁ । ପରମେଶ୍ୱର ତାହାଙ୍କୁ ଶୋକରୁ ଉଦ୍ଧାର କରନ୍ତୁ ଏହି ସମସ୍ତଙ୍କର ପ୍ରାର୍ଥନା ।

---

## ଜଳକରର ନୂତନ ବିଧାନ

ଗତ ବୁଧବାର ସକାଳ ଆଠଘଣ୍ଟା ସମୟରେ ଶ୍ରୀଯୁକ୍ତ କମିସନର ସାହେବଙ୍କ କୋଠିଠାରେ ସାହେବଙ୍କ ଆମନ୍ତ୍ରଣ ମତେ ଏ ନଗର ନିବାସି କେତେକ ହାକିମ ଜମିଦାର ଓ ଅନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ସଭା ହୋଇଥିଲା । ଏଣିକି ଯେଉଁ ନିୟମରେ ଜଳକର ମହକୁମାର କାର୍ଯ୍ୟ ଚଳିବ ଓ ଲୋକେ ଯେ ଉପାୟରେ ଜଳ ପାଇବେ ତହିଁର କେତେକ ନିୟମ ପ୍ରସ୍ତୁତ ହୋଇଥିଲା ଯେ ତାହା ପଠିତ ଓ ତହିଁରେ ଉପସ୍ଥିତ ସଭ୍ୟଙ୍କର ମତ ଗୃହୀତ ହେଲା । ଏ ନିୟମମାନ ସମ୍ପୂର୍ଣ୍ଣ ଧାର୍ଯ୍ୟ ହୋଇ ନାହିଁ କେବଳ କଲିକତାରୁ ଆସିଥିବା ଶ୍ରୀଯୁକ୍ତ କର୍ଣ୍ଣେଲ ହେଗ ସାହେବ ବଙ୍ଗାଳ ଗବର୍ଣ୍ଣମେଣ୍ଟ ଜଳସେଚନ ବିଭାଗର ସେକ୍ରେଟରୀ ଏହାକୁ ପ୍ରସ୍ତୁତ କରି ଜିଲା ହାକିମଙ୍କ ସହିତ ତର୍କ ବିତର୍କ କରି ଗବର୍ଣ୍ଣମେଣ୍ଟ ସମ୍ମୁଖରେ ଉପସ୍ଥିତ କରିବା କାରଣ ନେଇଯାଉ ଅଛନ୍ତି । ସେଠାରେ ଶ୍ରୀଯୁକ୍ତ ଲେପ୍ଟନେଣ୍ଟ ଏ ସବୁ ବିବେଚନା କରି ସଂଶୋଧନାନନ୍ତର ମନୋନୀତ କଲେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଚାର ହେବ । ଯାହା ହୋଇଅଛି ଏହାକୁ ବର୍ତ୍ତମାନ ମୋଫସଲରେ ସେକ୍ରେଟରୀ ସାହେବ ଠିକ କରି ନେଇଗଲେ ଯେ ପଛକୁ ଏଠାଲୋକଙ୍କର ମତର ବହିର୍ଭୂତ ହୋଇଅଛି ବୋଲି ଯାଇ ପାରିବ ନାହିଁ ।

ଆମ୍ଭେମାନେ ସଭା ସମୟରେ ନୂତନ ପ୍ରସ୍ତାବମାନ ଆଦ୍ୟପ୍ରାନ୍ତ ଶ୍ରବଣ କରି ଅଛୁଁ । ସବୁ କଥିମାନ ବାହୁଲ୍ୟ ଭୟରେ ନ ଲେଖି କେବଳ ତହିଁର ସଂକ୍ଷେପ ମର୍ମ ଜଣାଉ ଅଛୁଁ । ଯେଉଁ ବ୍ୟକ୍ତି ଜଳପାଇଁ ଦରଖାସ୍ତ କରିବ କେବଳ ତାହାକୁ ଜଳ ଦିଆଯିବ । ଦରଖାସ୍ତରେ ଭୂମିର ପରିମାଣ ଫସଲର ନାମ ଓ ଯେଉଁ ସମୟରେ ଜଳ ପ୍ରୟୋଜନ ଏସବୁକର ଲେଖିବାକୁ ହେବ ଜମିର ଚୌହଦି ଠିକ କରି ଦେବାକୁ ହେବ । ଦରଖାସ୍ତ ପାଇଲାରୁ ସରକାରୀ ନାଲକର୍ମଚାରୀ ସ୍ୱୟଂ ବା ଦପୋଟୀଦ୍ୱାରା ଦରଖାସ୍ତ ଲିଖିତ ଭୂମିପାଟକୁ ଯାଇ ସମସ୍ତ ଅନୁସନ୍ଧାନ କରି ଜଳଦେବାର ଉଚିତ ବିଚାର କଲେ ଦରଖାସ୍ତ ଗ୍ରହଣ ଓ ଜଳଦେବାର ଆଜ୍ଞା ଦେବେ । ଜଳ ଯେଉଁ ତାରିଖରେ ପ୍ରଥମ ଦେବାର ଥିବ ଯେବେ ତହିଁ ଉତ୍ତାରୁ ଏକସପ୍ତାହରେ ଜଳ ମିଳିବ ନାହିଁ ତେବେ ତତ୍କ୍ଷଣାତ୍ ସେ ବ୍ୟକ୍ତି ଉକ୍ତ ବିଷୟ କର୍ମଚାରୀମାନଙ୍କୁ ଜଣାଇବ ଓ ତହିଁର ଉଚିତ ବିଧାନ ହେବ । ଧାନ ସକାଶେ ମଇଠାରୁ ନବମ୍ବର ପର୍ଯ୍ୟନ୍ତ ଏବଂ ରବି ଅର୍ଥାତ୍ ଦାଲିଅ ଇତ୍ୟାଦି ଫସଲ ସକାଶେ ନବମ୍ବରଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ଜଳ ଦିଆଯିବ । କେବଳ ବାର୍ଷିକ ସଂସ୍କାର ନିମିତ୍ତ ନାଲ ବନ୍ଦଥିବା ସମୟରେ ଜଳ ମିଳିବ ନାହିଁ । ଏଘଟନା ପ୍ରାୟ ଡିସେମ୍ବର ମାସରେ ହେବ । ଜଳକର କି ହାରରେ ଦେଣ ପଡ଼ିବ ବର୍ତ୍ତମାନ ସ୍ଥିର ହୋଇ ନାହିଁ ମାତ୍ର ଯେଉଁମାନେ ଉଚିତ ସମୟରେ କବୁଲିୟତ ନ କରି ଜୁଲାଇ ଉତ୍ତାରୁ ଜଳ ପ୍ରାର୍ଥନା କରିବେ ସେମାନଙ୍କଠାରୁ ଅଧିକା ଦରରେ ଆଗତୁରା ଟଙ୍କା ନିଆଯିବ ଏହିପରି ଯେଉଁମାନେ ପଟ୍ଟା ନେଇ ଅଛନ୍ତି ଭୂମିରେ ଜଳ ମଡ଼ାଇବେ ସେମାନଙ୍କ ଅଧିକା ଭୂମିର କର ଅଧିକା ହାରରେ ଆଗତୁରା ଦେବାକୁ ହେବ ତାହା ନ ଦେଲେ କିସ୍ତିରେ ମଧ୍ୟ ଜଳ ପାଇବେ ନାହିଁ ଓ ଯାହା ଟଙ୍କା ଦେଇଥିବେ ଫେର ପାଇବେ ନାହିଁ । ଅନେକ କୃଷି ଏକସଙ୍ଗେ କବୁଲିୟତ ଦେଲେ ସେମାନେ ଆପଣା ପକ୍ଷରେ ଜଣେଲୋକକୁ ଭାରଦେବେ ଯେ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ସହିତ ସେହି ବ୍ୟକ୍ତିର କାରବାର ରହିବ । ଏବ୍ୟକ୍ତି ଯେବେ ଦସ୍ତ ସମୟରେ ବାଉପଣ ଖଜଣା ଉସୁଲ କରିଦେବ ତେବେ ଟଙ୍କାରେ ଏକଅଣା ଲେଖାଏଁ କମିସନ ପାଇବ । ଉପଯୁକ୍ତ ସମୟରେ ଜଳ ନ ପାଇଲେ କିମ୍ବା ବନ୍ୟାର ଜଳରେ କ୍ଷେତ ନଷ୍ଟ ହେଲେ ଜଳକର ଅବସ୍ଥାନୁସାରେ ମିହା ଦିଆଯିବ । ଅନ୍ୟ କୌଣସି ବିଶେଷ କାରଣରୁ ମିହାଦେବାର ଆଜ୍ଞା କମିଶନରଙ୍କ ବିଚାରାଧୀନ ରହିଲା । କବୁଲିୟତ କରିବାର ଅଧିକାର ସମସ୍ତଙ୍କୁ ଦିଆଯାଇ ନାହିଁ । ଯେଉଁ ବ୍ୟକ୍ତିର ଜଳମଡ଼ାଇବା ଭୂମି ସହିତ କୌଣସି ସମ୍ପର୍କ ଥିବ ସେହି ବ୍ୟକ୍ତିଠାରୁ ଏ କବୁଲିୟତ ନିଆଯିବ ଓ ନାଲରେ ଯେଉଁ ସମୟରେ ଯେତେଜଳ ଥିବ ତାହା ଓ ପ୍ରାର୍ଥନାକାରୀର ଆବଶ୍ୟକ ବିବେଚନାରେ ଜଳ ଦିଆଯିବ ।

ଉପର୍ଯ୍ୟୁକ୍ତ ନିୟମମାନ ଶ୍ରବଣ କରି ଆମ୍ଭେମାନେ ଯେ କି ପର୍ଯ୍ୟନ୍ତ ଆନନ୍ଦିତ ହୋଇଅଛୁଁ ତାହା ବର୍ଣ୍ଣନା କରି ପାରୁ ନାହୁଁ ଓ ନିୟମ ପ୍ରଣୟନ କର୍ତ୍ତାଙ୍କୁ ସେଥି ପାଇଁ ସହସ୍ର ଧନ୍ୟବାଦ ଦେଉଅଛୁଁ । କର୍ଣ୍ଣେଲ ହେଗ ସାହେବ ଏଥିର ରଚୟିତା ବୋଲି ବୋଧ ହୁଅଇ ତାହା ହେଲେ ଆମ୍ଭମାନଙ୍କ ଭାଗ୍ୟକୁ ଯେ ସର୍ବୋପଯୁକ୍ତ କର୍ମଚାରୀ ମିଳିଅଛି ଏ କଥା ବୋଲିବାର ବାହୁଲ୍ୟ । ଏଠାରେ ଜଳକର ଅଦାୟର ଯେ ସମୟରେ ସୂତ୍ରପାତ ହେଲା ଯେବେ ସେ ସମୟରେ ଏହାଙ୍କ ପରି ଉପଦେଷ୍ଟା ଗବର୍ଣ୍ଣମେଣ୍ଟଙ୍କୁ ମିଳିଥାନ୍ତା ତାହା ହେଲେ ଜଳକର ସମ୍ପର୍କରେ ଯେ ସମସ୍ତ ଅତ୍ୟାଚାର ଓ ଯେତେ ପ୍ରକାର ଲୋକଙ୍କର ମନସ୍ତାପ ହେଲା ତାହା କଦାଚ ହୋଇ ନ ଥାନ୍ତା । ପୂର୍ବ ହାକିମମାନେ କେବଳ କିରୂପେ ଜଳ ଅଧିକ ବିକ୍ରୟ ହେବ ଅଥବା କର ଅଧିକ ଉଠିବ ଏହିମାତ୍ର ଚେଷ୍ଟା କରୁଥିଲେ ଏମନ୍ତ କି କମ୍ପାନି ହସ୍ତରେ ନାଲ ଥିଲା ବେଳେ ପ୍ରଜାଙ୍କର ଯାହା କଷ୍ଟ ଥିଲା ସ୍ୱୟଂ ସରକାର ହସ୍ତକୁ ଆସିବାରେ ତେତିକ ଦୂର ନଷ୍ଟ ହେଲା ବର୍ତ୍ତମାନ ନିୟମରେ ଜଳକର ଅଧିକ ହେଉ ଏରୂପ ଭାବ ପ୍ରକାଶ ପାଉ ନାହିଁ । ନିୟମାବଳୀ ପାଠ କଲେ ଏହିମାତ୍ର ଜଣାଯାଏ ଯେ କେବଳ ବଜାରର ଅନ୍ୟାନ୍ୟ ଦ୍ରବ୍ୟ ଯେଉଁ ନିୟମରେ ବିକ୍ରୀତ ହୁଅଇ ସରକାର ଜଳ ସେହି ନିୟମରେ ବିକ୍ରୀ କରିବାକୁ ମନସ୍ଥ କରିଅଛନ୍ତି । ଯାହାର ଇଚ୍ଛା ସେ ଉପଯୁକ୍ତ ମୂଲ୍ୟ ଦେଇ ଓ ଦୋକାନର ନିୟମମାନ ପ୍ରତିପାଳନ କରି ଜଳ ନେବ । ବଳାତ୍କାରର ଲେଶମାତ୍ର ନାହିଁ । ପୁଣି ନିୟମରୁ ଅନୁଭବ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟ ଜଳ ବିକ୍ରୟ କରିବାକୁ ଆତୁର ନ ହୋଇ ବରଂ ଆପଣାର ଟେକ ରକ୍ଷା କରୁଅଛନ୍ତି କାରଣ କୌଣସି ଠାରେ ଉପଯୁକ୍ତ ବୁଝିଲେ ଜଳ ନେବାର ପ୍ରାର୍ଥନା ଅଗ୍ରାହ୍ୟ କରିବେ ତଥାଚ ଅସ୍ୱୀକାର ଅବସ୍ଥାରେ ଅର୍ଥାତ୍ ପୂର୍ବାପର ନ ବୁଝି ପ୍ରଜାଙ୍କୁ ଜଳ ଦେବେ ନାହିଁ । ଆମ୍ଭେମାନେ ଯେ ଏହି ସ୍ୱେଚ୍ଛାଧୀନ ଜଳକରର ପକ୍ଷପାତୀ ତାହା ଆମ୍ଭମାନଙ୍କ ପାଠକମାନେ ବିଲକ୍ଷଣରୂପେ ସ୍ମରଣ ରଖିଥିବେ । ଆମ୍ଭେମାନେ ପୁନଃ୨ ଏହି ନିୟମ ପ୍ରସ୍ତାବ କରିଥିଲୁଁ ତେବେ ଯେ କୌଣସି ସମୟରେ ବଳାତ୍କାର ପ୍ରଣାଳୀ

Digitized by srujanika@gmail.com

Split by PDF Splitter



ପ୍ରଭୃ ମତ ଦେଇଥିଲୁଁ ତହିଁର କାରଣ ଏହି ଯେ ରାଜକର୍ମଚାରୀଙ୍କ ଅବସ୍ଥାନ୍ତ ବୋଧ ହେଉଥିଲା ଯେ ସ୍ୱେଚ୍ଛାଧୀନ ନିୟମରେ କାର୍ଯ୍ୟ ଚଳାଇ ପାରିବେ ନାହିଁ ତହିଁରେ ବହୁତ ଗୋଳଯୋଗ ହେବ ଏଣୁକରି ଆମ୍ଭେମାନେ କହିଥିଲୁଁ କି ଯେବେ ବଳାତ୍କାର କରି ନେବାରେ ନାନାପ୍ରକାର ଅତ୍ୟାଚାର ନିବାରିତ ହୋଇ ଏକମାତ୍ର ଟଙ୍କାର କ୍ଳେଶ ରହଇ ତାହା ହେଲେ ସେ ପ୍ରଥା ଅପେକ୍ଷାକୃତ ବାଞ୍ଛନୀୟ ଅଟଇ । ମାତ୍ର ଏତେ ବେଳେ ଆମ୍ଭମାନଙ୍କ ଭ୍ରମ ନିଦୂରିତ ହେଲା । କର୍ଣ୍ଣେଲ ହେଗ ସାହେବଙ୍କ ପ୍ରସ୍ତାବ ଶ୍ରବଣ କରି ଆମ୍ଭମାନଙ୍କର ଦୃଢ଼ବିଶ୍ୱାସ ହେଉଅଛି ଯେ ସ୍ୱତନ୍ତ୍ର ପ୍ରଣାଳୀରେ ସେ କାର୍ଯ୍ୟ ଚଳାଇ ପାରିବେ ଅତଏବ ଆମ୍ଭେମାନେ ତାହାଙ୍କୁ ଅନୁରୋଧ କରୁଅଛୁଁ ଯେ ଏହି ନିୟମରେ ନ୍ୟୁନକଳ୍ପରେ ପାଞ୍ଚବର୍ଷ କାର୍ଯ୍ୟ ଚଳାଉନ୍ତୁ ତହୁଁତାରୁ ଅନ୍ୟ ଉପାୟଚିନ୍ତା କରିବେ ।

ନିୟମାବଳୀର ଯେଉଁ ଅଂଶମାନ ଶ୍ରବଣକରି ଜମିଦାରମାନେ ଆପତ୍ତି କରିଥିଲେ ଆଗାମୀ ସପ୍ତାହରେ ତହିଁର ଉଲ୍ଲେଖ କରିବୁଁ ।

---

## ଅସୀମ ଶଠତା ।

ଏହି ଶିରୋନାମାରେ ଯେଉଁଥିର ପ୍ରଚୁର ଉନ୍ନତି ଓ ଦୁର୍ଗତି ବିଷୟ ଗତ ସପ୍ତାହରେ ପ୍ରକାଶ କରିଥିଲୁଁ ବର୍ତ୍ତମାନ ତଦ୍ବିଷୟରେ ଜନସାଧାରଣଙ୍କୁ ସଦୁପଦେଶ ଦେବୁଁ । ସଂସାର ମଧ୍ୟରେ ଲୋକମାନେ ନାନାଦଶାପ୍ରକାରେ ନିର୍ବାହ କରୁଅଛନ୍ତି କେବଳ ଅକ୍ଷମ ବ୍ୟକ୍ତିମାନେ ଶଠତା ଶୌର୍ଯ୍ୟ ଓ ଭିକ୍ଷାକୁ ଆଶ୍ରୟ କରନ୍ତି । ଯେହେତୁ ଶଠତା ଏ ପ୍ରସ୍ତାବର ଉଦ୍ଦେଶ୍ୟ ଅତଏବ କେବଳ ତହିଁର ବର୍ଣ୍ଣନା କରୁଅଛୁଁ, ତାହା ଦୁଇପ୍ରକାର । ୧ମ । ସକର୍ମକ ଅର୍ଥାତ୍ କାର୍ଯ୍ୟରେ ଠକିବା, ୨ ୟ । ଅକର୍ମକ ଅର୍ଥାତ୍ କଥାରେ ଠକିବା । ଏହା ଅତି ଅଳସଲୋକର ବ୍ୟବହାର ଅଟଇ ଓ ଯେଉଁମାନେ ଆପଣାର ଅଲୌକିକ କରଣୀ ପ୍ରକାଶ କରନ୍ତି ସେମାନେ ଏ ଶ୍ରେଣୀଭୁକ୍ତ ଅଟନ୍ତି କିନ୍ତୁ ବଡ ଆଶ୍ଚର୍ଯ୍ୟ ଓ ଆକ୍ଷେପର ବିଷୟ ଏହି ଯେ ସହସ୍ର ଲୋକ ସେମାନଙ୍କ ପ୍ରବଞ୍ଚନାରେ ପଡଯାନ୍ତି । ଅତି କୌଣସି ଇତରଲୋକ ଆପଣାର କିଛି କରଣୀ ଥିବାର ଛଳନା କରି ଦୁଇ ଏକ ଅନୁଗତ ବ୍ୟକ୍ତିଦ୍ୱାରା ତହିଁର ଘୋଷଣା କରାଉ, କାଲି ଶରୀ ଏକାବେଳକେ ତାହାର ପଦାବନତ ହେବେ ଓ ତଦ୍ବିଷୟରେ କିଛିମାତ୍ର ସନ୍ଦେହ ବା ଅନୁସନ୍ଧାନ ନ କରିବେ । ଏହି ପ୍ରକାରରେ ଖୋରଧାରେ ଜଣେ ଜଗନ୍ନାଥ ହୋଇ ଅନେକ ଲୋକଙ୍କୁ ଭଣ୍ଡିଲା, ସେମାନଙ୍କ ଜାତି ନେଲା ଓ ସ୍ତ୍ରୀମାନଙ୍କ ସଙ୍ଗେ ରାସକ୍ରୀଡା କଲା । ତଥାପି ଜନମାନେ ନିର୍ଲଜ୍ଜ ହୋଇ ତାକୁ ପୂଜିବାରେ ରହିଲେ କେବଳ ଖୋରଧା ତହସିଲଦାରଙ୍କ ହେତୁ ସେ ମାତ୍ର ପଡିଲା ନ-ହୁବା ଅନେକ କ୍ଷତି କରିଥାନ୍ତା । ବର୍ଷକ ତଳେ କେନ୍ଦୁପଟଣାରେ ଜଣେ ଛଟଗାର ମୂଲିଆଣୀ ଆପଣାର ଅଲୌକିକ ଶକ୍ତି ଥିବାର ଛଳନା କରନ୍ତେ ଦଳାକେତେ ତାହାଠାକୁ ଅସଂଖ୍ୟ ଲୋକ ଦୌଡିଲେ । ଏହି ଉପାୟରେ ସେ ଯଥେଷ୍ଟ ସଙ୍ଖାଳି ବାନ୍ଧି ଜଣେ ଉପପତି କରି ବର୍ତ୍ତମାନ ସୁଖରେ କାଳ କାଟୁଅଛି । ଆଉ ଦୁଇ ଏକ ଜଗନ୍ନାଥ ଜନ୍ମ ହେବା ବ୍ୟତୀତ ସେମାନଙ୍କ ବିଷୟରେ ଆଉ କିଛି ଶୁଣାଯାଇ ନାହିଁ । ବୋଧ ହୁଏ ଅନୁଗ୍ରହଶାଳାରେ ସେ ସବୁର କାଳ ହେଲା ଶଠ ପଣ୍ଡାମାନେ କଟକ ଅଙ୍କାପହିବା ସାଇଁ ବୁଲାଇ ଯେ କେତେ କଉଡି ଠକି ନେଇ ଯାନ୍ତି ତାହା କେତେ ବର୍ଣ୍ଣିବୁଁ !

ଏ ପ୍ରତାରକମାନଙ୍କର ଉନ୍ନତି ସଙ୍କୋଚ ଅ-ଯୋଗତ ହୋଇଅଛି ଏହାଙ୍କ ଛଡା ଆଉ କେ-ତେ ଗୁଡିଏ ଦୀର୍ଘକାଳସ୍ଥାୟୀ ଶଠ ଅଛନ୍ତି ଯଥା ଛତିଆ ମଠ ବାବାଜୀ ଓ କୁଶକଣ୍ଠା ବାବାଜୀ । ଛତିଆ ମଠରେ ପ୍ରାୟ ଛତିଆ ମାର ଗଲାଣି, କୁଶକଣ୍ଠାର ମୂନ ଖୁବା ଭାଙ୍ଗି ନାହିଁ ଓ ତାଙ୍କ-ପ୍ରତି ଲୋକଙ୍କର ଏତାଦୃଶ ଭୟ ଯେ ତାଙ୍କର କେହି କାଇ କନ, ମୋଫସଲକୁ ଗଲେ ଅନେକ କଉଡି ଗୋଟେଇ ଆଣେ । ପାଞ୍ଚ ସାତବର୍ଷ ହେଲା ସାଲେପୁର ଥାନା ଅନ୍ତର୍ଗତ ଅନ୍ତୁଳପୁର ମଠର ବାବାଜୀ ଆପଣା କରଣୀ ବାହାର କରୁଅଛନ୍ତି; ଓ ସେହି ଛଳନାରେ ଅନେକ ଧନ ଉପାର୍ଜନ କରି କୋଠା କଲେଣି । କଟକସ୍ଥ ଖାନନଗର ବାବାର କଥା କୌତୁକଜନକ ଅଟେ । ତାହାର ନାମ ଗ୍ରମସିଂହ ଜାତିରେ ରଜପୁତ, ସେ ପ୍ରଥମେ ପଲଟନରେ ସିପାହୀ ଥିଲା ଓ ସଇକାଶି କର୍ମରେ କେତେକ ଦେଶ ଭ୍ରମଣ କରିଅଛି । କୌଣସି ଦୋଷରୁ କର୍ମଚ୍ୟୁତ ହୋଇ କଟକରେ ପ୍ରଥମେ ମୋଦୀ ଦୋକାନ ତହୁଁରେ ଗଞ୍ଜାଇ ଅଫୁ ଦୋକାନ କଲା । ଗଞ୍ଜେଇରେ ତାହାର ଗୁଣ ବାହାରିଲା ଓ ଆଉ କେତେଗୁଡିଏ ଗଞ୍ଜେଡୀ ମିଶି ତାହାର ସ୍ତବ ଗାଇଲେ ଏବ ଖାନନଗରରେ ତାହାର ଉତ୍ତମ ଆବାସ ସ୍ଥାନ କରି ଦେଇ ତାହାର ବାବା ନାମ ଦେଲେ । ବର୍ତ୍ତମାନକୁ ତାହାର ଭକ୍ତ ସଂଖ୍ୟା ବୃଦ୍ଧି ହୋଇଅଛି ଓ କେତେକ ଲୋକ ଇଷ୍ଟଲାଭଆଶାରେ ତାହାଠାକୁ ଯାଉଅଛନ୍ତି । ତାହାର ପ୍ରଧାନ ଭକ୍ତମାନେ କହନ୍ତି ଯେ ସେ କଲ୍କୀ ଅବତାର ଅଟନ୍ତି, ଜଗନ୍ନାଥ ପୁରୁଷୋତ୍ତମରେ ନ ଥାଇ ତାହା ଶରୀରରେ ଲୀନ ହୋଇ ଅଛନ୍ତି ଓ ସେ ସମସ୍ତଙ୍କୁ ନାଶି ନୂଆସୃଷ୍ଟି କରିବେ । ସେମାନେ ନନ୍ଦୀକୂଳରେ ଯାତ୍ରିମାନଙ୍କୁ କହନ୍ତି ଯେ ପାଖରେ ଥାଅନ୍ତା ଜଗନ୍ନାଥକୁ ଛାଡି କି ସକାଶେ କାଠ ଜଗନ୍ନାଥ ଦେଖିବା ପାଇଁ ଏତେ କଷ୍ଟ ସହି ଏତେଦୂର ଦଉଡୁଅଛ । ଏମାନେ ନାନାପ୍ରକାର ଭବିଷ୍ୟତ୍ କଥା କହନ୍ତି ଓ ଇଂରେଜଙ୍କ ବିଷୟରେ ଯାହା ବୋଲନ୍ତି ତନ୍ନିମିତ୍ତ ଦଣ୍ଡନୀୟ ହୋଇ ପାରନ୍ତି । ଗଞ୍ଜେଇର କି ଗୁଣ ! ଯାହା ହେଉ "ରଜପୁତ ଆପଣା କାମକୁ ମଜବୁତ" ସେ ଏହି ଛଳନାରେ ବେସ ଉପାର୍ଜନ କରି ଆପଣା କୁଟୁମ୍ବ ପାଳୁଅଛି ।

ଏ ସମସ୍ତଙ୍କ କରଣୀ ପ୍ରବଞ୍ଚନା ଭିନ୍ନ ଅନ୍ୟ କିଛି ନୁହଇ କେବଳ ସେମାନେ ଉଦ୍‌ବାର୍ଯ୍ୟ ନ ହୋଇ ଚତୁରତା ପୂର୍ବକ କୌଶଳ କ୍ରମେ ଠକ ବ୍ୟବସାୟ ଚଳାଉ ଥିବାରୁ ଧରା ନ ପଡନ୍ତି । ଅଜ୍ଞଲୋକଙ୍କର ଚିହ୍ନି ନ ପାରିବା କଥନ ନୁହେ କିନ୍ତୁ ବିଜ୍ଞଲୋକେ ସୁଦ୍ଧା ସେଥିରେ ଭୁଲନ୍ତି । କି ଆଶ୍ଚର୍ଯ୍ୟ ! ଯଦି ସେମାନଙ୍କର ପ୍ରକୃତରେ କିଛି କରଣୀ ଥାନ୍ତା ତେବେ ସେମାନେ କି ସକାଶେ ଲୋକଙ୍କଠାରୁ ଧନ ନେଉ ଥାନ୍ତେ ସେମାନେ ଇଚ୍ଛା କଲେତ ଶୂନ୍ୟରୁ ଅଥବା ଶଣିରୁ ଅସି ଅନେକ ସୁନା ରୁପା ତାଙ୍କଠାରେ ଅଜାତ ହୋଇ ପଡୁଥାନ୍ତା । ସେମାନେ ଲୋକଙ୍କଠାରୁ ଟଙ୍କା ନେଉଥିବାରୁ ଧନଉପାର୍ଜନ ସେମାନଙ୍କର ଇଷ୍ଟ ବୋଲିବାକୁ ହେବ । ଯେ କି କାହାରି ବିନା ସହାୟରେ ଆପଣା ଇଷ୍ଟ ସିଦ୍ଧ କରିବାକୁ ଅପେ ଅକ୍ଷମ ସେ କାହୁଁ ପରର ଇଷ୍ଟ ସିଦ୍ଧ କରିଦେବ । ଯଦି ବୋଲ ତାଙ୍କର କେତେ କଥା ଘଟୁଅଛି ତେବେ ତାହା ଦୈବାତ୍ ବା କପାଳ ଯୋଗେ ଘଟୁଅଛି ଯଥା ତାଳ ପଡିବାକୁ କାଉ ଖୁଁପିବାକୁ ଜମ୍ମା [ ତାଳ ପଡିବାସମୟେ କାଉ ଉଡିବା ସମୟେ ] କିନ୍ତୁ ଅନେକ ସ୍ଥଳରେ ସେମାନଙ୍କ କରଣୀ ଖାଟଇ ନାହିଁ ଏପରି ସ୍ଥଳରେ ସମ୍ପୂର୍ଣ୍ଣ ବିଶ୍ୱାସର ଅଭାବକୁ ତହିଁର କାରଣ ଦର୍ଶାନ୍ତି ଯଦି ବିଶ୍ୱାସ ମୂଳ ହେଲା ତେବେ ସର୍ବକର୍ତ୍ତା ପରମେଶ୍ୱରଙ୍କଠାରେ କିନା କଉଡିରେ

Digitized by srujanika@gmail.com

ବିଶ୍ୱାସ ନ କରି କଉଡ଼ି ଦେଇ କଷ୍ଟ ସହି ସେ-ମାନଙ୍କଠାରେ ବିଶ୍ୱାସ କରିବାର କି ପ୍ରୟୋଜନ ? ମନ ସଙ୍ଗେ ଶରୀରର ବିଶେଷ ସମ୍ପର୍କ ଅଛି ଏହିର ଲୁଗଲଗାରେ ଅନ୍ୟର ଲୁଗଲଗା ନିର୍ଭର ଭଙ୍ଗେ ଏହି ନିୟମାନୁସାରେ ବାବାଜିପ୍ରତି ବିଶ୍ୱାସ କୌଣସି ରୋଗକୁ ମୋଚନ କରିପାରେ ନରୁବା ଆଉ କିଛି କରି ନ ପାରେ । ଈଶ୍ୱରଙ୍କ ନିୟମ ଦୃଷ୍ଟିରେ ମନୁଷ୍ୟର ଅଲୌକିକ ଶକ୍ତି ହେବା ଅସମ୍ଭବ ଅଟଇ । ଯେଉଁମାନେ ଆପଣାର କରଣୀ ଥିବାର ଛଳନା କରନ୍ତି ସେମାନେ କେବଳ ଠକ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଅତଏବ ବିଜ୍ଞବ୍ୟକ୍ତିଙ୍କୁ ଉଚିତ ଯେ ସେମାନେ ଏବିଷୟ ଆନ୍ଦୋଳନକରି ଏ ପ୍ରତାରଣାରୁ ଆପେ ରକ୍ଷିତ ହେଉନ୍ତୁ ଓ ଅଜ୍ଞଲୋକଙ୍କୁ ରକ୍ଷା-କରନ୍ତୁ । ଯଦି କେଉଁଥିର ବେବର୍ତ୍ତା ଭିକାରି-ଭକ୍ତିକୁ "ପ୍ରଭୁ"ସ୍ୱରୂପ ମଣି ତାହାପ୍ରତି ହସ୍ତକ୍ଷେ-ପଣ କରନ୍ତି ଥାନ୍ତେ ତେବେ ଯେ ଲୋକଙ୍କର କେତେ ଅନିଷ୍ଟ ହୋଇଥାନ୍ତା ବୋଲିବାର ବାହୁଲ୍ୟ । ଆମ୍ଭମାନଙ୍କ ଉପଦେଶରେ ଯଦି କାହାର କିଛି ସନ୍ଦେହ ହୁଏ ତେବେ ସେ ତାହା ଆମ୍ଭଙ୍କୁ ଜଣାଇଲେ ତାହାର ସନ୍ଦେହ ଭଞ୍ଜନ କରିବୁଁ । ଆଗାମୀପତ୍ରିକାରେ ଆଉ ଏକ ଠକ ସମ୍ପ୍ରଦାୟର କଥା ଲେଖିବୁଁ ।

## ସାପ୍ତାହିକ ସଂବାଦ

ଜଗେଶ୍ୱରବାବୁ ଲୁଣଗୋଲାର ସହସ୍ର ଟଙ୍କା ନେଇ ଯିବା ବିଷୟ ଯେ ପୂର୍ବେ ଲେଖାଯାଇ-ଥିଲା ତାହା ପୁଲିସଙ୍କ ତଦନ୍ତରେ ମିଥ୍ୟା ଥିବାର ପ୍ରକାଶ ହେଲା । ଜଗେଶ୍ୱରବାବୁ ଏଠାରେ ନ ଥାଇ ବାଲେଶ୍ୱରରେ ଅଛନ୍ତି, ତାଙ୍କ ଗୁମାସ୍ତା ଟଙ୍କା ଖାଇଯାଇ ତାହା ଉଡ଼େଇବା ଅଭିପ୍ରାୟ-ରେ ଚୋରି ଶୁଣାଇ ଗର୍ଜନା କରିଥିବାର ପୁଲିସ ଅନୁମାନ କରନ୍ତି । ଏହା ଅସମ୍ଭବ ନୁହେ ।

ମେଦିନୀପୁରରେ କେତେକ ଜଣ ବାବୁ ମ-ଦିରା ପାନ କରି ବେଶ୍ୟାଳୟକୁ ଗଲେ । ଜଣେ ବାବୁ ବେଶ୍ୟାର କୋଠା ଉପରକୁ ଯାଇ କହି-ଲେ ଆମ୍ଭେ ବାନର ହୋଇପାରୁଁ ଏହା କହି ହୁଁକାର ଶବ୍ଦ କରି ଛାତ ଉପରରୁ କୁଦିଲେ ଓ ତଳେ ପଡ଼ି ଚାରି ଗୋଡ଼ ଭାଙ୍ଗି ବସିଲେ । ଯଥୋଚିତ ଫଳ ମିଳିଅଛି ।

ଯାଜପୁରର ମନସଫ ବାବୁ ମଥୁର ମଲ୍ଲ ଗୁପ୍ତ ଚଳିତମାସ ତା ୧୯ ଋଣରେ ବାବୁ ହରଚରଣ ବନ୍ଦ୍ୟୋପାଧ୍ୟାୟଙ୍କୁ ଚାର୍ଜ ଦେଇ ତିନି-ମାସ ଛୁଟୀ ଗ୍ରହଣକଲେ ।

ଇଡ଼େନର ଅଶିଷ୍ଟାଣ୍ଟ କଲେକ୍ଟର ଫିଞ୍ଚ୍ୟାନ-ସାହେବ ଆଗାମୀ ଅପ୍ରେଲମାସ ପରୀକ୍ଷାରେ ଓଡ଼ିଆଭାଷାରେ ପରୀକ୍ଷା ଦେବା ପାଇଁ ଦୀର୍ଘ ଦିନର ଛୁଟୀ ପାଇଅଛନ୍ତି ।

ବାବୁ କେଦାରନାଥ ବନ୍ଦ୍ୟୋପାଧ୍ୟାୟ ତୃତୀୟ ଶ୍ରେଣିର ସବଡିପୁଟି କଲେକ୍ଟର ପଦକୁ ବୃଦ୍ଧି ପାଇଅଛନ୍ତି ।

ହିନ୍ଦୁପେଟ୍ରିଅଟ ଶ୍ରବଣ କରିଅଛନ୍ତି ଯେ ହତ୍ୟାକାରୀ ସେରଅଲିର ମୋକଦ୍ଦମା କାଗଜ ହାଇକୋର୍ଟରେ ପହୁଞ୍ଚିବାରୁ ଉକ୍ତ ଅଦାଲତ ତହିଁରେ ଦୋଷ ବାହାର କରିଅଛନ୍ତି ତାହା ଏହି ଯେ ଖ୍ରୀଷ୍ଟିୟାନ ସାକ୍ଷିମାନେ ବାଇବଲ ଛୁଇଁ ଶପଥ କରି ନାହାନ୍ତି । ଅମ୍ଭେମାନେ ଭରସାକରୁଁ ଏଥିରୁ ଏଠାରେ ସଂଶୋଧିତ ହେବ କାରଣ ସୁଦ୍ଧାମାନେ ସମସ୍ତେ କଲିକତାରୁ ଅସିଅଛନ୍ତି ।

ଭାରତବର୍ଷର ଭାବୀ ଗବର୍ଣ୍ଣର ଜେନରଲ କିଏ ହେବ ଏହିବିଷୟର ଆନ୍ଦୋଳନ ହେଉଅଛି । ସମ୍ପ୍ରତି ଲର୍ଡ ଡ଼ଫରିନ ଓ ଲର୍ଡ଼ହାଲି ଫକ୍ସଙ୍କ ନାମ ପଡ଼ିଅଛି ତହିଁମଧ୍ୟରୁ ଶେଷ ଲିଖିତ ମହାଶୟ ପ୍ରଧାନମନ୍ତ୍ରୀ ଗାଡ଼ଷ୍ଟୋନଙ୍କ ସମ୍ବନ୍ଧୀ ଥିବାରୁ ତାହା-ଙ୍କର ଅଧିକାର ଅଧିକ ସମ୍ଭାବନା । ଯେବେ ସେ ନ ଆସନ୍ତି ତେବେ ଲର୍ଡ ନେପିଅର ବାହାଲ ହୋଇପାରନ୍ତି ।

ଲର୍ଡନେପିଅର ସାହେବ ଚଳିତମାସ ତା୧୯-ଋଣରେ ମାନ୍ଦ୍ରାଜରୁ କଲିକତାକୁ ପାଟନା ନାମକ ବାଷ୍ପୀୟ ଜାହାଜରେ ଯାତ୍ରା କରି ଅଛନ୍ତି । ଏହାଙ୍କ ସ୍ତ୍ରୀମଧ୍ୟ ସଙ୍ଗରେ ଅଛନ୍ତି ।

ପୋର୍ଟବ୍ଲେଅରରୁ ସମ୍ବାଦ ଅସିଅଛି ଯେ ମୃତ ଲର୍ଡମେଓଙ୍କ ହତ୍ୟାକାରୀ ସେରଅଲି ଅବଦୁଲ୍ଲାର ଭ୍ରାତା ଅଟଇ କି ଯେଉଁ ଅବଦୁଲ୍ଲା ପ୍ରଧାନ ଜଜ ନର୍ମାନ ସାହେବଙ୍କୁ ହତ୍ୟା କରିଥିଲା ଯେଉଁଦିନ ଅବଦୁଲ୍ଲାର ଫାଶି ଦଣ୍ଡ ସମ୍ବାଦ ଆଣ୍ଡାମାନ ଦ୍ୱୀପରେ ପ୍ରବେଶ ହେଲା ସେଦିନ ସେରଅଲି ଅତ୍ୟନ୍ତ ଦୁଃଖିତ ହେଲା ଏମନ୍ତ କି ଯେମନ୍ତ ଆପଣାର ଲୋକ କେହି ମଲେ ହୁଅଇ! ତହିଁଉତ୍ତାରୁ ଯେଉଁଦିନ ଗବର୍ଣ୍ଣର ଜେନରଲ ସେ ଦ୍ୱୀପକୁ ଯିବାର ମନସ୍ଥ କରିଅଛନ୍ତି ବୋଲି ସମ୍ବାଦ ଆସିଲା ସେଦିନ ସେ ବଡ଼ ହର୍ଷିତ ହୋଇ ଆପଣା ସଙ୍ଗି କଏଦୀଙ୍କୁ କହିଲା କି ଆମ୍ଭର ଗୋଟିଏ ଶୁଭକଥା ହେବାର ଅଛି ତୁମ୍ଭମାନଙ୍କୁ ଶେଷ ଦେଉଁ । ଏସବୁ କଥା ବର୍ତ୍ତମାନ ଶୁଣା-ଯାଏ । ମାତ୍ର ପୋର୍ଟବ୍ଲେଅରର କମିସନର କହନ୍ତି ଯେ ସେରଅଲିର କେହି ଆପଣାର ଭାଇ ନାହିଁ । ଏଥିରୁ ବୋଧ ହୁଅଇ ସେ ତାହାର ଲୁଟମ୍ବୀ ଭାଇ ଥିବ କୋହିଲେ ଦୃଢେଁ ଘୃଣିତ କାର୍ଯ୍ୟ କରି ଭାଇ ହୋଇଅଛନ୍ତି ।

### ବିଜ୍ଞାପନ ।

କେତେଗୁଡ଼ିଏ ଅଭିଧାନ ଓ ଅବରଣର ଗିଲାସ ଅତି ସୁଲଭ ମୂଲ୍ୟରେ ବିକ୍ରୟ ହେବାର ଅଛି ଯାହାଙ୍କର ପ୍ରୟୋଜନ ହେବ ଦରଘାଟ-ଜାର ଛାପାଖାନାଠାରେ ଆମ୍ଭନିକଟରେ ପ୍ରାର୍ଥନା କଲେ ପାଇ ପାରିବେ ।

ଶ୍ରୀ ଗୌରୀଶଙ୍କର ଗୁପ୍ତ ।

ଚଳିତମାସ ତା ୨୭ ଓ ୨୮ ଋଣରେ କଟକ ନର୍ମାଲ ବିଦ୍ୟାଳୟର ପଣ୍ଡିତବିଭାଗ ଓ ଗୁରୁବିଭାଗର ପ୍ରବେଶିକା ପରୀକ୍ଷା ଗୃହୀତ ହେବ । ପଣ୍ଡିତବିଭାଗରେ ୧୬ ଗୋଟି ଓ ଗୁରୁବିଭାଗରେ ୬୦ ଗୋଟି ବୃତ୍ତିଶୂନ୍ୟ ଅଛି, ଅତଏବ ଏତଦ୍ୱାରା ଅବଗତ କରାଯାଉ-ଅଛି ଯେ ପରୀକ୍ଷାର୍ଥିମାନେ ଉକ୍ତ ତାରିଖରେ କଟକ ନର୍ମାଲବିଦ୍ୟାଳୟରେ ଉପସ୍ଥିତହୋଇ ପରୀକ୍ଷୋତ୍ତୀର୍ଣ୍ଣ ହେଲେ ମନୋନୀତ ହେବେ ଇତି ।

Dwarika nath Chakraburtty

୧୬।୨।୭୨ କଟକ ନର୍ମାଲବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଚିନ୍ତାମଣି ମିଶ୍ର ପୁରୀ | ବକାୟା | ଟ ୮୷୦ |
| ,, ବ୍ରଜକିଶୋର ଘୋଷ | | |
| କଟକ | ବକାୟା | ଟ ୧ |
| ରାଜା ବଡ଼କେମ୍ବି ଅଳ | ଅଗ୍ରିମ | ଟ ୬ |
| ବାବୁ କାହ୍ନୁଚରଣ ଚୌଧୁରୀ | ବକାୟା | ଟ ୬ |
| ,, ଭଗବାନ ଯେନା କଟକ | ଅଗ୍ରିମ | ଟ ୨୲ |
| ଚୌଧୁରୀ ପରୀକ୍ଷିତ ଦାସ | ବକାୟା | ଟ ୬ |
| ରାଜା ବଡ଼କେମ୍ବି ମଥୁରୁର | ,, | ଟ ୬ |
| ରାଜା ବଡ଼କେମ୍ବି ଅଠଗଡ଼ | ,, | ଟ ୬ |

ଏହି ଉତ୍କଳଦୀପିକା ସହର କଟକ ଦରଘା-ବଜାର କଟକପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୧୧ଶ ଭାଗ | ତା ୨୨ରଖ ମାର୍ଚ୍ଚ ସନ ୧୮୭୬ ମସିହା । ମୂ । ଫାଲ୍ଗୁନ ଦ ୧୨ ନ ସନ ୧୨୮୩ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪।
୧୨ ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪॥
| | ମଫସଲ ପାଇଁ ଡାକମାସୁଲ ୧୯

## ଭାରତବର୍ଷର ନୂତନ ଗବର୍ଣ୍ଣରଜେନରଲ ।

ତାରଡାକ ଯୋଗେ ସମ୍ବାଦ ଆସିଅଛି ଯେ ଲର୍ଡ ନର୍ଥ ବ୍ରୁକ ସାହେବ ଭାରତବର୍ଷର ପ୍ରତିନିଧି ଓ ଗବର୍ଣ୍ଣରଜେନରଲ ପଦରେ ନିଯୁକ୍ତ ହୋଇଅଛନ୍ତି । ଏହାଙ୍କ ନାମ ପୂର୍ବେ ଉଲ୍ଲେଖ ହୋଇଥିଲା ମାତ୍ର ଏ ମହାଶୟ ଭାରତବର୍ଷକୁ ଆସିବେ ନାହିଁ ବୋଲି ଅନେକ ଲୋକ ସନ୍ଦେହ କରୁଥିଲେ କାରଣ ଏ ବ୍ୟକ୍ତି ବିଲାତରେ ଜଣେ ଅତି ଧନବାନ ସୁତରାଂ ଗବର୍ଣ୍ଣରଜେନରଲଙ୍କୁ ଯେ ବେତନ ଦିଆଯାଏ ତାହା ଏହାଙ୍କ ପକ୍ଷରେ ଅଧିକ ନୁହଇ ଏବଂ ସେଠାରେ ଖ୍ୟାତି ବିସ୍ତାର କରିବାର ଅଧିକ ସୁଯୋଗ ଥିବାରୁ ସେଥିପାଇଁ ଏଠାକୁ ଆସିବାର ସମ୍ଭାବନା ନ ଥିଲା । ଯାହା ହେଉ ଲର୍ଡ ମହୋଦୟ ସମ୍ମତ ହେବାରୁ ସମସ୍ତେ ଆନନ୍ଦିତ ଅଛନ୍ତି ।

ଲର୍ଡ ନର୍ଥ ବ୍ରୁକ ସନ ୧୮୨୬ ମସିହାରେ ଜନ୍ମଗ୍ରହଣ କରିଅଛନ୍ତି ଏବଂ ଉକ୍ତ ଉପାଧିର ଦ୍ୱିତୀୟ ଲର୍ଡ ଅଟନ୍ତି କାରଣ ଏହାଙ୍କ ପିତା ସର ଏଫ୍ ବାରିଂ ସାହେବ ସନ ୧୮୬୬ ମସିହାରେ ବାରନ ପଦ ପ୍ରାପ୍ତ ହେଲେ । ଏହାଙ୍କର ମାତା କଲିକତା ନିବାସୀ ଚାର୍ଲ୍ସ ସିଲ୍ ସାହେବଙ୍କ ଦୁହିତା ଅଟନ୍ତି । ଏ ମହୋଦୟ ଅକ୍ସଫୋର୍ଡର ଖ୍ରୀଷ୍ଟ ଚର୍ଚ୍ଚ ବିଦ୍ୟାଳୟରେ ପାଠ କରି ସନ ୧୮୪୬ ମସିହାରେ ବିଦେଶୀୟ ପୁସ୍ତ- ତକ ସାହିତ୍ୟରେ ଦ୍ୱିତୀୟଶ୍ରେଣୀର ସୁଖ୍ୟାତିପତ୍ର ପାଇଥିଲେ । ସନ ୧୮୪୮ ମସିହାରେ ସେ ହେନରି ଚାର୍ଲ୍ସ ଷ୍ଟୁର୍ଟ ସାହେବଙ୍କ ଦୁହିତାଙ୍କୁ ବିବାହ କରନ୍ତି । ସେ ପ୍ରଥମେ ବୋର୍ଡ ଅବ ଟ୍ରେଡର ପ୍ରାଇବେଟ ସେକ୍ରେଟରୀ ପଦରେ ନିଯୁକ୍ତ ହୋଇ କ୍ରମେ ହୋମଅଫିସ ଇଣ୍ଡିଆ ବୋର୍ଡ ଓ ଆଡମିରାଲିଟିର ପ୍ରାଇବେଟ ସେକ୍ରେଟରୀ ପଦମାନ ପ୍ରାପ୍ତ ହେଲେ । ସନ ୧୮୫୭ ମଇଠାରୁ ସନ ୧୮୫୮ ମାର୍ଚ୍ଚ ପର୍ଯ୍ୟନ୍ତ ଆଡମିରାଲିଟିର ଜଣେ ଲର୍ଡ ହୋଇଥିଲେ । ଜୁନ ସନ ୧୮୫୯ ଠାରୁ ଜାନୁଏରୀ ସନ ୧୮୬୧ ପର୍ଯ୍ୟନ୍ତ ଭାରତବର୍ଷ- ପାଇଁ ଅଣ୍ଡର ସେକ୍ରେଟରୀ ପଦରେ ନିଯୁକ୍ତ ହୋଇ ଯୁଦ୍ଧ ମହକୁମାର ଅଣ୍ଡର ସେକ୍ରେଟରୀ ହେଲେ । ସେ କର୍ମ ତ୍ୟାଗ କରି ଏଠାକୁ ଆଗମନ କରୁ- ଅଛନ୍ତି । ହିନ୍ଦୁପେଟ୍ରିୟଟ ବୋଲନ୍ତି ଯେ ସେ ହାଉସ ଅବ କମନସରେ ବକ୍ତୃତା ଗୁଣ ଦେଖାଇ ନାହାନ୍ତି କାରଣ ସେ ବକ୍ତୃତା କିମ୍ବା ତର୍କ କରିବାରେ ବଡ ଚଞ୍ଚଳ ନୁହନ୍ତି ମାତ୍ର ତାହାଙ୍କର ହୃଦୟ ଅତିପ୍ରଶସ୍ତ ଓ ସେ ଉତ୍ତମ କାର୍ଯ୍ୟକ୍ଷମ ବ୍ୟକ୍ତି ଅଟନ୍ତି ଏବଂ ଧନସମ୍ବନ୍ଧୀୟ ବ୍ୟବହାରରେ ତାହାଙ୍କର ବିଶେଷ ଦୃଷ୍ଟି ଏଣୁ କରି ଭାରତବର୍ଷ ପାଇଁ ଯେଉଁ ଗୁଣମାନ ଲୋଡା ସେ ସବୁ ଏହାଙ୍କଠାରେ ଥିବାରୁ ଆମ୍ଭମାନଙ୍କର ବିଶେଷ ଆନନ୍ଦର କାରଣ ହୋଇଅଛି ।

---

## ଯାଜପୁର ଡେପୁଟୀକଲେକ୍ଟର ଓ ମୁନସଫଙ୍କ ବିବାଦ ।

ସୁବିଖ୍ୟାତ ପାରସ୍ୟକବି ସେଖସାଦୀ କହିଅ- ଛନ୍ତି ଯେ ଦଶଜଣ ସାଧୁ ଅନାୟାସରେ ଗୋଟିଏ କମ୍ବଳରେ ଶୋଇ ପାରନ୍ତି ମାତ୍ର ଦୁଇଜଣ ରାଜା ଏକରାଜ୍ୟରେ ରହି ନ ପାରନ୍ତି । ଭାରତବର୍ଷର ରାଜା ଭିନ୍ନ ଦେଶରେ ଥିବାରୁ ତାହାଙ୍କ କର୍ମଚା- ରୀମାନେ ଯେ ଯାହା ସୀମା ମଧ୍ୟରେ ଆପଣାକୁ ରାଜା ପରି ଜ୍ଞାନ କରନ୍ତି ମାତ୍ର ସମସ୍ତେ ସେରୂପ ବିଚାର କରନ୍ତୁବା ନ କରନ୍ତୁ ସମୟ ସମୟରେ ଏବଂ ସ୍ଥାନରେ ଏଥିର କେତେକ ପରିଚୟ ପ୍ରାପ୍ତ ହୁଅଇ । ଯାଜପୁରର ଡେପୁଟୀକଲେକ୍ଟର ଓ ମୁନସଫଙ୍କ ମଧ୍ୟରେ ସମ୍ପ୍ରତି ଯେଉଁ ବିବାଦ ହୋଇଅଛି ତାହା ଏଥିର ଗୋଟିଏ ଉଦାହରଣ ଅଟଇ ଏମାନଙ୍କର କ୍ଷମତା ଭିନ୍ନ ହେଲେହେଁ ଅନୁମାନ ହୁଅଇ ପରସ୍ପର ଆପଣା କର୍ତ୍ତୃତ୍ୱ ଅଥବା ଜନସମାଜରେ ଶ୍ରେଷ୍ଠତ୍ୱ ଦେଖାଇବା ଲାଗି ବିବାଦରେ ପ୍ରବୃତ୍ତ ହୋଇଅଛନ୍ତି କୋହି- ଲେ ଏକପ୍ରକାର ସମସ୍ତେ ଜାଣିଥାନ୍ତି ଯେ ଯାହା କଦର୍ଯ୍ୟୋଚିତ କାର୍ଯ୍ୟର ଅନୁଷ୍ଠାନ କରିବାରେ ପ୍ରବୃତ୍ତ ହେଲେ କାହିଁକି ଏତେ ମତାନ୍ତର ହୁଅନ୍ତା । ଉପସ୍ଥିତ ବିବାଦ ଲୋକସଂଖ୍ୟା ଗ୍ରହଣ ସମୟରେ ଆରମ୍ଭ ହୁଅଇ ଓ ଆମ୍ଭେମାନେ ଏହାର ବୃତ୍ତାନ୍ତ ପୂର୍ବରୁ ଜାଣିଥିଲୁ ମାତ୍ର ଉଚ୍ଚକର୍ମଚାରୀଙ୍କ ବିଚାରାଧୀନରେ ଥିବାରୁ ଶେଷ ନିଷ୍ପତ୍ତି ଯାଏ ଅପେକ୍ଷା କରି ରହିଥିଲୁ । ବର୍ତ୍ତ-

Split by PDF Splitter
Digitized by srujanika@gmail.com

ମାନ ଦେଖାଗଲା ଯେ ସୋମପ୍ରକାଶ ନାମକ ବଙ୍ଗଳା କାଗଜରେ ଏ କଥା ପ୍ରକଟିତ ହୋଇଅଛି ଅତଏବ ଅମ୍ଭେମାନେ ମଧ୍ୟ ଆପଣା ପାଠକଙ୍କୁ ସବିଶେଷ ଜଣାଇବାକୁ ପ୍ରବୃତ୍ତ ହେଲୁଁ ।

ବିବାଦର ଆରମ୍ଭ କିରୂପେ ହେଲା ବୁଝାଯାଇ ନ ପାରେ ମାତ୍ର ତାହା ପ୍ରକାଶ ହେବାର ଆରମ୍ଭ ଏହି ଯେ ଦିନେ ଡେପୁଟୀ ବାବୁ ମୁନସଫଙ୍କ କଚେରୀକୁ ଯାଇ ତାହାଙ୍କୁ କହିଲେ ଯେ ନଗରର ଲୋକସଂଖ୍ୟା ଗୃହୀତ ହେବ ଓ ତହିଁରେ ସାହାଯ୍ୟ କରିବା ଲାଗି ତାହାଙ୍କ ଅମଲା ଉକୀଲ ପ୍ରଭୃତିଙ୍କର ପ୍ରୟୋଜନ ଏମାନେ ରାତ୍ରରେ କର୍ମ କରିବେ ଅତଏବ ପରଦିବସ କଚେରୀ ବନ୍ଦ ହେବାର ଉଚିତ । ମୁନସଫ ତହିଁକି କହିଥିଲେ ଯେ ଗଣିବାର ରାତ୍ରରେ ଗଣନା କଲେ କଚେରୀ ବନ୍ଦର ପ୍ରୟୋଜନ ହେବ ନାହିଁ ମାତ୍ର ଡେପୁଟୀ ତହିଁରେ ଅସମ୍ମତ ହୋଇ କହିଲେ ଯେଉଁ ଦିନ ଧାର୍ଯ୍ୟ ହେଲାଣି ସେହି ଦିନ ହେବ । ଉପସ୍ଥିତ ଦିନ କଚେରୀକୁ ଡେପୁଟୀ ବାବୁ ସମସ୍ତ ଅମଲା ଉକୀଲମାନଙ୍କୁ ଉପଦେଶ ଦେବା କାରଣ ଡାକି ପଠାଇଲେ । ଜୟକୃଷ୍ଣ ଦାସ ନାମରେ ଜଣେ ମୋହରର ମିଶଲ ପଢୁଥାଏ । ପିଅଦା ଡାକିବାରେ ମୁନସଫ ବାବୁ କହିଲେ ମିଶଲପାଠ ଶେଷ ହେଲେ ସେ ଯିବ ଅଉ ଅମଲାମାନେ ଯାଉନ୍ତୁ । ପିଅଦା ଉପରେ ପିଅଦା ଆସିବାକୁ ଲାଗିଲା ମିଶଲ ଶେଷ ହୁଅଇ ନାହିଁ କି ଡେପୁଟୀ ବାବୁଙ୍କର ଡର ସହଇ ନାହିଁ । ପରିଶେଷରେ ବାବୁ ହରେକୃଷ୍ଣ ଦାସ ଇନ୍‌ସ୍ପେକ୍ଟର ପୁଲିସ ଓ ଦୁଇ ତିନିଜଣ କନଷ୍ଟବଲ ମୁନସଫୀ କଚେରୀକୁ ଆସି ଜୟକୃଷ୍ଣକୁ ଅବିଳମ୍ବେ ଯିବାକୁ କହିଲେ କାରଣ ଡେପୁଟୀ କଚେରୀରୁ ଶୀଘ୍ର ଯିବେ । ସେତେବେଳେ ଦୁଇପ୍ରହର ଉତ୍ତାରୁ ତିନିଟା ବାଜିଥାଏ, ଜୟକୃଷ୍ଣ ଏଥିରେ ଭୀତ ହୋଇ ହାକିମଙ୍କ ମୁହଁକୁ ଚାହିଁ ରହିଲା ଓ ହାକିମ କିଛି ନ କହିବାରୁ ତତ୍ସଂଗେ ପୁଲିସସହିତ ଡେପୁଟୀଙ୍କ କଚେରୀକୁ ଗଲା । ତହିଁଉତ୍ତାରୁ ସ୍ୱୟଂ ମୁନସଫ ମଧ୍ୟ ତଲବ ହୋଇ ସେହିଦିନ ଅଥବା ଆରଦିନ ସମସ୍ତ ଅମଲା ଉକୀଲଙ୍କ ସହିତ ଡେପୁଟୀଙ୍କ ପାଖରେ ଉପସ୍ଥିତ ହେଲେ ଓ ଡେପୁଟୀବାବୁ ଯାହାକୁ ଯେରୂପ କର୍ମରେ ବାଣ୍ଟି ଦେଇ ଆଉକି ବୁଝାଇ ଦେଇ ବିଦାୟ କଲେ ମୁନସଫ ବାବୁ ଶରମ ଭୟରେ ରାଗରେ ବାହାରକୁ ବାହାରନ୍ତି ନାହିଁ ବୋଲି ଆପତ୍ତି କଲେହେଁ ତାହା ଡେପୁଟୀ ବାବୁ ଗ୍ରାହ୍ୟ କଲେ ନାହିଁ । ମୁନସଫଙ୍କ ପକ୍ଷରୁ ଏହିରୂପ କଥା ବାହାରି ଅଛି ଡେପୁଟୀ ବାବୁଙ୍କର କଥା ଅବଧି ଅମ୍ଭେମାନେ ଜ୍ଞାତ ହୋଇ ନାହୁଁ । ଜାଣିଲାଠାରୁ ପଶ୍ଚାତ୍ ବ୍ୟକ୍ତ କରିବୁଁ । ଯାହାଉପରେ ଲେଖିଲୁଁ ତହିଁରେ ମୁନସଫ ବୋଲନ୍ତି ଯେ ସର୍ବସାଧାରଣ ସମ୍ମୁଖରେ ଡେପୁଟୀ ତାହାଙ୍କ ଅମଲାକୁ ପୁଲିସଦ୍ୱାରା ଧରିଇ ନେଲେ ଓ ପରଶେଷରେ ତାହାଙ୍କୁ ସ୍ୱୟଂ ତଲବ କରି ନେଇ ଇଚ୍ଛାନୁସାରେ କର୍ମରେ ନିଯୁକ୍ତ କଲେ ଏଥିରୁ ଲୋକମାନେ ଜାଣିଲେ ଯେ ଡେପୁଟୀ କଲେକ୍‌ଟର ଏକା ବଡ଼ ହାକିମ ଓ ମୁନସଫ ଅତି ନୀଚ ଅଟନ୍ତି ଏବଂ କାର୍ଯ୍ୟକାଳ ସମୟରେ ପୁଲିସ, ଅମଲାକୁ ଧରି ନେଇଯିବାରେ ଅଦାଲତର ଅବମାନନା କରିଅଛି ଓ ଡେପୁଟୀ କଲେକ୍‌ଟର ତହିଁର ସହାୟ କାରକ ଅଟନ୍ତି ନଗୁବା ପୁଲିସ ଉପରେ ଡେପୁଟୀଙ୍କର କି କ୍ଷମତା । ଯାହା ହେଉ ଡେପୁଟୀ କଲେକ୍‌ଟରଙ୍କ କାର୍ଯ୍ୟରେ ମୁନସଫ ଅତି ଅପମାନ ଓ ଲଜ୍ଜା ବୋଧ କରିଥିଲନ୍ତି ଓ ଏହି କାରଣରୁ ତାହାଙ୍କ ଲେଖିବା ଅନୁସାରେ ଉଚ୍ଚ ହାକିମଙ୍କଦ୍ୱାରା ଏଥିର ଅନୁସନ୍ଧାନ ହେଉଅଛି ଅମ୍ଭେମାନେ ଏମନ୍ତ ସ୍ଥଳେ ଏ ବିଷୟରେ କିଛି କହି ନ ପାରୁଁ ବିଚାରରେ ଯାହା ହେବ ସର୍ବସାଧାରଣଙ୍କୁ ଜଣାଇବୁ ମାତ୍ର ଅମ୍ଭମାନଙ୍କର ବଡ ଦୁଃଖ ହେଉଅଛି ଯେ ଏରୂପ ଉଚ୍ଚକର୍ମଚାରୀ ଦୁହେଁ ଏତେ ସାମାନ୍ୟ ବିଷୟରେ ବିବାଦ ଆରମ୍ଭ କଲେ । ଜନସାଧାରଣର ମଙ୍ଗଳ ନିମିତ୍ତ ଗବର୍ଣ୍ଣମେଣ୍ଟ ଏକ ୨ ସ୍ଥାନରେ ଦୁଇ ବା ତତୋଧିକ ହାକିମ ନିଯୁକ୍ତ କରିଅଛନ୍ତି ସେମାନେ ପରସ୍ପର ଐକ୍ୟ ହୋଇ ସାଧାରଣ ହିତାର୍ଥେ କାର୍ଯ୍ୟ କରିବେ ନା ଆପଣା ୨ ବଡପଣ ଦେଖାଇବାପାଇଁ ବିବାଦରେ ପ୍ରବୃତ୍ତ ହେବେ । ଏ ବିଷୟରେ ଉଭୟପକ୍ଷ ବା ଏକପକ୍ଷ ଦୋଷୀ ହେଉନ୍ତୁ ଲୋକେ କହିବେ ବା କହୁଅଛନ୍ତି ଯେ ଏକ ନଗରରେ ଦୁଇ ଗୋଟି ବଙ୍ଗୀ ହାକିମ କେମନ୍ତ ସଦ୍‌ଭାବରେ ରହି କାର୍ଯ୍ୟ ନିର୍ବାହ କରନ୍ତି । ଆପଣା ମାନ ମହତ୍ତ୍ୱର କଥା କିଛି ମନେ କରନ୍ତି ନାହିଁ ଦୁଇଜଣ ଦେଶୀୟ ହାକିମ କି ଯାହାଙ୍କର ଅଧିକ ସଦ୍‌ଭାବର ହେତୁ ଅଛି ଆପଣା ଭିତରେ ବଡପଣ ପାଇ ଯୁଦ୍ଧ କରୁ ଅଛନ୍ତି ଏଥିରୁ ବିଦେଶୀୟଲୋକେ ଯେବେ କଳାହାକିମଙ୍କୁ ଅନୁପଯୁକ୍ତ ବୋଲିବେ ତେବେ କଣ କହି ତାହାଙ୍କ ସଙ୍ଗରେ ବିବାଦ କରିବାକୁ ହେବ ।

---

## ବାହାଚଳା ।

ବାଲେଶ୍ୱରର ଜମିଦାରମାନେ ଅବୁଆବ ଅର୍ଥାତ୍ ଅତିରିକ୍ତ ଟଙ୍କା ପ୍ରଜାଙ୍କଠାରୁ ନିଅନ୍ତି ବୋଲି ସେଠା କଲେକ୍‌ଟର ଓ ଗବର୍ଣ୍ଣମେଣ୍ଟ ଓଡିଶା ଜମିଦାରଙ୍କ ପ୍ରତି ଖଡ୍ଗହସ୍ତ ହୋଇଅଛନ୍ତି । ଅମ୍ଭେମାନେ ପୂର୍ବେ ଏ ବିଷୟରେ କେତେ କଥା ଲେଖିଅଛୁଁ । ସମ୍ପ୍ରତି ଗୋଟିଏ ଲେଖାଏ ଅବୁଆବର ଅବସ୍ଥା ଜନ ସମାଜରେ ଜଣାଇବା ଅଭିଳାଷରେ ବର୍ତ୍ତମାନ ବାହାଚଳା ପ୍ରସଙ୍ଗ ଲେଖୁଅଛୁଁ । ପାଠକମାନେ ତହିଁରୁ ଅବଗତ ହୋଇ ଏପ୍ରକାର ଟଙ୍କା ଦେବାରେ ପ୍ରଜାଙ୍କର ଲାଭ ଅଛି କି ନାହିଁ ବିଚାର କରିବେ । ଅନ୍ୟାନ୍ୟ ବିଷୟମାନ ଏ ପରେ ଲେଖାଯିବ ।

ବିବାହଚଳା ବୋଲି ଏକ ଅବୁଆବ ପ୍ରାୟ ସମସ୍ତ ଜମିଦାରମାନେ ନିଅନ୍ତି । ରଇୟତମାନଙ୍କର ଘରେ ବିବାହ ଉତ୍ସବ ଉପସ୍ଥିତ ହେଲେ ସେ ଯେମନ୍ତ ଆପଣାର ଜାତିଗତ ଶ୍ରେଣୀ ପ୍ରକୃତି ଇତ୍ୟାଦି ସମସ୍ତ ଗୁଣ ସେହି ବିବେଚନାରେ ଯାହାର ଯେମନ୍ତ ଶକ୍ତି ସେ ଆପଣା ଜମିଦାର ନିକଟରେ ସେହିରୂପ ହାଜର ଜଣାଏ ତାହା ମଧ୍ୟ ସମସ୍ତ ଜାତି ରଇୟତମାନେ ଦିଅନ୍ତି ନାହିଁ । ଯେଉଁମାନେ ଜମିଦାରଠାରୁ କିଛି ଉପକାର ପ୍ରାପ୍ତ ହୁଅନ୍ତି କେବଳ ସେହି ଜାତି ରଇୟତମାନେ ଦିଅନ୍ତି । ଉତ୍କଳ ଦେଶର ଜନସମୂହ ତିନି ଶ୍ରେଣୀରୁ ଭୁକ୍ତ ଅଟନ୍ତି ।

ପ୍ରଥମଶ୍ରେଣୀ ଖୋସବାସ କରଣ ମସ୍ତାନ ଉତ୍କୃଷ୍ଟ ଖଣ୍ଡାୟତ ବଙ୍ଗାଳୀ ଏବଂ ଏହିପ୍ରକାର ଜାତିମାନେ ଏ ଶ୍ରେଣୀରେ ଯାଆନ୍ତି ।

ଦ୍ୱିତୀୟ ପାଟଣି । ତେଲି ତାମ୍ବୁଳୀ ସୁନା ଗୁଡିଆ କଉଡ଼ି କମାର ଧୋବା ଭଣ୍ଡାରୀ ଭଣ୍ଡି ବଣିଆ ଇତ୍ୟାଦି ବ୍ୟବସାୟୀ ଏବଂ ସେବାକାରୀ ଜାତିମାନେ ଏ ଶ୍ରେଣୀରେ ଯାଆନ୍ତି ।

ତୃତୀୟ ଅନ୍ତ୍ୟଜଜାତି । ଏଥିରେ ପାଣ କଣ୍ଡରା ଗୋଖା ହାଡି ଇତ୍ୟାଦି ଅସ୍ପର୍ଶୀୟ ଜାତିମାନେ ଯାଆନ୍ତି ।

ବ୍ରାହ୍ମଣ ଏବଂ ବୈଷ୍ଣବ ସମସ୍ତଙ୍କ ଉପରେ ଏମାନେ କୌଣସି ଶ୍ରେଣୀରେ ନୁହନ୍ତି ।

କୌଣସି ପ୍ରକାର ବିବାହ ହେଲେ ପୂର୍ବକାଳ ବ୍ୟବହାର ଅର୍ଥାତ୍ ଲୁଗା ଏବଂ ଖାଦ୍ୟସାମଗ୍ରୀ ଦିଆ ଇତ୍ୟାଦି ଦେବାର ରୀତି ଥିଲା । କ୍ରମେ ତାହା

Split by PDF Splitter
Digitized by srujanika@gmail.com

Split by PDF Splitter



ରକ୍ଷିତ ହୋଇ ଟଙ୍କାରେ ପରିଣତ ହୋଇ ଅଛି । ଅତଏବ ଅଛୁକଣ ଜାତିମାନଙ୍କର ବ୍ୟବହାର ଦ୍ୱାରା ସିଆ ସରଞ୍ଜାମ କୌଣସିମତେ ଗ୍ରହଣୀୟ ହୋଇ ନ ପାରେ ତେଣୁକରି ସେମାନଙ୍କର ନିବାହ-ତନା ନାହିଁ । ଖୁସବାସମାନେ ଆପେ୨ ଗଣ୍ଡେ୨ ଗାଈଦା ବା ଲ୍ୟାଗଜ ବା ମହଜାନ କରନେଇ ତହିଁରେ ଉଦ୍ୱାସନ କରି ରହନ୍ତି ଏବଂ ସେମାନଙ୍କର ଜାତିରେ କୌଣସି ଅଧର୍ମ ହେଲେ ତାଙ୍କର ଜାତିର ନେହେଗ୍ ନାହାନ୍ତି ସେମାନେ ଆପେ୨ ତାହା ମୀମାଂସା କରନ୍ତି ଏ ସେ ପ୍ରକାର କୌଣସି ଅଧର୍ମ ସକାଶେ ଧୋବା ଭଣ୍ଡାରୀ ତାଙ୍କୁ ଅଟକ କରିପାରେ ନାହିଁ । ଏବଂ ସେମାନଙ୍କର ସମସ୍ତଙ୍କର ଦାଗ ବଡିଗ୍ ଖଣ୍ଡେ୨ ଥିବାରୁ ତାଳ କାଠ କୌଣସି ପ୍ରକାରରେ ଜମିଦାରର ସାହାଯ୍ୟ ନେବାକୁ ହୁଏ ନାହିଁ ଅତଏବ ସେମାନେ ନିବାହତନା ଦିଅନ୍ତି ନାହିଁ ତେବେ ଯାହାର ଶକ୍ତି ଥାଏ ସେ ଜମିଦାରଙ୍କୁ ଆମନ୍ତ୍ରଣ କରି ଆପଣା ଘରକୁ ନେଇଯାଏ । ଏବଂ ସେ ଯେପ୍ରକାର ବ୍ୟବହାର ଦେଖେଇ କରିଏ ତାହା ନିବାହତନାପେକ୍ଷା ଅଧିକ ହୋଇଯାଏ ।

ପାଟକୀ ଜାତିମାନଙ୍କର କଥା ଅତି ଭୟାନକ ଅଟେ । ଉତ୍କଳରେ ଏହା ସାଧାରଣ କଥାହିଁ ଅଛି ଅନ୍ୟ ଜାତିମାନଙ୍କର ଛିଣ୍ଡା ମାଡ଼ିଲେ ଫୋଟକା ହୁଏ ପାଟକୀ ଜାତିମାନଙ୍କର ପାଣି ମାଡ଼ିଲେ ଫୋଟକା ହୁଏ । ସେମାନଙ୍କର ଜାତି ଏମନ୍ତ ମନ୍ଦ ଯେ ଅତି ସାମାନ୍ୟ୨ କଥାରେ ସେମାନଙ୍କୁ ତାଙ୍କ ଜାତିଭାଇ ଅଜାତ କରନ୍ତି ଧୋବା ଲୁଗା ଧୋଇବା କରନ୍ତି ନାହିଁ । ଭଣ୍ଡାରୀ କ୍ଷୌର କରନ୍ତି ନାହିଁ । କୌଣସି୨ ସମୟରେ ଯଦି ଉକ୍ତ ଅଧର୍ମ ଗୁରୁତର କିଛି ହୋଇଥାଏ ତାହା ହେଲେ ତାହା ପ୍ରାୟଶ୍ଚିତ୍ତ ଆଦି ନ କଲେ ତହିଁରୁ ଦୋଷିକ ବ୍ୟକ୍ତି ମୁକ୍ତି ପାଇପାରେ ନାହିଁ । ତାହା ନ ହୋଇ ଯେ ଯେ ସମୟରେ ସାମାନ୍ୟ୨ କର୍ମମାନ ଉପସ୍ଥିତ ହୁଏ ସେ ସମୟରେ ଜମିଦାର ମୁକଦ୍ଦମ କରି ସମସ୍ତଙ୍କୁ ଡକାଇ ନେଇ ମଧ୍ୟସ୍ଥି କରିଦେଲେ ତାହା ନିକାଶ ହୋଇଯାଏ । ଜମିଦାର ଯଦି ମଧ୍ୟସ୍ଥ ନ କରେ ତେବେ ମଧ୍ୟ ନିକାଶ ନ ପାଏ ଏମନ୍ତ ନୁହେ କିନ୍ତୁ ତହିଁରେ ଗରତଫ ଅଧିକ ହୁଏ । ତାହା ଛଡ଼ା ସେମାନଙ୍କର ଦାଗବଡିଗ୍ କିଛିମାତ୍ର ନାହିଁ ଜନ୍ମଠାରୁ ମଲେ ପୋଡ଼ା ଯିବା ପର୍ଯ୍ୟନ୍ତ ସେ ରଇୟତର ଯେତେ କର୍ମରେ ଯେତେ କାଠର ପ୍ରୟୋଜନ ହେବ ଜମିଦାର ତାହା ସମସ୍ତ ଆପଣା ମହା-ଲର ବଡିଗ୍ ବା ଗଛରୁ ଦିଏ । ଏହା ଛଡ଼ା ନୋକଲ୍ ସ୍ୱାଯତାଷ ଏବଂ ବାଜା ପାଲକି ସମସ୍ତ ବିଷୟର ସାହାଯ୍ୟ କରେ । ପାଟକୀ ଜାତିମାନେ ଜମିଦାରଠାରୁ ଏତେ ପ୍ରକାର ଉପକାର ପ୍ରାପ୍ତ ହୁଅନ୍ତି ବୋଲି ସେମାନେ ଜମିଦାରଙ୍କୁ ନିବାହ-ତନା ବୋଲି ବିଭାଘର ହେବା ସମୟରେ କିଛି୨ ଦିଅନ୍ତି । ଯଦି ସେମାନଙ୍କର କିଛି ଉପକାର ନ ଥିଲେ ସୁଦ୍ଧା ସେମାନେ ଦେଉଥାଆନ୍ତେ ତେବେ ସମସ୍ତ ପ୍ରକାର ରଇୟତମାନେ ତାହା ଦେବାରେ ମୁକ୍ତି ପାଆନ୍ତେ ନାହିଁ । ଯେ ସ୍ଥଳେ ଛଅ ବିସମ ମଧ୍ୟରୁ କେବଳ ଏକ ବିସମ ମାତ୍ର ସେ ଅବୁଆବ ଦିଅନ୍ତି ସେ ସ୍ଥଳେ ତାହାହିଁ ତାହାର ଯଥେଷ୍ଟ ପ୍ରମାଣ ଅଟେ । ଏହାର ଏକ ଦୃଷ୍ଟାନ୍ତ ଏସ୍ଥଳେ ଦେଲେ ଭଲ ହେବ :— ବାଲେଶ୍ୱର ଜିଲା ଅନ୍ତର୍ଗତ ସେନାଓଟ ପ୍ରଗଣା-ରେ ଗବର୍ଣ୍ଣମେଣ୍ଟଙ୍କର ତାଲୁକେ କୟାନନ୍ଦ ନା-ମରେ ଏକ ରପୋର୍ଟ ଖାସ ଜମିଦାରୀ ଅଛି । ସେ ଜମିଦାରୀ ଅନ୍ତର୍ଗତ ଜଗନ୍ନାଥପୁର ନାମକ ମୌଜା ନିବାସୀ ଜଣେ ରଇୟତର କୌଣସି ଅଜାତ କର୍ମ ହେବାରେ ଧୋବା ଭଣ୍ଡାରୀ ତା-ହାକୁ ଅଟକ କରନ୍ତି ଓ ତାହାର ଜାତିଭାଇ-ମାନେ ତାହାକୁ ଏକପଂକ୍ତିରେ ବସାଅନ୍ତି ନାହିଁ ତହିଁରେ ସେ ଶ୍ରୀଯୁତ କଲେକ୍ଟର ସାହେବଙ୍କ ନିକଟରେ ବାରମ୍ବାର ଫେରିଆଦ କରି କହେ ଯେ "ସାବଧାନ ମୋହର ଏ ଅଜାତ କର୍ମରେ କୌଣସି କଥା ନାହିଁ କେବଳ ସାମାନ୍ୟ ବିଷୟ ସକାଶେ ଏତେଦୂର ହୋଇଅଛି ଆପଣ ଜାତି-ଭାଇମାନଙ୍କୁ ଥରେ ଡକାଇ ଏକଥା ମୀମାଂସା କରିଦେଲେ ନିକାଶ ପାଇବି ।" ତହିଁରେ ସାହେବ କହନ୍ତି ଯେ ସେ ପ୍ରକାର କଥା ତାଙ୍କର ବୁଝିବାର ନୁହେ । ସେ ଆପଣା ଜାତିଭାଇର ଛମାସ ପର୍ଯ୍ୟନ୍ତ ଅନୁସରଣ କରି । ତହିଁରେ ସେ ଗରିବ ରଢ଼ ଓ ମଲ ଘେନି ବୁଲି୨ ଅନେକ କଷ୍ଟରେ ଶେଷରେ ଜାତିଭାଇମାନଙ୍କଠାରୁ ମୁକ୍ତି ପାଏ ଏବଂ ତାହାର ମୁଣ୍ଡର ବାଳ ଭଣ୍ଡାରୀ ଖସାଏ । ଯଦି ସେ ପ୍ରଜା କୌଣସି ଦେଶୀୟ ଜମିଦାରର ରଇୟତ ହୋଇଥାଆନ୍ତା ତାହା ହେଲେ କି ଛ ମାସ ପର୍ଯ୍ୟନ୍ତ ତାହାକୁ ରଢ଼ ଘେନି ବୁଲି-ବାକୁ ହୋଇଥାଆନ୍ତା ? ଏ ସମସ୍ତ କର୍ମମାନ ଯେ ଜମିଦାର ମୀମାଂସା କରିଦିଏ ତହିଁରେ କି ରଇୟତର କିଛି ଉପକାର ନାହିଁ ?

—

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଅତ୍ୟନ୍ତ ଆହ୍ଲାଦିତ ହୋଇ ଜଣାଉ ଅଛୁଁ ଯେ ଏ ସ୍ଥାନର ଛୋଟଅଦାଲତର ଜଜ ଶ୍ରୀଯୁକ୍ତ ଡବଲିଉ ଗ୍ରିଟସାହେବ ଗତମାସ ତା ୨୫ ରଖରେ ଏଠାରେ ପହୁଞ୍ଚି ତା ୨୮ ରଖ ଅପରାହ୍ନ କାଳରେ କାର୍ଯ୍ୟଭାର ଗ୍ରହଣ କଲେ । ଏହାଙ୍କର ବଦଳି ହେବା ଗୋଲମାଲ ଶୁଣି ବହୁତ ଲୋକ ଚିନ୍ତିତ ଥିଲେ କିନ୍ତୁ ଏହାଙ୍କ ଆଗମନରେ ତାହା ଖଣ୍ଡନ ହୋଇ ସୁଖ ଜାତ ହୋଇଅଛି ।

ମହମଦ ମଜହର ଦି ଯେ ପୁଲିସ ଡଟେସିର୍ ସରକାରୀ ଧନ ଆତ୍ମସାତ୍ କରିଥିବା ଅଭିଯୋଗ-ରେ ଏକବର୍ଷ କାରାବାସଦଣ୍ଡ ପାଇଥିଲା ସମ୍ପ୍ରତି ହାଇକୋର୍ଟର ଆଜ୍ଞାକ୍ରମେ ଉଦ୍ଧାର ପାଇଅଛି । ହାଇକୋର୍ଟ ଏହାକୁ ନିର୍ଦ୍ଦୋଷୀ ବୋଲି ମୁକ୍ତି ଦେଇ ଅଛନ୍ତି ଅତଏବ ଭରସା ହୁଅଇ ଯେ ଆପଣା କର୍ମ ପ୍ରାପ୍ତ ହେବ କଏଦ ହେବା ସମୟରେ ଏ ଲୋକ କଟକ ଫୌଜଦାରୀ ମହ-କୁମାର ହେଡ୍‌କ୍ଲର୍କ ଥିଲେ । ପୁଲିସ ଏଥର ଯାହାଠାରୁ ଅପହୃତ ଟଙ୍କାଗୁଡ଼ିକ ଅଦାୟ କରି-ବେ ଦେଖାଯିବ ।

ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ କରଲୁଡସାହେବ ଅବକାଶ ଗ୍ରହଣ କରିବାରୁ ତାହାଙ୍କ ପଦରେ ଅରବିନସାହେବ ଏକ୍ଟିଂ ଜଏଣ୍ଟମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ଏଠାକୁ ଆସୁଅଛନ୍ତି । ଅରବିନସାହେବ ପୂର୍ବେ ଉଦ-ରଗରେ ଥିଲେ ଅତଏବ ତାହାଙ୍କର ପରିଚୟ ଦେବାର ଅପ୍ରୟୋଜନୀୟ ଅଟଇ ।

ଗତମାସରେ କଲିକତା ଫଟଗ୍ରାଫିକ ସଭାଦ୍ୱାରା ଉତ୍କୃଷ୍ଟ ଚିତ୍ର ପ୍ରଦର୍ଶନ ହୋଇଥିଲା ପ୍ରାୟ ଶ ୫୦୦ ଶ୍ର ଚିତ୍ରପଟ ଥିଲା ତହିଁରେ ଗୋଟିଏ୨ ଅତ୍ୟନ୍ତ ସୁନ୍ଦର ଥିଲା । ଓଡ଼ିଶାଦେଶସ୍ଥ ଭୁବ-ନେଶ୍ୱର ଓ ଖଣ୍ଡଗିରି ମନ୍ଦିର ଓ ଗୁମ୍ଫା ସବୁର ଚିତ୍ରପଟମାନ ଯି ଯାହା ମରେଷାହେବ ଗତବର୍ଷ ନେଇ ଯାଇଥିଲେ ପ୍ରଦର୍ଶିତ ହୋଇଥିଲା । ଯେଉଁମାନେ ସନ୍ଦର କମ୍ପା ଗୁମ୍ଫା ଦେଖି ନାହାନ୍ତି ସେମାନେ ଚିତ୍ରପଟରୁ ଏସବୁର ପ୍ରକୃତ ପରିଚୟ ପାଇଅ-ଛନ୍ତି । ଖଣ୍ଡଗିର ହାତୀଗୁମ୍ଫାରେ ଅଶୋକଙ୍କର ଗୋଟିଏ ଆଜ୍ଞା ଲେଖା ଥିବାରୁ ଅନୁମାନ ହୁଅଇ ଖ୍ରୀଷ୍ଟାବ୍ଦର ୨୫୦ ବର୍ଷ ପୂର୍ବେ ଉକ୍ତ ଗୁମ୍ଫା ନିର୍ମିତ ହୋଇଥିଲା ଓ ଭୁବନେଶ୍ୱର

Digitized by srujanika@gmail.com

ମନ୍ଦର ମାନ ଖ୍ରୀଷ୍ଟାବ୍ଦ ୭୫୭ ବର୍ଷ ଠାରେ ଗୃହା ଲଲଭଇନ୍ କେଶରୀଙ୍କଦ୍ୱାରା ନିର୍ମିଣ ହୋଇଥିବାର ଫରଗୁସନ ସାହେବ ଲେଖି- ଅଛନ୍ତି ।

ମାନ୍ଦ୍ରାଜଷ୍ଟାଣ୍ଡାର୍ଡରୁ ଅବଗତହେଲୁଁ ଯେ ପଣ୍ଡିଚେରିରେ ଜଣେ ସ୍ତ୍ରୀ ଏକ କୌତୁକପ୍ରକାର ଜମଜ ସନ୍ତାନ ଜନ୍ମ କରଅଛି । ସ୍ତ୍ରୀଟି ପିଲାଙ୍କୁ ଜନ୍ମ କର ମରଗଲା ମାତ୍ର ପିଲାମାନେ ଅଦ୍ୟାପି ଜୀବିତ ଅଛନ୍ତି ଓ ତାହାଙ୍କ ବାପ ମଧ୍ୟ ନ ଥିବାରୁ ସରକାରୀ ହାସପାତାଲରେ ଅତି ଯତ୍ନ ସହିତ ପ୍ରତିପାଳିତ ହେଉଅଛନ୍ତି । ପିଲାଙ୍କର ଅଙ୍ଗର ସବୁ ଅବୟବମାନ ଉତ୍ତମରୂପ ଅଛି କେବଳ ଦୁହିଙ୍କ ପେଟ ଯୋଡ଼ି ଯାଇଥିବାରୁ ଦୁହେଁ ଏକାଠି ଲାଗି ରହିଅଛନ୍ତି ।

ଭୂସାଏରରୁ ଚଳିତମାସ ତା ୧୭ ରଖରେ ସଂବାଦ ଆସିଅଛି ଯେ ସେ ଅଞ୍ଚଳରେ ଉତ୍ତମ ବୃଷ୍ଟି ହେବାରୁ କୃଷିକାର୍ଯ୍ୟ ଚଳୁଅଛି ଓ ଫସଲ ଭଲ ହେବାର ଆଶା ଅଛି ମାତ୍ର ବହନ ଓ ପୀଡ଼ା ହେତୁରୁ ଦୁଃଖ ଅଧିକ ହୋଇ ପାରୁ ନାହିଁ । ଯାହା ହେଉ କ୍ରମେ ପାରସ୍ୟଦେଶର ଦୁର୍ଭିକ୍ଷ ଊଣା ହେବାର ଆରମ୍ଭ ହେଲା ସୁଖର ବିଷୟ ଅଟଇ ।

ଲର୍ଡମେଓସାହେବଙ୍କ ପିଲାମାନେ ସେରଂ ଅଲୀ ନିକଟକୁ ତାରଡାକ ଯୋଗେ ଏହି କଥା ଲେଖିଅଛନ୍ତି ଯେ "ପରମେଶ୍ୱର ତୁମ୍ଭଙ୍କୁ କ୍ଷମା କରନ୍ତୁ" । ହାୟ ! ଯାହାର ହୃଦୟ ଏତେ କଠିନ ଯେ ଭାରତବର୍ଷର ସର୍ବ ପ୍ରଧାନଲୋକଙ୍କୁ ଛୁରୀପ୍ରହାର କରି ମାରିପକାଇଲା ସେ ବ୍ୟକ୍ତିର ଚିତ୍ତ କି ଏ ମହତ୍ତ୍ୱବାକ୍ୟ ଗ୍ରହଣ କରିପାରିବ । ଯେବେ ଏଥିରେ ତାହାର ଚିତ୍ତ ଦ୍ରବୀଭୂତ ହୁଅଇ ତେବେ ଯେ ସେଦଣ୍ଡ, ଫାଶିଠାରୁ ଅଧିକ, ବୋଲିବାର ବାହୁଲ୍ୟ ।

ପ୍ରବଳ ପ୍ରତାପ ଲର୍ଡ ନେପିଅର ପାଟନା ନାମକ ଯାହାଜରେ ଗତ ଶୁକ୍ରବାର ସନ୍ଧ୍ୟା ବେ- ଳରେ କଲିକତା ନଗରରେ ପ୍ରବେଶ ହେଲେ । ତେତେବେଳେ ସେ ଶୋକଚିହ୍ନ ସ୍ୱରୂପ ଅତି ଢିଲାଲୁଗା ପିନ୍ଧିଥିଲେ । ଘାଟରେ ପ୍ରବେଶ ମାତ୍ରକେ ଶୀଘ୍ର ଗବର୍ଣ୍ଣମେଣ୍ଟ ଗୃହକୁ ଯାଇଁ କାର୍ଯ୍ୟଭାର ଗ୍ରହଣ କଲେ । ସ୍ତିମିତ ସଲାମୀ ତୋପଧ୍ୱନୀ ହେଲା ଓ ସିପାହି- ମାନେ ସଜ୍ଜିତ ହେଲେ ।

କୌଣସି ଜଲର ବର୍ଣ୍ଣ,ଅଷ୍ଟ କାଗଜରେ ଭୁଲ ଦାହାରୁବାରୁ ବୋର୍ଡ଼ ରେବନ୍ୟୁ ତାହା ପ୍ରସ୍ତୁତ କରଥିବା ଅମିନଙ୍କୁ ମାଫୁଲ କର ଆଜ୍ଞା ଦେଇ- ଅଛନ୍ତି ଯେ ବର୍ଣ୍ଣ,ଅଷ୍ଟ କାଗଜ କମିଶ୍ନରଙ୍କ ନିକଟକୁ ପଠାଇବା ପୂର୍ବରେ କଲେକ୍ଟର ସାହେବମାନେ ଦେଖିବେ ଯେ ଉକ୍ତ କାଗଜ ସହିତ ସିରସ୍ତାଦାରର ଏକ କଇଫିଅତ ଥିବ ତହିଁରେ ସେ ସପଥପୂର୍ବକ ଲେଖିବେ ଯେ ଉକ୍ତ କାଗଜ ସବୁ ସେ ତଦାରକ କରି ଶୁଦ୍ଧ ଥିବାର ଦେଖିଅଛନ୍ତି ।

ଲର୍ଡମେଓଙ୍କ ଶୋଚନୀୟ ମୃତ୍ୟୁଘଟନା ଉପ- ଲକ୍ଷରେ ରାଜା କାଳୀକୃଷ୍ଣଦେବ ବାହାଦୁର କେତେଗୁଡ଼ିଏ ସଂସ୍କୃତ କବିତା ରଚନା କରି- ଅଛନ୍ତି ।

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ କାଠିୟାରର ରାଜାମାନେ ଆପଣା ମଧ୍ୟରେ ଗୋଟିଏ ସଭା କରଅଛନ୍ତି ଓ ଜଣେ ଇଂରାଜ ସେ ସଭାର ସମ୍ପାଦକ ନିଯୁକ୍ତ ହୋଇଅଛନ୍ତି । ରାଜାମାନେ ସଭା କରି ଆପଣା ଉନ୍ନତି କରିବା କେତେ ଦୂର ଆଦରଣୀୟ ତାହା ଲେଖିବା ବାହୁଲ୍ୟ । ଅନ୍ୟ ଦେଶର ରାଜାମାନଙ୍କୁ ଏହି ପ୍ରାୟ କରିବାର ଉଚିତ ।

ବ୍ରହ୍ମପୁରରେ ସାମାନ୍ୟ ଜଳର ଦୁର୍ଯୋଗନିମିତ୍ତ ଗବର୍ଣ୍ଣମେଣ୍ଟ ଚୌଦହଜାର ଟଙ୍କା ମଞ୍ଜୁର କରି- ଅଛନ୍ତି । ଏପର ଗୋଟିଏ ସଡ଼କ ଓ ନାଳ କାଟିବାପାଇଁ ବାଇଶହଜାର ଟଙ୍କା ଦେଇଅଛନ୍ତି ।

ଡେଲିନ୍ୟୁସ ଖବର ଦେଇଅଛନ୍ତି ଯେ ଲୁସାଇ ଯୁଦ୍ଧର ସେନାମାନେ ତାମ୍ବୁ ଉଠାଇ ଫେରି ଆସିବାର ଆଜ୍ଞା ପାଇଅଛନ୍ତି । ଏଥିରୁ ବୋଧ ହୁଅଇ ଯେ ଯୁଦ୍ଧ ଶେଷ ହେଲା । ବାସ୍ତ- ବରେ ଜଙ୍ଗଲୀ ଲୋକଙ୍କୁ ଦମନ କରିବାପାଇଁ କେତେ କାଳର ଆବଶ୍ୟକ ।

କଲିକତାର ସୁବର୍ଣ୍ଣଗତ ଫଟଗ୍ରାଫର ଓଏଷ୍ଟ- ଫିଲ୍ଡ କମ୍ପାନୀ ପୋର୍ଟବ୍ଲେଅରର ନକ୍ସା ଛାପି କରି ବିକ୍ରୟ କରୁଅଛନ୍ତି । ଯେଉଁ ଦ୍ୱୀପରେ ଗବର୍ଣ୍ଣରଜେନରଲଙ୍କ ପ୍ରାଣ ନଷ୍ଟ ହେଲା ଓ ତାହା ନିକଟବର୍ତ୍ତୀ ସ୍ଥାନମାନଙ୍କର ଉତ୍ତମ ପରି- ଚୟ ନକ୍ସାରୁ ପ୍ରାପ୍ତ ହେଉଅଛି ।

ଲର୍ଡମେଓଙ୍କ ମୃତ୍ୟୁ ହେବାରେ କଲିକତାର ଅନେକ ସାଧାରଣ କାର୍ଯ୍ୟ ସ୍ଥଗିତ ହୋଇଅଛି ଲୋକମାନେ ବ୍ୟସ୍ତ ହୋଇ ବକ୍ତୃତା କରିବାକୁ ସୁବିଧା ପାଉ ନାହାନ୍ତି ।

ରଙ୍ଗୁନରେ ଥିବା ବାଙ୍କଲଣ୍ଡାଲର ଏକଜଣ କାଲ୍ ଅପରାଧରେ ଧୃତ ହୋଇଅଛନ୍ତି । ସେ ଦଶହଜାର ଟଙ୍କାର ଜାଲ ନୋଟ ତିଆରି କରି ଟଙ୍କା ବାହାର କରି ନେଇଥିଲେ ସମ୍ପ୍ରତି ଉକ୍ତ ସ୍ଥାନର ହିସାବରେ ୧୭ ହଜାର ଟଙ୍କା ଊଣା ପଡ଼ୁଅଛି । ଟଙ୍କା ଚୋରି କରିବା ଲାଗି ସମସ୍ତ ଶ୍ରେଣୀର ଲୋକ ମଜବୁତ ଦେଖାଯାଏ ।

ଗଞ୍ଜାମଜିଲାର ଦୁର୍ଭିକ୍ଷ ସଂକ୍ରାନ୍ତରେ ସମ୍ବାଦ ଆସିଅଛି ଯେ ଖାଦ୍ୟଦ୍ରବ୍ୟର ମୂଲ୍ୟ ପୂର୍ବ ପ୍ରାୟ ଅଛି ବଜାରରେ ଯଥେଷ୍ଟ ଦ୍ରବ୍ୟ ଅଛି ବୃଷ୍ଟି କିଞ୍ଚିତ୍ ମାତ୍ର ହୋଇ ନାହିଁ । ଲୋକଙ୍କ ଶାରୀରିକ ଅବସ୍ଥା ଉତ୍ତମ ଓ ପଶୁରୋଗ କ୍ରମଶଃ ଊଣା ହେଉଅଛି ।

୧ ଏଡୁକେଶନ ଗେଜେଟରୁ ଅବଗତ ହେଲୁ- ଯେ ( ଇଉରୋପ ) କରଚ ବିଦ୍ୟାଳୟର ସ୍ତ୍ରୀ ଛାତ୍ରସଂଖ୍ୟା ଏତେଅଧିକ ହୋଇଅଛି ଯେ, ସେମାନେ ଗଣନାରେ ପୁରୁଷଙ୍କର ଦଶଭାଗର ଏକ ଭାଗ ଅଟନ୍ତି ।

୨ ( ଆସାମ ) ଗୌହାଟିରେ ଫେବ୍ରୁଏରି ମାସ ତା୧୪ ରଖ ବେଳ ଘ ୧୦।୧୪ ମିନିଟ ସମୟରେ ଅନ୍ୟନ୍ୟୁ ଭୂମିକମ୍ପ ହୋଇଥିଲା । ସେହି ସମୟରେ ଏକରୂପ ଶବ୍ଦ ହୋଇଥିଲା ଏବଂ ସେ କମ୍ପ ୫ ସେକଣ୍ଡ ସ୍ଥାୟୀ ହୋଇଥିଲା ।

୩ । ସେଦିନ ଗୋଟିଏ ଇଂରାଜୀ ସମ୍ବାଦପତ୍ର ପାଠ କରୁ ୨ ଦେଖାଗଲା, ଲୁସାଇ ଯୁଦ୍ଧ ବିଷୟରେ ତହିଁର ଏକସ୍ଥାନରେ ଏହିରୂପ ଲେଖାଅଛି ଯେ, " ୨୫ ଲକ୍ଷ ଟଙ୍କା କି ହେବ, ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗବର୍ଣ୍ଣମେଣ୍ଟ ପରି- ତ୍ରାଣ ପାଇପାରିଲେ ବଞ୍ଚି ।

---

ବିଜ୍ଞାପନ ।

---

କେତେଗୁଡ଼ିଏ ଅନ୍ତସବାକ ଓ ଅବରଗର ଗୋଲାପ ଅତି ସୁଲଭ ମୂଲ୍ୟରେ ବିକ୍ରୟ ହେବାର ଅଛି ଯାହାଙ୍କର ପ୍ରୟୋଜନ ହେବ ଦରଘାବ- ଜାର ଛାପାଖାନାଠାରେ ଅମୂଲକଟରେ ପ୍ରାର୍ଥନା କଲେ ପାଇ ପାରିବେ ।

ଶ୍ରୀ ଗୌରୀପକ୍ଷର ଶର୍ମ୍ମ ।

---

ମୂଲ୍ୟପ୍ରାପ୍ତି ।

ଶ୍ରୀ ଗୃହା ହଲେ ନରସିଂହପୁର ବକାୟା ୫୲୵

---

ଏହି ଉତ୍କଳଦୀପିକା ସହର କଟକ ଦର୍ଘା- ବଜାର କଟକପ୍ରିଣ୍ଟିଂକୁମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
40
Digitized by srujanika@gmail.com